# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୬/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, February 6/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 74 | ମୂଲ୍ୟ ₹୭/-



DSPL-625

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

ଜନତା ମଇଦାନ, ଭୁବନେଶ୍ୱର

### ଓଡ଼ିଶା ପରିବାରର ସାଢ଼େ ଚାରି କୋଟି ଲୋକଙ୍କ ସାମୂହିକ ପରିଚୟ



### ଓଡ଼ିଆ: ଆମର ଗର୍ବ ଓ ଗୌରବ





ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଦର୍ଶନୀ ଏବେ ୮ ତାରିଖ ପର୍ଯ୍ୟନ୍ତ

ପ୍ରଦର୍ଶନୀ ପଡ଼ିଆକୁ ସର୍ବସାଧାରଣ ପ୍ରବେଶାନୁମତି

ସ୍ଥାନ: ଜନତା ମଇଦାନ, ଭୁବନେଶ୍ୱର

ସମୟ: ସକାଳ ୧୦ ଟାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ

www.worldodiaconference.org
wolc_2024 wolc2024 wolc2024

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-15001/13/0334/2324

# ଓଡ଼ିଆ ଭାଷାର ବିଶ୍ୱଯାତ୍ରା



## ଡିଜିଟାଲ୍ ଯୁଗରେ ସାରା ବିଶ୍ୱରେ ପହଞ୍ଚିବ ଓଡ଼ିଶାର ମହାନ୍ ଭାଷା, ସଂସ୍କୃତି ଓ ସାହିତ୍ୟ

ମୁଁ ଓଡ଼ିଆ, ମୋ ଭାଷା ଓଡ଼ିଆ– କୋଟି କୋଟି ଓଡ଼ିଆଙ୍କ ମୁଖରେ ଉଚ୍ଚାରିତ ଏହି ଶବ୍ଦଗୁଡ଼ିକ ଆମ ଓଡ଼ିଆ ଜାତିର ଏକତାର ପ୍ରତୀକ। ବିଭିନ୍ନ ଆଞ୍ଚଳିକ, ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ପରିଚୟ ସମ୍ମିଶ୍ରଣରେ ଗଢ଼ିଉଠିଛି ଆମ ରାଜ୍ୟ ଓଡ଼ିଶା ଓ ଆମ ଭାଷା ଓଡ଼ିଆ। ପ୍ରାଚୀନ କାଳରୁ ଓଡ଼ିଶାର କଳା, ପରମ୍ପରା, ଭାସ୍କର୍ଯ୍ୟ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଏବେ ଓଡ଼ିଆ ଅସ୍ମିତାର ସେଇ ସମସ୍ତ ଗାଥା ଆଜିର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ବିଶ୍ୱର କୋଣଅନୁକୋଣରେ ପହଞ୍ଚିପାରିବ, ସେଥିପାଇଁ ହୋଇଛି ଅଦ୍ଭୁତ ଉଦ୍ୟମ। ଏବେକାର ପ୍ରଯୁକ୍ତିଯୁଗର ବିବର୍ତ୍ତନ ସହ ସମାନ୍ତରାଳ ରୂପେ ତାଳ ଦେଇ ଆଗକୁ ବଢୁଛି ଓଡ଼ିଆ ଭାଷା।

'ପରିବର୍ତ୍ତନ' ହେଉଛି ଦୁନିଆର ଏକମାତ୍ର ସତ୍ୟ। ସମୟାନୁସାରେ, ବିବର୍ତ୍ତନ ହେବା ପ୍ରଗତିର ଏକମାତ୍ର ଉପାୟ। ପ୍ରାଚୀନତାରୁ ନବୀନତା ଆଡ଼କୁ ଅଗ୍ରସର ହେବା ପାଇଁ ନିତ୍ୟ ବିବର୍ତ୍ତନ ସମାଜ ଓ ସାମାଜିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ଲାଗି ବୈଜ୍ଞାନିକ ପଦ୍ଧତିର ସୁବିନିଯୋଗ ହେବା ନିତାନ୍ତ ଆବଶ୍ୟକ। ଐତିହାସିକ କାଳଜୟୀ କୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଏହାସହ ଜଡ଼ିତ ଗର୍ବ ଗରିମା ଓ ଗୁରୁତ୍ୱକୁ ଅତୁଟ ରଖିବା ଲାଗି ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ସେସବୁର ଡିଜିଟାଇଜେଶନ କରାଯାଇପାରୁଛି।

ବିଶ୍ୱର ଯେକୌଣସି କୋଣରେ ରହୁଥିବା ଓଡ଼ିଆ ନିଜ ହାତପାହାନ୍ତାରେ ଓଡ଼ିଆ ଭାଷା ଓ ସାହିତ୍ୟର ଅନନ୍ୟକୃତି ସବୁ ଯେପରି ପଢ଼ିପାରିବେ ସେଥିଲାଗି ବୈଷୟିକଜ୍ଞାନ ସହାୟତାରେ ଇ-ଲାଇବ୍ରେରି ସୃଷ୍ଟି କରାଯାଇଛି। ଓଡ଼ିଆ ଭାଷାର ଗୌରବମୟ ଯାତ୍ରାକୁ ବିନା କୌଣସି ବାଧାବିଘ୍ନରେ ଏହି ପ୍ରବାହକୁ ନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଏକ ସୁଦୀର୍ଘ ପ୍ରୟାସ କରିଛନ୍ତି।

ରାଜ୍ୟ ସରକାର ଓଡ଼ିଆ ଭାଷା ସମ୍ମିଳନୀକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ଡିଜିଟାଇଜେଶନ ରୂପ ଦେଇଛନ୍ତି। କି-ବୋର୍ଡ, ଓଡ଼ିଆ ଫଣ୍ଟଠାରୁ ଆରମ୍ଭ କରି ପିଠାପଣା, ପର୍ବପର୍ବାଣି, ଜଗନ୍ନାଥ ସଂସ୍କୃତିକୁ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ିବାରେ ଓଡ଼ିଶା ସରକାର ସଫଳ ହୋଇପାରିଛନ୍ତି। ପ୍ରାକ୍ ଓ ମଧ୍ୟଯୁଗୀୟ ଇତିହାସ ସହିତ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଯୋଡ଼ାଯାଇପାରିଛି। ଭର୍ଚ୍ଚୁଆଲ ବିଶ୍ୱରେ ଓଡ଼ିଆ ଭାଷାର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପ୍ରଦର୍ଶନୀ ଜରିଆରେ ପ୍ରୟାସ କରାଯାଇଛି। କେବଳ ଯୁବବର୍ଗ ନୁହେଁ, ବରଂ ବୟୋଜ୍ୟେଷ୍ଠଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ଭିନ୍ନକ୍ଷମ, ସାଧାରଣ ଜନତା ସମସ୍ତଙ୍କୁ ଓଡ଼ିଆ ଜାତୀୟତା ସହ ଐକ୍ୟବଦ୍ଧ କରିପାରିଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଭାଷାକୁ ମଧ୍ୟ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଆଞ୍ଚଳିକ ଭାଷାରୁ ବୈଶ୍ୱିକ ଭାଷାରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି।



### ଓଡ଼ିଆ ଉଇକିପିଡିଆ ପାଇଁ ଦିଅନ୍ତୁ ଲେଖା

ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଉଇକିପିଡିଆ ମାଧ୍ୟମରେ ମଣିଷ ହାତପାହାନ୍ତାରେ ସବୁ ବିଷୟରେ ଜାଣିପାରୁଛି। କିନ୍ତୁ ଆମର ସମୃଦ୍ଧ ଓଡ଼ିଆ ସାହିତ୍ୟ ସଂସ୍କୃତି ବିଷୟରେ ଯେତିକି ଲେଖା ଉପଲବ୍ଧ ହେବା କଥା, ସେତିକି ଲେଖାନାହିଁ। ତେଣୁ ଆମ ରାଜ୍ୟର ସ୍ୱତନ୍ତ୍ର ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାସ୍କର୍ଯ୍ୟ ଆଦି ବିଷୟରେ ବିଭିନ୍ନ ଲେଖା ଉଇକିପିଡିଆରେ ଓଡ଼ିଆ ଭାଷାରେ ଉପଲବ୍ଧ ହେବା ଜରୁରୀ। ଏହାକୁ ଏକ ସାମାଜିକ ଜାଗରଣରୂପେ ଓଡ଼ିଆଙ୍କ ଜନମାନସରେ ପ୍ରତିଷ୍ଠା କରିବା ପାଇଁ ଡିଜିଟାଲ ଯୁଗ ପ୍ରଦର୍ଶନୀ କକ୍ଷରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏହାଦ୍ୱାରା ଯେ କେହି ଓଡ଼ିଆ ଉଇକିପିଡିଆରେ ଲେଖିପାରିବେ।

### ଓଡ଼ିଆ ଲେଖାକୁ ସମୃଦ୍ଧ କରିବ ମହାପ୍ରଭୁ ଫଣ୍ଟ

ମାଧବ, ଆଦିମ, ହଳଧର, ଅବତାର, ପ୍ରଥମ, ରାଘବ, ଅଚ୍ୟୁତ, ବଳଭଦ୍ର, ହରିହର, ଉତ୍କଳ (ମହାପ୍ରଭୁ) ଫଣ୍ଟରେ ଓଡ଼ିଆ ଲେଖିବେ ଓଡ଼ିଆପ୍ରେମୀ। ବର୍ତ୍ତମାନ କେବଳ ଆକୃତି, ଶ୍ରୀଲିପି ନୁହେଁ, ବରଂ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ପକ୍ଷରୁ ଶୁଭାରମ୍ଭ ହୋଇଥିବା ୧୦ଟି ନୂଆ ଫଣ୍ଟରେ ଓଡ଼ିଆ ଲେଖାଯାଇପାରିବ। ଏନେଇ ଡିଜିଟାଲ ପ୍ରଦର୍ଶନୀ କକ୍ଷରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଇଛି।

### ୱେବ୍‌ସାଇଟ୍‌ରେ ଓଡ଼ିଆ ସଂସ୍କୃତି ଆଟଲାସ୍

ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ଇତିହାସ, ବୌଦ୍ଧ ପରମ୍ପରା, ଜଙ୍ଗଲ ଓ ବନ୍ୟପ୍ରାଣୀ, ପର୍ବପର୍ବାଣୀ, ହସ୍ତତନ୍ତ ଓ ହସ୍ତଶିଳ୍ପ, ନୌବାଣିଜ୍ୟ, ପ୍ରାକ୍ ଇତିହାସ, ପିଠାପଣା, ଜନଜାତି ସଂସ୍କୃତି ଆଦି ସମସ୍ତ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ହେଉଛି। ଏସମ୍ପର୍କରେ ପ୍ରଦର୍ଶନୀରେ ଡିଜିଟାଲ ଆଟଲାସ୍‌କୁ ସ୍ଥାନ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରୟାସରେ ଓଡ଼ିଆ ସଂସ୍କୃତି ଡିଜିଟାଲାଇଜ କରାଯାଇପାରିଛି, ଫଳରେ ବିଶ୍ୱର କୋଣଅନୁକୋଣରେ ରହୁଥିବା ଓଡ଼ିଆ ନିଜ ଭାଷା, ସଂସ୍କୃତି ସହ ଯୋଡ଼ି ହୋଇରହିବେ।



### ରୋବୋ ସହ ସେଲ୍ଫି

ଆଧୁନିକ ଯୁଗର ଏକ ନିଆରା ଉଦ୍ଭାବନ ହେଉଛି ରୋବୋ। ଯୁବପିଢ଼ିଙ୍କୁ ରୋବୋଟିକ୍ସ ପ୍ରତି ଆକୃଷ୍ଟ କରିବା ପାଇଁ ଏବଂ ଏହା ମାଧ୍ୟମରେ ଓଡ଼ିଆ ଭାଷା, ସଂସ୍କୃତିର ପ୍ରଚାରପ୍ରସାର ଲାଗି ଏଠାରେ ହୋଇଛି ସ୍ୱତନ୍ତ୍ର ଡିଜିଟାଲ ଯୁଗ ପ୍ରଦର୍ଶନୀ କକ୍ଷ। ଏଠାରେ ରୋବୋଟ ପିଲାମାନଙ୍କ ପାଖକୁ ନିଜେ ଆସି ତାଙ୍କର ଆବଶ୍ୟକତା ଅନୁଯାୟୀ ବିଭିନ୍ନ କାର୍ଯ୍ୟ ଯେପରିକି ସେଲ୍ଫି ନେବା, ଗୁଗୁଲ ସର୍ଚ୍ଚ କରିବା, ଇ-ଦସ୍ତଖତ ଆଦି ଭଳି କାର୍ଯ୍ୟ କରୁଛି। ଏହା ପିଲାଙ୍କ ଜିଜ୍ଞାସା ବଢ଼ାଇବା ସହ ସେମାନେ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମ ଓଡ଼ିଶାର ଭାଷା ସଂସ୍କୃତିକୁ କିଭଳି ଭାବେ ବିଶ୍ୱ ଦରବାରରେ ପ୍ରସ୍ତୁତ କରାଯାଇପାରିବ, ସେ ଦିଗରେ ସହାୟକ ହୋଇପାରୁଛି।

### ଓଡ଼ିଶା ପାଇଁ ୩ ମାଇଲଖୁଣ୍ଟ

- ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ
- ୨୦୧୪ ଫେବୃଆରୀ ୨୦ରେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା
- ୨୦୨୪ ଫେବୃଆରୀ ୩-୫ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

### ଏକବିଂଶ ଶତାବ୍ଦୀରେ ଓଡ଼ିଆ ଜାତିର ସଫଳତା

- ଓଡ଼ିଶା ଭାଷା ପ୍ରତିଷ୍ଠାନ ଗଠନ
- ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗଠିତ
- ଐତିହ୍ୟ, କୀର୍ତ୍ତିରାଜି, ପ୍ରାଚୀନ ମନ୍ଦିର ଗବେଷଣା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ
- ଭାଷା ଆଇନ-୨୦୧୮ (ଦ୍ୱିତୀୟ) କାର୍ଯ୍ୟକାରୀ
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନ୍ମସ୍ଥାନ ସୁଆଣ୍ଡୋଠାରେ ୧୫ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ସହ ସଂଗ୍ରହାଳୟ ସ୍ଥାପନ
- ୨୦୦୦ରୁ ୨୦୨୩ ମଧ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କର ୧୩୫ ପ୍ରତିମୂର୍ତ୍ତି ସ୍ଥାପନ
- ପ୍ରବାସୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ମାଧ୍ୟମରେ ଇଂଲିଶ, ଫରାସୀ, ଜାପାନୀ ଓ ସ୍ପେନୀୟ ଭାଷାରେ ଶିକ୍ଷା ବ୍ୟବସ୍ଥା
- ଜେ.ଏନ.ୟୁ.ରେ ସାରଳା ଚେୟାର ପ୍ରତିଷ୍ଠା। ବିଜୁ ପଟ୍ଟନାୟକ ଚେୟାର ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର।
- ଓ.ପି.ଏସ୍.ସି ପରୀକ୍ଷା ଓଡ଼ିଆରେ ଦେବା ପାଇଁ ନିଷ୍ପତ୍ତି
- ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରୀଛାତ୍ରଙ୍କୁ ବ୍ୟାସକବି ଫକୀରମୋହନ ଛାତ୍ରବୃତ୍ତି ପ୍ରଦାନ
- ପ୍ରତିବର୍ଷ ଜିଲାରେ ବାର୍ଷିକ ପୁସ୍ତକମେଳା ଆୟୋଜନ
- ୨୦୦୦ରୁ ୨୦୨୩ ମଧ୍ୟରେ ଓଡ଼ିଶାର ଅନ୍ୟ ୨୧ ଦେଶୀୟ ଭାଷାର ଶବ୍ଦକୋଷ, ତ୍ରିଭାଷୀ ଶିକ୍ଷଣୀୟ ପୁସ୍ତକ ପ୍ରକାଶିତ

### ବିଶ୍ୱରେ ଓଡ଼ିଆ ଜାତିର ଗୌରବ ପ୍ରତିଷ୍ଠା ପ୍ରୟାସରେ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ

ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଜ୍ଞାନ ଓ ଇତିହାସ ସମ୍ବନ୍ଧୀୟ ରଚନା, ଲୋକ ସଂସ୍କୃତି, ଜନଜାତି ଭାଷା ଓ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିର ତଥ୍ୟାବଳୀ ଡିଜିଟାଇଜେଶନ କରି ସଂରକ୍ଷିତ ରଖିଛି ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ। ଜାତିର ସ୍ୱାଭିମାନ ମୁଖ୍ୟତଃ ତାହାର ଭାଷା ଓ ସଂସ୍କୃତି ଉପରେ ନିର୍ଭରଶୀଳ ଥିବାରୁ ଏଥିପ୍ରତି ସଚେତନ ରହି ଭବିଷ୍ୟତ ପିଢ଼ି ସମ୍ମୁଖରେ ଓଡ଼ିଆକୁ ଜ୍ଞାନ ଓ ବିଜ୍ଞାନର ଭାଷା ରୂପେ ଉପସ୍ଥାପନ କରାଯାଇପାରିଛି। ଏହାର ୱେବସାଇଟ୍‌ରେ ଓଡ଼ିଆ ପାଠ୍ୟପୁସ୍ତକ, ଜନଜାତି ଶବ୍ଦକୋଷ, ପୁସ୍ତକାଗାର, ବର୍ଣ୍ଣବୋଧ, ଓଡ଼ିଆ ପ୍ରାରମ୍ଭିକା, ଓଡ଼ିଆ ବ୍ଲଗ, ଓଡ଼ିଶା ଗେଜେଟିୟାର୍ ଆଦିକୁ ୱେବସାଇଟ୍‌ରେ ସ୍ଥାନ ଦିଆଯାଇଛି। ଫଳରେ ଓଡ଼ିଆ ଜାତି ଏହାର ପ୍ରାଣକେନ୍ଦ୍ର ଭାଷା ସହିତ ଯୋଡି ହୋଇ ରହିବେ।

### ପ୍ରଦର୍ଶନୀ ମଣ୍ଡପରେ ବାଚସ୍ପତି, ମନ୍ତ୍ରୀ, ବିଧାୟିକା, ବିଧାୟକ







## 'କୌଣସି ରାଜ୍ୟ ନୁହେଁ, ବିଶ୍ୱ ଆମ ପ୍ରତିଦ୍ୱନ୍ଦ୍ୱୀ'

୨୦୩୬ ସୁଦ୍ଧା ଓଡ଼ିଶାର ସାମଗ୍ରିକ ବିକାଶ ଲକ୍ଷ୍ୟ ରହିଛି। ଓଡ଼ିଶାର ଲକ୍ଷ୍ୟ ଭିନ୍ନ। ଓଡ଼ିଶା କୌଣସି ରାଜ୍ୟ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ। ବିଶ୍ୱ ସହ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶେଷଦିନରେ '୨୦୩୬ରେ ଓଡ଼ିଶା: ନବଦିଗନ୍ତର ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ପାଣ୍ଡିଆନ ରାଜ୍ୟ ରୂପାନ୍ତରଣର ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ୨୦୧୯ ପରେ ରାଜ୍ୟରେ ବଡ଼ ପରିବର୍ତ୍ତନ ଆସିଛି। ପରିବର୍ତ୍ତନର ନାମ ହେଉଛି ରୂପାନ୍ତରଣ। ଲକ୍ଷ୍ୟ ରହିଛି ନୂଆ ଓ ସଶକ୍ତ ଓଡ଼ିଶା। ୨୦୦୦ ମସିହାରେ ରାଜ୍ୟରେ ଗରିବୀ ହାର ୬୮ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୧୧ ପ୍ରତିଶତକୁ ଖସିଆସିଛି। ୨୦୦୦ରେ ଖାଦ୍ୟ ପାଇଁ ପଞ୍ଜାବ, ହରିୟାଣା ଉପରେ ନିର୍ଭର କରୁଥିଲୁ। ହେଲେ ୨୦୧୭-୧୮ରୁ ଓଡ଼ିଶା ଉପରେ ଅନ୍ୟ ରାଜ୍ୟ ନିର୍ଭରଶୀଳ। ଓଡ଼ିଶାରୁ ଖାଦ୍ୟଶସ୍ୟ ଅନ୍ୟ ରାଜ୍ୟକୁ ଯାଉଛି। ଶିକ୍ଷାକ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହୋଇଛି। ସବୁ ହାଇସ୍କୁଲର ରୂପାନ୍ତରଣ ହୋଇସାରିଥିବାବେଳେ ୨ମାସ ଭିତରେ ସବୁ କଲେଜର ରୂପରେଖ ବଦଳିବ। ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ୨୦୦୦ମସିହାରେ ୩୩ଲକ୍ଷ ଏକର ଜମିରେ ଜଳସେଚନ ହେଉଥିଲା। ଏବେ ୬୫ଲକ୍ଷ ଏକର ଜମି ଜଳସେଚନ ହେଉଛି। ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟୁଛି। ସେତେବେଳେ ଓଡ଼ିଶା ପୁଞ୍ଜି ନିବେଶରେ ସବୁଠୁ ତଳେ ଥିଲା। ଏବେ ନିବେଶରେ ଓଡ଼ିଶା ଦୁଇ ନମ୍ବରକୁ ଉଠିଛି। ବଡ଼ ବଡ଼ କମ୍ପାନୀର ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା। ଭୁବନେଶ୍ୱରକୁ ଗ୍ରୀନ୍ ଆଇଟି କ୍ୟାପିଟାଲ ପରିଚୟ ମିଳିଛି। ରାଜସ୍ୱ ବଳକାରେ ଓଡ଼ିଶା ଶୀର୍ଷରେ ରହିଛି। ଗତ ୨୨ବର୍ଷରେ ରାଜ୍ୟରେ ବ୍ୟାପକ ଉନ୍ନତି ହୋଇଛି। ଆଦିବାସୀ, ମହିଳା, ଆଞ୍ଚଳିକ ବୈଷମ୍ୟ ଦୂର ଦିଗରେ କାମ କରାଯାଇଛି। ମହିଳା ସଶକ୍ତୀକରଣରେ ଓଡ଼ିଶା ନମ୍ବର ୱାନ ହୋଇଛି। ଗତବର୍ଷ ଏସ୍ଏଚ୍‌ଜି ମହିଳା ୧୨ହଜାର କୋଟି ଋଣ ନେଇଛନ୍ତି। ଏବର୍ଷ ଏସ୍ଏଚ୍‌ଜି ସଦସ୍ୟା ୧୫ହଜାର କୋଟିର ଋଣ ନେବେ। ଏହି ଅର୍ଥ ଗାଁ ଗାଁରେ ବ୍ୟାପକ ରୂପାନ୍ତର ଆଣିବ ବୋଲି ପାଣ୍ଡିଆନ କହିଛନ୍ତି।

ଆଲୋଚନାଚକ୍ରରେ ଓଡ଼ିଶା ସରକାରଙ୍କ ଆନୁଷ୍ଠାନିକ ଦକ୍ଷତା ନିର୍ମାଣର ମୁଖ୍ୟ ପରାମର୍ଶଦାତା ସୁବ୍ରତୋ ବାଗ୍‌ଚୀ, ମୁଖ୍ୟ ନିର୍ବାହୀ ଅଧିକାରୀ ବିର୍ଲା କାର୍ବନ ନିର୍ଦ୍ଦେଶକ (ରସାୟନ) ଏବଂ ଆଦିତ୍ୟ ବିର୍ଲା ଗ୍ରୁପ ମାନବ ସମ୍ବଳ ନିର୍ଦ୍ଦେଶକ ଡ. ସଂତୃପ୍ତ ମିଶ୍ର, ମନିଟାରି ଅଥରିଟି ଅଫ୍ ସିଙ୍ଗାପୁରର ମୁଖ୍ୟ ଫିନଟେକ୍ ଅଧିକାରୀ ସ୍ୱପ୍ନେନ୍ଦୁ ମହାନ୍ତି, ସାନ-ଡିଏଗୋର ରୀତା ଆଣ୍ଡ ରିଚାର୍ଡ ଆଟ୍‌କିନଶନ୍ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶୁଭମ୍ ବେହେରାଙ୍କ ଦ୍ୱାରା ପରିଚାଳିତ ଏହି ଆଲୋଚନାଚକ୍ରରେ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସମୀକ୍ଷା ତ୍ରିପାଠୀ ଏବଂ ସୌମ୍ୟା ପଟ୍ଟନାୟକ ମଧ୍ୟ ବକ୍ତବ୍ୟ ଦେଇଥିଲେ।



ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୬/୨୦୨୪ | Bhubaneswar, Tuesday, February 6/2024 | ପୃଷ୍ଠା-୧




# ସରକାରୀ ନିଯୁକ୍ତି ପରୀକ୍ଷାରେ ଜାଲିଆତି ରୋକିବାକୁ ବିଲ୍

## ୫ ବର୍ଷ ଜେଲ, କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା

ନୂଆଦିଲ୍ଲୀ,୫।୨(ପି.ଟି.)

ସରକାରୀ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଜାଲ୍ ୱେବ୍‌ସାଇଟ୍ ଭଳି ବେଆଇନ ଆଚରଣ ରୋକିବା ପାଇଁ କେନ୍ଦ୍ର ସରକାର ସୋମବାର ଲୋକ ସଭାରେ ଏକ ବିଲ୍ ଆଣିଛନ୍ତି। ଏଥିରେ ସର୍ବନିମ୍ନ ୩ ବର୍ଷରୁ ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାର ଏବଂ ଏହାର ଏଜେନ୍ସିଗୁଡ଼ିକ ଦ୍ୱାରା ପରିଚାଳିତ ସରକାରୀ ନିଯୁକ୍ତି ପରୀକ୍ଷାରେ ବିଭିନ୍ନ ସଂସ୍ଥା ଦ୍ୱାରା ଅସଦ୍ ଉପାୟ ଗ୍ରହଣ କରାଯିବା ସହ ଅପରାଧ କରାଯାଉଥିଲେ ମଧ୍ୟ ଏହାକୁ ରୋକିବା ଲାଗି କୌଣସି ନିର୍ଦ୍ଦିଷ୍ଟ ଆଇନ ନ ଥିଲା। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲୋକ ସଭାରେ ପବ୍ଲିକ୍ ଏକ୍ଜାମିନେଶନ୍ସ (ପ୍ରିଭେନ୍‌ଶନ ଅଫ୍ ଅନ୍‌ଫେୟାର ମିନ୍ସ) ବିଲ୍, ୨୦୨୪ ଆଗତ କରିଛନ୍ତି। ପ୍ରଶ୍ନପତ୍ର କିମ୍ବା ଉତ୍ତର ଖାତା ଲିକ୍ ହେବା, ପରୀକ୍ଷାରେ ବେଆଇନ ଭାବେ ପ୍ରାର୍ଥୀଙ୍କୁ ☞ପୃଷ୍ଠା-୧୨

# ପ୍ରତି ୫ ବର୍ଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

- ଆଉ ୩ ଦିନ ଖୋଲା ରହିବ ମ୍ୟୁଜିୟମ
- ଭାଷା ସମ୍ପର୍କରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ବିଧାନସଭାରେ ଘୋଷଣା ହେବ

ଭୁବନେଶ୍ୱର,୫।୨(ଅସମାପିକା ସାହୁ)

ପ୍ରତି ୫ ବର୍ଷରେ ଥରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆମର ଭାଷା ଇତିହାସରେ ସବୁଦିନ ପାଇଁ ଏକ ମାଇଲ ଖୁଣ୍ଟ ହୋଇରହିବ। ୫ ବର୍ଷ ପରେ ଆମେ ସମସ୍ତେ ପୁଣିଥରେ ଏକାଠି ହେବା। ଓଡ଼ିଆ ଭାଷାକୁ ଆହୁରି ଆଗକୁ ନେବା ପାଇଁ ମତ ବିନିମୟ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସମ୍ମିଳନୀରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଯୁବ ସମାଜ, ଲେଖକ, ଗବେଷକ, ସାହିତ୍ୟିକ, କବିଙ୍କ ସହ ପ୍ରତ୍ୟେକ ଓଡ଼ିଆଙ୍କୁ ସେ ହୃଦୟରୁ ଧନ୍ୟବାଦ ଅର୍ପଣ କରି କହିଲେ, ଏହି ତିନିଦିନ ମଧ୍ୟରେ ଆମ ଭାଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ଖୁବ୍ ଭଲ ଭଲ ପ୍ରସ୍ତାବ ମଧ୍ୟ ଆସିଛି। ଯେହେତୁ ବର୍ତ୍ତମାନ ବିଧାନସଭା ଚାଲିଛି, ତେଣୁ ଭାଷା ସମ୍ପର୍କରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ବିଧାନସଭାରେ ଘୋଷଣା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁଗ ଯୁଗ ଧରି ଓଡ଼ିଆ ଭାଷା, ଆମ ଓଡ଼ିଆ ଜାତିର ପରିଚୟକୁ ଆଗକୁ ନେଇଛି। ଓଡ଼ିଆରେ ନୂଆ ନୂଆ ଶବ୍ଦ ସୃଷ୍ଟି କରି ଆମ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ଭାଷା ଉପରେ ବୈଷୟିକ ଜ୍ଞାନର ପ୍ରଭାବ ସମ୍ପର୍କରେ ଆଲୋକପାତ କରି ସେ କହିଲେ, ବୈଜ୍ଞାନିକ ଉନ୍ମେଷ, ବୈଷୟିକ ଜ୍ଞାନର ଅଗ୍ରଗତି ଓ କମ୍ପ୍ୟୁଟର ଭାଷା ହେଉଛି ବର୍ତ୍ତମାନ ଯୁଗରେ ଭାଷା ପାଇଁ ଏକ ବଡ଼ ଆହ୍ୱାନ। ତେଣୁ ଓଡ଼ିଆ ଭାଷାକୁ ଏହା ସହିତ ସମନ୍ୱିତ କରିବାକୁ ହେବ। ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, 'ମୁଁ ଆଶା ☞ପୃଷ୍ଠା-୧୨



ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନ ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଆମ୍ବେଦ୍‌କରଙ୍କ ନାମରେ ନାମିତ ହେବ ବରମୁଣ୍ଡା ବସ୍ ଟର୍ମିନାଲ

ଭୁବନେଶ୍ୱର,୫।୨(ଅନିଲ ଦାସ)

ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ୍ ପ୍ରବକ୍ତା ଡ. ଆମ୍ବେଦ୍‌କରଙ୍କ ନାମରେ ଭୁବନେଶ୍ୱର ବରମୁଣ୍ଡାଠାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ ନାମିତ ହେବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିବା ସହ ଡ. ଆମ୍ବେଦ୍‌କରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବାବା ସାହେବ ଭୀମ ରାଓ ଆମ୍ବେଦ୍‌କର ବସ୍ ଟର୍ମିନାଲ ଭାବରେ ପରିଚିତ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡ. ଆମ୍ବେଦ୍‌କର ଜଣେ ଦୂରଦର୍ଶୀ ନେତା, ସମର୍ପିତ ସମାଜ ସଂସ୍କାରକ ଥିଲେ। ସମାଜର ଦଳିତ ନିଷ୍ପେଷିତଙ୍କ ପାଇଁ ସେ ଆଶାର ଆଲୋକ ଥିଲେ। ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ସେ ସାରାଜୀବନ କାମ କରି ଯାଇଛନ୍ତି।

ଦେଶ ଗଠନରେ ତାଙ୍କର ମହାନ୍ ଅବଦାନ ଓ ଆଦର୍ଶ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଡ. ବାବାସାହେବ ଆମ୍ବେଦ୍‌କର ବସ୍‌ଷ୍ଟାଣ୍ଡରେ ୯୦୦ ବର୍ଗଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରି ନିର୍ମାଣ କରାଯିବ। ଡିଜିଟାଲ ଜ୍ଞାନକୌଶଳ ☞ପୃଷ୍ଠା-୧୨

# ଆଜି ଓଡ଼ିଶାରେ ପହଞ୍ଚିବେ ରାହୁଲ

- ବୀରମିତ୍ରପୁରଠାରେ ସ୍ୱାଗତ କରିବେ ଦଳୀୟ ନେତା, କର୍ମୀ

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

ମୋଦି ସରକାରଙ୍କ ଏକଚ୍ଛତ୍ରବାଦ ଶାସନ ବିରୋଧରେ ଲଢ଼େଇ କରି ଗରିବ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗତ ୧୪ ତାରିଖରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁରରୁ ୨ୟ ପର୍ଯ୍ୟାୟ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମ କରି ମଙ୍ଗଳବାର ଅପରାହ୍ନ ୨ଟା ୩୦ରେ ଝାଡ଼ଖଣ୍ଡ-ଓଡ଼ିଶା ସୀମାରେ ପହଞ୍ଚିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ରାଉରକେଲାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଶରତ କହିଛନ୍ତି, ☞ପୃଷ୍ଠା-୧୨

## ଆଜିର ସମ୍ପାଦକୀୟ

ଅପାରଗ ବଢ଼ନ୍ତୁ









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ୟାଇଆର୍‌ସି ଭଲ୍ୟୁଣ୍ଟିୟର୍ସ ଟ୍ରେନିଂ କ୍ୟାମ୍ପ, ନୀଳାଚଳ ପଲିଟେକ୍ନିକ୍ ପଥରଗାଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଭଲ୍ୟୁଣ୍ଟିୟର୍ସ ୱାର୍କଶପ ଫର୍ ହେଲ୍‌ଥ ଇକ୍ୟୁଟି ଆଣ୍ଡ ୱେଲନେସ୍, ଏମ୍ସ ମୁଖ୍ୟ ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା।
- ସମସ୍ତ ଜିଲାର ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ କମିଟି ପକ୍ଷରୁ ରାଲି, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ମିଡିଆ ୱାର୍କଶପ୍ ଅନ ମାସ ଡ୍ରଗ୍ ଆଡମିନିଷ୍ଟ୍ରେଶନ, କନ୍‌ଫରେନ୍ସ ହଲ୍, ୯ ତାଲା, ମଧ୍ୟାହ୍ନ ୧୨ଟା।
- ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିଲ୍ଡିଂ ଉଦ୍‌ଘାଟନ, ବିମାନବନ୍ଦର ପରିସର, ଅପରାହ୍ନ ୨ଟା।
- ଏକାମ୍ର ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲତା ନାଇଟ୍- ୨୦୨୪, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଆଦିଶକ୍ତି ଚାରିଟେବଲ ଟ୍ରଷ୍ଟ, ଇଣ୍ଡିଆ ପକ୍ଷରୁ ଶ୍ରୀମଦେବୀ ଭାଗବତ କଥାମୃତ, ବୁଲନ ଭାଇ ସାମ୍ବାଦିକ ଭବନ, ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହରନାମ ସଂକୀର୍ତ୍ତନ, ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା।
- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ରଘୁନାଥପୁର, ତିଅରସାହି, ସକାଳ ୭ଟା।
- ପଞ୍ଚାୟତ କପ-୨୦୨୪, ପିଣ୍ଟିକ ଖେଳପଡିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ଘରେ ଘରେ ଶଙ୍ଖ ଜନସମ୍ପର୍କ ପଦଯାତ୍ରା, ଦାଢ଼ା ଗ୍ରାମପଞ୍ଚାୟତର ଝିଙ୍କରଡିହ ଗ୍ରାମ, ପୂର୍ବାହ୍ନ ୧୦ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ରାତି ୭ଟା।
- ମହିଳା ହକି ପ୍ରୋ-ଲିଗ୍ (ଆଜିର ମ୍ୟାଚ)

ଚାଇନା ବନାମ ନେଦରଲାଣ୍ଡ୍ସ
ସମୟ: ଅପରାହ୍ନ ୫ଟା ୩୦
ଆମେରିକା ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ।

## ପୁରୀ

- ସତ୍ୟବାଦୀର ୩୩ ନମ୍ବର ଜିଲା ପରିଷଦ ଜୋନରେ ଭାଜପା ପକ୍ଷରୁ ପ୍ରବାସ ଓ ଜନସମ୍ପର୍କ ଯାତ୍ରା, ରାୟଖଣ୍ଡି ପଞ୍ଚାୟତର ଜୟ ଦୁର୍ଗା ମନ୍ଦିର ନିକଟ, ସକାଳ ୭ଟା।
- ସଂସ୍କୃତରେ ଜୀବିକା ଆଲୋଚନାଚକ୍ର, ବଳଙ୍ଗା ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ମାଘମେଳା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ଯାତ୍ରୀ ନିବାସ, କୋଣାର୍କ, ଅପରାହ୍ନ ୪ଟା।

## କଟକ

- ଜାତୀୟକବି ବୀରକିଶୋର ସରକାରୀ ମହାବିଦ୍ୟାଳୟର ୫ ମହଲା କୋଠା ନିର୍ମାଣର ଶିଳାନ୍ୟାସ, ମହାବିଦ୍ୟାଳୟ ପରିସର, ମଧ୍ୟାହ୍ନ ୧୨.୩୦।
- ଭାଜପା ୩୬ ନମ୍ବର ୱାର୍ଡ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ, ଖୋଲାସାହି, ପୂର୍ବାହ୍ନ ୧୧ଟା।
- ପୁରୀ ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ୨ହଜାର ଭକ୍ତଙ୍କ ଗସ୍ତ, କଟକ-ଟାଙ୍ଗି ଅଞ୍ଚଳରୁ, ସକାଳ ୮ଟା।
- ମହାପୁରୁଷ ଅରକ୍ଷିତ ଦାସଙ୍କ କେଶ ଯାତ୍ରା, ଲଳିତଗିରି, ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା ନିଶ୍ଚିନ୍ତକୋଇଲି, ଶିର୍ଲୋ ପଞ୍ଚାୟତ ଓସଡ଼ମା ପଡ଼ିଆ, ସକାଳ ୧୧ଟା, ମଣିଜଙ୍ଗା ପଞ୍ଚାୟତ ଭଗବତୀ ମନ୍ଦିର ପରିସର, ସକାଳ ୧୧ଟା।

## ଖୋର୍ଦ୍ଧା

- ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଘୋଡ଼ାଶାଳ ପଡିଆ ଲେଣ୍ଢୋ, ସମୟ: ପୂର୍ବାହ୍ନ ୧୦ଟା।
- ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ହାଇସ୍କୁଲ ପଡ଼ିଆ ଟାଙ୍ଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଗୌଡିଆପଡ଼ା, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ମହିଳା ସମ୍ମିଳନୀ-୨୦୨୪, ସ୍ଥାନ: ବଣିକ ସଂଘ ବାଲୁଗାଁ, ସମୟ: ଅପରାହ୍ନ ୪ଟା।
- ସିଦ୍ଧ ମହାବୀରଙ୍କ ୧୬ତମ ଜନ୍ମ ଉତ୍ସବ ଓ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମୁଣ୍ଡଳ ଗ୍ରାମ, ସମୟ ଅପରାହ୍ନ ୫ଟା।

## ବାଲେଶ୍ୱର

- ମିଳିତ ଟ୍ରେଡ ୟୁନିୟନର ଶୋଭାଯାତ୍ରା ଓ ବିକ୍ଷୋଭ, ସ୍ଥାନ: ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା
- ବନ୍ୟାଞ୍ଚଳ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ, ସ୍ଥାନ: ବାଲେଶ୍ୱର ମହାତ୍ମା ଗାନ୍ଧୀ କନଫରେନ୍ସ ହଲ୍, ସମୟ: ମଧ୍ୟାହ୍ନ ୧୨ଟା ୩୦ମିନିଟ୍।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଫ୍ରେଣ୍ଡସ ଫିସାରୀ ଅଫିସ, ପୋଡ଼ାଡ଼ିହା, ରୂପସା, ପୂର୍ବାହ୍ନ ୧୦ଟା।
- ବାଲିଆପାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ମହୋତ୍ସବ ପଡ଼ିଆ ବାଲିଆପାଳ, ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- କବି ସମ୍ମିଳନୀ, ସ୍ଥାନ-ବାରିପଦା ପୌରପରିଷଦ ସମ୍ମିଳନୀ କକ୍ଷ,ସମୟ- ଅପରାହ୍ନ ୫ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ ଏବଂ ଗାଇଡ୍ କ୍ୟାମ୍ପୋରୀ-୨୦୨୪, କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ସାଇ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ- ଉଦଳା ଏନ୍‌ଏସି ୮ନଂ ୱାର୍ଡ, ମେଣ୍ଢାଖାଇ, ଘଟୋଉଜନ- ସକାଳ ୭ଟା।
- ଗୁଣ୍ଡୁରିଆ ଶହୀଦ ଦିବସ ପାଳନ, ସ୍ଥାନ- ବହଳଦା ଥାନା ଅଧୀନ ଗୁଣ୍ଡୁରିଆ, ସମୟ- ପୂର୍ବାହ୍ନ ୧୦ଟା ୩୦।
- ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବହଳଦା ଥାନା ଗୁଣ୍ଡୁରିଆ ଶହୀଦସ୍ଥଳରୁ ରାଇରଙ୍ଗପୁର ସହର ପର୍ଯ୍ୟନ୍ତ ବାଇକ୍ ରାଲି, ସକାଳ ୯ଟା୩୦।

## ଭଦ୍ରକ

- ପିଠା ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଧାମନଗର ଏନ୍‌ଏସି ୧ ନଂ. ୱାର୍ଡ, କାଙ୍କରା, ପୂର୍ବାହ୍ନ ୧୦।
- ନବରାତ୍ର ନାମ ମହାଯଜ୍ଞର ଶୁଭାଧିବାସ, ସ୍ଥାନ: କଳ୍ପତରୁ ଶିକ୍ଷାଶ୍ରମ, ବଂଶୀପାଟଣା-ଭୈରବପୁର, ବାସୁଦେବପୁର, ସମୟ: ସକାଳ ୬ଟା।
- ନାମ ସଂକୀର୍ତ୍ତନ ମହାଯଜ୍ଞ, ପରମ ବୈଷ୍ଣବୀ ପୀଠ, ଦେଉଳୀ, ବାସୁଦେବପୁର, ସକାଳ ୬ଟା।

## କେନ୍ଦୁଝର

- ପିଆଇଓମାନଙ୍କୁ ଆରଟିଆଇ ଉପରେ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲ(କେନ୍ଦୁଝର), ପୂର୍ବାହ୍ନ ୧୧ ଟା।
- ଓଏମ୍‌ସି ଗନ୍ଧମାର୍ଦ୍ଦନ ଖଣିକୁ ରେଳ ଲାଇନ୍ ବିଛାଇବା ପ୍ରକଳ୍ପ ପ୍ରତିବାଦରେ କେନ୍ଦୁଝର ଓ ଶୁଆକାଠି ଟ୍ରକ୍ ମାଲିକ ସଂଘର ବୈଠକ, ସ୍ଥାନ: ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ହୋଟେଲ(କେନ୍ଦୁଝର), ଅପରାହ୍ନ ୪ ଟା।
- ହନୁମାନ ଚାଳିଶା ପାଠ ଓ ଭଜନ କୀର୍ତ୍ତନ, ସ୍ଥାନ: ହନୁମାନ ମନ୍ଦିର, ଦୈନିକ ବଜାର,
- ବଡ଼ବିଲ, ସମୟ: ସନ୍ଧ୍ୟା ୬ ଟା।

## ରାୟଗଡ଼ା

- ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ, ଗୁଣପୁର ଅରୋଶ୍ରୀ ବିହାର, ୯ଟା ୩୦

## ନବରଙ୍ଗପୁର

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ନବରଙ୍ଗପୁର ଆରସିଡି ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୦ଟା
- ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ପେଣ୍ଡ୍ରାଣୀ ମନ୍ଦିର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା
- ମୁକ୍ତା ଯୋଜନା ଅଧୀନରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ଉମରକୋଟ, ପୂର୍ବାହ୍ନ ୧୧ଟା

## କୋରାପୁଟ

- ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ କର୍ମଶାଳା, ଡିଏନ୍‌କେ ସଦ୍‌ଭାବନା ଗୃହ, ପୂର୍ବାହ୍ନ ୧୧ଟା।
- ବନ୍ୟା ମୁକାବିଲା ନେଇ ମକ୍ ଡ୍ରିଲ, କୋଲାବ ଜଳଭଣ୍ଡାର, ପଣ୍ଡି, ପୂର୍ବାହ୍ନ-୧୧ଟା।
- ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ-୪ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ଲାୟନ୍ସ କ୍ଲବ ଅଫ ସମ୍ବଲପୁର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କୁମ୍ଭାରପଡ଼ା, ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲାର ଶ୍ରଦ୍ଧାଳୁଙ୍କ ମା' ସମଲେଇ ପ୍ରକଳ୍ପ ପ୍ରଦକ୍ଷିଣ କାର୍ଯ୍ୟକ୍ରମ, ସମଲେଇ ମନ୍ଦିର, ପୂର୍ବାହ୍ନ ୧୦ଟା।
- ପାହାଡି ଅନୁଷ୍ଠାନର ବାର୍ଷିକ ଉତ୍ସବ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଫ୍ରେଣ୍ଡସ୍ କ୍ଲବ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ଅପରାହ୍ନ ୩ଟା।

## ରାଉରକେଲା

- ଏସ୍‌ପିଆଇ ଶ୍ରମିକଙ୍କ ଜନଶୁଣାଣି , ସେକ୍ଟର- -୫, ଏସ୍‌ପିଆଇ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳାର ପଞ୍ଚମ ଦିବସରେ ଆଞ୍ଚଳିକ କାର୍ଯ୍ୟକ୍ରମ, ଭଞ୍ଜଭବନ, ପୂର୍ବାହ୍ନ ୧୧ଟା।
- ରାହୁଲ ଗାନ୍ଧୀଙ୍କ ଗସ୍ତନେଇ ପ୍ରସ୍ତୁତି ବୈଠକ, ରାଉରକେଲା ହାଉସ, ପୂର୍ବାହ୍ନ ୧୦ଟା।
- ତୁମକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ତୁମକେଲା, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା, ପାନପୋଷ ଷ୍ଟାଡିୟମ, ସକାଳ ୮ଟା।

## ସୁନ୍ଦରଗଡ଼

- ଲକ୍ଷେ ଘର ସମାଜର ସଭା, ବଡ଼ଗାଁ ବ୍ଲକ ରୁନଗାଁ ପଞ୍ଚାୟତ ଆଲୁଡେଗା ଗ୍ରାମ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ବଡ଼ଗାଁ ବ୍ଲକ ବାମଡେରା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହର ମହାମନ୍ତ୍ର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ତରବୋଡ ବସ୍ତି, ସକାଳ ୯ଟା୨୫।

## କଳାହାଣ୍ଡି

- ସହର ବସ୍ତିବାସିନ୍ଦଙ୍କ ବିକାଶ କାର୍ଯ୍ୟକ୍ରମ, କେସିଙ୍ଗା ଏନ୍‌ଏସି କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ, ପୂର୍ବାହ୍ନ ୧୧ଟା।
- ଛେଲିଆମାଲ ପଞ୍ଚାୟତରେ ଆମ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଛେଲିଆମାଲ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ -୧୧
- ଭବାନୀପାଟଣା ୧୫ ନଂ. ୱାର୍ଡରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ୧୫ନଂ. ୱାର୍ଡ, ଅପରାହ୍ନ-୪ଟା।

## ବୌଦ୍ଧ

- ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଅପରାହ୍ନ ୪ଟା ।
- ପ୍ରଥମ ସେବା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଠିକିଯୋର ଜଗନ୍ନାଥ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣ, ଅପରାହ୍ନ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ, ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନାପଡା ଗ୍ରାମ୍ୟମଣ୍ଡପ, ସକାଳ ୬ଟା।

## ଦେବଗଡ଼

- ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ବାଙ୍କେଶ୍ୱର ବାବା ଓ ମା' ଦିବ୍ୟବାସିନୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ, ରିଆମାଳ ବ୍ଲକର ଚୁହିଲାମାଳ, ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର, ସହରର ନୂତନ ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ଜରାଜାରିଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ପଞ୍ଚାୟତ ଖେଳପଡିଆ, ପୂର୍ବାହ୍ନ ସାଢେ ୧୦ଟା ।
- ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ବୀରମହାରାଜପୁର ବ୍ଲକ ଟେଭାପଦର ଖେଳପଡିଆ , ପୂର୍ବାହ୍ନ ୧୧ଟା।
- ନବାହ୍ନ ପାରାୟଣ, ତୁଳସୀ ରାମାୟଣ ପଠନ, ଚଣ୍ଡୀ ମହାଯଜ୍ଞ, ବୀରମହାରାଜପୁର ବ୍ଲକ ଘିଚାପାଲି (ମେଟାକାନି ଛକ), ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଏକବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଲମଛୁଇଁ, ତାଳଚେର, ସମୟ- ଅପରାହ୍ନ ୪ଟା।
- ଆରଟିଆଇ ଟ୍ରେନିଂ, ସ୍ଥାନ- ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଅନୁଗୋଳ, ପୂର୍ବାହ୍ନ ୧୧ଟା।
- ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ ଅନୁଗୋଳ,ପୂର୍ବାହ୍ନ ୧୦.୩୦।

## ଗଞ୍ଜାମ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଭଞ୍ଜନଗର ବ୍ଲକ ବାରୁଡ଼ା, ପୂର୍ବାହ୍ନ ୧୦ ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ବଉଳଗାଁ ଗ୍ରାମ ପଞ୍ଚାୟତ, ପୂର୍ବାହ୍ନ ସାଢ଼େ ୧୦ଟା
- ନରେନ୍ଦ୍ରପୁର ହାଇସ୍କୁଲର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ସକାଳ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ତିର୍ତ୍ତୋଲ, ଜଡ଼ତିରା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା, ପଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ୬୬ତମ ଓଳାଶୁଣୀ ଗୁମ୍ଫା ମେଳା, ପାରାଦୀପ ନୂଆବଜାର ହରିବୋଲ ମଠ ପରିସର, ସକାଳ ୫ଟା।

## କେନ୍ଦ୍ରାପଡ଼ା

- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ମହାକାଳପଡ଼ା ବ୍ଲକ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ମହାକାଳପଡ଼ା ବ୍ଲକ ଦେଉଳପଡ଼ା ଓ ବିଜୟନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଅର୍ଥନୀତି ବିଭାଗର ଆଲୋଚନାଚକ୍ର, ପଟ୍ଟାମୁଣ୍ଡାଇ କଲେଜ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ବଡବେତରା ପଞ୍ଚାୟତ ଅଫିସ, ଗରଦପୁର, ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ୨୯ ନଂ. ଜୋନରେ ଗାଁକୁ ଚାଲ ଅଭିଯାନ, ସ୍ଥାନ: ଜୟନଗର ରିସର୍ଟ, ରାଜକନିକା, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅଙ୍ଗୁଳାଇ ପଞ୍ଚାୟତ ଅଫିସ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପଞ୍ଚୁ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନ, ସ୍ଥାନ: ନୂଆଗାଁ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୧ଟା।

## ଯାଜପୁର

- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତ, ପୂର୍ବାହ୍ନ ୧୧ଟା।
- ଜେୟୁଜେ ପକ୍ଷରୁ ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ଅପରାହ୍ନ ୩ଟା।
- ଜେୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପାଇଁ ପ୍ରସ୍ତୁତି, ଯାଜପୁର ପୌର ପରିଷଦ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।
- ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ବଡ଼ଚଣା ବ୍ଲକ୍ ଅଧୀନ ଓଳାଶୁଣୀ ପୀଠ, ସକାଳ ୫ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖିଲେ କଥା ନ କହେ, ନ ଦେଖିଲେ ଝୁରୁଥାଏ।**

ଉପର ଠାଉରିଆ ଭଲ ପାଇବା। କେତେକଙ୍କ ମନରେ ପଛେ କିଛି ଥାଉ କି ନଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଅଜାଡ଼ି ଦେଇଥାନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିବସିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଉଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଭାବ ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖା ସୁନ୍ଦର କଖାରୁ ବଡି।**

ଉପର ଦେଖା ସୁନ୍ଦର, ପରନ୍ତୁ କେଉଁ କାମକୁ ନୁହେଁ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇନଥାଏ ତାହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଅଷ୍ଟମସ୍ଥ ଚନ୍ଦ୍ର ହେତୁ ପାରିବାରିକ ଓ ସାମାଜିକ ସ୍ଥିତି ଭଲ ରହିବ ନାହିଁ। ଅବଶ୍ୟ ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସଭାସମିତି, ସଙ୍ଗଠନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରହୋଇଯିବ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ବୃଷ** - କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ସାଙ୍ଗକୁ ଅଭିଳଷିତ ଜିନିଷ ପାଇପାରିବେ। ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବେ। ବାଣିଜ୍ୟ କିମ୍ବା ଯୋଜନାରମ୍ଭ ସକାଶେ ଅର୍ଥ ଲାଗି ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି। ଅବଶ୍ୟ ହିତାକାଂକ୍ଷୀ କିମ୍ବା ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ।

**ମିଥୁନ** - ଅକୁହା କଥାକୁ ବନ୍ଧୁଙ୍କୁ କହି ମନ ହାଲୁକା କରିବାର ପ୍ରୟାସ କରିବେ। ଦୁଃସ୍ଥାନସ୍ଥ ଚନ୍ଦ୍ର ହେତୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଆଲୋଚନାର ଶେଷ ପର୍ଯ୍ୟାୟରେ ସବୁ କିଛି ଓଲଟପାଲଟ ହୋଇଯାଇପାରେ। ଯେକୌଣସି ପ୍ରତିଦ୍ୱନ୍ଦ୍ୱିତାରେ କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ।

**କର୍କଟ** - ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ ଅତିବାହିତ ହେବ। ରବି ଜନିତ ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଶେଷ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ। ମାତ୍ର ପାରିବାରିକ ବ୍ୟତିକ୍ରମ ପୂର୍ବବତ୍ ଲାଗି ରହିପାରେ।

**ସିଂହ** - ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣା ଲାଭକରି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାରେ ସମର୍ଥ ହେବେ। ଅଷ୍ଟମାଧିପ ଗୁରୁ ଦୃଷ୍ଟିରେ ଶୁକ୍ର ହେତୁ ବନ୍ଧୁଙ୍କ କଥାରେ ପ୍ରଭାବିତହୋଇ କୌଣସି ଭୁଲ୍ କରିପାରନ୍ତି। ବିବାଦୀୟ ଘଟଣା ଜଟିଳ ହେଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟ ଆଗକୁ ବଢ଼ାଇବାପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** - କୌଣସି ବିବାଦୀୟ ପରିସ୍ଥିତିରେ ପକ୍ଷଭୁକ୍ତ ହୋଇ ମଧ୍ୟସ୍ଥତା କଲେ ସମାଲୋଚିତ ହେବାକୁ ପଡ଼ିପାରେ। ନୀଚସ୍ଥ ଚନ୍ଦ୍ରଙ୍କ ଯୋଗୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ନିର୍ମାଣ, ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ସାହିତ୍ୟ, ବିଜ୍ଞାନ, ଗବେଷଣା ପ୍ରଭୃତି କାର୍ଯ୍ୟରେ ସାମାଜିକ ସ୍ତରରେ ସମ୍ମାନିତ ହେବେ।

**ତୁଳା** - ଶୁକ୍ର ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିବ। କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ କିମ୍ବା ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାନ୍ତୁ ନାହିଁ। ବନ୍ଧୁଙ୍କ ସହ ଭ୍ରମଣ ସୁଖ ଉପଭୋଗ୍ୟ ହୋଇପାରେ। ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବିଛା** - ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିହେବ। ଲେଖାପଢ଼ା, କଳା, ସାହିତ୍ୟରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ କିମ୍ବା ପାରିବାରିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଅଧସ୍ତନ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକୁ କେନ୍ଦ୍ରକରି ବିତର୍କ ହୋଇପାରେ।

**ଧନୁ** - ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ। ବନ୍ଧୁମାନଙ୍କ ସହଯୋଗକ୍ରମେ କେତେକ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ। ତଥାପି ପରିବାରର ଆକସ୍ମିକ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ପ୍ରୟାସ ଜାରି ରଖିବେ।

**ମକର** - ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ବୃହସ୍ପତି କେନ୍ଦ୍ରସ୍ଥ ଯୋଗୁ ସଭାସମିତିରେ ବୟସ୍କ ବ୍ୟକ୍ତିଙ୍କ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ମାତ୍ର କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**କୁମ୍ଭ** - ରାହୁଙ୍କ ପ୍ରଭାବରୁ ମାନସିକ ଅବସାଦ ବୃଦ୍ଧି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପ୍ରିୟ ବନ୍ଧୁଟିର କୌଣସି ଦୁଃଖଦ ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା ଜଟିଳ ହେବା ସୂଚନା ରହିଛି।

**ମୀନ** - ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇ କୌଣସି କାର୍ଯ୍ୟ ଆରମ୍ଭ କରିପାରିବେ ନାହିଁ। ରାଜନୀତିରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ କିନ୍ତୁ ଆପଣଙ୍କର କିଛି ଅସୁବିଧା ହେବ ନାହିଁ। ସଭାସମିତିରେ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ।

ଆଜି ଫେବୃଆରୀ ୬ ତାରିଖ ମଙ୍ଗଳବାର, ମାଘମାସ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ,ଓଳାଶୁଣୀ ଯାତ୍ରା। ରାଶି ନକ୍ଷତ୍ର- ମୂଳା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ମୂଳା ନକ୍ଷତ୍ରେ ବିବାହ ପାଣିଗ୍ରହଣ। ଦିବା ଘ.୦୯।୧୨ ଗତେ, ଘ. ୧୦।୫୩ ମଧ୍ୟେ, ଘ.୦୧।୦୮ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୯ ମି. ଗତେ, ଘ. ୦୪।୧୩ ମଧ୍ୟେ ରାହୁକାଳ।

# ମୁଣ୍ଡକୁ ଗୁଳିକରି କ୍ରଶର ବ୍ୟବସାୟୀଙ୍କ ଆତ୍ମହତ୍ୟା

ଢେଙ୍କାନାଳ,୫।୨(ରତନ ନାୟାର)



ବ୍ୟବସାୟୀ ବଳରାମ ସାହୁ

ଢେଙ୍କାନାଳ ସହର ଷ୍ଟେଶନ ବଜାର ଅଞ୍ଚଳର ବିଶିଷ୍ଟ କ୍ରଶର ବ୍ୟବସାୟୀ ବଳରାମ ସାହୁ(୬୪) ସୋମବାର ନିଜ ପିସ୍ତଲରୁ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଖବରପାଇ ଟାଉନଥାନା ପୋଲିସ ସନ୍ଧ୍ୟାରେ ତାଙ୍କ ବାସଭବନରେ ପହଞ୍ଚି ମୃତଦେହ ଜବତ କରିଛି। ନିଜ ପିସ୍ତଲରୁ ଗୁଳିକରି ବ୍ୟବସାୟୀ ସାହୁ ଆତ୍ମହତ୍ୟା କରିଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ବ୍ୟାଙ୍କ ଋଣ ପରିଶୋଧ କରି ନ ଥିବାରୁ କିଛିଦିନ ହେଲା ସେ ଚିନ୍ତାଗ୍ରସ୍ତ ଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜଣାପଡ଼ିଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛି। ବ୍ୟବସାୟୀ ବଳରାମଙ୍କ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ସେ ଦୀର୍ଘଦିନ ହେବ ଋଣ ଭାରରେ ବୁଡ଼ି ରହିଥିଲେ। ଏପରି କି ଘର ନିଲାମ ପାଇଁ ବ୍ୟାଙ୍କ ନୋଟିସକୁ ନେଇ ଚିନ୍ତାଗ୍ରସ୍ତ ଥିଲେ ବୋଲି ଆତ୍ମୀୟସ୍ୱଜନ କହିଛନ୍ତି। ସନ୍ଧ୍ୟାରେ ନିଜ ବାସଭବନ ସମ୍ମୁଖରେ ସେ ବସିଥିଲେ। ଘରେ କେବଳ ତାଙ୍କର ବୋହୂ ଥିଲେ। କିଛି ସମୟ ପରେ ନିଜ ପିସ୍ତଲରୁ ଗୁଳିକରି ସେ ଆତ୍ମହତ୍ୟା କରିଥିଲେ। ଗୁଳିଟି ତାଙ୍କ ମୁଣ୍ଡର ଡାହାଣ ପାର୍ଶ୍ୱରେ ବାଜିଛି। ଘଟଣାସ୍ଥଳରୁ ପୋଲିସ ପିସ୍ତଲ ଓ ଫୁଟା ଗୁଳି ଜବତ କରିଛି। ବ୍ୟବସାୟୀ ସାହୁ ଅତୀତରେ ବିଜେଡିର ଜଣେ ସକ୍ରିୟ ସଦସ୍ୟ ଥିଲେ। ଢେଙ୍କାନାଳ ଟାଉନ ବିଜେଡି ସଭାପତି ଦାୟିତ୍ୱରେ ମଧ୍ୟ ରହିଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ଆତ୍ମହତ୍ୟା ଖବର ଜଣାପଡ଼ିବା ପରେ ଢେଙ୍କାନାଳ ସହରରେ ଶୋକର ଛାୟା ଖେଳିଯାଇଛି।

# କନ୍ଧମାଳରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚଢ଼ାଉ

### ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୨ (ସତ୍ୟଜିତ୍ ରାଉତ)

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗଡ଼ିଆପଡ଼ା ଗ୍ରାମ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରବିବାର ଚଢ଼ାଉ କରି ୩ କୁଇଣ୍ଟାଲ ୩ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଚାଲାଣକାରୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ସିର୍କାକୁଟି ଅଞ୍ଚଳର କିଶୋର ଚନ୍ଦ୍ର ମଲ୍ଲିକ (୪୮)। ଜବତ ଗଞ୍ଜେଇର ମୂଲ୍ୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୪/୨୦୨୩) ରୁଜୁ କରାଯିବା ସହ ଅଭିଯୁକ୍ତ କିଶୋରଙ୍କୁ କନ୍ଧମାଳ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କିଶୋର ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରିବାକୁ ପ୍ରସ୍ତୁତ ହେଉଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ରବିବାର ସକାଳେ ଗଞ୍ଜେଇ ଚାଲାଣ ବେଳେ ଏସ୍‌ଟିଏଫ୍ ଓ କନ୍ଧମାଳ ପୋଲିସର ମିଳିତ ଟିମ୍ ଚଢ଼ାଉ କରି କିଶୋରଙ୍କୁ କାବୁ କରିଥିଲା। ତେବେ ସେ କେଉଁଠୁ ଏତେ ପରିମାଣର ଗଞ୍ଜେଇ ଆଣିଥିଲେ ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି।

ଉଲ୍ଲେଖଯୋଗ୍ୟ, ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ୨୦୨୦ରୁ ଏସ୍‌ଟିଏଫ୍ ୭୪ କେଜି ବ୍ରାଉନସୁଗର, ୨୦୨ ଗ୍ରାମ କୋକେନ୍, ୧୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୩ କେଜି ୬୩୦ ଗ୍ରାମ ଅଫିମ ଜବତ କରିଥିବାବେଳେ ୧୮୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଗତବର୍ଷ ଏସ୍‌ଟିଏଫ୍ ବିଭିନ୍ନ ମାମଲାରେ ଜବତ ହୋଇ ମାଲଖାନାରେ ଗଚ୍ଛିତ ଥିବା ୮୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜାଳି ନଷ୍ଟ କରିଥିବା ସୂଚନା ଦିଆଯାଇଛି।

# ଅପାରଗ ବଢ଼ନ୍ତୁ

ପୃଥିବୀ ବ୍ୟାପୀ ସବୁ ଧର୍ମରେ ସବୁ ସଭ୍ୟତାରେ ବିବାହର ଏକ ସ୍ୱତନ୍ତ୍ରତା ରହିଥାଏ । ଭାରତରେ ମଧ୍ୟ ହିନ୍ଦୁ ବିବାହରେ ଏକ ବିଶେଷତ୍ୱ ରହିଛି । ନିକଟରେ ଉତ୍ତରପ୍ରଦେଶ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଗଣ ବିବାହରେ ଯେଉଁ କେଲେଙ୍କାରି ଘଟିଯାଇଛି ତାହା ଏକ କୌତୂହଳପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି । ଗତ ମାସ ୨୫ରେ ଉତ୍ତରପ୍ରଦେଶ ବଲିଆରେ ଆୟୋଜିତ ଏକ ଗଣ ବିବାହ ଉତ୍ସବରେ ମିଛ ବରକନ୍ୟାଙ୍କୁ ଆଣି ବିବାହ କରାଯାଇଥିଲା । ହୋଇଥିବା ଜାଲିଆତିର ପର୍ଦ୍ଦାଫାଶ ହେବା ପରେ ୨ ସରକାରୀ ଅଧିକାରୀଙ୍କ ସହ ୧୫ ଜଣଙ୍କୁ ଗିରଫ କରାଯାଇଛି । କନ୍ୟା ଓ ବର ଭାବେ ଗଣବିବାହରେ ଅଭିନୟ କରିବା ଲାଗି ୨୦୦ ଯୋଡ଼ିଙ୍କୁ ୫୦୦ରୁ ୨୦୦୦ ଟଙ୍କା ଯାଏ ଦିଆଯାଇଥିଲା ବୋଲି ଜଣାପଡ଼ିଛି । ଏଭଳି ଗଣବିବାହରେ ଭାଗନେଇଥିବା ପ୍ରତ୍ୟେକ କନ୍ୟା ପାଇଁ ମୋଟ୍ ୫୧ ହଜାର ଟଙ୍କା ସରକାରୀ ସ୍ତରରେ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି ସରକାରୀ ସହାୟତା ଯେତେବେଳେ ଅନେକ ଶହ ମହିଳାଙ୍କ ନାମରେ ରାଜକୋଷରୁ ଦିଆଯାଉଛି, ସେତେବେଳେ ସେହି ପରିମାଣ ଏକ ବିରାଟ ରୂପ ଧାରଣ କରୁଛି । ସମ୍ଭବତଃ ଏହିଭଳି ବିବାହ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ହୋଇ ଆସୁଛି । କିନ୍ତୁ କୌଣସି ଗଣମାଧ୍ୟମ ଏଭଳି ଘଟଣାକୁ ପୂର୍ବରୁ ଲୋକଲୋଚନକୁ ଆଣି ନ ଥିଲା । ୨୫ ଜାନୁଆରୀ ବଲିଆ ଘଟଣାକୁ ଆଶ୍ଚର୍ଯ୍ୟଜନକ ଭାବେ ଆଦାନୀ କମ୍ପାନୀର ଏନ୍‌ଡିଟିଭି ମାଧ୍ୟମରେ ଦେଶବାସୀ ଜାଣିବାକୁ ପାଇଲେ । ପରବର୍ତ୍ତୀ ସମୟରେ ଅନ୍ୟ ଗଣମାଧ୍ୟମରେ ମଧ୍ୟ ଏହି ଖବର ବହୁଳ ପ୍ରସାରିତ ହୋଇଥିଲା । କେତେକ ସୂତ୍ରରୁ କୁହାଗଲା ଯେ, ଗୁଜରାଟୀ ବ୍ୟବସାୟୀ ଆଦାନୀଙ୍କ ଚାନେଲ ମାଧ୍ୟମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବଦ୍‌ନାମ କରିବା ପାଇଁ ଏହା ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଆରମ୍ଭ ମାତ୍ର । ଆସନ୍ତା ଦିନମାନଙ୍କରେ ଆଉ କେତେକେ ଏହିଭଳି ଦୋଷାରୋପ ଆଣି ଆଦିତ୍ୟନାଥଙ୍କୁ ବଦ୍‌ନାମ କରିବା ପାଇଁ ଚେଷ୍ଟା କରାଯାଇପାରେ । ସମସ୍ତେ ଜାଣନ୍ତି ଯେ, କଂଗ୍ରେସ, ସମାଜବାଦୀ ପାର୍ଟି କିମ୍ବା ଅନ୍ୟ କୌଣସି ଅଣ ଭାଜପା ଦଳର ଇଙ୍ଗିତରେ ଏନ୍‌ଡିଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତ କରେ ନାହିଁ । ସେଥିପାଇଁ ଅନ୍ୟ କ୍ଷମତାର ପ୍ରଭାବ ପଡ଼ିଥାଇପାରେ । ତେବେ କେବଳ ରାଜନୀତିରେ ଏହି ଘଟଣାକୁ ସୀମିତ କରିଦେବା ଅନୁଚିତ ହେବ ।

> ଯେକୌଣସି ମତେ ଏବଂ ଯେଉଁ ପ୍ରକାରର ଆବଶ୍ୟକତା ଉପୁଜୁଛି ତାହାର ଲାଭ ଉଠାଇବାକୁ ଯାଇ ଅସତ୍ୟ କିମ୍ବା ଜାଲିଆତି ମାଧ୍ୟମରେ ଅର୍ଥ ଲାଭ କରିବା କାହାରିକୁ ବିଚଳିତ କରୁନାହିଁ । ଯଦି କୌଣସି ଅର୍ଥ ପକେଟରେ ପଶିଲା ତେବେ ସବୁ ପ୍ରକାର ଅନୈତିକ କାର୍ଯ୍ୟ କରିବା ପାଇଁ ଆଜିର ଅଧିକାଂଶ ଭାରତୀୟ ଯୁବତୀଯୁବକ ପ୍ରସ୍ତୁତ ହୋଇଯାଉଛନ୍ତି ।

ବଲିଆର ଗଣବିବାହ ବହୁଭାବରେ ସାଧାରଣ ଭାରତୀୟଙ୍କ ଏବକାର ଚରିତ୍ର ଦର୍ଶାଉଛି । ପୂର୍ବରୁ ସିନେମାରେ ମିଛିମିଛିକା ବିବାହର ଦୃଶ୍ୟରେ ଭାଗନେବାକୁ ଭାରତୀୟ ତାରକାମାନେ ଅନିଚ୍ଛୁକ ହେଉଥିଲେ । ତାହାର କାରଣ ହେଲା ଏହି ସଂସ୍କୃତିରେ ନାରୀର ହାତ ଧରି ସାତଫେରା କରିଲେ ଅନେକ ଦାୟିତ୍ୱ ଉଭୟଙ୍କ ଉପରେ ଆସିଯାଏ, ଯାହା କି ଏକ ପବିତ୍ର ବନ୍ଧନ ବୋଲି ବିବେଚିତ ହେଉଥିଲା । ଅର୍ଥାତ୍ ବିବାହର ଅଭିନୟ କରିବାକୁ ଅନେକେ ଭୟ କରୁଥିଲେ । ଆଜିର ସାମାଜିକ ପରିସ୍ଥିତିରେ ସେଭଳି ଭୟ କାହାରି ମନରେ ଦିଶୁନାହିଁ । ଯେକୌଣସି ମତେ ଏବଂ ଯେଉଁ ପ୍ରକାରର ଆବଶ୍ୟକତା ଉପୁଜୁଛି ତାହାର ଲାଭ ଉଠାଇବାକୁ ଯାଇ ଅସତ୍ୟ କିମ୍ବା ଜାଲିଆତି ମାଧ୍ୟମରେ ଅର୍ଥ ଲାଭ କରିବା କାହାରିକୁ ବିଚଳିତ କରୁନାହିଁ । ଯଦି କୌଣସି ଅର୍ଥ ପକେଟରେ ପଶିଲା ତେବେ ସବୁ ପ୍ରକାର ଅନୈତିକ କାର୍ଯ୍ୟ କରିବା ପାଇଁ ଆଜିର ଅଧିକାଂଶ ଭାରତୀୟ ଯୁବତୀଯୁବକ ପ୍ରସ୍ତୁତ ହୋଇଯାଉଛନ୍ତି । ଏହି ରୋଗ କେବଳ ଯୁବପିଢ଼ିରେ ସୀମିତ ରହୁନାହିଁ । ଅର୍ଥ ଅର୍ଜନ କରୁଥିବା ପିଲାଙ୍କୁ ତାଙ୍କର ମାତାପିତା ସବୁ ପ୍ରକାରର ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇ ରହୁଛନ୍ତି । ଆପତ୍ତି କରିବାର ସୁଯୋଗ ଉପୁଜୁ ନାହିଁ ।

ଉତ୍ତର ପ୍ରଦେଶର ଗଣବିବାହର ଭିଡିଓ ଦେଖିଲେ ସେଠାରେ ଥିବା ଯୁବତୀମାନେ ଯେଉଁଭଳି ନିଜ ବେକରେ ନିଜେ ଫୁଲମାଳ ପକାଉଥିଲେ ସେଥିରୁ ସ୍ପଷ୍ଟ ବୁଝାପଡୁଥିଲା ଯେ, ଏହି ଦେଶର ଆଜିର ସମାଜରେ ନରନାରୀ ଭିତରେ କୌଣସି ତଫାତ୍ ରହିଲା ନାହିଁ । ଯଦି ଏହି ବିଷୟଟି ପଦାକୁ ଆସିପାରିଲା ତାହାର ଏକମାତ୍ର କାରଣ ହେଲା ଅର୍ଥ ପାଇବା ପ୍ରତିଶ୍ରୁତି ମିଳିଥିବା କେତେଜଣ ଯୁବକଙ୍କୁ ସନ୍ତୋଷଜନକ ଟଙ୍କା ମିଳିଲା ନାହିଁ । ଚୋର ଗୋଷ୍ଠୀ ଭଳି ଅର୍ଥ ଦେବାନେବାରେ ବୁଝାମଣା ହୋଇପାରୁ ନ ଥିବା ହେତୁ ଜାଲିଆତିଟି ଧରାପଡ଼ିଲା । ଏହା କେବଳ ଉତ୍ତର ପ୍ରଦେଶ କିମ୍ବା ଗଣବିବାହରେ ଆଜିର ଭାରତୀୟ ଚରିତ୍ରର ଉଦାହରଣ ନୁହେଁ । ଏଭଳି ଅସତ୍ୟ ଉପରେ ଆଧାରିତ ଦୁର୍ନୀତିରେ ସମସ୍ତେ ସବୁଆଡ଼େ ଲିପ୍ତ ଅଛନ୍ତି । ଯେଉଁମାନେ କୌଣସି ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ ହୋଇପାରି ନାହାନ୍ତି, ସେମାନେ ଏହିଭଳି ଭିଡିଓ କିମ୍ବା ଲେଖା ପ୍ରସ୍ତୁତ କରି ନିଜର ଅପାରଗତା ପ୍ରଦର୍ଶନ କରୁଛନ୍ତି । ଆଜିର ଭାରତରେ ଏହିଭଳି ଅପାରଗ ନାଗରିକ ବାସ୍ତବ ରାମ ରାଜ୍ୟ ସୃଷ୍ଟି କରିପାରିବେ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | 5 |
| | | | 9 | 3 | | 7 | | 6 |
| | | | | | 2 | 3 | | |
| | 8 | 4 | | | | | 3 | 7 |
| 1 | 2 | | | | 4 | | | |
| | | 3 | | | | | | |
| 5 | | | 1 | | | | | |
| | 9 | 8 | | | | | 7 | |
| | | | 6 | 5 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 9 | 5 | 2 | 3 | 1 | 7 |
| 7 | 9 | 5 | 3 | 4 | 1 | 2 | 6 | 8 |
| 1 | 2 | 3 | 7 | 8 | 6 | 4 | 5 | 9 |
| 4 | 3 | 9 | 6 | 1 | 5 | 7 | 8 | 2 |
| 5 | 7 | 2 | 8 | 9 | 3 | 6 | 4 | 1 |
| 8 | 1 | 6 | 2 | 7 | 4 | 9 | 3 | 5 |
| 2 | 8 | 4 | 1 | 3 | 9 | 5 | 7 | 6 |
| 9 | 5 | 1 | 4 | 6 | 7 | 8 | 2 | 3 |
| 3 | 6 | 7 | 5 | 2 | 8 | 1 | 9 | 4 |

ଗତକାଲିର ଉତ୍ତର

# ଈଶ୍ୱରଙ୍କ ସନ୍ଧାନରେ



ଡ. ନରେନ୍ଦ୍ର ସେଠୀ

ଆମ ବିଶ୍ୱାସ ଅନୁଯାୟୀ ସର୍ବନିୟନ୍ତା ଈଶ୍ୱରଙ୍କୁ ଜନ୍ମଦେଲା କିଏ ? ଶାସ୍ତ୍ର ପୁରାଣ ଅନୁଯାୟୀ ଏହାର ବ୍ୟାଖ୍ୟା କରାଯାଇପାରେ, ମାତ୍ର ବିଜ୍ଞାନ ଅନୁସାରେ ଈଶ୍ୱରଙ୍କ ଜନ୍ମ ରହସ୍ୟ ଖୋଜିବାରେ ମଣିଷ ଲାଗି ପଡ଼ିଛି । ବିଶ୍ୱ ବ୍ରହ୍ମାଣ୍ଡ ନିର୍ମାଣ ହେବା ପୂର୍ବର ବିଗ୍ ବ୍ୟାଙ୍ଗ୍ ବିସ୍ଫୋରଣକୁ ପୁନଃ ନକଲ କରିବା ପାଇଁ ନ୍ୟୁଟ୍ରନଗୁଡ଼ିକୁ ସୁଇଜରଲାଣ୍ଡର ଭୂମିଗତ ପ୍ରୟୋଗଶାଳା ଭିତରେ ଧକ୍କାକରି ଚମତ୍କାରୀ ଈଶ୍ୱରୀୟ କଣିକା ବା ଗଡ୍ ପାର୍ଟିକିଲକୁ ଆବିଷ୍କାରକରି ଈଶ୍ୱରଙ୍କ ବ୍ରହ୍ମାଣ୍ଡ ସୃଷ୍ଟିର ଗୁପ୍ତ ରହସ୍ୟ ଉନ୍ମୋଚନ କରିବାକୁ ମଣିଷ ତତ୍ପର ହୋଇଛି । ବିଜ୍ଞାନର ଚରମ ଅଗ୍ରଗତି ହୋଇ ଆମେ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ପହଞ୍ଚିଥିଲେ ମଧ୍ୟ ବିଶ୍ୱ ବ୍ରହ୍ମାଣ୍ଡର ସଂରଚନା ବିଷୟରେ ସମ୍ୟକ ଧାରଣା ପ୍ରାପ୍ତ କରିଛୁ ମାତ୍ର । ଏହାର କାରଣ ହେଲା ଆମେ ଯେଉଁ ଦୃଶ୍ୟମାନ ଜଗତ ଦେଖୁଛୁ, ତାହା ବ୍ରହ୍ମାଣ୍ଡର ମାତ୍ର ୫ ପ୍ରତିଶତ ଓ ଅବଶିଷ୍ଟ ୯୫ ପ୍ରତିଶତ ଜିନିଷ ଯାହା ଆମେ ଦେଖିପାରୁ ନାହୁଁ ଯାହାକୁ ଅନ୍ଧକାର ପଦାର୍ଥ ଓ ଅନ୍ଧକାର ଶକ୍ତି କୁହାଯାଇଥାଏ । ତା'ହେଲେ ବିଶ୍ୱର ସେହି ୯୫ ପ୍ରତିଶତ ଦୁନିଆରେ କିଏ ଅଛି ? ସେଠି କ'ଣ ଈଶ୍ୱର ବାସକରନ୍ତି କିମ୍ବା ଖୁବ୍ ଅତ୍ୟାଧୁନିକ ପରଗ୍ରହୀ ସଭ୍ୟତା ଅଛି ? ଏ ପ୍ରଶ୍ନର ଉତ୍ତର ସେତିକି ଜଟିଳ ଯେମିତି ଅଥଳ ସମୁଦ୍ର ଭିତରୁ ଏକ ନିର୍ଦ୍ଦିଷ୍ଟ ହଜିଲା ଜିନିଷକୁ ଖୋଜିବା ପରି । ଏହାର କାରଣ ହେଲା ଏ ବ୍ରହ୍ମାଣ୍ଡ ଏତେ ବିଶାଳ ଓ ବୃହତ୍ ଯେ ଖାଲି ଆଖିରେ ଦେଖାଯାଉଥିବା ମିଞ୍ଜି ମିଞ୍ଜି ତାରାଗୁଡିକ ଯାହାଙ୍କ ଆୟତନ ସୂର୍ଯ୍ୟର ଆୟତନ ଠାରୁ ଅନେକ ଗୁଣ ବେଶି ସେଠାକୁ ଯିବା ପାଇଁ ମଧ୍ୟ ମଣିଷ ଉପଯୁକ୍ତ ଯାନ ପ୍ରସ୍ତୁତ କରି ପାରିନାହିଁ । ଏହାକୁ ଏକ ଛୋଟିଆ ଉଦାହରଣ ଦେଇ ବୁଝାଯାଇପାରେ ।

ଆମେରିକାର ନାସା ତରଫରୁ ଭଏଜର-୨ ଯାନ କାର୍ଯ୍ୟକ୍ରମ ଯାହା ୧୯୭୭ରେ ମହାକାଶକୁ ପ୍ରେରଣ କରାଯାଇଥିଲା ତାହା ୫୫୩୪୩ କି.ମି. ଘଣ୍ଟା ପ୍ରତି ଗତି କରୁଥିଲେ ମଧ୍ୟ ଏହାକୁ ସୌର ମଣ୍ଡଳ ଅତିକ୍ରମକରି ବାହାରକୁ ଯିବା ପାଇଁ ଆହୁରି ୪୦ ହଜାର ବର୍ଷ ଲାଗିଯିବ । ଅନ୍ୟ ଅର୍ଥରେ ବୁଝିବାକୁ ହେଲେ ଏହି ଭଏଜର-୨ ଆମ ସୌରମଣ୍ଡଳଠାରୁ ଅତି ନିକଟତମ ତାରା ପ୍ରକ୍ସିମା ସେଣ୍ଟାଉରି ପର୍ଯ୍ୟନ୍ତ ଥିବା ଦୂରତାର ମାତ୍ର ଅଧା ବାଟ ଅତିକ୍ରମ କରିଛି । ଏହାର ଅର୍ଥ ହେଲା ଯଦି ଈଶ୍ୱର କିମ୍ବା ଅତି ଆଧୁନିକ ସଭ୍ୟତା ଯାହା ଦୃଶ୍ୟମାନ ବ୍ରହ୍ମାଣ୍ଡର ଆରପାର୍ଶ୍ୱରେ କୋଉଁଠି ଅପହଞ୍ଚ ଇଲାକାରେ ଅଛନ୍ତି, ବିଜ୍ଞାନର ସବୁ ପ୍ରଗତିଶୀଳ ଜ୍ଞାନ କୌଶଳ ଲାଗିଲେ ମଧ୍ୟ ଗୋଟିଏ ମଣିଷ ସଭ୍ୟତାର ଆୟୁ ପକ୍ଷରେ ତାଙ୍କ ପାଖରେ ପହଞ୍ଚିବା ଅସମ୍ଭବ ଲାଗେ । ତା'ମାନେ



ଠିକ୍ ଧର୍ମଶାସ୍ତ୍ରର ମତ ପରି ଈଶ୍ୱର ଏତେ ସହଜରେ ପ୍ରାପ୍ତ କରିବା ଭଳି ଜିନିଷ ନୁହନ୍ତି ! ତା'ହେଲେ ଈଶ୍ୱରଙ୍କୁ ବିଜ୍ଞାନ କେମିତି ଖୋଜି ପାଇବ ?

ବିଜ୍ଞାନ ଅନୁସାରେ ଆମେ ଜାଣିଛୁ, ସାଢେ ୧୩ଶହ କୋଟି ବର୍ଷ ପୂର୍ବେ ଏକ ବିରାଟ ବିସ୍ଫୋରଣ ବିଗ୍ ବ୍ୟାଙ୍ଗ୍‌ରୁ ଆମ ବ୍ରହ୍ମାଣ୍ଡର ସୃଷ୍ଟି ହେଲା । ମାତ୍ର ଏହି ବିସ୍ଫୋରଣର କାରକ, କାରଣ ଓ ଉତ୍ସ ସମସ୍ତଙ୍କୁ ଅଜଣା । ତେବେ କିଛି ବର୍ଷ ପୂର୍ବେ ସୁଇଜରଲାଣ୍ଡର ସର୍ନ ଲାବରେଟୋରିରେ ଆବିଷ୍କୃତ ବ୍ରହ୍ମାଣ୍ଡର ମୌଳିକ କଣିକା ହିଗ୍ସ ବୋସନକୁ ଜାଣିଲା ପରେ ମଣିଷ ଆହୁରି ଚକିତ ହେଲା । ଏହି ହିଗ୍ସ ବୋସନ ପରମାଣୁ ତିଆରି କରିବାର ମୁଖ୍ୟ ଓ ଏକମାତ୍ର ମୌଳିକ ଉପାଦାନ ହୋଇଥିବାରୁ ସମଗ୍ର ବ୍ରହ୍ମାଣ୍ଡକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏହି ଆଶ୍ଚର୍ଯ୍ୟ କଣିକାକୁ ଗଡ୍ ପାର୍ଟିକିଲ ବା ଈଶ୍ୱର କଣିକା କୁହାଗଲା । ଏହି ଈଶ୍ୱର କଣିକା ଯାହାକୁ ୫୦ ବର୍ଷ ତଳେ ବିଜ୍ଞାନ ଅନୁମାନ ଲଗାଇ ସାରିଥିଲା, ୨୦୧୨ ମସିହାରେ ଆବିଷ୍କୃତ କରାଗଲା । ଏହି ଈଶ୍ୱରୀୟ କଣିକାକୁ ଦେଖି ହେବ ନାହିଁ କି ଖୋଜି ହେବ ନାହିଁ । ଏହାକୁ କେବଳ ନ୍ୟୁଟ୍ରନଗୁଡ଼ିକୁ ଆଲୋକ ସାମନ ବେଗ ପରି ଗତିକରାଇ ଧକ୍କା କଲେ ଏହା ଆବିର୍ଭାବ ହୋଇ ପୁଣି ଅନ୍ତର୍ଦ୍ଧାନ ହୋଇଯାଏ । ଏହି ଆଶ୍ଚର୍ଯ୍ୟଜନକ କଣିକା ହେଉଛି ସମଗ୍ର ବିଶ୍ୱର ମୂଳଦୁଆ ...ଈଶ୍ୱର ??? ତେବେ ଈଶ୍ୱରଙ୍କ ଅବସ୍ଥିତି ଉପରେ ସନ୍ଦେହ କରୁଥିବା ବିଜ୍ଞାନ କ'ଣ ନିଜ ଅଜାଣତରେ ଈଶ୍ୱରୀୟ କଣିକା ବା ଗଡ୍ ପାର୍ଟିକିଲ ଆଳରେ ଈଶ୍ୱରଙ୍କୁ ଆବିଷ୍କାର କରିଦେଲା ? ଏହା ତର୍କର ବିଷୟ ! ହଁ , ଏହା ସତ୍ୟ ଯେ ଏପର୍ଯ୍ୟନ୍ତ ଯୁଗ ଯୁଗ ଧରି ଈଶ୍ୱରଙ୍କ ସହ ସାମ୍ନାସାମ୍ନି ହୋଇଥିବା ଯୁଗ ପ୍ରବର୍ତ୍ତକ ଓ ସାଧୁ ସନ୍ନ୍ୟାସୀମାନେ ମଧ୍ୟ କେବଳ ନିମିଷକ ପାଇଁ ହିଁ ଈଶ୍ୱରଙ୍କ ସୃଷ୍ଟିକୁ ହୃଦୟଙ୍ଗମ କରିବାର ସୌଭାଗ୍ୟ ଲାଭ କରିଥାନ୍ତି ବୋଲି କୁହାଯାଏ । ବୋଧହୁଏ ଈଶ୍ୱରଙ୍କୁ ପ୍ରାପ୍ତ କରିବା ଏକ କଷ୍ଟକର ଓ କଠିନ ସାଧନାଯୁକ୍ତ ଉପାୟ ଯାହା ପ୍ରାଚୀନ ହିନ୍ଦୁଧର୍ମ ଶାସ୍ତ୍ରରେ ବର୍ଣ୍ଣନ ଅଛି ଓ ଆଧୁନିକ ବିଜ୍ଞାନ ପକ୍ଷରେ ମଧ୍ୟ ଠିକ୍ ସେଇଆ ପ୍ରମାଣିତ ହେଉଛି ।

ଖାଲି ସେତିକି ନୁହେଁ, ହିନ୍ଦୁ ପୁରାଣ ଶାସ୍ତ୍ରରେ କୋଟି ବ୍ରହ୍ମାଣ୍ଡ ବା ଅନେକ ବ୍ରହ୍ମାଣ୍ଡ ଥିବାର ବର୍ଣ୍ଣନା ଦେଖିବାକୁ ମିଳିଥାଏ ଓ ଭିନ୍ନ ଭିନ୍ନ ବ୍ରହ୍ମାଣ୍ଡରେ ଅଲଗା ଅଲଗା ଉପାଦାନ ଥାଏ । କିଛି ବ୍ରହ୍ମାଣ୍ଡରେ ପରିସ୍ଥିତି ଜୀବନ ପାଇଁ ଅନୁକୂଳ ହୋଇ ନ ଥାଏ ଓ ସେଠି ରହୁଥିବା ସଭ୍ୟତା ପୃଥିବୀଠାରୁ ଅଲଗା ହୋଇପାରେ । କିନ୍ତୁ ସେ ଯାହା ହେଉ ଏକ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ପ୍ରକୃତିର ଅପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ ଓ ଏପରି ଅନେକ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ଅକଳ୍ପନୀୟ ଶକ୍ତି ସଞ୍ଚାରର ଆବଶ୍ୟକ ହୋଇଥିବ । ତା'ହେଲେ ଏସବୁକୁ ଖୁବ୍ ଶାଳୀନତାର ସହ ସନ୍ତୁଳିତକରି ଗଢ଼ି ତୋଳିଥିବା ସେହି ଅଦୃଶ୍ୟ ଶକ୍ତି ବୋଧେ ଈଶ୍ୱର ! କିନ୍ତୁ ଏକଥା ସତ୍ୟ ଯେ ଈଶ୍ୱର କେବେ ସଶରୀରେ ନିଜ ଅସ୍ତିତ୍ୱର ପ୍ରମାଣ ଦେବାକୁ ଆସି ବିଜ୍ଞାନ ଆଗରେ ଦଣ୍ଡାୟମାନ ହେବେନି, ତେବେ ବ୍ରହ୍ମାଣ୍ଡର ଜଟିଳତା ଓ ସନ୍ତୁଳିତ ସଚାଳନା ବିଷୟରେ ଯେପର୍ଯ୍ୟନ୍ତ ଠୋସ୍ ଯୁକ୍ତି ଓ ପ୍ରମାଣ ନ ଦେଇପାରିଛି, ଅନ୍ତତଃ ସେଯାଏ ବିଜ୍ଞାନକୁ ଅଦୃଶ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାକୁ ବାଧ୍ୟ । ଏଠାରେ ଆଉ ଏକ ତଥ୍ୟ ଉଲେଖ୍ୟ କରିବା ଉଚିତ ହେବ ଯେ ମଣିଷର ଆଧୁନିକ ବିଜ୍ଞାନ, ଇତିହାସ ମାତ୍ର କେତେଶହ ବର୍ଷର ଓ ଯେଉଁ ଗତିରେ ବୈଜ୍ଞାନିକ ଜ୍ଞାନକୌଶଳ ଅଗ୍ରଗତିକରି ଚାଲିଛି ଆଉ କେତେ ଶହ ବର୍ଷ ପରେ ମଣିଷ ବର୍ତ୍ତମାନର ସଭ୍ୟତାଠାରୁ ଅଧିକ ଅଗ୍ରସର ହୋଇସାରିଥିବ । ଆଉ କେତେ ହଜାର ବର୍ଷ ପରେ ମଣିଷ ସଭ୍ୟତା ନିଜ ନିକଟବର୍ତ୍ତୀ ତାରାମାନଙ୍କ ସୌରଶକ୍ତି ଉପଯୋଗକରି ଆଗ୍ନେୟ ଉଦ୍‌ଗିରଣ, ଝଡ଼ ବାତ୍ୟା ଓ ଭୂମିକମ୍ପକୁ ନିୟନ୍ତ୍ରଣ କରିବାର କ୍ଷମତା ହାସଲ କରିସାରିଥିବ । ମଣିଷ ପୁଣି ଆଗେଇ ଚାଲିବ ଓ ନିଜର ବୈଜ୍ଞାନିକ ଉତ୍କୃଷ୍ଟତା ଜାରି ରଖି ନିକଟବର୍ତ୍ତୀ ସୌରମଣ୍ଡଳର ସମ୍ପୂର୍ଣ୍ଣ ଶକ୍ତିକୁ ଅକ୍ତିଆର କରିନେବ । ଏଥିପାଇଁ ଏମାନେ ହୁଏତ ତାରକାମାନଙ୍କ ଚାରିପଟେ ଏକ ବଡ଼ ଗୋଲାକୃତି ତିଆରିକରି ସବୁ ଶକ୍ତିକୁ ଉପଯୋଗ କରିବାରେ ସକ୍ଷମ ହେବେ ଓ ସେଇଠି ବାସ କରିପାରିବ । ବିଜ୍ଞାନର ଏହି ଅବସ୍ଥାରେ ପହଞ୍ଚିବାକୁ ପାଖାପାଖି ୩୦୦୦ ବର୍ଷ ଲାଗି ଯାଇପାରେ । ସେତେବେଳକୁ ମଣିଷ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ମନ ଇଚ୍ଛା ପରିବର୍ତ୍ତନ କରିବାରେ ସକ୍ଷମ ହୋଇ ଶେଷରେ ନିଜକୁ ପୁରାଣ ବର୍ଣ୍ଣିତ ଦେବତାମାନଙ୍କ ସମକକ୍ଷ କରି ପାରିବ ଓ ଯେଉଁ ଅଦୃଶ୍ୟ ବ୍ରହ୍ମାଣ୍ଡରେ ଈଶ୍ୱର ରହିଲେ ମଧ୍ୟ ସେଥରେ ପହଞ୍ଚି ତାଙ୍କୁ ଦର୍ଶନ କରିବାକୁ ସମୟ ମାଗିବ ।

**ଯାଦୁଗୁଡ଼ା, ପୂର୍ବ ସିଂହଭୂମ , ଝାଡ଼ଖଣ୍ଡ**
**ମୋ: ୭୦୦୪୦୬୮୧୧୦**

# ପିଲାଏ ବଡ଼ ସମ୍ପତ୍ତି



ଯଦୁମଣି ପାଣିଗ୍ରାହୀ

ଲୋକମୁଖରୁ ଗୋଟେ କଥା ଶୁଣିବାକୁ ମିଳିଥାଏ ଯେ, ପିଲାଏ ଯେବେ ଯୋଗ୍ୟ, ତେବେ ସେମାନଙ୍କ ପାଇଁ ଧନ ସଞ୍ଚୟ କରିବାର ଆବଶ୍ୟକତା ନାହିଁ । ସେହିପରି ପିଲାଏ ଯେବେ ଅଯୋଗ୍ୟ, ତେବେ ସେମାନଙ୍କ ପାଇଁ ବି ଧନ ସଞ୍ଚୟ କରିବାର ଆବଶ୍ୟକତା ନାହିଁ । ବିସ୍ତୃତ ଭାବେ କହିଲେ ଏହାର ଅର୍ଥ ହେଉଛି ପିଲାଏ ଯେବେ ପାଠଶାଠ ପଢ଼ି ନିଜକୁ ଯୋଗ୍ୟ ଓ ସମର୍ଥ କରି ଗଢ଼ିତୋଳି ପାରିଲେ ତେବେ ସେହି ଯୋଗ୍ୟତା ବଳରେ ସେମାନେ ରୋଜଗାରକ୍ଷମ ହୋଇପାରିବେ ଓ ଧନ ସମ୍ପତ୍ତି ଅର୍ଜନ କରିବାକୁ ବି ସକ୍ଷମ ହୋଇପାରିବେ । ତେଣୁ ସେମାନଙ୍କ ମାତାପିତାଙ୍କୁ ଆଉ ସେମାନଙ୍କ ପାଇଁ ଧନ ସଞ୍ଚୟ କରି ରଖିବାର ପ୍ରୟୋଜନ ନାହିଁ । ଅନ୍ୟପକ୍ଷେ ପିଲାଏ ଯେବେ ଅଯୋଗ୍ୟ ଓ ଅକର୍ମା ହେଲେ ତେବେ ସେମାନଙ୍କ ପାଇଁ ବି ଧନ ସଞ୍ଚୟ କରି ରଖିବାର ପ୍ରୟୋଜନ ନାହିଁ । କାରଣ ସେମାନଙ୍କ ମାତାପିତାଙ୍କ ଦ୍ୱାରା ସଞ୍ଚିତ ଧନକୁ ଅଚିରେ ବା ଅନାୟାସରେ ନଷ୍ଟଭ୍ରଷ୍ଟ କରିବାକୁ ସେମାନଙ୍କୁ ବେଶି ଦିନ ଲାଗିବ ନାହିଁ । ସତରେ ଲୋକମୁଖରୁ ଶୁଣା ଯାଉଥିବା ଉକ୍ତ କଥା ବେଶ୍ ମୂଲ୍ୟବାନ ଓ ଏଥିରେ ଯଥେଷ୍ଟ ଗୁରୁତ୍ୱ ରହିଛି । ପିଲାମାନଙ୍କୁ ପାଠଶାଠ ପଢ଼ାଇ ଯୋଗ୍ୟ ଓ ସମର୍ଥ କରି ଗଢ଼ି ତୋଳିବାରେ ମାତାପିତାଙ୍କ ଭୂମିକାକୁ ଭାଷାରେ ବ୍ୟକ୍ତ କରିବା ବୋଧେ ସମ୍ଭବପର ନୁହେଁ । କେତେ ଯେ ଶ୍ରମ ଓ ତ୍ୟାଗ ସ୍ୱୀକାର କରି ମାତାପିତା ସେମାନଙ୍କ ପିଲାଙ୍କୁ ମଣିଷ କରିଥାନ୍ତି ତାହା କେବଳ ଜଣେ ଅନୁଭବୀ ହିଁ ହୃଦୟଙ୍ଗମ କରିପାରିବ । ବିଶେଷକରି ନିମ୍ନ ଓ ନିମ୍ନମଧ୍ୟବିତ୍ତ ପରିବାରର ମାତାପିତାଙ୍କ କ୍ଷେତ୍ରରେ ଏହା ଏକ ସାଧନା ସଦୃଶ ସାବ୍ୟସ୍ତ ହୋଇଥାଏ । ପ୍ରକୃତକଥା ହେଉଛି ଧନୀ କି ଗରିବ ନିର୍ବିଶେଷରେ ପିଲାଙ୍କୁ ପାଠଶାଠ ପଢ଼ାଇ ଓ ଉପଯୁକ୍ତ ସଂସ୍କାର ପ୍ରଦାନ କରି ଭଲ ମଣିଷ କରିବାର ମାନସିକତା ସମସ୍ତଙ୍କର ନ ଥାଏ । ଶିକ୍ଷା ପ୍ରାପ୍ତ ହୋଇଥିବା ବା ହୋଇ ନ ଥିବା ନିର୍ବିଶେଷରେ ପାଠ ପ୍ରତି ଯେଉଁମାନଙ୍କର ଶ୍ରଦ୍ଧା ବା ଅନୁରାଗ ଥାଏ କେବଳ ସେହିମାନେ ହିଁ ପାଠର ମର୍ଯ୍ୟାଦାକୁ ବୁଝିପାରନ୍ତି ଓ ସେମାନଙ୍କ ପିଲାଙ୍କୁ ଆବଶ୍ୟକ ଶିକ୍ଷାଦୀକ୍ଷା ଦେଇ ମଣିଷ କରିବାର ଆଶା ମନରେ ପୋଷଣ କରିଥାନ୍ତି । ଆଜିକାଲି ଗୋଟେ କଥା ଦେଖିବାକୁ ମିଳୁଛି ଯେ, ଅଧିକାଂଶ ଲୋକ ଧନସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା ଓ ପ୍ରତିପତ୍ତିରେ ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ କରିବାକୁ ଦିନରାତି ପ୍ରୟାସ ଜାରି ରଖିଛନ୍ତି । ସେଥିପାଇଁ ପ୍ରଥମେ ନିଜର ଆର୍ଥିକ ସ୍ଥିତିକୁ ଦୃଢ଼ କରିବା, ଜାଗା ଖଣ୍ଡେ କିଣି କୋଠା ଘରଟିଏ ନିର୍ମାଣ କରିବା ସର୍ବୋପରି ଗାଡ଼ି ଓ ଗୃହୋପକରଣ ସାମଗ୍ରୀ କ୍ରୟ କରିବାରେ ପ୍ରାୟତଃ ସମସ୍ତେ ତତ୍ପର । ଆଉ ଏଥିପାଇଁ ଏବେ ଏକପ୍ରକାର ପ୍ରତିଯୋଗିତା ଯେମିତି ଚାଲିଛି । ଚା'ଜଳଖିଆ ଦୋକାନ କି ବଜାରହାଟରେ ଲୋକେ ମୁଖ୍ୟତଃ ନିଜର ରୋଜଗାର, ଅର୍ଜିତ ଧନ ସମ୍ପତ୍ତି ଓ ଭବିଷ୍ୟତର ଯୋଜନାକୁ ନେଇ ବେଶ୍ ଆଲୋଚନା କରିଥାନ୍ତି । ଅଥଚ ନିଜ ପିଲାମାନଙ୍କ ପାଠପଢ଼ା, ସେମାନଙ୍କ ଚାଲିଚଳନ, କଥାବାର୍ତ୍ତା ଓ ଆଚାର ବ୍ୟବହାର ସର୍ବୋପରି ସେମାନଙ୍କ ଭବିଷ୍ୟତର



କର୍ମପନ୍ଥାକୁ ନେଇ କେବେ କାହା ସହ ବିଚାର ଆଲୋଚନା କରିବା କିମ୍ବା କାହାର ପରାମର୍ଶ ନେବାକୁ ଏତେଟା ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଅସଲରେ ସେମାନଙ୍କ ପିଲାଏ ହେଉଛନ୍ତି ସେମାନଙ୍କର ବଡ଼ ସମ୍ପତ୍ତି, ଏ କଥା ସେମାନେ ବୋଧହୁଏ ନିଜ ଭାବନାକୁ ଆଣନ୍ତି ନାହିଁ । ପ୍ରକୃତପକ୍ଷେ ଯେଉଁମାନଙ୍କୁ ନେଇ ଛାତିଟା ଗର୍ବରେ ଫୁଲିଉଠେ ଏବଂ ଯେଉଁମାନେ ଭବିଷ୍ୟତର ସ୍ୱପ୍ନ ଓ ସମ୍ଭାବନା ସେମାନେ ବୋଧେ ହେଉଛନ୍ତି ନିଜର ପିଲା । ଆଗାମୀ କାଲିର କର୍ଣ୍ଣଧାର । ଏକ ସୁସ୍ଥ, ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଠନରେ ଯେଉଁମାନେ ସାଜିବେ ମୁଖ୍ୟ ପୁରୋଧା ।

ଆମ ଦ୍ୱାରା ଅର୍ଜିତ ଧନସମ୍ପତ୍ତି ହୁଏତ ଆଜିର ସମୟରେ ଆମର ଆବଶ୍ୟକତା ଦୃଷ୍ଟିରୁ ଯଥେଷ୍ଟ ହୋଇପାରେ, ହେଲେ ଆଗାମୀ ପରିବର୍ତ୍ତିତ ସମୟରେ ଏହା ଆମ ପିଲାମାନଙ୍କ ପାଇଁ ଯେ ଯଥେଷ୍ଟ ହେବ ସେ କଥା କହିହେବନି । ଆଗାମୀ କାଲିର ଦିନଗୁଡ଼ିକ ସେମାନଙ୍କ ଲାଗି ଯେ, ବଡ଼ ଆହ୍ୱାନ ସୃଷ୍ଟି ନ କରିବ ସେ କଥା କିଏ କହିପାରିବ । ସେହିପରି ଆଜିର ସମାଜରେ ଲୋକଙ୍କ ମଧ୍ୟରେ ଯେଭଳି ନୈତିକ ମୂଲ୍ୟବୋଧ ଓ ମଣିଷପଣିଆର ଦ୍ରୁତ ଅବକ୍ଷୟ ଘଟିବାରେ ଲାଗିଛି, ଦିନକୁଦିନ ଲୋକେ ଯେମିତି ଅହଂକାରୀ, ଉଚ୍ଛୃଙ୍ଖଳିତ, ସ୍ୱାର୍ଥପର ଓ ଅବିବେକି ହୋଇ ଯାଉଛନ୍ତି, ତାହା ଆଗାମୀ ଦିନରେ ଯେ ବିସ୍ଫୋରକ ରୂପ ଧାରଣ ନ କରିବ ସେ କଥା କିଏ କହିପାରିବ । ଏପରିସ୍ଥିତିରେ ଆମକୁ ଧନ ସମ୍ପତ୍ତି ଅର୍ଜନ କରି ବଡ଼ଲୋକ ହେବା ଅପେକ୍ଷା ନିଜ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ପ୍ରଦାନ କରି ଆଗାମୀ କାଲି ପାଇଁ ପ୍ରସ୍ତୁତ କରିବା ନିହାତି ଜରୁରୀ । ପିଲାଏ ଯୋଗ୍ୟ ଓ ସମର୍ଥ ହୋଇପାରିଲେ ପରିବାର ଓ ସମାଜର ସର୍ବାଙ୍ଗୀନ ବିକାଶ ସାଧନ ହୋଇପାରିବ । ବଡ଼କଥା ହେଉଛି ଆଜିର ବିପର୍ଯ୍ୟୟମୁଖୀ ସମାଜକୁ ଦେଖି ଆମକୁ ଯଦି କଷ୍ଟ ଲାଗୁଛି, ଆମ ପାଇଁ ଏହା ଯେବେ ଅସହ୍ୟ ବୋଧ ହେଉଛି, ତେବେ ଆମେ କେବେ ଚିନ୍ତା କରିଛେ କି ଏ ଅବସ୍ଥା ଯଦି ଆଗକୁ ବଳବତ୍ତର ରହେ ତେବେ ଆମ ପିଲାଙ୍କ ମାନସିକ ସ୍ଥିତି କ'ଣ ହେବ । ଶିକ୍ଷିତ, ବୁଦ୍ଧିମାନ ଓ ଦୂରଦୃଷ୍ଟିସମ୍ପନ୍ନ ମଣିଷର ଧର୍ମ ହେଉଛି ପରବର୍ତ୍ତୀ ପିଢ଼ି ତିଆରି କରିବା । ଆଗାମୀ କାଲି ଲାଗି ଶିକ୍ଷିତ, ଯୋଗ୍ୟ ଓ ସମର୍ଥ ମଣିଷ ସୃଷ୍ଟି କରିବା । ଆଜିର ସୁଖ ଓ ସମୃଦ୍ଧି ଯେପରି ଆଗାମୀ କାଲି ବି ଉପଲବ୍ଧ ହୋଇପାରିବ, ଆଜିର ଏହି ବିକାଶର ଧାରା ଆଗକୁ ଯେପରି ଅବ୍ୟାହତ ରହିପାରିବ ସେଥିଲାଗି ଆମ ସମସ୍ତଙ୍କର ପ୍ରୟାସ ଅନିବାର୍ଯ୍ୟ । ଏଥିପାଇଁ ଧନ ସମ୍ପତ୍ତିକୁ ନଜର ନ ଦେଇ ଆଉ ଭବିଷ୍ୟତର ହିତ ଦୃଷ୍ଟିରୁ ଆମକୁ ଆମ ପିଲାଙ୍କୁ ତିଆରି କରିବାକୁ ପଡ଼ିବ ।

ବର୍ତ୍ତମାନର ଖୁସିରେ ଖୁସି ନ ହୋଇ ଆମକୁ ଆଗାମୀ କାଲିର ସ୍ୱପ୍ନରେ ବିଭୋର ହେବାକୁ ପଡ଼ିବ । ମାନବ ସମ୍ବଳ ବିକଶିତ ନ ହେଲେ ଦେଶ ସମୃଦ୍ଧ ହୋଇପାରିବନି । ତେଣୁ ଦେଶକୁ ସମୃଦ୍ଧଶାଳୀ କରିବାକୁ ହେଲେ ଆଜିର ପିଲାମାନଙ୍କୁ ଶିକ୍ଷା ଦୀକ୍ଷାରେ ଦକ୍ଷ କରିବାକୁ ପଡ଼ିବ । ସେମାନଙ୍କୁ ଆଧୁନିକ ଓ ଅତ୍ୟାଧୁନିକ ସମସ୍ତ ଶିକ୍ଷା ପ୍ରଦାନ ସହିତ ନୀତି ନୈତିକତାର ଶିକ୍ଷା ସର୍ବୋପରି ଆଧ୍ୟାତ୍ମିକ ଶିକ୍ଷା ବି ପ୍ରଦାନ କରିବାକୁ ହେବ । କାରଣ ପିଲାଏ ହେଉଛନ୍ତି ଆମର ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପତ୍ତି ।

**ଶଂଖିଡା, ତିହିଡି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

## ଏଇ ଭାରତରେ

ଆରକା ପାମ୍ ବା ଗୁଆଗଛର ପତ୍ର ଓ ଖୋଳପାରୁ କୃତ୍ରିମ ଚମଡ଼ା ଭଳି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି କର୍ନାଟକର ସୁରେଶ ଏସ୍ ଆର ଓ ତାଙ୍କ ସ୍ତ୍ରୀ ମୈଥିଳି । ପଶୁଙ୍କ ଚମଡ଼ାରେ ଗୋଟିଏ ବ୍ୟାଗ କିମ୍ବା ହଳେ ଚପଲ ତିଆରି କରିବା ଲାଗି ଅନେକ କେ.ଜି. କାର୍ବନ ଡାଇଅକ୍ସାଇଡ ନିର୍ଗମନ ହୋଇଥାଏ । କିନ୍ତୁ ସୁରେଶଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ଚମଡ଼ାରେ ବହୁତ କମ୍ କାର୍ବନ ନିର୍ଗମନ ହେଉଛି । ଏହା ବ୍ୟତୀତ ଏହି ଭେଗାନ ଲେଦର ବା ଚମଡ଼ା ପାଇଁ କମ୍ ପାଣି ମଧ୍ୟ ଦରକାର ହେଉଛି ଓ ଏହା ପୂରା ରାସାୟନମୁକ୍ତ । ତେଣୁ ଏହି ଚମଡ଼ା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ । ଶିବମୋଗା ନିବାସୀ ସୁରେଶ ଭୂମି ଏଗ୍ରି ଭେଞ୍ଚର ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି । ସେମାନେ ୧ ଏକରରୁ ୪,୦୦୦ରୁ ୪,୫୦୦ ଗୁଆ ପତ୍ରର ଖୋଳପା ପାଉଛନ୍ତି ଓ ଅନ୍ୟ କଞ୍ଚାମାଲ ଗୁଆ ଚାଙ୍କେଠାରୁ ସଂଗ୍ରହ କରୁଛନ୍ତି । ଏହି ଭେଗାନ ଚମଡ଼ାରୁ ଚପଲଠାରୁ ଆରମ୍ଭ କରି ବ୍ୟାଗ ଓ ଅନ୍ୟାନ୍ୟ ସୌଖୀନ ଜିନିଷ ତିଆରି କରାଯାଉଛି । ସୁରେଶଙ୍କ ଦ୍ୱାରା ପ୍ରସ୍ତୁତ ଏହିସବୁ ଜିନିଷ ମହାରାଷ୍ଟ୍ର ଓ କର୍ନାଟକରେ ବେଶି ବିକ୍ରି ହେଉଛି । ସୁରେଶ ଦିଲ୍ଲୀ ଜି୨୦ ସମ୍ମିଳନୀରେ ତାଙ୍କ ଦ୍ୱାରା ଉତ୍ପାଦିତ ଜିନିଷକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୬ ଫେବୃଆରୀ ୧୯୭୫

- ମିସା ଆଇନ ବଳରେ ବିହାର ରାଜ୍ୟ ସୋସିଆଲିଷ୍ଟ ପାର୍ଟିର ସମ୍ପାଦକ ରାମସୁନ୍ଦର ଦାସ ଗିରଫ ।
- ପଶ୍ଚିମବଙ୍ଗର ଝୋଟକଳ ଶ୍ରମିକମାନଙ୍କ ଏକ ମାସ ବ୍ୟାପୀ ଧର୍ମଘଟର ଅବସାନ ଘଟାଇବା ପାଇଁ ଅନୁଷ୍ଠିତ ଏକ ତ୍ରିପାକ୍ଷୀକ ଆଲୋଚନା ପୁନରାୟ ବ୍ୟର୍ଥ-ବିଫଳ ହୋଇଛି ।

## ଚିରନ୍ତନୀ

ବିକଳ ମୋର ଅନ୍ତର ବନ୍ଧୁ!
ତୁମରି ଲାଗି କାନ୍ଦିଛି କେତେ
ହତାଶା ପରେ ହତାଶା ଘେନି
ନୂତନ ଆଶା ବାନ୍ଧିଛି କେତେ ।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ପରିବହନର ଆଧୁନିକୀକରଣ କରାଯାଉ

ମହାଶୟ,

ଆମ ଦେଶର ଲାକ୍ଷାଦ୍ୱୀପରେ ପର୍ଯ୍ୟଟନ ଶିଳ୍ପର ବିକାଶ ଦିଗରେ ସରକାରଙ୍କ ଯଥାସମ୍ଭବ ପ୍ରୟାସ ଜାରି ରହିଛି । ଲାକ୍ଷାଦ୍ୱୀପରେ ଏକ ପରିବେଶ ଅନୁକୂଳ ୱାଟର୍ ମେଟ୍ରୋ ବୋଟ ସେବା ପ୍ରଚଳନ କରାଗଲେ ଏହା ସ୍ଥାୟୀ ସବୁଜ ପରିବର୍ତ୍ତନର ଏକ ଅବିଶ୍ୱସନୀୟ କାହାଣୀ ତଥା ପ୍ରେରଣା ହୋଇପାରିବ । ଏହି ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ସମୁଦ୍ର ତଥା ଆଖପାଖରେ ଥିବା ଦ୍ୱୀପପୁଞ୍ଜର ରମଣୀୟ ଦୃଶ୍ୟକୁ ସହଜରେ ଉପଭୋଗ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ହେବ । ସେଠାରେ ଥିବା ଅନେକ ଦ୍ୱୀପକୁ ସ୍ଥାନୀୟ ଲୋକ ତଥା ବିଦେଶୀ ପର୍ଯ୍ୟଟକଙ୍କର ଯୋଗାଯୋଗର ଏକ ପରିବେଶ ଅନୁକୂଳ ସାଧନ ହୋଇପାରିବ । କେରଳର କୋଚିରେ ପରିବେଶ ଅନୁକୂଳ ୱାଟର୍ ମେଟ୍ରୋ ବୋଟ ସେବା ଦକ୍ଷତାର ସହିତ କାର୍ଯ୍ୟକାରୀ ହେଉଛି । ଅଧିକନ୍ତୁ, ମାଛଧରା, ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ସୌର ବା ବ୍ୟାଟେରି ଚାଳିତ ବୋଟରେ ପରିଣତ କରାଯାଇ ଏହାକୁ ୱାଟର୍ ମେଟ୍ରୋ ସେବାରେ ଅନ୍ତର୍ଭୁକ୍ତ କରାଗଲେ ସ୍ଥାନୀୟ ଲୋକଙ୍କୁ ଜୀବିକା ଉପାର୍ଜନ କରିବାରେ ସାହାଯ୍ୟ କରିବ ତଥା ପରିବେଶ ଅନୁକୂଳ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ । ଏ ଦିଗରେ କେନ୍ଦ୍ର ସରକାର ଦୃଷ୍ଟି ଦେବା ଜରୁରୀ ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜିଲାପାଳ,ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା,୫।୨ (ଉତ୍ତମ କୁମାର ଦାଶ)
ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜି.ଙ୍କ ଯୁଗ୍ମଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ ଉପଜିଲାପାଳ ଧୀମାନ ଚକମା ଚକମା, ଭବାନୀପାଟଣା ଉପଜିଲାପାଳ ଡ .ବିଶ୍ୱଜିତ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୧୫୦ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତଥିଲା। ୧୭ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ଜଣ ଓ ରେଡକ୍ରସ ପାଣ୍ଠିରୁ ୧ଜଣଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।

### ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଖଡ଼ିଆଳ,୫।୨(ସୁଜିତ୍ କୁମାର ପ୍ରଧାନ)
ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ ପଣ୍ଡା, ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ପ୍ରଣତୀ ପଣ୍ଡା ଆତ୍ମ ସୁରକ୍ଷା ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ତାଲିମ ଶିବିର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନିବେଦିତା ଆଚାରି ଉପସ୍ଥାପିତ କରିଥିଲେ। ଶିବିରର ମାଷ୍ଟର ଟ୍ରେନର ଦ୍ୱୟ ସୁଶ୍ରୀ ଲିପାକ୍ଷୀ ରୟେ ଏବଂ ସୁଶ୍ରୀ ସରିତା ସତନାମୀ ତାଲିମ ପ୍ରଦାନ କରିଥିଲେ। ସମସ୍ତ ତାଲିମ ପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲ। ଅଧ୍ୟାପକ ସୁନୀଲ ପାଢୀ, ଅଧ୍ୟାପକ ସୂର୍ଯ୍ୟ କାନ୍ତ ଠାକୁର, ଅଧ୍ୟାପକ ଡ଼ ରଣବୀର ସିଂ, ଅଧ୍ୟାପିକା ମିନା ଗୁଜୁରାଟିଙ୍କ ସମେତ ସମସ୍ତେ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

### ଗାଁ ସ୍ୱଚ୍ଛତା ପାଇଁ ଆଗେଇ ଆସିଲେ ପ୍ରକୃତି ମିତ୍ର

ରିଷିଡ଼ା,୫।୨(ସୁଶାନ୍ତ ମଲ୍ଲିକ)
କଳାହାଣ୍ଡି ଜିଲା କଳାହାଣ୍ଡା ବ୍ଲକ ରିଷିଡ଼ା ଫାଣ୍ଡି ଅଧୀନ ତଥା ଏମ୍. ରାମପୁରର ବ୍ଲକର ସିକେଲକୁପାର ଏକ ଚର୍ଚ୍ଚିତ



ବେହେରା ହେଉଛନ୍ତି କ୍ଷିତିପତି ପଧାନ। ବୟସ ୮୧ ବର୍ଷ। ବୟସର ଅପରାହ୍ନ ପହଞ୍ଚି ଥିଲେ ବି ସେ ହାର ମାନି ନାହାନ୍ତି। ଗ୍ରାମର ରାସ୍ତା ଦୁଇ- ପାର୍ଶରେ ଆବର୍ଜନାରେ ପୂରି ଉଠିଥିଲା। ନିଜ ଖର୍ଚ୍ଚରେ ଗାଁକୁ ସବୁଜସୁନ୍ଦର କରିବା ପାଇଁ ସର୍ବଦା ଚେଷ୍ଟିତ ହେବେ ବୋଲି ପ୍ରକାଶ କରିଛନ୍ତି। ସୂଚନା ଯେ କ୍ଷିତିପତି ତାଙ୍କର ଉଲ୍ଲେଖନୀୟ କାମ ପାଇଁ ବରପୁତ୍ର, ବାଣୀପୁତ୍ର, ପ୍ରକୃତି ମିତ୍ର ପୁରସ୍କାର ପାଇଁଛନ୍ତି। ୨୦୦୬ରେ ଗୋଛାଡେଙ୍ଗେନ ହାଇସ୍କୁଲରେ ନିଜସ୍ୱ ଅନୁଦାନରେ ୪ ଲକ୍ଷ ଟଙ୍କାରେ ବିଦ୍ୟାଳୟ କୋଠା ନିର୍ମାଣ କରିଛନ୍ତି। ପରିଣତ ବୟସରେ ସାହିତ୍ୟ ସାଧନା ଜାରି ରଖିଛନ୍ତି।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଥୁଆମୂଳ ରାମପୁର,୫।୨(ଦୁର୍ଗା କୀର୍ତ୍ତି)
କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତଠାରେ ସରପଞ୍ଚ ଗୀତାଞ୍ଜଳୀ ମାଝିଙ୍କ ସଭାପତିତ୍ୱରେ ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ୍ ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଧାୟକ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀ, ବ୍ଲକ ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅନ୍ୟାନ୍ୟ ଏହି ଅବସରରେ ବ୍ଲକର ସମସ୍ତ କାର୍ଯ୍ୟରତ ଖବରଦାତାଙ୍କ ସମେତ ଆମ ବ୍ଲକ ପ୍ରତିନିଧି ଦୁର୍ଗା କୀର୍ତ୍ତି ଓ ଅନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ସେବାଶ୍ରମ ବିଦ୍ୟାଳୟରେ ତାଲା ପକାଇ ଧାରଣା

## ଶିକ୍ଷକ ନିଯୁକ୍ତି ଦାବି

ନୂଆପଡ଼ା,୫।୨(ମକାରୁ ବେମାଲ)
ନୂଆପଡା ସଦର ବ୍ଲକ ମୋଟା ନୂଆପଡା ପଞ୍ଚାୟତ କୁକୁରିମୁଣ୍ଡି ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ଜିଲା ଆଦିବାସୀ କଲ୍ୟାଣ ସଂଘ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଲେ ଧାରଣାରେ ବସିଛନ୍ତି। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ୨ ଘଣ୍ଟା ପରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ଓ ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି ଧାରଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ୨ଜଣ ଶିକ୍ଷକ ନ ପଠାଇବା ପର୍ଯ୍ୟନ୍ତ ଧାରଣା ଜାରିବ ବୋଲି ଧାରଣାକାରୀ ଅଡି ବସିଥିଲେ । ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭୋଇ ମୁଁ



ଧାରଣାରେ ବସିଛନ୍ତି ଗ୍ରାମବାସୀ।

ଡିଡବ୍ଲ୍ୟୁଓଙ୍କ ସହିତ ଫୋନରେ କଥା ହୋଇଛି। ଅଫିସକୁ ଗଲେ ତୁରନ୍ତ ୨ଜଣ ଶିକ୍ଷକ ଡେପୁଟେସନରେ ପଠାଯିବ। ଜଣେ ଶିକ୍ଷକଙ୍କୁ ସାଙ୍ଗେ ସାଙ୍ଗ ପଠାଇବା ସହ ଅନ୍ୟ ଜଣେ ଶିକ୍ଷକ ମଙ୍ଗଳବାର ଯୋଗଦେବେ ବୋଲି କହିଛନ୍ତି। କୁକୁରିମୁଣ୍ଡି ସେବାଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୨୨୦ଜଣ ଛାତ୍ରୀଛାତ୍ରଙ୍କୁ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ଅତି କମରେ ୬ଜଣ ଶିକ୍ଷକ ରହିବା କଥା। ପ୍ରାୟ ୮ ମାସ ହେଲା ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି। ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ବାଧ୍ୟ ହୋଇ ତାଲା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ୨ଜଣ ଶିକ୍ଷକ ଡେପୁଟେସନରେ ଦିଆଗଲା ବୋଲି ଚିଠି ଦେଖିବା ପରେ ଗ୍ରାମବାସୀ ପ୍ରଶାସନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜଣେ ଶିକ୍ଷକ ଯୋଗଦାନ କରିଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ମଙ୍ଗଳବାର ଯୋଗ ଦେବେ। ଏହି ସମୟରେ ସଦର ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ସୁଧିର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଗେଶ୍ୱର ମାଝି, ୱାର୍ଡ ମେମ୍ବର ଅନୁସୂୟା ମାଝି, ଜାନକି ମାଝି, ଭାନୁ ଦାସ, ଦେବେନ୍ଦ୍ର ବାରିକ, ମହେଶ ମାଝି, ଦଶରଥ ବରିହା, ବିନା ମାଝି, ମନିରାମ ମାଝି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ମଦନପୁର,୫।୨
(ସନ୍ତୋଷ କୁମାର ଦଣ୍ଡସେନା)
କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଖେଳପଡିଆଠାରେ ନବୀନ ଓଡିଶା ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ଶତପଥୀ, ଏଇ ବଳବିନ୍ଦର ସିଂ, ଜିପିଓ କୁଳମଣି ସିଂ, ସାମାଜିକ କର୍ମୀ ବିକାଶ ରଞ୍ଜନ ସିଂ ଦେଓ, ସମିତି ସଭ୍ୟା ପଦ୍ମିନୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏଇ ବିଭିନ୍ନ ପ୍ରକଳ୍ପ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମଦନପୁର ପଞ୍ଚାୟତର ଉନ୍ନତି ସକାଶେ ବିଭିନ୍ନ ପ୍ରକାର ପଦକ୍ଷେପ ନେବା ପାଇଁ ଜିଲା ପରିଷଦ ଅଧ୍ୟକ୍ଷ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କୃଷି କର୍ମଚାରୀ ବୁଦ୍ଧଦେବ ସାହୁ, ପିଇଓ ଶନିଶ୍ଚର ସ୍ୱରାଜ, ନାଏବ ସରପଞ୍ଚ ବିରାଟ ମୁଣ୍ଡଛୀନାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହିଥିଲେ। କବି ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ମିଶନ ଶକ୍ତି, କୃଷିଷ୍ଟଲ ବେଶ ଆକର୍ଷଣୀୟଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

## ସାହିତ୍ୟ ଓ ସଂସ୍କୃତି ପ୍ରଦର୍ଶନ କଳାରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ)
ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ–୨୦୨୪ ଅବସରରେ ସମଗ୍ର ଶିକ୍ଷା, କଳାହାଣ୍ଡି ପକ୍ଷରୁ ସୋମବାର ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟକୁମାର ମାଝି, ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକ ପ୍ରଦର୍ଶନୀ ସମେତ ଜିଲାର ୧୩ଟି ବ୍ଲକର ସାହିତ୍ୟ ଓ ସଂସ୍କୃତି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏଥିରେ ସାହିତ୍ୟ ଓ ସଂସ୍କୃତି ପ୍ରଦର୍ଶନ କଳାରେ କୋକସରା ବ୍ଲକର ରିତେଶ ସାହୁ ଓ ବିନୋଦ ଫୁଲ ପ୍ରଥମ, ମଦନପୁର ରାମପୁର ବ୍ଲକର ବିଦୁସ୍ମିତା ସାହୁ ଦ୍ୱିତୀୟ, ଜୁନାଗଡ଼ ବ୍ଲକର ହସିନା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ। କୁଇଜ ବରିଷ୍ଠ ବିଭାଗରେ କପିଳେଶ୍ୱର ବଗର୍ତ୍ତୀ, ଭାରତୀ ବେହେରା ଓ ସ୍ୱାତି ମହାକୁଡ଼, କନିଷ୍ଠ ବିଭାଗରେ ଏକାନ୍ତିକା ସା, ଯଶରାଜ ସମୀର ନାଏକ ଓ ବିଭୁଦତ୍ତ ସାହୁ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ବିଦୁସ୍ମିତା ସାହୁ, ପିଣ୍ଟୁ ସୁନା ଓ ଆଦିତ୍ୟ ସୁନା, କନିଷ୍ଠ ବିଭାଗରେ ବାଲି ମାଝୀ, ପୂଜା ସାହୁ ଓ ଯସ୍ମୀନ ବାଗ, ବିତର୍କ ବରିଷ୍ଠ ବିଭାଗରେ ସ୍ୱାତି ମହାଖୁଡ଼, କ୍ରିଷ୍ଣା ଛୁରିଆ ଓ ବାସନ୍ତୀ ଗଉଡ଼, କନିଷ୍ଠ ବିଭାଗରେ ପ୍ରଦୀପ ହରିଜନ, ଉପାସନା ସାହୁ ଓ ରୁପା ରଣା ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ କ୍ଷୁଦ୍ର ନାଟିକା ପରିବେଷଣ କରିଥିଲେ। ଉଦଯାପନୀ ସମାରୋହରେ ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ଓ ଭବାନୀପାଟଣା ମହିଳା ମହାବିଦ୍ୟାଳୟ ସହକାରୀ ପ୍ରାଧ୍ୟାପିକା ଡ. ସୁରେଶ୍ୱରୀ ବାଘ ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ଓ ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ମଞ୍ଚାସୀନ ଥିଲେ। ବାପୁଜୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମିନତି କୁମାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ।

## ବେହେରା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

ବେହେରା,୫।୨(ଭୂପେଶ ତିୱାରୀ)
କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତ ବେହେରା ଗୋରୁ ବଜାରଠାରେ ଆମ ଓ ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଜିଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ, ସମିତି ସଭ୍ୟ କିଶୋର ନାଗ, ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ତିୱାରୀ, ଗୌର ଚନ୍ଦ୍ର ବାଗ ପ୍ରମୁଖ ଯୋଗଦେଇଥିଲେ। ବିକଶିତ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଆଦର୍ଶରଫଳ ବୋଲି ମୁଖ୍ୟଅତିଥି କହିଥିଲେ। ସରପଞ୍ଚ କୁମୁଦିନୀ ଗଇନ୍ତା ଅଧ୍ୟକ୍ଷତାରେ ସଭା ପରିଚାଳନା ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ କରିଥିଲେ। ସମସ୍ତ ୱାର୍ଡ ସଭ୍ୟ, ସଭ୍ୟାଙ୍କ ଉପସ୍ଥିତିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ, ଗାଁ ସାଥୀ, ସିଆରପି, ଅଙ୍ଗନୱାଡ଼ି ଓ ଆଶା କର୍ମୀମାନେ ସହଯୋଗ କରିଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କଳାକାର ତଥା ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମୁଁ ଭୋଟ ଦେବି ନିଶ୍ଚୟ କାର୍ଯ୍ୟକ୍ରମ

ନୂଆପଡ଼ା,୫।୨(ମକାରୁ ବେମାଲ)
ନୂଆପଡା ସଦର ବ୍ଲକ ସାହିପଲା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ପାଇଁ ରବିବାର ମୁଁ ଭୋଟ ଦେବି ନିଶ୍ଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ଭୋଟର ନିଜର ମତ କିପରି ସାବ୍ୟସ୍ତ କରିବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ବିଭିନ୍ନ ମାଧ୍ୟମରେ ସଚେତନ କରି ଚାଲିଛି। ଜିଲାପାଳ ପ୍ରତିନିଧି ସବ୍ୟସାଚି ସାହାଙ୍କ ନେତୃତ୍ୱରେ ସାହିପଲା ଗାଁର ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାପନ କରି ଏକ ଭୋଟର ସଚେତନ ସଭା ଆୟୋଜନ କରାଯାଇଥିଲା। ସଭାରେ ଉପସ୍ଥିତ ସମସ୍ତ ଭୋଟରଙ୍କୁ ଭୋଟ ସାବ୍ୟସ୍ତ ଉପରେ ବୁଝାଇବା ସହ ଇଭିଏମ ମେଶିନ ଦ୍ୱାରା ମତଦାନ କିପରି କରିବେ ସେ ଉପରେ ପ୍ରଦର୍ଶନ କରାଯାଇଥିଲା। ସଚେତନ କାର୍ଯ୍ୟକ୍ରମ ଜିଲାର ସବୁ ପଞ୍ଚାୟତରେ ଆୟୋଜିତ ହେବ। ନୂଆପଡା ଓ ଖଡିଆଳ ନିର୍ବାଚନ ମଣ୍ଡଳୀର ୬୦୩ ବୁଥର ୪ଲକ୍ଷ ୯୨ ହଜାର ୫୫୫ ଜଣ ପୁରୁଣା ଭୋଟର ଓ ୨୦ ହଜାର ୬୩୨ ଜଣ ନୂତନ ଭୋଟର ମୋଟ ୫ ଲକ୍ଷ ୧୩ ହଜାର ୧୮୭ ଜଣ ଭୋଟରଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ ପ୍ରତିନିଧି ଏସକେ ନାସିମ ପ୍ରକାଶ କରିଛନ୍ତି।



ଭୋଟର ସଚେତନତା ପାଇଁ କଳସ ଶୋଭାଯାତ୍ରା କରାଯାଉଛି।

# ଟେମ୍ପୋଙ୍କ ବିସ୍ଫୋରକ ଶତକରେ ବେହେରା ବିଜୟୀ

## ଦଣ୍ଡପାଟ ଚାମ୍ପିୟନ ଟ୍ରଫି କ୍ରିକେଟ

ବେହେରା,୫।୨(ଭୂପେଶ ତିୱାରୀ)
କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ହାଇସ୍କୁଲ ପଡ଼ିଆରେ ୨୮ତମ ଦଣ୍ଡପାଟ ଚାମ୍ପିୟନ ଟ୍ରଫି କ୍ରିକେଟ ଉଦଘାଟିତ ହୋଇଛି। ଛତିଶଗଡ ଏକାଦଶ କ୍ରିକେଟ କ୍ଲବ ସହିତ ବେହେରା କ୍ରିକେଟ କ୍ଲବ ମଧ୍ୟରେ ଉଦଘାଟନ ମ୍ୟାଚରେ ବେହେରା ବିଜୟୀ ହୋଇଛି। ବେହେରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଟେମ୍ପୋ ୩୪ ବଲରେ ୧୦ ଛକା ଓ ୯ ଚୌକା ସହାୟତାରେ ୧୧୨ରନ ସଂଗ୍ରହ କରିଥିଲେ। ଛତିଶଗଡ ନିର୍ଦ୍ଧାରିତ




ଦଣ୍ଡପାଟ ଚାମ୍ପିୟନ ଟ୍ରଫି କ୍ରିକେଟ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

ଓଭରରେ ୮ ଉଇକେଟ ହରାଇ ୧୭୩ ରନ କରି ପରାଜୟ ହୋଇଥିଲା। ଟଙ୍କଧର ପଟେଲ, ଅଜୟ ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ନିକୁଞ୍ଜ ସାହୁ, ଭାସ୍ୟକାର୍ ଭାବେ କ୍ଷୀରସିନ୍ଧୁ ବାଗ, ଜୟନ୍ତ ବାରିକ ଦାୟିତ୍ୱ ତୁଲାଇଥିଲେ। ଉଦଘାଟନ ଦିବସରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ତେଣ୍ଡାପାଲୀ ସରପଞ୍ଚ ଗୌଲଚନ ଗୋପାଲ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ମଣ୍ଟୁ ଅଗ୍ରୱାଲ, ସମ୍ପାଦକ ଭବେଶ ଗଇନ୍ତା, ସଦସ୍ୟ ପ୍ରଶାନ୍ତ ତିୱାରୀ, ବିନ୍ଦୁସାର ବିଶି, ପିଚ କ୍ୟୁରେଟର ରଜନୀ କାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଯାଦବ ସମ୍ବିଧାନ ନିୟମାବଳୀ ସମୀକ୍ଷା ବୈଠକ

ଖଡ଼ିଆଳ,୫।୨(ସୁଜିତ୍ କୁମାର ପ୍ରଧାନ)
ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ଯାଦବ ଭବନଠାରେ ଯାଦବ ସମ୍ବିଧାନ ନିୟମାବଳୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଯାଦବ ସମାଜ ସଭାପତି କୀର୍ତ୍ତନ ପୋଡ଼ଙ୍କ ସଭାପତିତ୍ୱରେ ସମୀକ୍ଷା ବୈଠକରେ ଉତ୍କଳ ଯାଦବ ମହାସଭାର ମହାସଚିବ ଲମ୍ବୋଦର ନିଆଲ, ଜିଲା ସଭାପତି ଭରତ ଲାଲ ରାଉତ, ପୂର୍ବତନ ସଭାପତି ହରେରାମ କଠାର, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ସମ୍ପାଦକ ତ୍ରିନାଥ ପୁଞ୍ଜି, କୋଷାଧ୍ୟକ୍ଷ ଯୁଧିଷ୍ଠିର ଶଗରିଆ, ଉପଦେଷ୍ଟା ଘନଶ୍ୟାମ କରୁଆଁ, ଜିଲା ଉପସଭାପତି ସନ୍ତୋଷ ନିଆଲ, ସୁରେଶ ବାଗ, ନାରୀ ନେତ୍ରୀ ମମତା ମଞ୍ଜରୀ ଥପା, ସରପଞ୍ଚ ଲକ୍ଷ୍ମୀପ୍ରିୟା ବାଗ, ଯୌବନ ସଲମା ପ୍ରମୁଖଙ୍କ ସମେତ ୫ଟି ବ୍ଲକ ଓ ୩ଟି ଏନ୍‌ଏସିର ସମସ୍ତ ଯାଦବ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଯାଦବ ସମାଜର ନୂତନ ସମ୍ବିଧାନ ନିୟମାବଳୀଗୁଡିକର ସମୀକ୍ଷା କରିବା ସହ ଯାଦବ ସଂସ୍କୃତିର ପୁନରୁଦ୍ଧାର କରିବା ଉପରେ ବିଶେଷ ଆଲୋଚନା ହୋଇଥିଲା। ସେହିଭଳି ଯାଦବମାନଙ୍କ ମଧ୍ୟରେ ସାମାଜିକ ସଂସ୍କାର ଆଣିବା ସହିତ ଶିକ୍ଷା, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କିଭଳି ଉନ୍ନତି ଆସିପାରିବ ସେ ନେଇ ସ୍ୱତନ୍ତ୍ର ଭାବେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ଯାଦବ ସମାଜର ସମ୍ପାଦକ ଜିତେନ୍ଦ୍ରନାଥ ଗହୀର ମଞ୍ଚ ପରିଚାଳନା କରିଥିବା ବେଳେ କୁନୁ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ ଜନଜାତି ଯୁବତୀଯୁବକଙ୍କ ମହୀଶୂର ଯାତ୍ରା

ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ)
କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି ଜିଲା ନେହେରୁ ଯୁବ କେନ୍ଦ୍ର ଭବାନୀପାଟଣା ସିଆରପିଏଫ୍ ୬୪ ବାଟାଲିୟନ ସହଯୋଗରେ ସୋମବାର ଜିଲାର ୨୦ଜଣ ଜନଜାତି ଯୁବତୀଯୁବକ କର୍ନାଟକର ମହୀଶୂର ଗସ୍ତ କରିଛନ୍ତି। ସେଠାରେ ୬ ତାରିଖରୁ ୧୨ ତାରିଖ ଯାଏଁ ହେବାକୁ ଥିବା ଜନଜାତୀୟ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ସେଠାକର ଐତିହାସିକ ସ୍ଥାନ ପରିଦର୍ଶନ କରିବା ସହ ମାନଗନ୍ୟ ବ୍ୟକ୍ତିଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପୂର୍ବରୁ ଭବାନୀପାଟଣା ଅଟାଙ୍ଗଗୁଡା ୬୪ ବାଟାଲିୟନ ସିଆରପିଏମ୍ପ କ୍ୟାମ୍ପଠାରେ ଓଡିଶା ସେକ୍ଟର ପରିଚାଳନା କମାଣ୍ଡାଣ୍ଟ ବିରେନ୍ଦ୍ର କୁମାର, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ଯୋଜନା ଓ ସ୍ୱମନ୍ୱୟ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଲେଇ, ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ୬୪ ସିଆରପିଏଫ୍ ବାଟାଲିୟନ ସେକେଣ୍ଡ କମାଣ୍ଡାଣ୍ଟ ପି.କେ.ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଜିତ୍‌ବହାନ ଓରାଵ୍ ପ୍ରମୁଖ ସେମାନଙ୍କୁ ଉତ୍ସାହିତ କରିଥିଲେ।



ମହୀଶୂର ଯାତ୍ରା କରୁଥିବା ୨୦ଜନଜାତି ଯୁବତୀଯୁବକ ଓ ଉପସ୍ଥିତ ଅତିଥିଗଣ।

# କ୍ୟାପସିକମ୍ ଚାଷ କରି ଚର୍ଚ୍ଚାରେ ଯୁବ ଚାଷୀ ଗୋସିଙ୍ଗ

ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ)
କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଗଡିଆଯୋର ପଞ୍ଚାୟତ ଟୁରିହଲଦୀ ଗ୍ରାମର ଗୋସିଙ୍ଗ ନାଗ ନାମକ ଜଣେ ଯୁବ ଚାଷୀ ଏବେ ଉନ୍ନତ ମାନର କ୍ୟାପସିକମ୍ ଚାଷ କରି ଜିଲାରେ ଚର୍ଚ୍ଚାକୁ ଆସିଛନ୍ତି। ଦିର୍ଘ ୧୦ବର୍ଷ ହେଲା ସେ ପନିପରିବା ଚାଷ ପ୍ରତି ଆକୃଷ୍ଟ ହୋଇ ଚାଷ କାମ ଆରମ୍ଭ କରିଥିଲେ। ପୂର୍ବରୁ ସେ ନିଜ ଚାଷ ଜମିରେ ବାଇଗଣ, ଟମାଟୋ, କଲରା, କୋବି, କଞ୍ଚାଲଙ୍କା, ଭେଣ୍ଡି, ବୋରବୋଟି ସମେତ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲେ। ତେବେ ଗତ ୨ ବର୍ଷ ତଳେ ସେ କ୍ୟାପସିକମ୍ ଚାଷ କରିବା ପାଇଁ ମନ ବଳାଇଥିଲେ। ମାତ୍ର ୧୦ ଡିସମିଲ ଜମିରେ ସେ କ୍ୟାପସିକମ୍ ଚାଷ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଚାଷ ଭଲ ହୋଇଥିବା ଓ ୨ ପଇସା ଅଧିକ ରୋଜଗାର କରିଥିବାରୁ ସେ ଏହି



ଯୁବ ଚାଷୀ ଗୋସିଙ୍ଗ ନିଜ କ୍ୟାପସିକମ୍ ଚାଷ ଜମିରେ।

- ଦୈନିକ ବିକ୍ରି କରୁଛନ୍ତି ୧ କୁଇଣ୍ଟାଲ
- ମାସକୁ ଆୟ କରୁଛନ୍ତି ଦେଢ଼ ଲକ୍ଷ
- ଅନ୍ୟ ଚାଷୀଙ୍କ ପାଇଁ ସାଜିଛନ୍ତି ପ୍ରେରଣା

ଚାଷକୁ ବଢାଇବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ସେ ପ୍ରାୟ ୫ ଏକର ଜମିରେ ସେ କ୍ୟାପସିକମ୍ ଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଦୈନିକ ତାଙ୍କ ବଗିଚାରୁ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ କ୍ୟାପସିକମ୍ ବିକ୍ରି କରୁଥିବାବେଳେ ଆୟ କରୁଛନ୍ତି ଦୈନିକ ୫ହଜାର ଟଙ୍କା। ଯାହାକି ମାସକୁ ହିସାବ କଲେ ପ୍ରାୟ ଦେଢ ଲକ୍ଷ ଟଙ୍କା କ୍ୟାପସିକମ୍ ଚାଷରୁ ସେ ଆୟ କରୁଛନ୍ତି। ପ୍ରତିଦିନ ତାଙ୍କ ବଗିଚାକୁ ବେପାରୀଙ୍କ ଭିଡ ଲାଗୁଛି। କିଲୋ ପିଛା କ୍ୟାପିସକମ୍‌କୁ ସେ ୫୦ ଟଙ୍କାରେ ବିକ୍ରି କରୁଥିବାବେଳେ ବେପାରୀମାନେ ତାହାକୁ ବଜାରକୁ ନେଇ ଶହେରୁ ଶହେ କୋଡିଏ ଟଙ୍କାରେ ବିକ୍ରି କରୁଛନ୍ତି। ଯାହାକି ଚାଷୀଙ୍କଠାରୁ ବେଶୀ ଲାଭବାନ ହେଉଛନ୍ତି ବେପାରୀ। ଜିଲାରେ ଗଡିଆଜୋର ପଞ୍ଚାୟତ ପନିପରିବା ଚାଷରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାବେଳେ ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ଉନ୍ନତ ମାନର କ୍ୟାପସିକମ୍ ଚାଷୀ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ପ୍ରେରଣା ଦେଇଛି।

## ସଂକ୍ଷେପରେ

### ବୌଦ୍ଧ ଭୈରବୀ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

**ବୌଦ୍ଧ,୫।୨(ଅଜିତ କୁମାର ବାରିକ)**

ରବିବାର ରାତିରେ ବୌଦ୍ଧ ସହରର କେନ୍ଦ୍ରସ୍ଥଳରେ ଥିବା ମା' ଭୈରବୀଙ୍କ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରମାନେ ସମସ୍ତ ଟଙ୍କା, ପଇସା ଲୁଟି ନେଇଛନ୍ତି। ସୋମବାର ସକାଳେ ପୂଜକ ଆସି ଦେବୀଙ୍କ ମନ୍ଦିର ଖୋଲିବା ପରେ ହୁଣ୍ଡି ନ ଥିବା ଦେଖିବାକୁ ପାଇଥିଲେ। ଟଙ୍କା ନେବା ପରେ ଚୋରମାନେ ମନ୍ଦିର ପରିସରରେ ହୁଣ୍ଡି ଫିଙ୍ଗି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୌଦ୍ଧ ଥାନାରେ ଏତଲା ଦିଆଯିବା ପରେ ଘଟଣାର ତଦନ୍ତ ଚାଲିଛି। ଏହାଛଡା ଚୋରମାନେ ରବିବାର ରାତିରେ ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନାଠାରୁ ମାତ୍ର ୧ କିମି ଦୂର ଠିକିଯୋଗର ଜଗନ୍ନାଥ ମନ୍ଦିରରୁ ହୁଣ୍ଡି ଚୋରି କରି ନେଇଥିବା ଜଣାପଡିଛି। ଏନେଇ ମନ୍ଦିର କମିଟି ପକ୍ଷରୁ ପୁରୁଣାକଟକ ଥାନାରେ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବୌଦ୍ଧର ଜଳେଶ୍ୱର ମନ୍ଦିର, ଚନ୍ଦ୍ରଚୂଡ ମନ୍ଦିର,ହନୁମାନ ମନ୍ଦିର, ବାପୁଜୀ ନଗରର ଶଙ୍ଖଚୁଡ଼ ମନ୍ଦିରରୁ ଚୋରମାନେ ହୁଣ୍ଡି ଭାଙ୍ଗି ଟଙ୍କା,ଅଳଙ୍କାର ଲୁଟି ନେଇଥିଲେ।

### ମାଘମେଳା ପାଇଁ ଶୁଭ ଖମ୍ବ ସ୍ଥାପନ

**ଘଣ୍ଟାପଡ଼ା,୫।୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା–ପୋଡାପଦରସ୍ଥିତ କଳିକେଶ୍ୱର ମନ୍ଦିରରେ ମାଘମେଳା ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ ରବିବାର ମାଘମେଳା କମିଟି ଓ ସଂକ୍ରାନ୍ତି କମିଟିର ମିଳିତ ଆନୁକୂଲ୍ୟରେ ମନ୍ଦିର ପରିସରରେ ପଣ୍ଡିତ ଚମ୍ପେଶର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଶୁଭଖମ୍ବ ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଗଉଁନ୍ତିଆ ଅନନ୍ତ ମାଝୀ ଓ ଶଙ୍ଖଜିନୀ ମାଝୀ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଘମେଳା କମିଟିର ସଭାପତି ପୁରନ୍ଦର ମହାକୁଡ଼, ସଂପାଦକ ଗଜେନ୍ଦ୍ର କହଁର, ସଂକ୍ରାନ୍ତି କମିଟିର ସଂପାଦକ ଶ୍ରୀପତି ମଲିକ, ସଦସ୍ୟ ନିତ୍ୟାନନ ସେନାପତି, ମହେଶର ରଣା, ଜିତେନ୍ଦ୍ର ନାଏକ, ରାଜେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### କଂଗ୍ରେସର ଘରେ ଘରେ ଜନସମ୍ପର୍କ ଯାତ୍ରା

**ଡୁଙ୍ଗୁରିପାଲି,୫।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଘରେ ଘରେ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। ବ୍ଲକର ଶୁଖା ଜୋ, ଡୁଙ୍ଗୁରିପାଲି ଜୋନ, ରାମପୁର ଜୋନର ପ୍ରତି ପଞ୍ଚାୟତରୁ ଆରମ୍ଭ କରି ଗାଁଗୁଡିକରେ ଘରକୁ ଘରକୁ ଯାଇ କଂଗ୍ରେସ କର୍ମୀମାନେ ଜନସାଧାରଣଙ୍କ ସହ ଜନସମ୍ପର୍କ ସ୍ଥାପନ କରିଥିବା ବରିଷ୍ଠ କଂଗ୍ରେସ କର୍ମୀ ବିକାଶ ଚନ୍ଦ୍ର ଭୋଇ ପ୍ରକାଶ କରିଛନ୍ତି। ଜିଲା କଂଗ୍ରେସ ସଭାପତି ବିନୋଦ ପାତ୍ର ଓ ଚିତ୍ତରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶରେ ନେହେରୁ ଲାଲ ସା, ସୁଦାମ ମେହେର, ରାଜିନ ନାଗ, ସୁରୁବାବୁ ନନ୍ଦ, ବୀରେନ୍ଦ୍ର ଯୁଆଡ଼ି, ରାଜେନ୍ଦ୍ର ସା, ଛନକ ସା, ସୁରୁ ମଲ୍ଲିକ, ଅନ୍ତ ଦୀପ, ହାଡୁ ତାଣ୍ଡକାରଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳଗୁଡିକ ଭୋଟରଙ୍କ ନିକଟତର ହେବାକୁ ବିଭିନ୍ନ ନୀତି ଆପଣାଉଛନ୍ତି।

### ଡମ୍ବରୁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ପ୍ରେମିକଙ୍କୁ ସୁପାରି ଦେଇ ହତ୍ୟା

**ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଧୀନ ଧ୍ୱବରପଡା ଗ୍ରାମର ଡମ୍ବରୁ ଅଧିକାରୀ(୨୪)ଙ୍କୁ ଜାନୁୟାରୀ ୨୫ ତାରିଖ ରାତିରେ ହତ୍ୟା କରାଯାଇଥିଲା। ତେବେ ପୋଲିସ ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ଗ୍ରାମର ରିତ ନାଏକ(୨୯), ସୁବଳୟା ଥାନା ବଡଖମାର ଗ୍ରାମର ରାଜୀବ କୁମ୍ଭାର(୪୦) ଓ ଦେବଗଡ ଜିଲା ବାରକୋଟ ଥାନା ବାଗଧରେ ଗ୍ରାମର ଝିଲି ଓରଫ କାଜଲ ମହାପାତ୍ର(୨୩)। ଝିଲିଙ୍କୁ ସମ୍ବଲପୁରରୁ ଓ ଅନ୍ୟ ୨ ଅଭିଯୁକ୍ତଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି। ପ୍ରେମ ପ୍ରତାରିତା ଝିଲି ସୁପାରି ଦେଇ ଡମ୍ବରୁଙ୍କୁ ହତ୍ୟା କରିଥିବା ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍ ଜିଲା ପୋଲିସ ମୁଖ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୋମବାର ସୂଚନା ଦେଇଛନ୍ତି। ଝିଲି ଜଣେ ନୃତ୍ୟାଙ୍ଗନା। ସେ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରନ୍ତି। ମୃତ ଡମ୍ବରୁ ଜଣେ ବାଦ୍ୟକାର। ବ୍ୟାଣ୍ଡପାର୍ଟିରେ ସେ ପେଡ ବଜାନ୍ତି। ଏପରି କି ଅନ୍ୟ ବାଦ୍ୟକାରଙ୍କୁ ପେଡ ଭଡାରେ ମଧ୍ୟ ଦିଅନ୍ତି। ଗତ ୫ ବର୍ଷ ଧରି ଡମ୍ବରୁ ଓ ଝିଲିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ ଡମ୍ବରୁ ଝିଲିଙ୍କୁ ବାହା ନ ହୋଇ ପ୍ରତାରଣା କରିଥିଲେ। ତାଙ୍କୁ ଧୋକା ଦେଇ ରାଉରକେଲା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଆରମ୍ଭ କରିଥିଲେ। ଏହା କୌଣସି ସୂତ୍ରରୁ ଜାଣିପାରି ଝିଲି କ୍ରୋଧିତ ହୋଇ ପଡିଥିଲେ। ସେ ପୂର୍ବରୁ ପରିଚିତ ଥିବା ତଥା ବ୍ୟାଣ୍ଡପାର୍ଟିରେ କାମ କରୁଥିବା ସୁବଳୟା ଥାନା ଅଞ୍ଚଳର ରାଜୀବ ଓ ରୀତଙ୍କ ସହିତ ମିଶି ଡମ୍ବରୁଙ୍କୁ ହତ୍ୟା ଯୋଜନା କରିଥିଲେ। ଏଥିପାଇଁ ଝିଲି ଉଭୟଙ୍କ ସହିତ ୪୦ ହଜାର ଟଙ୍କାର ଡିଲ୍ କରିଥିଲେ। ଏପରି କି ଡିଲ୍ ଅନୁଯାୟୀ ଗତ ଜାନୁଆରୀ ୧ ତାରିଖରେ ଝିଲି ଅଗ୍ରୀମ ଆକାରରେ ରାଜୀବଙ୍କ ଫୋନ୍ ପେରେ ୧୦ହଜାର ଟଙ୍କା ଦେଇଥିଲେ ବୋଲି ଏସ୍‌ପି କହିଛନ୍ତି। ୨୫ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ରାଜୀବ ଡମ୍ବରୁଙ୍କୁ ଫୋନ କରି ଏକ ପାର୍ଟି ଆୟୋଜନ କରିବାକୁ କହିଥିଲେ। ଡମ୍ବରୁ ଏହି ପ୍ରସ୍ତାବରେ ରାଜି ହୋଇ ସନ୍ଧ୍ୟା ସାଢେ ୭ଟାରେ ନିଜର ଚା ଦୋକାନକୁ ବନ୍ଦ କରିଥିଲେ। ପରେ ସେ ନିଜ ସ୍କୁଟିରେ ସୁବଳୟା ସରକାରୀ ବିଦେଶୀ ମଦ ଦୋକାନକୁ ଆସି ମଦ, ପାଣି ବୋତଲ ଏବଂ ଏକ ଚିକେନ୍ ଦୋକାନରୁ ଚିକେନ୍ କଷା କିଣିଥିଲେ। ଏହି ସମୟରେ



ସୁବର୍ଣ୍ଣପୁର ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

### ପ୍ରେମିକାଙ୍କ ସମେତ ୩ ଗିରଫ

ରାଜୀବଙ୍କ ମୋଟର ସାଇକେଲରେ ରାଜୀବ ଓ ରିତ ଆସି ସୁବଳୟା ରେ ପହଞ୍ଚିଥିଲେ। ୩ଜଣ ମିଶି ସାଲେପଦରସ୍ଥିତ ରୁଗୁଡିବନ୍ଧକୁ ଯାଇଥିଲେ। ସେଠାରେ ସମସ୍ତେ ମଦ ପିଇବା ସହ ଚିକେନ୍ କଷା ଖାଇଥିଲେ। ଡମ୍ବରୁଙ୍କୁ ନିଶା ହେବା ପରେ ପୂର୍ବ ଯୋଜନା ଅନୁଯାୟୀ ରିତ ଏକ କୁରାଢ଼ୀରେ ତାଙ୍କ ମୁଣ୍ଡ ପଛପଟକୁ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ପରେ ଘଟଣାସ୍ଥଳରେ ହିଁ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନେ ସ୍କୁଟି ଦୁର୍ଘଟଣାରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିବା ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ପ୍ରମାଣ ନଷ୍ଟ ଉଦ୍ୟମ କରିବା ସହ ରାଜୀବ ଓ ରିତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ମୃତ ଡମ୍ବରୁଙ୍କ ବାପା ସୁରେଶ ଅଧିକାରୀ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ସୁବଳୟା ଥାନାରେ ନଂ୧୯/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ମୃତଦେହ, ସ୍କୁଟି, ମଦ ବୋତଲ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା । ସୁବର୍ଣ୍ଣପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ ଚାଲିଥିଲା। ଫୋନ୍ ଟ୍ରାକିଂ ପରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ୍ ମିଳିଥିଲା। ଗିରଫ ଅଭିଯୁକ୍ତ ପୋଲିସ ନିକଟରେ ସମସ୍ତ କଥା ସ୍ୱୀକାର କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ୀ ଜବତ ହୋଇଥିଲା । ଏହି ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ ଓ ସୁବଳୟା ଆଇଆଇସି ସୁଶାନ୍ତ କୁମାର ପଧାନ ଉପସ୍ଥିତ ଥିଲେ ।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମଣ୍ଡିକୁ ଚାଲ ଅଭିଯାନ

**ବୌଦ୍ଧ,୫।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ମିଲର୍ସଙ୍କ ମର୍ଜିରେ ଧାନ କିଣା ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରି ଆସୁଥିବା ବେଳେ ରବିବାର ଦିନ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମଣ୍ଡିକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଏନେଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପ ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ହରଭଙ୍ଗା ବ୍ଲକର ବନ୍ଧାପଥରଠାରେ ଥିବା ମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିରେ ମିଲର୍ସ ୩ କେଜି କଟନୀ ଛଟନୀ କରୁଥିବା ଚାଷୀମାନେ ଅଭିଯୋଗ କରିଥିଲେ । ବିଶେଷ କରି ଧାନ ରଖିବା ପାଇଁ ପିଣ୍ଡି ନାହିଁ, ଧାନ ଠିକ ସମୟରେ ମିଲର୍ସ ନେଉନାହିଁ ନେଇ ଚାଷୀମାନେ ଅଭିଯୋଗ କରିଥିଲେ । ମଣ୍ଡିଗୁଡିକର ଅବ୍ୟବସ୍ଥା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିନିଧି ଦଳ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅଭିଯାନ ସମୟରେ କୃଷକ ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ବୈକୁଣ୍ଠ ପ୍ରଧାନ, କୁମୁଦନନ୍ଦ ଧଳ, କହ୍ନାଇ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।



ବନ୍ଧାପଥର ମଣ୍ଡି ପରିସରରେ ପ୍ରତିନିଧି ଦଳ।

## ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ

**ବୌଦ୍ଧ,୫।୨( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଦିନ ଜିଲା କାର୍ଯ୍ୟାଳୟଠାରେ ପ୍ରଗମନ ସମ୍ବନ୍ଧରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଓଡିଶାରେ ପ୍ରଗମନ ଅଭିଯାନ ଆରମ୍ଭ ହୋଇଛି, ଆସନ୍ତା ନିର୍ବାଚନ ପାଇଁ ଆଶାୟୀ ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ ଆସନ୍ତା ୧୧ ତାରିଖ ମଧ୍ୟରେ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା । କଂଗ୍ରେସ ଦଳ ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରାର୍ଥୀ ଚୟନ କରିବ । ଲଢିବା ପାଇଁ କାହାର ସୁପାରିଶ ଦରକାର ପଡିବ ନାହିଁ, ଓଡିଶା ବିଧାନସଭା ଓ ଲୋକସଭା ଆସନ ଲଢିବା ପାଇଁ ସାଧାରଣ ଜନତା, ଲୋକସେବକ, କର୍ମୀ ଓ ନେତାମାନେ ଆବେଦନ କରିପାରିବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସାଧାରଣ ଲୋକଙ୍କୁ ନିର୍ବାଚନରେ ଯୋଡିବା ଓ ନେତୃତ୍ୱ ବିକାଶକୁ ଆଗକୁ ବଢାଇବା ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ନିର୍ବାଚନରେ ସଂସ୍କାର ଆଣିବାକୁ ଯେଉଁ ନିଷ୍ପାପର ଉଦ୍ୟମ ଆରମ୍ଭ ହେଉଛି ତାହା ହେଉଛି ପ୍ରଗମନ । ଏହି ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ବେଣୁଧର ମେହେର, ପ୍ରଭଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।





କଂଗ୍ରେସର ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

## ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଘାଟିତ

### ଢୋଲ, ନିଶାନ ଓ ଆତସବାଜିରେ କମ୍ପିଲା ବଜାର

**ବାଉଁଶୁଣୀ,୫।୨(ଦେବାଶିଷ ନେପାକ/ ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଦିନ ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମହୋତ୍ସବ ଅବସରରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳେ ବାଉଁଶୁଣୀ ଗଡଭିତରର ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ପରେ ସାଂସ୍କୃତିକ ଶୋଭାଯାତ୍ରା ଡିମିରିପାଲି ଗ୍ରାମ ପରିକ୍ରମା କରି ବାଉଁଶୁଣୀ ଛକ ଦେଇ ମହୋତ୍ସବ ପଡିଆରେ ପହଞ୍ଚି ଥିଲା। ଶୋଭଯାତ୍ରାରେ ଗୁଡ୍ଲିଆ ସରପ, ଧବଳେଶ୍ୱର ସିଂ, ଅଁଳାପାଲି ସରପ, ଅଜିତ ମେହେର, ବାଉଁଶୁଣୀ ସରପ, ଅଇଁଠୁ ମେହେର, ସାଂସ୍କୃତିକ ପରିଷଦ ଆବାହକ ଦଶରଥ ମେହେର, ସମ୍ପାଦ ସୀତାକାନ୍ତ ସିଂ, ଚକ୍ରଧର ମେହେର, ମନୋଜ ଗାଇର୍ଗୈରିଆ, ବିକାଶ ଅଗ୍ରୱାଲା, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ଥିଲେ। ଦୁଲଦୁଲି ବାଜା, ଢୋଲ ନିଶାନର ତାଳେ ତାଳେ ଶହ ଶହ କଳାକାର ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ନାଚ ଓ ଗୀତ ଗାଇ ସାଂସ୍କୃତିକ ଶୋଭଯାତ୍ରାର ଆଗେ ଆଗେ ଚାଲିଥିଲେ। ଶୋଭାଯାତ୍ରା ସମୟରେ ଆତସବାଜିରେ ପୁରା ବାଉଁଶୁଣୀ ବଜାର କମ୍ପି ଉଠିଥିଲା। ସନ୍ଧ୍ୟା ସମୟରେ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ସମ୍ମାନୀତ ଅତିଥି ଭାବେ ଦାହ୍ୟା ରକ୍ସା ସରପଞ୍ଚ ବିଭୁତି ଭୁଷଣ ଡାଙ୍ଗ, ତାଳେସରଡା ସରପଞ୍ଚ ସସ୍ମିତା ପାଣ୍ଡେ, ଅଁଳାପାଲି ସରପଞ୍ଚ ଅଜିତ କୁମାର ମେହେର ଯୋଗ ଦେଇଥିଲେ। ମହୋତ୍ସବ ହେଉଛି କଳା, ସଂସ୍କୃତି ଓ ପରମ୍ପରାର ମିଳନସ୍ଥଳୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମନୋଜ ଗାଇର୍ଗୈରିଆ ଧନ୍ୟବାଦ ଦେଇଥିଲେ।





ମହୋତ୍ସବରେ ଯୋଗଦେଇଥିବା ଅତିଥି।

## ବୌଦ୍ଧ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

### ଭାଜପାର ଖବରଦାତା ସମ୍ମିଳନୀ

**ବୌଦ୍ଧ,୫।୨( ଅଜିତ କୁମାର ବାରିକ )**

ବୌଦ୍ଧ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । ଏନେଇ ସୋମବାର ଦିନ ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ଦିରଗୁଡିକରୁ ଚୋରି ବୃଦ୍ଧି ପାଉଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ହୋଇ ବସି ରହୁଥିବା ଦେଖିବାକୁ ମିଳିଛି। ଚୋରି ବଢି ଚାଲିଥିବାରୁ ଜନସାଧାରଣ ନିଜର ଧନଜୀବନକୁ ସୁରକ୍ଷିତ ମଣୁ ନ ଥିବା ଅଭିଯୋଗ କରାଯାଇଥିଲା । ଆଗାମୀ ଦିନରେ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଜିଲା ଭାଜପା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମହାନ୍ତି ସମ୍ମିଳନୀରେ କହିଥିଲେ । ଏହାଛଡା ଜିଲାରେ ଦିନକୁ ଦିନ ରୋହଙ୍ଗିଆଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ସମ୍ବନ୍ଧରେ କୌଣସି ଯାଞ୍ଚ କରା ନ ଯାଇ ପ୍ରଶାସନ ତରଫରୁ ଥଇଥାନ କରାଯାଉଛି ବୋଲି ସେ ସମ୍ମିଳନୀରେ ପ୍ରକାଶ କରିଥିଲେ । ଜିଲାର ମନ୍ଦିରଗୁଡିକରେ ସିସି ଟିଭି ଲଗାଇବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ଜିଲା ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ତାପସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଅମରପାଲି,୫।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଲ ଗ୍ରାମ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତର ସରପଞ୍ଚ ମହେନ୍ଦ୍ର ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଓ ବୀରମହାରାଜପୁର ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା,ଏବିଡିଓ ପୁରୁଷୋତ୍ତମ ଧରୁଆ, ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଲୋକାଭିମୁଖୀ ଯୋଜନା ର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ମିଶନ ଶକ୍ତି ଦ୍ୱାରା ବିଭିନ୍ନ ଷ୍ଟଲ ଲାଗିଥିଲା । ଘନଶ୍ୟାମ ଲୁହା, ନାରାୟଣ ମହାକୁର, ସୁରଜ କୁମ୍ଭାର ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉପଲକ୍ଷେ ଚମ୍ପାମାଲ ଗ୍ରାମ ପଞ୍ଚାୟତର ଉନ୍ନତିକୁ ନେଇ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚମ୍ପାମାଲ ଏମବିକେ ବୀଣାପାଣି ହୋତା, ସଭାପତି ଯାଜ୍ଞଶ୍ୱରୀ ମିଶ୍ର, ବ୍ଲକ ଅଧିକାରୀ ଓ ସାଧାରଣ ଲୋକେ ଯୋଗଦାନ କରିଥିଲେ । ସେହିପରି ବହଳପଦର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା,ଉପାଧ୍ୟକ୍ଷ ନାରାୟଣ ଲୁହା, ଏବିଡିଓ ପୁରୁଷୋତ୍ତମ ଧରୁଆ,ସରପଞ୍ଚ ନିରୁପମା ସେଠୀ, ସମିତି ସଭ୍ୟା ସୁଗନ୍ଧା ଘିବିଲା ପ୍ରମୁଖ ଯୋଗ ଦେଇଥିଲେ।

## ୧୦ରୁ ୧୯ତମ ପାତାଳି ମହୋତ୍ସବ

### ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ସାମିଲ ହେଲେ ଜିଲାପାଳ

**ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ଆସନ୍ତା ୧୦ ତାରିଖରୁ ୧୯ ତମ ପାତାଳି ମହୋତ୍ସବ ଆୟୋଜିତ ହେବ। ଏହା ୧୭ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବ। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ମହୋତ୍ସବ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପାତାଳି ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପୀଠର ମାହାତ୍ମ୍ୟ ବର୍ଣ୍ଣନା କରିବା ସହ ଗତବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସେହିପରି ଚଳିତବର୍ଷ ପାଇଁ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଜିଲାପାଳ ଦାସ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ମହୋତ୍ସବର ସଠିକ ପରିଚାଳନା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ସମସ୍ତ ଅଧିକାରୀ ପାତାଳି କ୍ଷେତ୍ରରେ ମିଳିତ ଭାବରେ ପହଞ୍ଚି ପ୍ରସ୍ତୁତି ତଦାରଖ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଉଲୁଣ୍ଡା ବିଡିଓ କରିସ୍ମା ବେଶ୍ରା, ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ,ଏଡିଏଚ ହୃଷିକେଶ ଦାଶ, ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ, ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ, ପାତାଳି ଟ୍ରଷ୍ଟର ସଂପାଦକ ଉତ୍ତର କୁମାର ପାତ୍ର, ଟ୍ରଷ୍ଟ ସଦସ୍ୟ ଦିଲିପ ପାତ୍ର, ମହାଦେବ ସାହୁ, ଜାନକୀ ରାମ ଦେହେରୀ, ନଳିନୀ କାନ୍ତ ବାଘ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲାପାଳ,ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ନବନିଯୁକ୍ତ ଜିଲାପାଳ ଅନ୍ୟା ଦାସ ଏବଂ ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ପ୍ରଥମ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକସ୍ତରୀୟ ଏହି ଶିବିର ଜିଲା ପରିଷଦ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ୨୮ ଗୋଟି ଅଭିଯୋଗ ଦରଖାସ୍ତ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୨,ସାମୁହିକ ଦରଖାସ୍ତ ୬ ଓ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ୨ଟି ଦରଖାସ୍ତ ଗ୍ରହଣ କରାଯାଇଛି। ସମସ୍ତ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲାର ୪ ଯୋଡି ଭିନ୍ନକ୍ଷମ ଦମ୍ପତ୍ତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୁର୍ଗା ଦାସଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ ।



ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

## ଅମରପାଲିକୁ ହରାଇ ଅନ୍ଧାରୀ ଚାମ୍ପିୟନ

### ୩ ୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଅମରପାଲି,୫।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଗୁଡୁଗୁଡା ଗ୍ରାମରେ ହେଉଥିବା ତୃତୀୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଅମରପାଲିକୁ ହରାଇ ଅନ୍ଧାରୀ ( ଯୁଯୁମୁରା) ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଅନ୍ଧାରୀ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୮୪ ରନ କରିଥିଲା। ଜବାବରେ ଅମରପାଲି ଦଳ ୭ ଓଭରରେ ସମସ୍ତ ଉଇକେଟ ହରାଇ ୪୬ରନ କରି ପରାସ୍ତ ହୋଇଥିଲା। ପୀତାମ୍ବର ସାହୁଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଆମ୍ବ ଅଧ୍ୟକ୍ଷ ବିବସତି ପଣ୍ଡା, ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଅମରପାଲି ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ, ପ୍ରାଣବନ୍ଧୁ ସାହୁ, କ୍ରୀଡାବିତ ଚମ୍ପେଶ୍ୱର ମିଶ୍ର ଓ ଟୁର୍ନାମେଣ୍ଟ ପରିଚାଳନା କମିଟିର ଉପଦେଷ୍ଟା ମକରଧ୍ୱଜ ମିର୍ଦ୍ଧା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅମରପାଲି ର କୁନୁ ଭୋଇଙ୍କୁ ଏମରଜିଙ୍ଗ ପ୍ଲେୟାର, ମୁକେଶ ସେଠଙ୍କୁ ଶ୍ରେଷ୍ଠ ସିକ୍ସର, ଅନ୍ଧାରୀର ସୁମନ୍ତ ବିଶାଳଙ୍କୁ ଶ୍ରେଷ୍ଠ ବୋଲର, ଲିପୁନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ବାବୁଲାଲ ମୁଣ୍ଡାଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଅନ୍ଧାରୀ ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅଫ ଅମରପାଲି ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ ବିଷ୍ଣୁ ପ୍ରଧାନ ଓ କାହ୍ନୁ ଭୋଇ ପରିଚାଳନା କରିଥିଲେ। ରଘୁମଣି ପୁଟା ଓ ସବ୍ୟସାଚୀ ବଘାର ସ୍କୋରିଂ ଏବଂ ଗୋବିନ୍ଦ ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିଲେ।



ଫାଇନାଲ ମ୍ୟାଚରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

## ସଂକ୍ଷେପରେ

### କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ବଡ଼ଗାଁ,୫।୨ (ଅଶୋକ ଷଡଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବସ୍ତିର ଜଣେ ମହିଳାଙ୍କ ଅନୁପସ୍ଥିତିରେ ତାଙ୍କ ଘର କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଗହଣା ଚୋରି ହୋଇଛି। ଏନେଇ ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି। ଘଟଣା ଅନୁଯାୟୀ,ସ୍ୱର୍ଗତ ଯୋଗେନ୍ଦ୍ର ସେଠ୍‌ଙ୍କ ସ୍ତ୍ରୀ ବାସନ୍ତୀ ମଙ୍ଗଳବାର ତାଙ୍କ ଝିଅ ଘର ସୁନ୍ଦରଗଡ ନିକଟ କନକଯୋର ଗ୍ରାମକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗରେ ରବିବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି ଚୋର ମାନେ ଦୁଇଟି ଆଲମାରୀରୁ ୨ ଟି ସୁନା ହାର, ଗୋଟିଏ ସୁନା ଚେନ, ୨ ଟି ସୁନା ମୁଦି, ସୁନା ଲକେଟ୍, ତିନି ହଳ ରୂପା ପାଉଜି ଚୋରି କରି ନେଇଥିଲେ।

### ବୌଦ୍ଧ ଭୈରବୀ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ବୌଦ୍ଧ,୫।୨(ଅଜିତ କୁମାର ବାରିକ) ରବିବାର ରାତିରେ ବୌଦ୍ଧ ସହରର କେନ୍ଦ୍ରସ୍ଥଳରେ ଥିବା ମା' ଭୈରବୀଙ୍କ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରମାନେ ସମସ୍ତ ଟଙ୍କା, ପଇସା ଲୁଟି ନେଇଛନ୍ତି। ସୋମବାର ସକାଳେ ପୂଜକ ଆସି ଦେବୀଙ୍କ ମନ୍ଦିର ଖୋଲିବା ପରେ ହୁଣ୍ଡି ନ ଥିବା ଦେଖିବାକୁ ପାଇଥିଲେ। ଟଙ୍କା ନେବା ପରେ ଚୋରମାନେ ମନ୍ଦିର ପରିସରରେ ହୁଣ୍ଡି ଫିଙ୍ଗି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୌଦ୍ଧ ଥାନାରେ ଏତଲା ଦିଆଯିବା ପରେ ଘଟଣାର ତଦନ୍ତ ଚାଲିଛି। ଏହାଛଡା ଚୋରମାନେ ରବିବାର ରାତିରେ ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନାଠାରୁ ମାତ୍ର ୧ କିମି ଦୂର ଠିକାଯୋଗର ଜଗନ୍ନାଥ ମନ୍ଦିରରୁ ହୁଣ୍ଡି ଚୋରି କରି ନେଇଥିବା ଜଣାପଡିଛି। ଏନେଇ ମନ୍ଦିର କମିଟି ପକ୍ଷରୁ ପୁରୁଣାକଟକ ଥାନାରେ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବୌଦ୍ଧର ଜଳେଶ୍ୱର ମନ୍ଦିର, ଚନ୍ଦ୍ରଚୂଡ ମନ୍ଦିର,ହନୁମାନ ମନ୍ଦିର, ବାପୁଜୀ ନଗରର ଶଙ୍ଖଚୁଡ଼ ମନ୍ଦିରରୁ ଚୋରମାନେ ହୁଣ୍ଡି ଭାଙ୍ଗି ଟଙ୍କା,ଅଳଙ୍କାର ଲୁଟି ନେଇଥିଲେ।

### ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ସୁନ୍ଦରଗଡ,୫।୨(ଜୟନାରାୟଣମେଣ୍ଡୁଲି): ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘର ୨୨ତମ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୁର୍ଗା ମାଧବ ପଟେଲ ପ୍ରଥମେ ପତାକା ଉତ୍ତୋଳନ କରିଥିଲେ। ସାମୂହିକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ସଂଘର ପରଲୋକଗତ ସଦସ୍ୟଙ୍କ ସଦ୍‌ଗତି କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିଭାବେ ପୌର ଉପାଧ୍ୟାୟ ଲଲାଟେନ୍ଦୁ ପରିଡା ଯୋଗଦେଇ ସଂଘ ତରଫରୁ ଉପସ୍ଥାପିତ ବିଭିନ୍ନ ଦାବି ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ରାଜକିଶୋର ମହାରଣା ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁର୍ଗାମାଧବ ପଟେଲ ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଡ. ଚିରବ୍ରତ ଦତ୍ତ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ରାଜକିଶୋର ମହାରଣା ସାଧାରଣ ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଗୁଣନିଧୀ ମହାନ୍ତି ଉପସଭାପତି, ଲଳିତ ମୋହନ ଦାସ ଓ ଶ୍ୟାମ ସୁନ୍ଦର ଆଚାର୍ଯ୍ୟ ଯୁଗ୍ମ ସମ୍ପାଦକ, ଗଦାଧର ଦାସ, ଡ. ସରୋଜ କୁମାର ପଟେଲ, ଚନ୍ଦ୍ରମଣି ମିଶ୍ର, ସୁରେଶ କୁମାର ପୃଷ୍ଟି, ସନ୍ତୋଷ କୁମାରୀ ପାଳ,ସୁଷମା ପଟେଲ,ଜଗଦୀଶ ସରାଫ,ବିଭୁଦେନ୍ଦ୍ର ଠାକୁର,ତାରାଚାନ୍ଦ ପଟେଲ ସଦସ୍ୟ ଉପସ୍ଥିତ ଥିଲେ। ଉପଦେଷ୍ଟା ଭାବେ ଇଶ୍ୱର ଚନ୍ଦ୍ର ନାଏକ, ଚିନ୍ମୟ ପାଣିଗ୍ରାହୀ, ନବୀନ କୁମାର ପଟେଲ, ଶାନ୍ତନୁ କୁମାର ମହାପାତ୍ର, ସମୀର କୁମାର କର, ହରିବନ୍ଧୁ ଠାକୁର, କୁଞ୍ଜବିହାରୀ ଛତ୍ରିଆ, ଗୋବିନ୍ଦ ଚନ୍ଦ୍ର ସୁଆର ଓ ମନୋଜ କୁମାର ପୁରୋହିତ ମନୋନୀତ ହୋଇଛନ୍ତି।

## ଡମ୍ବରୁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ
# ପ୍ରେମିକଙ୍କୁ ସୁପାରି ଦେଇ ହତ୍ୟା

ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)


ସୁବର୍ଣ୍ଣପୁର ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଧୀନ ଧ୍ୱବରପଡା ଗ୍ରାମର ଡମ୍ବରୁ ଅଧିକାରୀ(୨୪)ଙ୍କୁ ଜାନୁୟାରୀ ୨୫ ତାରିଖ ରାତିରେ ହତ୍ୟା କରାଯାଇଥିଲା। ତେବେ ପୋଲିସ ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ଗ୍ରାମର ରିତ ନାଏକ(୨୯), ସୁବଳୟା ଥାନା ବଡଖମାର ଗ୍ରାମର ରାଜୀବ କୁମ୍ଭାର(୪୦) ଓ ଦେବଗଡ ଜିଲା ବାରକୋଟ ଥାନା ବାଗଧିରେ ଗ୍ରାମର ଝିଲି ଓରଫ କାଜଲ ମହାପାତ୍ର(୨୩)। ଝିଲିଙ୍କୁ ସମ୍ବଲପୁରରୁ ଓ ଅନ୍ୟ ୨ ଅଭିଯୁକ୍ତଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି। ପ୍ରେମ ପ୍ରତାରିତା ଝିଲି ସୁପାରି ଦେଇ ଡମ୍ବରୁଙ୍କୁ ହତ୍ୟା କରିଥିବା ସୁବର୍ଣ୍ଣପୁର ଏସ୍‌ପି ଯଶ୍‌ପ୍ରତାପ ଶ୍ରୀମାଲ୍ ଜିଲା ପୋଲିସ ମୁଖ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୋମବାର ସୂଚନା ଦେଇଛନ୍ତି। ଝିଲି ଜଣେ ନୃତ୍ୟାଙ୍ଗନା। ସେ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରନ୍ତି। ମୃତ ଡମ୍ବରୁ ଜଣେ ବାଦ୍ୟକାର। ବ୍ୟାଣ୍ଡପାର୍ଟିରେ ସେ ପେଡ ବଜାନ୍ତି। ଏପରି କି ଅନ୍ୟ ବାଦ୍ୟକାରଙ୍କୁ ପେଡ ଭଡାରେ ମଧ୍ୟ ଦିଅନ୍ତି। ଗତ ୫ ବର୍ଷ ଧରି ଡମ୍ବରୁ ଓ ଝିଲିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ ଡମ୍ବରୁ ଝିଲିଙ୍କୁ ବାହା ନ ହୋଇ ପ୍ରତାରଣା କରିଥିଲେ। ତାଙ୍କୁ ଧୋକା ଦେଇ ରାଉରକେଲା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଆରମ୍ଭ କରିଥିଲେ। ଏହା କୌଣସି ସୂତ୍ରରୁ ଜାଣିପାରି ଝିଲି କ୍ରୋଧିତ ହୋଇ ପଡିଥିଲେ। ସେ ପୂର୍ବରୁ ପରିଚିତ ଥିବା ତଥା ବ୍ୟାଣ୍ଡପାର୍ଟିରେ କାମ କରୁଥିବା ସୁବଳୟା ଥାନା ଅଞ୍ଚଳର ରାଜୀବ ଓ ରୀତଙ୍କ ସହିତ ମିଶି ଡମ୍ବରୁଙ୍କୁ ହତ୍ୟା ଯୋଜନା କରିଥିଲେ। ଏଥିପାଇଁ ଝିଲି ଉଭୟଙ୍କ ସହିତ ୪୦ ହଜାର ଟଙ୍କାର ଡିଲ୍ କରିଥିଲେ। ଏପରି କି ଡିଲ୍ ଅନୁଯାୟୀ ଗତ ଜାନୁଆରୀ ୧ ତାରିଖରେ ଝିଲି ଅଗ୍ରୀମ

### ପ୍ରେମିକାଙ୍କ ସମେତ ୩ ଗିରଫ

ଆକାରରେ ରାଜୀବଙ୍କ ଫୋନ୍ ପେରେ ୧୦ହଜାର ଟଙ୍କା ଦେଇଥିଲେ ବୋଲି ଏସ୍‌ପି କହିଛନ୍ତି। ୨୫ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ରାଜୀବ ଡମ୍ବରୁଙ୍କୁ ଫୋନ କରି ଏକ ପାର୍ଟି ଆୟୋଜନ କରିବାକୁ କହିଥିଲେ। ଡମ୍ବରୁ ଏହି ପ୍ରସ୍ତାବରେ ରାଜି ହୋଇ ସନ୍ଧ୍ୟା ସାଢେ ୭ଟାରେ ନିଜର ଚା ଦୋକାନକୁ ବନ୍ଦ କରିଥିଲେ। ପରେ ସେ ନିଜ ସ୍କୁଟିରେ ସୁବଳୟା ସରକାରୀ ବିଦେଶୀ ମଦ ଦୋକାନକୁ ଆସି ମଦ, ପାଣି ବୋତଲ ଏବଂ ଏକ ଚିକେନ୍ ଦୋକାନରୁ ଚିକେନ୍ କଷା କିଣିଥିଲେ। ଏହି ସମୟରେ ରାଜୀବଙ୍କ ମୋଟର ସାଇକେଲରେ ରାଜୀବ ଓ ରିତ ଆସି ସୁବଳୟା ରେ ପହଞ୍ଚିଥିଲେ। ୩ ଜଣ ମିଶି ସାଲେପଦରସ୍ଥିତ ଗୁଗୁଡିବନ୍ଧକୁ ଯାଇଥିଲେ। ସେଠାରେ ସମସ୍ତେ ମଦ ପିଇବା ସହ ଚିକେନ୍ କଷା ଖାଇଥିଲେ। ଡମ୍ବରୁଙ୍କୁ ନିଶା ହେବା ପରେ ପୂର୍ବ ଯୋଜନା ଅନୁଯାୟୀ ରିତ ଏକ କୁରାଢ଼ୀରେ ତାଙ୍କ ମୁଣ୍ଡ ପଛପଟକୁ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ପରେ ଘଟଣାସ୍ଥଳରେ ହିଁ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନେ ସ୍କୁଟି ଦୁର୍ଘଟଣାରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିବା ରୂପ ଦେବା ପାଇଁ ଚେଷ୍ଟା କରିଥିଲେ।


ସୁନ୍ଦରଗଡ ସଦ୍‌ଭାବନା ଭବନଠାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଉଛି।

# ସମୂହ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ

ସୁନ୍ଦରଗଡ଼,୫।୨(ଜୟ ନାରାୟଣ ମେଣ୍ଡୁଲି)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ଏହି ଅବସରରେ ସ୍ଥାନୀୟ ସଦ୍‌ଭାବନା ଭବନ ଠାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ସହିତ ଆଭାସି ମାଧ୍ୟମରେ ସମ୍ମିଳନୀର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଡ. ପରାଗ ଗଭାଲି, ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି, ସଦର ଉପ ଜିଲାପାଳ ଦାଶରଥି ସରାବୁ, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ ଏବଂ ପରେ ଆଭାସି ମାଧ୍ୟମରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି ସମ୍ମିଳନୀର ସିଧା ପ୍ରସାରଣ କରାଯାଇଥିଲା। ସେହିପରି ଏହି ଅବସରରେ ଜିଲାରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ବିକାଶ ଭବନଠାରେ ଜିଲା ସ୍ତରୀୟ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ଥିବା ବ୍ୟକ୍ତିଙ୍କୁ ଏହି ଉପଲକ୍ଷେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି ଅବସରରେ ଜିଲାର ସମସ୍ତ କାର୍ଯ୍ୟାଳୟ, ବ୍ଲକ, ତହସିଲ, ମ୍ୟୁନିସପାଲିଟି, ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଏଥିସହ ସମ୍ମିଳନୀର ସିଧା ପ୍ରସାରଣ ମଧ୍ୟ କରାଯାଇଥିଲା।

### ତାଲା ଭାଙ୍ଗି ଚୋରି

ଲହୁଣୀପଡ଼ା,୫।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା କଲେଇପୋଷ ପଞ୍ଚାୟତ ପରାଗପୋଷ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଘରର ତାଲା ଭାଙ୍ଗି ଆଲମାରୀକୁ ଟେକି ନେଇ ପ୍ରାୟ ୨ଶହ ମିଟିର ଦୂରରେ ପକେଇ ଟଙ୍କା ଓ ସୁନା ଗହଣା ଲୁଟି ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଲହୁଣୀପଡା ପୋଲିସ ସୋମବାର ସକାଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ପଣ୍ଡିତ ରଘୁନାଥ ମୁର୍ମୁ କ୍ଲବର ବାର୍ଷିକ ଉତ୍ସବ

ବନ୍ଧମୁଣ୍ଡା,୫।୨(ସୁବ୍ରତ ଦେ): ବନ୍ଧମୁଣ୍ଡା ଚମ୍ପାଗଡ଼ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ କ୍ଲବରେ କ୍ଲବ ସଦସ୍ୟଙ୍କ ଦ୍ୱାରା ୨୭ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଡିଏସପି ରାମରାୟ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବାର୍ଷିକ ଉତ୍ସବରେ ୨ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ବ୍ୟତୀତ କ୍ଲବ ସଦସ୍ୟଙ୍କ ଦ୍ୱାରା ଅନେକ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସନ୍ଥାଲି ବାଳିକା ଏବଂ ମହିଳା ସେମାନଙ୍କ ପାରମ୍ପାରିକ ପୋଷାକ ପିନ୍ଧି ଅନେକ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ସନ୍ଥାଲ ଭାଷାର ଅଲଚିକି ସ୍କ୍ରିପ୍ଟର ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କ୍ଲବର ସନ୍ଧ୍ୟା ରାନୀ ମିଞ୍ଜ, ଚେତନ ମୁର୍ମୁ, ଗଣେଶ ଟୁଡୁ, ଗୁରୁଚରଣ ମାରାଣ୍ଡି, ଦସମତ ସୋରେନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଖୁବ୍ ଶୀଘ୍ର ଚାଲିବ କ୍ୟାରିୟର ଟକ୍ ଭିଡିଓ ସିରିଜ

ସୁନ୍ଦରଗଡ,୫।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲାର ପିଲାଙ୍କୁ କ୍ୟାରିୟର ମନସ୍କ କରିବା ପାଇଁ ଜିଲା ପ୍ରଶାସନ ଓ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ଆରମ୍ଭ ହେବାକୁ ଯାଉଛି କ୍ୟାରିୟର ଟକ୍ ନାମକ ଏକ ସାକ୍ଷାତକାର ସିରିଜ। ଏହି ଭିଡିଓ ସିରିଜ୍ ଗତ ନଭେମ୍ବରରେ ଜୋନ୍ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ସମୟରେ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏବେ ପିଲାଙ୍କ ପାଇଁ ଏହା ପ୍ରଦର୍ଶିତ ହେବାକୁ ଯାଉଛି। ସୂଚନା ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ପିଲାଙ୍କ ପାଖରେ କ୍ୟାରିୟର ସମ୍ବନ୍ଧୀୟ ତଥ୍ୟ ପହଞ୍ଚି ପାରିବ ସେ ନେଇ ଏହି ପ୍ରଚେଷ୍ଟାରେ ଭରପୁର ପ୍ରୟାସ କରାଯାଇଛି। ୨୪ ଏପିସୋଡ୍ ବିଶିଷ୍ଟ ଏହି କାର୍ଯ୍ୟକ୍ରମର ପ୍ରତି ଏପିସୋଡ୍ ଅବଧିର ସମୟସୀମା ୨୫ ରୁ ୩୦ ମିନିଟ୍ ରହିଛି। ଏହାର ପ୍ରସାରଣ ପ୍ରତିମାସରେ ପ୍ରଥମ ଏବଂ ତୃତୀୟ ଶନିବାର ଦିନ ୧୦ ଟାରୁ ୧୦ ୩୦ ମିନିଟ୍ ମଧ୍ୟରେ ହେବ। ଏହା ଭର୍ଚୁଆଲ କ୍ଲାସରୁମ ମାଧ୍ୟମରେ ପିଲାଙ୍କ ପାଇଁ ପ୍ରସାରିତ ହେବ। ଏହି କ୍ୟାରିୟର ଟକ୍ ଭିଡିଓ ସିରିଜରେ କ୍ୟାରିୟର କ୍ଷେତ୍ରରେ ସଫଳ ହୋଇଥିବା ଜିଲାର ବିଭିନ୍ନ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସାକ୍ଷାତକାର ସ୍ଥାନ ପାଇଛି। ଏକ ନିର୍ଦ୍ଦିଷ୍ଟ କ୍ୟାରିୟର କରିବା ପାଇଁ କ'ଣ ପଢିବାକୁ ହେବ, ଏନେଇ କିପରି ପ୍ରସ୍ତୁତି କରିବେ, କେଉଁ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ରହିଛି, ଏହି କ୍ୟାରିୟର ଜନିତ ଚାପକୁ କିପରି ମୁକାବିଲା କରିବେ ଏବଂ ଜଣେ ଏହି କ୍ୟାରିୟରରେ କେଉଁ ସ୍ତରରେ ଯୋଗ ଦେବ ଏବଂ ପ୍ରାରମ୍ଭିକ ସ୍ତରରେ କେତେ ଦରମା ପାଇବେ ଆଦି ବିଷୟରେ ବ୍ୟାପକ ଆଲୋଚନା ହୋଇଛି। ଏଥିରେ ପୋଲିସ୍, ବନାଧିକାରୀ, ଡାକ୍ତର, ଶିକ୍ଷା ପ୍ରଶାସକ, କ୍ରୀଡାବିତ, ନର୍ସ ଆଦିଙ୍କ ସାକ୍ଷାତକାର ନିଆଯାଇଛି। ଏହାକୁ ଜିଲା ଖଣିଜ ପ୍ରତିଷ୍ଠାନର ପରାମର୍ଶ ଦାତା ରୁଦ୍ର ପ୍ରସନ୍ନ ରଥ ଏବଂ ଅପର୍ଣ୍ଣା ଆର୍ଯ୍ୟସୂତା ଭଦ୍ରା ପରିଚାଳନା କରିଛନ୍ତି। ଏହା ଦ୍ୱାରା ୩୦୦ରୁ ଊର୍ଦ୍ଧ୍ୱ ସ୍କୁଲର ୪୦୦୦୦ ହଜାରରୁ ଅଧିକ ଛାତ୍ରୀଛାତ୍ର ପ୍ରତ୍ୟକ୍ଷଭାବେ କ୍ୟାରିୟର ସମ୍ବନ୍ଧୀୟ ସୂଚନା ପାଇ ପାରିବେ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଖଣି ପ୍ରଭାବିତ ଅଞ୍ଚଳର ପିଲାମାନେ କ୍ୟାରିୟରକୁ ନେଇ ସ୍ୱପ୍ନ ଦେଖିବା ସହ ଏହାକୁ ବାସ୍ତବରେ ହାସଲ କରିବା ପାଇଁ ଚେଷ୍ଟା କରିବା ଦିଗରେ ଯତ୍ନବାନ ହେବେ ବୋଲି ଆଶା କରାଯାଉଛି।

## ଭାଷା ଅତୀତର ଅସ୍ତିତ୍ୱ, ଭବିଷ୍ୟତ




କୁଆଁରମୁଣ୍ଡା,୫।୨(ମହେନ୍ଦ୍ର କୁମାର ସାହୁ)

ଗୋଟିଏ ଜାତିର ଅସ୍ଥିତ୍ୱ ହେଉଛି ଭାଷା। ତେଣୁ ଭାଷାର ବିକାଶ ହିଁ ନିର୍ଭର କରେ ଉକ୍ତ ଜାତିର ଭବିଷ୍ୟତ ବୋଲି ରବିବାର କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁଲେଖିକା ତଥା ଅବସପ୍ରପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଦମତୋଳା ଚୌଧୁରୀ ଯୋଗଦେଇ ଅଧୁନା ସମାଜରେ ଅଭିଭାବକମାନେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ସେମାନଙ୍କ ପିଲାମାନଙ୍କୁ ନ ପଢ଼ାଇ ଇଂରାଜୀ ମାଧ୍ୟମ ମୁହାଁ ହେଉଛନ୍ତି। ଏହି ଚିନ୍ତାଧାରାରୁ କିଭଳି ସେମାନଙ୍କୁ ବିଚ୍ୟୁତ କରାଯିବ ତାହା ସମସ୍ତ ଶିକ୍ଷକ ଓ ସଚେତନ ନାଗରିକଙ୍କ ଧ୍ୟେୟ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଚୌଧୁରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାଣୀ ମୁଣ୍ଡା, ଏବିଇଓ ଦୋରୋଥିଆ ଟପ୍ପୋ,ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର,ନରୋତ୍ତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିବା ଓଡ଼ିଆ କୁଇଜ୍,ଚିତ୍ରାଙ୍କନ ଓ ସୃଜନଶୀଳ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀରେ କୃତିତ୍ୱ ହାସଲ କରିଥିବା ମୋଟ ୩୬ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟି କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।

## ନୂତନ ରେଳ ଏସ୍‌ପିଙ୍କୁ ସ୍ୱାଗତ

ବନ୍ଧମୁଣ୍ଡା, ୫।୨(ସୁବ୍ରତ ଦେ)



ରାଉରକେଲା ସହରର ନୂତନ ରେଳ ଏସ୍‌ପି ପି.କେ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଧମୁଣ୍ଡା ଅଞ୍ଚଳର ସାମାଜିକ କର୍ମୀ ପରମଜିତ ସିଂ ସଂଧୁ ତାଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପରମଜିତ ସିଂ ଏସ୍‌ପିଙ୍କୁ କହିଛନ୍ତି ଯେ, ରାଉରକେଲା ରେଳବାଇ ଷ୍ଟେଶନରେ ପ୍ରତିଦିନ ଚୋରି ଘଟଣା ଘଟୁଛି। ଏଭଳି ପରିସ୍ଥିତିରେ ଷ୍ଟେଶନ ପରିସରରେ ସକ୍ରିୟ ଅସାମାଜିକ ଲୋକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ବ୍ୟତୀତ ସେ ବନ୍ଧମୁଣ୍ଡା ଏବଂ ଡୁମେରତା ଷ୍ଟେଶନରେ ଯାତ୍ରୀଙ୍କ ସୁରକ୍ଷା ବଢାଇବା ପାଇଁ ଦାବି କରିଥିଲେ। ଯାହା ଦ୍ୱାରା ରେଳ ଯାତ୍ରୀମାନେ ନିରାପଦରେ ଯାତ୍ରା କରିପାରିବେ। ରେଳ ଯାତ୍ରୀଙ୍କୁ ଉନ୍ନତ ସୁରକ୍ଷା ଯୋଗାଇ ଦେବା ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ

ନୂଆଗାଁ,୫।୨(ବିଜୟ ତ୍ରିପାଠୀ)

ନୂଆଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘଠନ ପକ୍ଷରୁ ରବିବାର ସମସ୍ତ ବର୍ଗର ଶିକ୍ଷକଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବରିଷ୍ଠ ଶିକ୍ଷକ ଦିଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶିକ୍ଷକ ମଙ୍ଗଲ କେର୍କେଟା, ଶିକ୍ଷକ ସଞ୍ଜୟ ରଥ, ପ୍ରଫୁଲ୍ଲ ତ୍ରିପାଠୀ, ପ୍ରଶାନ୍ତ କେର୍କେଟା, ନବୀନ ରୟ, ଧନୀରାମ ସାହୁ, ଜନାର୍ଦ୍ଦନ ସାହୁ, ମଙ୍ଗରାଜ ଓରାମ ଓ ସମସ୍ତ ସିଆର୍‌ସିସିଙ୍କ ଉପସ୍ଥିତିରେ ମିଳିତ ପ୍ରାର୍ଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବ୍ଲକର ପ୍ରାୟ ସବୁବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଶିକ୍ଷାବିଭାଗର ବିଭିନ୍ନ ସମସ୍ୟା ଉପରେ ନିଜ ନିଜ ମତ ରଖିଥିଲେ। ପରେ ସର୍ବ ସମ୍ମତି କ୍ରମେ ମିଳିତ ପ୍ରାଥମିକ ମିଳିତ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଦିଲୀପ କୁମାର ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଇଥିବା ବେଳେ ଉପସଭାପତି ଭାବେ ଜନାର୍ଦ୍ଦନ ସାହୁ, ସମ୍ପାଦକ ଭାବେ ମଙ୍ଗଲ କେର୍କେଟା, ସହ ସମ୍ପାଦକ ରଞ୍ଜିତ ଏକ୍କା ଏବଂ କୋଷାଧକ୍ଷ ଭାବେ ଶିକ୍ଷକ ଅଶୋକ ସିଂଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସେହିଭଳି ସଂଘର କ୍ରିୟାଶିଳ ସଭ୍ୟଭାବେ ଶିକ୍ଷକ ପ୍ରଶାନ୍ତ କେର୍କେଟା, ସନ୍ତୋଷ ସିଂ, ମଙ୍ଗରାଜ ଓରାମ,ସଞ୍ଜୟ କୁମାର ରଥ, ଜନ୍ମଜୟ ତ୍ରିପାଠୀ, ସଞ୍ଜୟ ଜେନା, ରମେଶ ଚନ୍ଦ୍ର ଜେନା, ବାସୁଦେବ ତ୍ରିପାଠୀ, ରାହାସ ବିହାରୀ ପଣ୍ଡା,ମାଳତି ଦାସ, ବିଷ୍ଣୁ ଚରଣ ନାୟକ,ରାଜମହନ ସାହୁ, ବୁଧରାମ ଖାଖା, ବାନ୍ଧନୁ ବଡାଇକ, ଅମୀର ଖାନ, ମଙ୍ଗଳଦାସ ଖାଲକୋ ପ୍ରମୁଖ ରହିଛନ୍ତି। ଆଗାମୀ ଦିନରେ ସଂଘ ନୂଆଗାଁ ବ୍ଲକ ସମୂହ ଶିକ୍ଷକଙ୍କ ସ୍ୱାର୍ଥ ପାଇଁ କାମ କରିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ବୃନ୍ଦ।

# ସଂସ୍କୃତି, ପରମ୍ପରା, ଭାଷାକୁ ବଞ୍ଚାଇଲେ ସମାଜ ବଞ୍ଚିରହେ

**ଏସ୍‌ଡିସି ପକ୍ଷରୁ ନୃତ୍ୟ ଆଭୂଷଣ, ବାଦ୍ୟଯନ୍ତ୍ର, କ୍ରୀଡ଼ା ସାମଗ୍ରୀ ବଣ୍ଟନ**

ବଡ଼ଗାଁ,୫।୨( ଅଶୋକ ଷଡଙ୍ଗୀ)


ବିଡିଓଙ୍କ ସହିତ ଦଳୀୟ ନେତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ସୁନ୍ଦରଗଡ ଜିଲା ବଡ଼ଗାଁ ମିନି ଷ୍ଟାଡିୟମଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଜନଜାତି ସାଂସ୍କୃତିକ ନୃତ୍ୟ ଆଭୂଷଣ, ବାଦ୍ୟଯନ୍ତ୍ର ଓ କ୍ରିଡା ସାମଗ୍ରୀ ବଣ୍ଟନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ମଙ୍ଗଳା କିଷାନ,ଏସଡିସି ଅଧ୍ୟକ୍ଷ ବିନୟ ଟପ୍ପୋ, ରାଜ୍ୟ ଯୁବ କାର୍ଯ୍ୟକାରିଣୀ ସଭାପତି ବୈକୁଣ୍ଠ ନାଏକ, ରାଜଗାଙ୍ଗପୁର ପୌରପାଳିକାର ଅଧ୍ୟକ୍ଷା ମାଧୁରୀ ଲୁଗୁନ, ଜିଲା ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ, ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା, ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ମିଶ୍ର , ଜିଲା ପରିଷଦ ସଭ୍ୟ ମନୋଜ ବରୁଆଙ୍କ ସହିତ ବିଜେଡି କର୍ମକର୍ତ୍ତା ବେନେଡିକ ତିର୍କୀ, ଜିତୁ ଦାସ, ଅମରେଶ ପଣ୍ଡା, ଅଜୟ ପାଣିଗ୍ରାହୀ, ରାଜୁ ମହାନ୍ତି, ପ୍ରିୟଦର୍ଶିନୀ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଦଳୀୟ ନେତା ଓ କର୍ମୀଙ୍କ ସହିତ ସାଂସ୍କୃତିକ ଦଳର ସଦସ୍ୟମାନେ ବଡ଼ଗାଁ ଜଗନ୍ନାଥ ମନ୍ଦିର ପରିସରରୁ ଶୋଭାଯାତ୍ରାରେ ଷ୍ଟାଡିୟମ୍‌କୁ ଆସିଥିଲେ। ବିଡିଓ ସୁମତି ପଣ୍ଡା ସରକାରଙ୍କ ଠାରୁ ମିଳୁଥିବା ଲାଭ ଉଠାଇବା ଓ ତାର ସଦ୍‌ବିନିଯୋଗ କରିବାକୁ କହିଥିଲେ। ବରିଷ୍ଠ ଆଦିବାସୀ ନେତା ବେନେଡିକ ତିର୍କୀ ସଂସ୍କୃତି, ପରମ୍ପରା, ଭାଷାକୁ ବଞ୍ଚାଇ ରଖିଲେ ସମାଜ ବଞ୍ଚିରହେ ବୋଲି କହିଥିଲେ। ଆଦିବାସୀଙ୍କ ବିକାଶ ପାଇଁ ସରକାର କ'ଣ ସବୁ କରୁଛନ୍ତି ବୁଝାଇଥିଲେ। ଆଦିବାସୀଙ୍କ ସାମଗ୍ରିକ ବିକାଶରେ ସରକାରଙ୍କ କାର୍ଯ୍ୟପନ୍ଥା ଓ ଭୂମିକା ଉପରେ ଜିତୁ ଦାସ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ଓ ଆଦିବାସୀଙ୍କୁ ବହୁତ୍ ଭଲ ପାଆନ୍ତି ବୋଲି ବରିଷ୍ଠ ନେତା ମଙ୍ଗଳା କିଷାନ କହିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ଗମନାଗମନ, ପାନୀୟଜଳ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇଥିବା ନେଇ ଆଲୋଚନା କରିଥିଲେ। ସଭାରେ ଜିଲା ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ ସରକାରଙ୍କ ଜନହିତକର ଯୋଜନା ଉପରେ କହିବା ସହିତ ଆଗାମୀ ନିର୍ବାଚନରେ ଏସଡିସି ଅଧ୍ୟକ୍ଷ ଟପ୍ପୋଙ୍କୁ ଟିକେଟ ମିଳିବ ସୂଚନା ଦେଇ ତାଙ୍କୁ ଜିତାଇବା ପାଇଁ ଅନୁରୋଧ କରିଥିଲେ। ବୈକୁଣ୍ଠ ନାଏକ, ରାଜେନ୍ଦ୍ର ଲେଙ୍କା, ରଜନୀ କୁଲୁ, ପ୍ରିୟଦର୍ଶିନୀ ଭୋଇ, ରାଜୁ ମହାନ୍ତି, ମନୋଜ ବରୁଆ ପ୍ରମୁଖ ଦଳୀୟ ନେତାମାନେ ସରକାରଙ୍କ ଯୋଜନା ଓ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବଡ଼ଗାଁ, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକର ବହୁ ସଂଖ୍ୟକ ସାଂସ୍କୃତିକ ଦଳ ଓ ଖେଳାଳିଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଦଳର ବରିଷ୍ଠ ନେତା ବସନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼, ୫।୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସଦର ମହକୁମାରେ ଥିବା ଡଂରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ,ବାରକୋଟ ଶାଖାର ଶାଖା ପ୍ରବନ୍ଧକ ପ୍ରକାଶ ଚନ୍ଦ୍ର କୁଣ୍ଡ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ ମନ୍ଦେଶ୍ୱ କୁମାର ପ୍ରଧାନ, ଜୟଦେବ ବାରିକ, ବିଜୟ କୁମାର ମଲ୍ଲିକ ଓ ଅଧ୍ୟାପିକା ରାଜେଶ୍ୱରୀ ଗଡତିଆ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ୮ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀଭାବେ ଲଭଲୀ ଧଳ ଯୋଗଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ସଇଡ଼ାରେ ଗୋଷ୍ଠୀ କେନ୍ଦ୍ରର ଭୂମିପୂଜନ

କୁଚିଣ୍ଡା,୫।୨(ବିରଞ୍ଚି ଦର୍ଗା)

କୁଚିଣ୍ଡା ଏନ୍‌ଏସିର ସଇଡ଼ା ମାଉସୀ ମା' ମନ୍ଦିରଠାରେ ସୋମବାର ଏକ ଗୋଷ୍ଠୀକେନ୍ଦ୍ର ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଭୂମିପୂଜନ କରିଥିଲେ। ଏଥିରେ କାଉନସିଲର ରାଜେଶ ସାହୁ, କନିଷ୍ଠ ଯନ୍ତ୍ରୀ ବରୁଣ ସା, ବିନୋଦ ବାଗ, ହଳଧର ସାହୁ, ଭରତ ପୃଷେଠ,ବିଜୁ ସାହୁ, ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବିଜେଡି ପକ୍ଷରୁ ପୁଷପୁନି ଭେଟ୍‌ଘାଟ୍

ସମ୍ବଲପୁର,୫।୨(ବି.ଶଙ୍କର)

ମାନେଶ୍ୱର ବ୍ଲକ ଦେଓଗାଁ ପଞ୍ଚାୟତର ଡ୍ୟାମ କଣ୍ଟାରେ ବିଜେଡି ପକ୍ଷରୁ ପୁଷପୁନି ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ବିଜେଡ଼ି ନେତା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବ୍ଲକ ଅନ୍ତର୍ଗତ ୭ ପଞ୍ଚାୟତର ଦଳୀୟ କର୍ମୀ, ଉକରା ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜୀବ ପୂଜାରୀ, ଲକ୍ଷ୍ମଣ ପ୍ରଧାନ, ଦେବବ୍ରତ ବିଶ୍ୱାଳ, ପ୍ରଶାନ୍ତ ମାଝି, ଯୋଗେଶ୍ୱର ରାଉତ, ଗୋବିନ୍ଦ ପଟ୍ଟନାୟକ, ଚିତ୍ତରଞ୍ଜନ ବାଗ ପ୍ରମୁଖ ଯୋଗଦେଇଥିଲେ।

# ଭାଷା ସମୃଦ୍ଧ ହେବା ଆବଶ୍ୟକ

**ଜିଲା ସ୍ତରୀୟ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ**

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)



ସଂଯୋଜିକା ସ୍ମରଣିକା

ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିବାସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାଷା ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ଦେବଗଡ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ତନ୍ମୟୀ ମହାନ୍ତି, ଦେବଗଡ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ସୁରେନ୍ଦ୍ର ଦାଶ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ ଓ ଦେବଗଡ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତରଞ୍ଜନ ଦାସଙ୍କୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ୩ଟି ବ୍ଲକରୁ ମନୋନୀତ ହୋଇ ଆସିଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ଓଡିଆ ବକ୍ତୃତା, ଜଣା ଅଜଣା, ଚିତ୍ରାଙ୍କନ ଓ କଳା ସଂସ୍କୃତି ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ଗୁଡିକରେ ବିଚାରକ ଭାବେ ସିଆର୍‌ସିସି ଦୁଷ୍ମନ୍ତ ସାମଲ, ଚୂଡାମଣି ସାହୁ, ଫକୀର ମୋହନ ପ୍ରଧାନ, ଦାଶରଥି ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ଓ ପ୍ରଭାତ କୁମାର ପ୍ରଧାନ ଯୋଗଦେଇଥିଲେ। ଅପରାହ୍ନରେ ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କ ସଭାପତିତ୍ୱ ଓ ସିଆର୍‌ସିସି ଘଡେଇଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା,ସମ୍ମାନୀତ ଅତିଥି ଭାବେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସିଂ ଓ ଶକୁନ୍ତଳା ଟେଟେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷିକା ଇପସିତା ପଟ୍ଟନାୟକ, ଜିଲା ଭିନ୍ନକ୍ଷମ ସଂଯୋଜିକା ସୁନୀତା ବଡେଇ, ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ତିଳେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ, ବୈଷୟିକ ପରାମର୍ଶଦାତା ଲକ୍ଷ୍ମୀକାନ୍ତ ରାଉତରାୟ, ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସଞ୍ଜୀବ କୁମାର ମିଶ୍ର, ଝରଣା ବେହେରା, ଦୀପିକା ମିଶ୍ର ଓ ଜିଲା ଶିକ୍ଷା ବିଭାଗର କର୍ମଚାରୀ ଗୌରହରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଭାଷା ସମୃଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଦାନ ଶିକ୍ଷୟିତ୍ରୀ ପଦ୍ମାଳୀ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ମହାଶିବରାତ୍ରି ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

ତିଳେଇବଣି ବ୍ଲକ ବଣିଆଁକିଲିଣ୍ଡା ଗ୍ରାମରେ ଥିବା ବାବା ସିଦ୍ଧେଶ୍ୱରଙ୍କ ମନ୍ଦିରରେ ମାର୍ଚ୍ଚ ୮ରୁ ୧୧ ପର୍ଯ୍ୟନ୍ତ ମହାଶିବରାତ୍ରି ଉତ୍ସବ ପାଳିତ ହେବ। ଏନେଇ ମନ୍ଦିରର ସ୍ଥାୟୀ ସଭାପତି ଚନ୍ଦ୍ରଶେଖର ପ୍ରଧାନଙ୍କ ସଭାପତିତ୍ୱରେ ଗ୍ରାମବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମହା ଶିବରାତ୍ରୀ ଉତ୍ସବକୁ ଅଧିକ ଯାକଜମକର ସହିତ ପାଳନ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯିବା ସହ ୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏଥିସହ ସୁଚାରୁରୂପେ ଚଳିତ ବର୍ଷର ଉତ୍ସବ ପାଳନ ନିମନ୍ତେ ସଭାପତି ଭାବେ ଯୁଧିଷ୍ଠିର ପ୍ରଧାନ,ସମ୍ପାଦକ ତାପସ ସାହୁ ଓ କୋଷାଧ୍ୟକ୍ଷଭାବେ ଜିତେନ୍ଦ୍ର ଦେହୁରୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉତ୍ସବ ଅବସରରେ ଲୋକଙ୍କୁ ଅଧିକ ଆକର୍ଷିତ କରିବା ପାଇଁ ବିସ୍ତୀର୍ଣ୍ଣ ଅଞ୍ଚଳରେ ମୀନାବଜାର ଓ ଟିକେଟ ଶୋ ଅପେରା ସମେତ ପ୍ରତ୍ୟେକ ସଂଧ୍ୟାରେ ଅର୍କେଷ୍ଟ୍ରା ଓ ଭଜନ ସମାରୋହ ଆଦି କାର୍ଯ୍ୟକ୍ରମ ଆୟୋଜନ,ଅନ୍ନ ପ୍ରସାଦର ବ୍ୟବସ୍ଥା, ବିଦ୍ୟୁତ ଆଲୋକ ସାଜସଜ୍ଜା ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ମନ୍ଦିର କମିଟି ସମ୍ପାଦକ ଧ୍ରୁବଚରଣ ପ୍ରଧାନ, ଯୋଗେଶ ଚନ୍ଦ୍ର ପ୍ରଦାନ, ନଗେନ୍ଦ୍ର ରାଉଳ, ବୈକୁଣ୍ଠ ସାହୁ, ସୁଭଦ୍ରା ଠାକୁର, ଗୀତା ଶବର ଓ ଦେବକୀ ଶବରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଦସ୍ୟା ରତନୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛରେ ପିଟିହେଲା ବୋଲେରୋ

ନାକଟିଦେଉଳ,୫।୨(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଥାନା ପେଣ୍ଡବାହାଲ ନିକଟରେ ସୋମବାର ଏକ ବୋଲେରୋ ଗଛରେ ପିଟିହୋଇଯିବାରୁ ୨ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ସକାଳ ପ୍ରାୟ ୧୦ଟାରେ ନାକଟିଦେଉଳ ଗ୍ରାମର ବିକାଶ ସାହୁ ଓ ସୁବାସ ବେହେରା ପେଣ୍ଡବହାଲ ନିକଟ ଚମ୍ପାଳି ନଦୀକୁ ଓଡି୧୯ଏଲ–୩୪୧୬ ନଂ. ବିଶିଷ୍ଟ ବୋଲେରୋ ଧରି ଗାଧୋଇବାକୁ ଯାଉଥିଲେ। ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ମହୁଲ ଗଛରେ ଗାଡିଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଗାଡି ଚାଳକ ସୁବାସ ଓ ବିକାଶ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସୁବାସଙ୍କୁ ଛାଡି ଦିଆଯାଇଥିବା ବେଳେ ବିକାଶଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

# ମିଶନ ଶକ୍ତି ମହିଳାଙ୍କୁ ନେଇ କବି ସମ୍ମିଳନୀ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)



ସଂଯୋଜିକା ସ୍ମରଣିକା

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉପଲକ୍ଷେ ଜିଲା ମିଶନ ଶକ୍ତି ଓ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ମିଶନ ଶକ୍ତି ମହିଳାଙ୍କୁ ନେଇ ସୋମବାର ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ବେହେରା ଓଡିଆ ଭାଷା ଓ ସଂସ୍କୃତି ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ପରେ ମିଶନ ଶକ୍ତିର ୨୫ ଜଣ ମହିଳା ସ୍ୱରଚିତ କବିତା ପାଠ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପଦ୍ମିନୀ ସାହୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଙ୍କଜିନୀ ବେହେରା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ରୀନା ଦ୍ୱିବେଦୀ ଏବଂ ଦେବକୀ ସ୍ୱାଇଁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର,ଜୀବୀକା ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜିକା ସ୍ମରଣିକା ମହାପାତ୍ର ଓ ଦେବଗଡ ମହାବିଦ୍ୟାଳୟର ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କବିତା ଗୁଡିକୁ ବରିଷ୍ଠ ରାଜସ୍ୱ ସହାୟିକା ତଥା କବୟିତ୍ରୀ ଅଞ୍ଜନା ନାୟକ ସଂଯେଜନା କରିଥିଲେ।

# ଚନ୍ଦନିମାଲ, ବକ୍ସମାରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କୁଚିଣ୍ଡା,୫।୨(ବିରଞ୍ଚି ଦର୍ଗା)

କୁଚିଣ୍ଡା ବ୍ଲକ ଚନ୍ଦନିମାଲ ଓ ବକ୍ସମା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦନିମାଲ ପଞ୍ଚାୟତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ବିଧାୟକ ପ୍ରତିନିଧି ଅମୂଲ୍ୟ ମିଶ୍ର, ବିଡିଓ ନିରଞ୍ଜନ କୁମାର ସା, ତହସିଲଦାର ପ୍ରସନ୍ନ କୁମାର ଟେଟେ, ସରପଞ୍ଚ ରଞ୍ଜିତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ପଟେଲ, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅଧିକାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସଚେତନତା ପାଇଁ ପାଲା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ୍ ଟିପେନ୍‌ସନ ବେହେରା ପରିଚାଳନା କରିଥିଲେ। ସେହିପରି ବକ୍ସମା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ବିଧାୟକ ପ୍ରତିନିଧି ଅମୂଲ୍ୟ ମିଶ୍ର, ଏବିଡିଓ ସହଦେବ ନନ୍ଦ, ଅତିରିକ୍ତ ତହସିଲଦାର ଅନିମା ସୋରେନ,ସରପଞ୍ଚ ସରସ୍ୱତୀ ଠାକୁର, ସମିତିସଭ୍ୟା ରଶ୍ମି କୁସୁମ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତ ସମିତିର ସଫଳ ଯୋଜନା ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ପ୍ରବୀଣ ସୁରିନ,ପିଇଓ କିଶୋର କୁମାର ଖିଚିଡି ପରିଚାଳନା କରିଥିଲେ।

# ପ୍ରାକ୍ତନ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ



କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

**ପ୍ରଧାନପାଟ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା**

ଜଣେ ଦକ୍ଷ ଫୁଟ୍‌ବଲ ଖେଳାଳି ଭାବେ ସମଗ୍ର ପଶ୍ଚିମ ଓଡିଶା ତଥା ଅବିଭକ୍ତ ସମ୍ବଲପୁର ଜିଲାରେ ପରିଚିତ ଦେବଗଡ ପୌରାଞ୍ଚଳ ଲାଲୁସାହିର ସୁବର୍ଣ୍ଣ ଗଙ୍ଗଦେବଙ୍କ ଶନିବାର ବିୟୋଗ ଘଟିଥିଲା। ତାଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଧାନପାଟ କ୍ଲବ ପକ୍ଷରୁ ରବିବାର ସଂଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଥିଲା। ପ୍ରଧାନପାଟ କ୍ଲବ ସଭାପତି ସୁବାସ ଚନ୍ଦ୍ର ଭୋଇଙ୍କ ଆବାହକତ୍ୱରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ତିଳେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ମହମ୍ମଦ ନସିର ଖାନ, ପ୍ରଧାନପାଟ କ୍ଲବର ସଞ୍ଜୀବ କୁମାର ନାୟକ, ସଞ୍ଜୀବ କୁମାର ବେହେରା, ପ୍ରଦୀପ କୁମାର ବେହେରା, ପ୍ରଫୁଲ୍ଲ କୁମାର ବେହେରା, ଧନେଶ୍ୱର ମହାପାତ୍ର, ଦୀପକ କୁମାର ଦାସଙ୍କ ସମେତ ବହୁ କ୍ରିଡାପ୍ରେମୀ ଓ ଜନସାଧାରଣ ଉପସ୍ଥିତ ରହି ସ୍ୱର୍ଗତଃ ଗଙ୍ଗଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସେମାନେ ଅମର ଆତ୍ମାର ସଦ୍‌ଗତି କାମନା କରି କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୫।୨(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ ଯୋଗଦେଇ ମୋଟ ୪୦ଟି ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ଏଗୁଡିକର ସମାଧାନ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ଅଭିଯୋଗ ଗୁଡିକ ମଧ୍ୟରେ ୩୩ ବ୍ୟକ୍ତିଗତ ଓ ୭ ଟି ସାମୂହିକ ଅଭିଯୋଗ ଥିଲା। ବିଶେଷ ଭାବେ ଚାରି ଡେସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ, ବିଦ୍ୟୁତ୍ ସମସ୍ୟା, ଅନ୍ତୋଦୟ ଯୋଜନା, ରାସନ କାର୍ଡ ଓ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା,ଉପ ଜିଲାପାଳ ପରକ୍ଷୀତ ସାହୁ ଓ ଡେପୁଟୀ କଲେକ୍ଟର ଅଞ୍ଜନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ତ୍ରିଦିବସୀୟ କପ୍ କ୍ରିକେଟ: ଛେଣ୍ଡିପଦା ଚାମ୍ପିୟନ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ପଳସମା ପଞ୍ଚାୟତ କୁଶଖଲିଆ ଗ୍ରାମରେ କୁଶଖଲିଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ ଦିନିଆ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜିଲାର ଦଳବେହେରାମୁଣ୍ଡା କ୍ରିକେଟ କ୍ଲବକୁ ପରାସ୍ତ କରି ଅନୁଗୋଳ ଜିଲା ଛେଣ୍ଡିପଦାର ବାହାଲସାହି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅପରାହ୍ନରେ କୁଶଖଲିଆ କ୍ରିକେଟ କ୍ଲବର ସଭାପତି ଅଜୟ କୁମାର ଶବରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ସମ୍ମାନୀତ ଅତିଥିଭାବେ ପଳସମା ସରପଞ୍ଚ ସୁଶୀଳ କୁମାର ଯୋଗଦେଇ ଚାମ୍ପିୟନ ଛେଣ୍ଡିପଦା ବାହାଲସାହି କ୍ରିକେଟ କ୍ଲବ ଓ ରନର୍ସ ଦଳବେହେରାମୁଣ୍ଡା କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ସୁମନ୍ତ ନାଥ, ଆନନ୍ଦ ଶବର, ଦେବାର୍ଚନ ଶବର, ଲିପୁ ନାୟକ ଓ ବିକାଶ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ କୁମୁଦ ବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

**ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

# କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଓ ବାରକୋଟ ଆଦର୍ଶ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ୧୬୮ ରନରେ ବିଜୟୀ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୫୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଭାସ ସାହୁ ଅପରାଜିତ ୬୯, ଶୁଭମ ଦାସ ୩୧, ପ୍ରୀତିରାଜ ମିଶ୍ର ୨୮ ଓ ପ୍ରିୟମ ଦେହୁରୀ ୨୧ ରନ କରିଥିବା ବେଳେ ବାରକୋଟ ଦଳର ଗୁଲସନ ଖଡ଼ିରତ୍ନ ୩ ଓ ବରଦାନ ପ୍ରସାଦ ମହାପାତ୍ର ୨ ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବାରକୋଟ ଦଳ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଏଥିରେ ବାରକୋଟ ଦଳର ସାହିଲ ପ୍ରଧାନ ୧୭, ଯାଜଲ୍ୟ ବେହେରା ୧୪ ରନ କରିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭମ ଦାସ ୩ ଟି, ପ୍ରଭାସ ସାହୁ ଓ ସ୍ୱପଲୀନ ପ୍ରଧାନ ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସଚିଦାନନ୍ଦ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଭଗବାନ ପ୍ରସାଦ ସାହୁ ଓ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଧୀରେନ୍ଦ୍ର ନାୟକ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ ନବୀନ ରାଉଳ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ସଦସ୍ୟ ଅଶୋକ ନନ୍ଦ, ସତ୍ୟ ନାରାୟଣ ପାଣି, ସନ୍ତୋଷ ଦେବତା, ଅଭୟ ନନ୍ଦ, କ୍ଷୀରୋଦ ବେହେରା, ପ୍ରଦ୍ୟୁମ୍ନ ଭୁକ୍ତା, ରାଘବ ମହାରଣା ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମ୍ୟାଚ ରାଜା ବାସୁଦେବ ହାଇସ୍କୁଲ ଓ କଣ୍ଢେଲ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ୨ବାଇକ୍ ଆରୋହୀ ମୃତ

ବେଲପଡ଼ା, ୫।୨ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା କପାଣି ମୁଖ୍ୟରାସ୍ତାର କପାମିଲ ନିକଟରେ ସୋମବାର ଅପରାହ୍ନରେ ପିକ୍‌ଅପ ଧକ୍କାରେ ୨ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଡୁଙ୍ଗୁରିଗୁଡା ଗାଁର କ୍ଷୀର ସା (୩୦) ଓ ପ୍ରମେ ଧରୁଆ (୪୫)। କ୍ଷୀର ଓ ପ୍ରମେ କପାଣି କପାମିଲ୍‌ରେ କାମ କରନ୍ତି। ଅପରାହ୍ନରେ ଉଭୟେ ଗାଁରୁ ଏକ ବାଇକରେ କପାମିଲ୍‌କୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ ସେମାନଙ୍କୁ ସମ୍ମୁଖରୁ ଧକ୍କା ହୋଇଥିଲା। ଉଭୟେ ରାସ୍ତାରେ ଛିଟିକି ପଡିଥିବା ବେଳେ ପିକଅପକୁ ନେଇ ଡ୍ରାଇଭର ପାଟଣାଗଡ଼ ଅଭିମୁଖେ ପଳାଇ ଯାଇଥିଲେ। ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବେଲପଡା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ପିକଅପ ଭ୍ୟାନକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ଡାକ୍ତରଖାନା ପଠାଯାଇଛି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

ବଲାଙ୍ଗୀର, ୫।୨ (ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣାଗଡ ରୋଡସ୍ଥିତ ପଞ୍ଚବଟୀ ଉଦ୍ୟାନରେ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ମାସିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଆସନ୍ତା ମାସ ବାର୍ଷିକ ସାଧାରଣ ସଭା ଆୟୋଜନ କରିବା ସକାଶେ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଂଘର ଏକ ଅଫିସ ସକାଶେ ଜିଲାପାଳଙ୍କୁ ଆବେଦନ କରିବା ସହ ତାଙ୍କୁ ସାକ୍ଷାତ କରିବା ପାଇଁ ଏକ ୫ ଜଣିଆ ଟିମ୍ ଗଠନ କରାଯାଇଥିଲା। ବୈଠକରେ ଦୁଇ ନୂତନ ସଭ୍ୟ ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ଦୁଇ ସଦସ୍ୟ ନୀଳାମ୍ବର ଦାଶ ଏବଂ ହରେକୃଷ୍ଣ ପଣ୍ଡଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୂର୍ବତନ ସଭାପତି ବିନୋଦ ବିହାରୀ ମିଶ୍ର ଏବଂ ସମ୍ପାଦକ ବୃନ୍ଦାବନ ମିଶ୍ର ମଞ୍ଚାସୀନ ଥିଲେ। କୃଷ୍ଣଚନ୍ଦ୍ର ନାଥ, ନିମାଇଁ ଚରଣ ମେହେର, ବୈକୁଣ୍ଠ ସ୍ୱାଇଁ, ଜୀବନ କୁମାର ତ୍ରିପାଠୀ ଏବଂ ପାଣ୍ଡବ ପଧାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରେନ୍ଦ୍ର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତଃଜିଲା ଫୁଟ୍‌ବଲ: ନକଟାସର ଚାମ୍ପିୟନ




ଲଠୋର, ୫।୨ (ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲଠୋର ଖେଳ ପଡ଼ିଆରେ ଜୟ ମା ବସ୍ତ୍ରେନ ଟାଉନ ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ପାଟଣାଗଡ ନକଟାସର ଏବଂ ମୁରିବାହାଲ ମଧ୍ୟରେ ହୋଇଥିଲା। ନକଟାସର ୨–୦ଗୋଲରେ ମୁରିବାହାଲକୁ ହରାଇ ଥିଲା। ମୁଖ୍ୟ ଅତିଥିଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ସମ୍ମାନୀତ ଅତିଥିଭାବେ ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ଫୁଟବଲ କ୍ଲବ ସଭାପତି ଗଙ୍ଗାଧର ଭଇଁସାଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର, ରାନର ଅପ ଦଳକୁ ଟ୍ରଫି ସହ ୧୧ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। କ୍ଲବ ଉପସଭାପତି ଜୟଦେବ ସାଣ୍ଡ, ସମ୍ପାଦକ ପରମାନନ୍ଦ ଘିଭେଲ, କୋଷାଧ୍ୟକ୍ଷ ରାମ ବିଭାର ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ଉଦ୍ଧାର ହୋଇ ବଲାଙ୍ଗୀର ଫେରୁଛନ୍ତି ଅଙ୍କିତା

**ଦାଦନ ଦୁର୍ଦ୍ଦଶା: ତେଲଙ୍ଗାନାରେ ଝିଅ ବନ୍ଧକ ଘଟଣା**

- ଧରିତ୍ରୀ ଖବର କ୍ଲିପିଂକୁ ନେଇ ଶ୍ରମ ବିଭାଗର ପୋଷ୍ଟ

ବଲାଙ୍ଗୀର/ବେଲପଡା, ୫।୨ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ କୁମାର ମିଶ୍ର)

ତେଲଙ୍ଗାନାର ଏକ ଇଟାଭାଟିରେ ୧୦ବର୍ଷର ଝିଅକୁ ବନ୍ଧକ ରଖାଯିବା ଏବଂ ବଲାଙ୍ଗୀର ଜିଲା ବେଲପଡା ଥାନା ସୁଲେକେଲା ଗାଁରେ ଅସୁସ୍ଥ ବାପାଙ୍କ ମୃତ୍ୟୁ ଖବର ସୋମବାର ଧରିତ୍ରୀ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ଏହି ଖବର ପ୍ରକାଶ ପରେ ଓଡ଼ିଶା ସରକାରଙ୍କ ଶ୍ରମ ଏବଂ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଧରିତ୍ରୀ ଖବର କ୍ଲିପିଂକୁ ସାମାଜିକ ଗଣମାଧମ ଏକ୍ସ'ରେ ପୋଷ୍ଟ କରାଯାଇଛି। ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ହସ୍ତକ୍ଷେପ ପରେ ଅଙ୍କିତାଙ୍କୁ ସେଠାକାର ପୋଲିସ ସହାୟତାରେ ତେଲଙ୍ଗାନାରୁ ଉଦ୍ଧାର କରାଯାଇଛି। ସୋମବାର ଅପରାହ୍ନରେ ଅଙ୍କିତା ବିଶାଖାପାଟଣାରେ ପହଞ୍ଚି ବଲାଙ୍ଗୀର ଅଭିମୁଖେ ବାହାରିଛନ୍ତି। ମଙ୍ଗଳବାର ସକାଳେ ସେ କଣ୍ଟାବାଞ୍ଜିରେ ପହଞ୍ଚିବେ ବୋଲି ଜଣାପଡିଛି।

ସାମାଜିକ ଗଣମାଧମ ଏକ୍ସ'ରେ କରାଯାଇଥିବା ପୋଷ୍ଟରେ ବେଲପଡା ବ୍ଲକ୍ ସୁଲେକେଲା ଗାଁର କାହ୍ନୁ ମଲ୍ଲିକ ଦୁଇମାସ ତଳେ ୪ଜଣଙ୍କ ସହ ସାତ୍‌ନଗର ଅଞ୍ଚଳକୁ ଦିନମଜୁରିଆଭାବେ ଯାଇଥିଲେ। ସେଠାରେ କାହ୍ନୁ ଅସୁସ୍ଥ ହୋଇପଡିଥିଲେ। ସର୍ଦ୍ଦାର ଚିକିତ୍ସା ବ୍ୟବସ୍ଥା ନ କରି ଓଲଟି ଶ୍ରମିକ ପରିବାରକୁ ନିର୍ଯାତନା ଦେଉଥିଲେ। ପରେ ରୋଗଣା ସ୍ୱାମୀ, ସ୍ତ୍ରୀ ଓ ଦୃଷ୍ଟିବାଧିତ ଝିଅକୁ ଗାଁକୁ ପଠାଇଥିଲେ ହେଁ ୧୦ବର୍ଷର ଝିଅ ଅଙ୍କିତାଙ୍କୁ ବନ୍ଧକ ରଖିଥିଲେ ବୋଲି ଉଲ୍ଲେଖ କରାଯାଇଛି। ଉପରୋକ୍ତ ଘଟଣା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ମିଳିଥିବା ସୂଚନା ମୁତାବକ ମୃତ କାହ୍ନୁ ମଲ୍ଲିକଙ୍କ ସହ ତାଙ୍କ ଶାଳକ ଓ ସ୍ତ୍ରୀ ସାତନଗର କାମ କରିବାକୁ ଯାଇଥିଲେ। ବନ୍ଧକ ଝିଅ ଅଙ୍କିତାଙ୍କୁ ତାଙ୍କ ମାମୁ ତେଲଙ୍ଗାନାରୁ ଧରଜ କାହ୍ନୁ ମଲ୍ଲିକଙ୍କ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲେ ମଧ୍ୟ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରିନାହାନ୍ତି। ଅଙ୍କିତାଙ୍କୁ ତାଙ୍କ ମାମୁ ସୁବାସ ଧରି ଆସୁଛନ୍ତି ବୋଲି କହିଛନ୍ତି। ଅନ୍ୟ ଯାହା ସୂଚନା ଝିଅ ପହଞ୍ଚିଲା ପରେ ଜଣାପଡିବ ବୋଲି ସେ କହିଛନ୍ତି। ଶ୍ରମ ବିଭାଗ ସାମାଜିକ ଗଣମାଧମରେ ଝିଅ ବନ୍ଧକ ଥିବା ଉଲ୍ଲେଖ କରିଥିବାବେଳେ ଜିଲା ଶ୍ରମ ଅଧିକାରୀ ସେଠୀ ଝିଅ ତାଙ୍କ ମାମୁଙ୍କ ପାଖରେ ଥିଲା ବୋଲି କହିଛନ୍ତି। ଅନ୍ୟପଟେ ସୋମବାର କାହ୍ନୁ ମଲ୍ଲିକଙ୍କ ଅନ୍ତିମ ସତ୍କାର କରାଯାଇଛି। ଜିଲା ଶ୍ରମ ବିଭାଗ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଫିସରୁ ଦୁଇଜଣ ଅଧିକାରୀ ସୁଲେକେଲାରେ ପହଞ୍ଚିଥିଲେ। ଗତ ଜାନୁୟାରୀ ମାସରେ ତୁରେକେଲା ତେତେଲଖୁଣ୍ଟ ଗାଁର ଦାଦନ ସର୍ଦ୍ଦାର ସମାରୁ ନାଏକ ୭୮ ହଜାର ଟଙ୍କା ଦେଇ କାହ୍ନୁ ମଲ୍ଲିକ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ଦୁଇ ଝିଅକୁ ତେଲଙ୍ଗାନାର ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେଠାରେ ଢ଼େର ଅଧିକ କାମ କରି କାହ୍ନୁ ଅସୁସ୍ଥ ହୋଇପଡିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇ ନ ଥିଲା। ସେଠାରୁ ଘରକୁ ଫେରିବାକୁ ଚାହିଁବାରୁ ସାନ ଝିଅ ଅଙ୍କିତାଙ୍କୁ ଇଟାଭାଟି ମାଲିକ ବନ୍ଧକ ରଖିଥିଲେ। ଘରକୁଫେରିବା ପରେ କାହ୍ନୁଙ୍କ ରବିବାର ମୃତ୍ୟୁ ଘଟିଥିଲା। ଶନିବାର ଜମି ବନ୍ଧକ ରଖି କାହ୍ନୁ ଝିଅ ମୁକୁଳାଇବା ପାଇଁ ଦାଦନ ସର୍ଦ୍ଦାରଙ୍କୁ ୫୦ ହଜାର ଟଙ୍କା ଫୋନ୍ ପେ'ରେ ପଠାଇଥିଲେ।




ସାମାଜିକ ଗଣମାଧମ ଏକ୍ସ'ରେ ରାଜ୍ୟ ଶ୍ରମ ଏବଂ କର୍ମଚାରୀ ବୀମା ବିଭାଗ ପକ୍ଷରୁ କରାଯାଇଥିବା ପୋଷ୍ଟ।

### ତଦନ୍ତ କଲେ ବିଭାଗୀୟ ଅଧିକାରୀ

**ରାମଚନ୍ଦ୍ରପୁର ପାକ୍ସରେ ରାତିରେ ଧାନ ଅନଲୋଡିଂ ଘଟଣା**

ଦେଓଗାଁ, ୫।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ କୃଷିସେବା ସମବାୟ ସମିତିରେ ରବିବାର ରାତିରେ ଧାନ ଅନଲୋଡିଂ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଚାଷୀ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋମବାର ଅପରାହ୍ନରେ ଏଆରସିଏସ ରାଧାକୃଷ୍ଣ ମେହେର, ଏସଏଆରସିଏସ୍ ରବିନ୍ଦ୍ର ପଣ୍ଡା, ଜିଲା ଯୋଗାଣ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ରାମଚନ୍ଦ୍ରପୁର ପାକ୍ସରେ ପହଞ୍ଚିଥିଲେ। ସମ୍ପାଦକ ଭଗବାନ ଗଡତ୍ୟା, ଡାଟା ଏଣ୍ଟ୍ରି ଅପରେଟର ଯୋଗେନ୍ଦ୍ର ବାଗ, ପରିଚାଳନା ପରିଷଦ ସଭାପତି ଶୁକ୍ରୁ ଛତ୍ରିଆଙ୍କୁ ଡାକି ସବିଶେଷ ତଦନ୍ତ କରିଥିଲେ। ଗତରାତିରେ ଅନଲୋଡିଂ ହୋଇଥିବା ଧାନ ପ୍ରାୟ ୭୪୦ ବସ୍ତା ଧାନ ଗୋଦାମରେ ଗଚ୍ଛିତ ଥିବା ଦେଖିବାକୁ ପାଇଥିଲେ। ସେହିଧାନ କେଉଁଠୁ ଓ କେଉଁ ଚାଷୀ ଆଣିଛି ସେ ବିଷୟରେ ସମ୍ପାଦକ ସଠିକ ତଥ୍ୟ ଦେଇ ନ ପାରିବାରୁ ବିଭାଗୀୟ ଅଧିକାରୀମାନେ ବେଆଇନ ଭାବେ ଧାନ ଏଣ୍ଟ୍ରି ହୋଇଥିବା ସନ୍ଦେହ କରିଥିଲେ। ରବିବାର ରାତିରେ ତିନୋଟି ପିକ୍‌ଅପରେ ପୁଣି ଛୁଟି ଦିନ ଧାନ ଆଣି ଗୋଦାମରେ ରଖିବା କେତେ ଯୁକ୍ତି ଯୁକ୍ତ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଏଆରସିଏସ ମେହେରକୁ ପଚାରିବାରୁ ତଦନ୍ତ କରିଛୁ, ଘଟଣାକୁ ନେଇ ସନ୍ଦେହ ରହିଛି। ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିବୁ ବୋଲି ସେ କହିଥିଲ।

## ଗୁହାଳ କଲେ, ପ୍ରାପ୍ୟ ପାଇଲେନି

- ଉପଜିଲାପାଳଙ୍କୁ ଫେରାଦ ହେଲେ ଦୁଗ୍ଧଚାଷୀ
- ୩ବର୍ଷ ପରେ ବି ପ୍ରାପ୍ୟ ନ ପାଇବା ନେଇ ଜଣାଇଲେ ଅସନ୍ତୋଷ



ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଚାଷୀମାନେ।

ଟିଟିଲାଗଡ଼, ୫।୨ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ୨୦୨୧ ଜାନୁୟାରୀ ମାସରେ ୨୧୦ଚାଷୀଙ୍କୁ ଗାଈ ଗୁହାଳ ନିର୍ମାଣ କରିବାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଜିଲାପାଳ ତଥା ଓମଫେଡ କେବିଏନ ମହାପ୍ରବନ୍ଧକଙ୍କ ସୁପାରିଶରେ କାର୍ଯ୍ୟାଦେଶ ଦିଆଯିବା ପରେ ଚାଷୀଙ୍କୁ ଧାର୍ଯ୍ୟ ସମୟରେ ନିର୍ମାଣ ସାରିବାକୁ କୁହାଯାଇଥିଲା। ଧାରଉଧାର କରି ଚାଷୀମାନେ ଗୁହାଳ ନିର୍ମାଣ କଲେ। ହେଲେ ଇତିମଧ୍ୟରେ ୩ବର୍ଷ ବିତି ଯାଇଥିଲେ ବି ସେମାନେ ପ୍ରାପ୍ୟ ପାଇ ନାହାନ୍ତି। ଏନେଇ ଅନେକ ଥର ଚାଷୀମାନେ ଟିଟିଲାଗଡ ବିଡିଓ, ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ସୋମବାର ବ୍ଲକ ଅନ୍ତର୍ଗତ କତରକେଲା ଗ୍ରାମର ଦୁଗ୍ଧଚାଷୀ ପୀତାମ୍ବର ବେହେରା, ସଞ୍ଜିବ ସିଂ ଚୌଧୁରୀ, ଆଶିଷ ବେହେରା, ଲୋକନାଥ ସାହୁ, ରାଜିନ୍ଦ୍ର ବାରିକ, ପୁଷ୍ପାଞ୍ଜଳି ସାହୁ, ଦିନେଶ ସାହୁ, ଲିଳାବତୀ ସାହୁ, କମଳିନୀ ସାହୁ, ଅଶୋକ କଟା, କଂସ କଟା ଉପଜିଲାପାଳ ରେହାନ କ୍ଷେତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଆମେ ଗୁହାଳ ମାଗିବାକୁ ଯାଇ ନ ଥିଲୁ। ଦୁଗ୍ଧଚାଷୀଙ୍କ ପାଇଁ ଯୋଜନା ଆସିଥିବା କହି ବ୍ଲକ ପ୍ରଶାସନ ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଇଥିଲା। ଧାରଉଧାର କରି ସିମେଣ୍ଟ, ବାଲି, ଇଟା, ଆଜବେଷ୍ଟସ କ୍ରୟ କରି କାମ କଲୁ। ହେଲେ ଧାର୍ଯ୍ୟ ପ୍ରାପ୍ୟ ୬୨ହଜାର ଟଙ୍କା ଅଦ୍ୟାବଧି ମିଳି ନ ଥିବା ଚାଷୀମାନେ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ, କତରକେଲାଠାରେ ଓମଫେଡ ପକ୍ଷରୁ ଦୁଗ୍ଧଚାଷୀଙ୍କ ପାଇଁ ୧୫୦୦ ଲିଟର କ୍ଷମତା ବିଶିଷ୍ଟ ଚିଲିଂ ପ୍ଲାଣ୍ଟ ବସାଯାଇଛି। ଅଞ୍ଚଳର ଚାଷୀ ସେଠାରେ ଦୁଗ୍ଧ ବିକ୍ରୟ କରିଥାନ୍ତି। ୨୦୨୧ ଜାନୁୟାରୀରୁ ଅଦ୍ୟାବଧି ଦୁଗ୍ଧଚାଷୀ ସେମାନଙ୍କ ଗୁହାଳ ନିର୍ମାଣ ପ୍ରାପ୍ୟ ପାଉଣା ପାଇଁ ଧାଇଁ ଚାଲିଛନ୍ତି। ବ୍ଲକ ପ୍ରଶାସନ ସେମାନଙ୍କ ପ୍ରାପ୍ୟ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଉକ୍ତ ଟଙ୍କା ହଡ଼ପ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ପାଉଣା ନ ମିଳିଲେ ଆଗାମୀ ଦିନରେ ଚରମ ପଦକ୍ଷେପ ସ୍ୱରୂପ ସାଧାରଣ ନିର୍ବାଚନ ବର୍ଜନ ପାଇଁ ଆମେ ବାଧ୍ୟ ହେବୁ ବୋଲି ଏ ରାଜ୍ୟ ସରକାରଙ୍କ ପକ୍ଷରୁ ଏକଦା ଶ୍ରେଷ୍ଠ ଚାଷୀ ଭାବେ ପୁରସ୍କାର ପାଇଥିବା ପୀତାମ୍ବର ବେହେରା ଦୁଃଖର ସହ କହିଛନ୍ତି। ଚାଷୀଙ୍କ କଥା ଶୁଣିଲା ପରେ ଖୁବ୍‌ଶୀଘ୍ର ଟିଟିଲାଗଡ ବିଡିଓ ଘଟଣାର ତଦନ୍ତ କରି ଆବଶ୍ୟକ ନେବେ ବୋଲି ଉପଜିଲାପାଳ କ୍ଷେତ୍ରୀ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଧ୍ୟାନ ଦେବାକୁ ଚାଷୀ ମହଲରେ ଦାବି ହେଉଛି।

### ପ୍ରଧାନମନ୍ତ୍ରୀ ଆବାସ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ବଲାଙ୍ଗୀର, ୫।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଭୁଡିଆରବାହାଲ ଗାଁରେ କେତେଜଣ ମହିଳା ଓ ପୁରୁଷ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ମହିଳାମାନେ କହିଥିଲେ ଯେ, ସେମାନେ ସମସ୍ତେ ଗରିବ, ଖଟିଖିଆ ଶ୍ରେଣୀ ପରିବାରରୁ ଆସିଛନ୍ତି। ସେମାନଙ୍କ ପାଖରେ ପକ୍କାଘର ନାହିଁ। ବହୁକଷ୍ଟରେ ସେମାନେ ମାଟି ଘରେ ରହିଆସୁଛନ୍ତି। ବର୍ଷାଦିନରେ ବିଶେଷ ଅସୁବିଧା ହେଉଛି। ସେମାନେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳୁନାହିଁ। ଗାଁରେ ପଲ୍ଲୀସଭା ଓ ଗ୍ରାମସଭାରେ ମହିଳାମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କିଛି ଲାଭ ହେଉନାହିଁ। ସେମାନଙ୍କୁ ଘର ମିଳିବ କୁହାଯାଉଛି ମାତ୍ର ମିଳୁନାହିଁ। ଅନ୍ୟପଟେ ଗ୍ରାମପଞ୍ଚାୟତର ଧନୀ ଲୋକଙ୍କୁ ଆବାସ ଘର ମିଳୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପକ୍କାଘର ଖଣ୍ଡେ ପାଇଁ ପ୍ରଶାସନ ଆଗରେ ଆଉ କେତେଥର ହାରିଗୁହାରି କରିବାକୁ ପଡିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆଜି ଜିଲାପାଳଙ୍କୁ ମହିଳାମାନେ ଦାବିପତ୍ର ଦେଇ ଯଥାଶୀଘ୍ର ସେମାନଙ୍କୁ କିଭଳି ଘର ମିଳିବ ସେଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଗାଁରେ ସୁଷମା ମଲ୍ଲିକ, ପଦ୍ମିନୀ ମଲ୍ଲିକ, ଅମ୍ବିକା ଭୋଇ, ରୀତା ନାଏକ, ଖେମନ୍ତି କବାଟ, ଦହନା ନାଗ, ହେମାଦ୍ରୀ ଚୌଧୁରୀ, ବାସନ୍ତି ଭୋଇ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ଡିଏଭି କଲେଜ ଏନ୍‌ସିସି କ୍ୟାଡେଟଙ୍କୁ ଭବ୍ୟ ସ୍ୱାଗତ



ଟିଟିଲାଗଡ ରେଳ ଷ୍ଟେଶନରେ ଦିଲ୍ଲୀ ଫେରନ୍ତା କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଟିଟିଲାଗଡ଼, ୫।୨ (ଶରତ ମିଶ୍ର)

**ନୂଆଦିଲ୍ଲୀ କର୍ତ୍ତବ୍ୟ ପଥ ପରେଡରେ ଭାଗ ନେଇଥିଲେ**

ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏନସିସି ଛାତ୍ରୀଛାତ୍ର ଅଞ୍ଚଳ ପାଇଁ ଅନେକ ଗୌରବ ପ୍ରତିଷ୍ଠା କରିଛନ୍ତି। ଏନସିସି କ୍ୟାଡେଟ ଇପସିତା ଦାଶ ରୁଷିଆଠାରେ ଅନୁଷ୍ଠିତ ୟୁଥ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାଗ ନେବା ସୁଯୋଗ ଲାଭ କରିଥିଲେ। ଗତ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀ କର୍ତ୍ତବ୍ୟ ପଥ ପାରେଡରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫ଜଣ ଛାତ୍ରୀଛାତ୍ର ଭାଗ ନେବା ଉତ୍ସାହର ବିଷୟ ହୋଇଛି। ସେମାନେ ହେଲେ କ୍ୟାଡେଟ ଲିପ୍ସାରାଣୀ ବାଗ, ସୁରଜ ସାହୁ, ତୁଳସିରାମ ବାଗ, ଅଂଶୁମାନ ସେନାପତି ଓ ଅଙ୍କିତା ମାଝି। ସମସ୍ତ କ୍ୟାଡେଟ ଦିଲ୍ଲୀରୁ ଫେରିଥିବା ବେଳେ ତାଙ୍କୁ ଟିଟିଲାଗଡ ରେଳ ଷ୍ଟେଶନଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ଏନସିସି ଅଧିକାରୀ ବେଦବର ରଣାଙ୍କ ନେତୃତ୍ୱରେ ଏନସିସି ସିନିୟର ଅଣ୍ଡର ଅଫିସର ଇପସିତା ଦାଶ, ଜୁନିୟର ଅଣ୍ଡର ଅଫିସର ସ୍ୱାଗତ ସାହୁ, ପୂର୍ବତନ କ୍ୟାଡେଟ ନସିଦ ରଣା, ପଙ୍କଜ ନାମଦେବ, ଅଜୟ ବର୍ମା, ଶୁଭମ ସାହୁ, ଏମଡି ରେହାନ, ଜୟଦେବ ନାଗ, ବୈଷ୍ଣବ କବାଟ, ଶତୃଘ୍ନ ନାୟକ, ଶୁଭମ ସାହୁ, କ୍ଷେତ୍ରୀ ବାଗ, ଆଦେଶ ମିଶ୍ର, ରୋଶନ ଖମାରୀ ସମ୍ବର୍ଦ୍ଧନା ଜଣାଇଥିଲେ। ସମସ୍ତ କ୍ୟାଡେଟଙ୍କୁ ଡିଏଭି ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶି, ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ, ଯୁକ୍ତ ୨ ଅଧ୍ୟକ୍ଷ ବିଧାନ ଚନ୍ଦ୍ର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

କଣ୍ଟାବାଞ୍ଜି, ୫।୨ (ଗୁରୁଦୟାଲ ହଂସ)

ତୁରେକେଲା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଜୟନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଫକୀର ଚରଣ ବିଶି, ଶିକ୍ଷାବିତ୍ ସୂର୍ଯ୍ୟକାନ୍ତ ରଣା, ଶିକ୍ଷୟିତ୍ରୀ ସବିତା ମହାପାତ୍ର, ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାଶ, ଅଞ୍ଜଳି ମାଝି ଯୋଗ ଦେଇଥିଲେ। ଦୀନେଶ ମହାନନ୍ଦ ସଭା ପରିଚାଳନା, କରିଥିଲେ। ଏହି ଅବସରରେ ଦୁଇ ଶିଶୁ ସାହିତ୍ୟିକ ଓ ବିଭିନ୍ନ ପ୍ରତିଯୋଗିତା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଲୋଇସିଂହା, ୫।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଆମ ଓଡ଼ତଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ ଲୋଇସିଂହା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ରାଜେନ୍ଦ୍ର ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ଯୋଗଦେଇଥିଲେ। ସମିତିସଭ୍ୟ ସୁଶୀଲ ପାଣ୍ଡେ, ଜିପିଓ କିଶୋରଚନ୍ଦ୍ର ମାନସିଂହ, ନୋଡାଲ ଅଫିସର ବୁଦ୍ଧରାମ ଭୋଇ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିଥିଲେ ଅତିଥି। ପରେ ଶଙ୍କର ବେହେରା ଏବଂ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପିଇଓ ପ୍ରେମାନନ୍ଦ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

## ଓଡ଼ିଆ ଭାଷା ସୁରକ୍ଷାରେ ପଶ୍ଚିମ ଓଡ଼ିଶାର ଅବଦାନ ଅନନ୍ୟ

- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ପୌର ପରିଷଦର ସମ୍ମାନ ସମାରୋହ
- କବି, ଲେଖକ, ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଗଲା



ଆୟୋଜିତ ସମ୍ମାନ ସମାରୋହରେ ସମ୍ବର୍ଦ୍ଧିତ ସାରସ୍ୱତ ପ୍ରତିଭା, ଛାତ୍ରୀ ଓ ଅତିଥି ସହ ଆୟୋଜକ।

ବଲାଙ୍ଗୀର, ୫।୨ (ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ରାଜେନ୍ଦ୍ର ପାର୍କ ପରିସରରେ ସୋମବାର ସମ୍ମାନ ସମାରୋହ ଆୟୋଜନ କରାଯାଇଥିଲା। ବରେଣ୍ୟ ଅତିଥି ଭାବେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦାନ କରିଥିଲେ। ନାଟ୍ୟଭୂଷଣ ଛୁରିଆ ତାଙ୍କ ବକ୍ତବ୍ୟରେ ଓଡ଼ିଆ ଭାଷା ଆନ୍ଦୋଳନ ଏବଂ ଭାଷା ସୁରକ୍ଷାରେ ପଶ୍ଚିମ ଓଡ଼ିଶାର ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ବଲପୁର ଏବଂ ପଶ୍ଚିମ ଓଡ଼ିଶାର ଭାଷା ଆନ୍ଦୋଳନ ଏବଂ ମହାମନିଷୀଙ୍କ ବଳିଦାନ, ଦୂରଦର୍ଶିତା ଏବଂ ନିଷ୍ଠାପର ଉଦ୍ୟମ ଯୋଗୁ ପଶ୍ଚିମାଞ୍ଚଳ ଓଡ଼ିଶାରେ ମିଶ୍ରିତ ହେଲା ବୋଲି କହିଥିଲେ। ଓଡ଼ିଆ ଭାଷା ପାଇଁ ତତ୍କାଳୀନ ବ୍ରିଟିଶ ଅଧିକାରୀଙ୍କୁ ମହାମନୀଷୀ ମାନେ କେତେ କଷ୍ଟ କରି ବୁଝାଇଥିବେ ଥରେ ଭାବନ୍ତୁ ବୋଲି କହିଥିଲେ। ଆଜିର ଭାଷା ସମ୍ମିଳନୀକୁ ପ୍ରଶଂସା କରିଥିଲେ ବି ସ୍କୁଲ, କଲେଜରେ ଓଡ଼ିଆ ଭାଷା ମାଧ୍ୟମରେ ପାଠ୍‌ପଢ଼ାର ଗୁରୁତ୍ୱ ନ ବଢ଼ିଲେ ଭାଷା ସୁରକ୍ଷିତ ହେବ ନାହିଁ ବୋଲି କହିଥିଲେ।

ପଦ୍ମଶ୍ରୀ ଗୁରୁ ତାଙ୍କ ବକ୍ତବ୍ୟରେ ଓଡ଼ିଆ ଭାଷା କିଭଳି ମାତୃଭାଷା ହେଲା କହିଥିଲେ। ତେବେ ସେ କୋଶଲୀ ଭାଷାର ଗରୁତ୍ୱ ଉପରେ ବି ଧ୍ୟାନ ଦେବାକୁ କହିଥିଲେ। ସଭା ପ୍ରାରମ୍ଭରେ ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷାରେ ଶିକ୍ଷାର ମହତ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତୀୟ ଅଭିଭାଷଣରେ ପୌରାଧକ୍ଷା ସାହୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଗୁରୁତ୍ୱ, ଓଡ଼ିଆ ଭାଷାର ମହତ୍ତ୍ୱ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ସାରସ୍ୱତ ସ୍ରଷ୍ଟା ଗାଳ୍ପିକା ଡାକ୍ତର ମଞ୍ଜୁବାଳା ପଣ୍ଡା, କବୟିତ୍ରୀ ଡା. ଜ୍ୟୋତିର୍ମୟୀ ସାହୁ, କବି ଡ. ସଞ୍ଜୟ କୁମାର ମିଶ୍ର, କବି ସନ୍ଦୀପ କୁମାର କୁଅଁର, କବି ଆନନ୍ଦ ଚନ୍ଦ୍ର ସାହୁ, କବି ବିଜୟ କୁମାର ତ୍ରିପାଠୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଓଡ଼ିଆ ଭାଷା ସାହିତ୍ୟ ବିଷୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ବିଜୟିନୀ ଛାତ୍ରୀ ଆୟେଶା ଖାନମ୍ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷାରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଛାତ୍ରୀ ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସହରର ବରିଷ୍ଠ ନାଗରିକ, ବହୁ ଜନସାଧାରଣ, ପୌର କାଉନସିଲର ଓ ସାହିତ୍ୟିକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ୨ବାଇକ୍ ଆରୋହୀ ମୃତ

**ବେଲପଡ଼ା, ୫।୨(ମନୋଜ କୁମାର ମିଶ୍ର)** ବଲାଙ୍ଗୀର ଜିଲା ବେଲପଡା ଥାନା କପାଣି ମୁଖ୍ୟରାସ୍ତାର କପାମିଲ ନିକଟରେ ସୋମବାର ଅପରାହ୍ନରେ ପିକ୍‌ଅପ ଧକ୍କାରେ ୨ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଡୁଙ୍ଗୁରିଗୁଡା ଗାଁର କ୍ଷୀର ସା ଓ ପ୍ରମେ ଧରୁଆ। କ୍ଷୀର ଓ ପ୍ରମେ କପାଣି କପାମିଲ୍‌ରେ କାମ କରନ୍ତି।

### ଗଜରାଜ ସିଂ ପୁଟା ଜିଲା କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷ ନିଯୁକ୍ତ



**ପଦ୍ମପୁର, ୫।୨(ପ୍ରଦୀପ୍ତ ଦାଶ):** ବରଗଡ ଜିଲା କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷଭାବେ ବରିଷ୍ଠ କଂଗ୍ରେସ ନେତା ଗଜରାଜ ସିଂ ପୁଟାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗି ନିଯୁକ୍ତି ଦେଇଛନ୍ତି। ପୁଟା ୧୯୮୪ରୁ ବରତୁଣ୍ଡା ସରପଞ୍ଚ ଭାବେ ନିର୍ବାଚିତ ହୋଇ ରାଜନୀତି କ୍ୟାରିୟର ଆରମ୍ଭ କରି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଡ.କୃପାସିନ୍ଧୁ ଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଜାମସେଟ ସେବା ସମବାୟ ସମିତିର ଦୁଇ ଥର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇ ଥିଲେ। ୨୦୧୩ରୁ ୭ବର୍ଷ କାଳ ସେ ପାଇକମାଳ ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇଥିଲେ। ସମ୍ପ୍ରତି ଝାରବନ୍ଧ ବ୍ଲକ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ଅଛନ୍ତି।

### ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତିଯୋଗିତା ଉଦ୍‌ଯାପିତ

**ପାଇକମାଳ, ୫।୨(ବଡ ଶତପଥୀ):** ଓଡ଼ିଆ ଭାଷା ସଂସ୍କୃତିଭିତ୍ତିକ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ, ସମ୍ମାନୀତ ଅତିଥି ଯୁବନେତା ସୁଶାନ୍ତ ମହାପାତ୍ର, ଟାଇଲ ଭୋଇ ଓ ମୁଖ୍ୟବକ୍ତାଭାବେ ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରଜନୀ କୁମାର ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସବିତା ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୂପମା ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ୨୦୨୩ ମସିହା +୨ ବିଜ୍ଞାନ ଓ କଳାରେ ସର୍ବୋଚ୍ଚ ନମ୍ବର ରଖିଥିବା ଗୀତା ସାହୁ ଓ ଭୁବନ ପାଣ୍ଡେଙ୍କୁ ପରସ୍କୃତ କରାଯାଇଥିଲା। ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ମୀନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ସାରସ୍ୱତ ସମାରୋହରେ ପୁସ୍ତକ ଉନ୍ମୋଚନ କରାଯାଉଛି।

# ଗାନ୍ଧୀ ସ୍ମୃତି ପାଠାଗାରରେ ସାରସ୍ୱତ ସମାରୋହ

**ବରଗଡ଼,୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ତରଫରୁ ସ୍ଥାନୀୟ ଗାନ୍ଧି ସ୍ମୃତି ପାଠାଗାରରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁସ୍ତକ ଉନ୍ମୋଚନ ଏବଂ କବିତା ପାଠ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସଂସଦର ଉପସଭାପତି ପ୍ରିୟବ୍ରତ ସାହୁ ସଭାପତିତ୍ୱ କରିଥିଲେ। ସମ୍ବଲପୁରୀ ଭାଷାକୁ ଆହୁରି ଉଚ୍ଚକୋଟୀର କରିବାକୁ ହେଲେ ଅନ୍ୟ କୌଣସି ଭାଷାକୁ ଅଗ୍ରାହ୍ୟ କରିବା ଆବଶ୍ୟକ ନୁହେଁ, ବରଂ ଅନ୍ୟ ଭାଷାମାନଙ୍କୁ ସମ୍ମାନ ଓ ଗ୍ରହଣ କଲେ ସମ୍ବଲପୁରୀ ଭାଷା ଆହୁରି ଉଚ୍ଚକୋଟୀର ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଥାକାର ଧନପତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଡ. ସୁବାଷ ମେହେରଙ୍କ ଲିଖିତ ପୁସ୍ତକ ସମ୍ବଲପୁରୀ/କୋଶଲୀ ଭାଷାର ବିକାଶଧାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ ଉକ୍ତ ପୁସ୍ତକର ସମୀକ୍ଷା କରିଥିଲେ। ସେହିପରି କବି ଇନ୍ଦ୍ରଜିତ ମେହେରଙ୍କ ଲିଖିତ ଭଗବତ ଗୀତାର ଅନୁବାଦ, ଭାଗବତ ତତ୍ତ୍ୱର ପ୍ରଥମ, ଦ୍ୱିତୀୟ ଭାଗ ଉନ୍ମୋଚିତ ହୋଇଥିଲା। ଡ. ପୁଷ୍ପ କୁମାର ମେହେର, ଡ. ଶେଷନ ବିଶି ଏହାକୁ ସମୀକ୍ଷା କରିଥିଲେ। ସମ୍ପାଦକ ଶୋଭାଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କେଦାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ନିତିଶ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ଦେବାର୍ଚ୍ଚନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କବି ଦର୍ଶନା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ମୁନିରାମ କୁମ୍ଭାର, ଅହଲ୍ୟା ସାହୁ କବିତା ପାଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶରତ ପାଢ଼ୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ କୈଳାସ ରାଜହଂସ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ କାର୍ଯ୍ୟାଳୟ ଅଚଳ, ଗଣଧାରଣା ଜାରି



ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଅଫିସ ଯିବାକୁ ଆନ୍ଦୋଳନକାରୀ ବାରଣ କରୁଛନ୍ତି।

**ପଦ୍ମପୁର, ୫।୨(ପ୍ରଦୀପ୍ତ ଦାଶ)**

- ପଦ୍ମପୁର ଜିଲା ମାନ୍ୟତା ଦାବି
- ଅଫିସ ଗେଟରୁ ଫେରିଲେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ

ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ସୋମବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରାଯାଇଥିଲା। ପଦ୍ମପୁର ଅତିରିକ୍ତ ଜିଲାପାଳ ଚଭନ କୁନାଲ ମୋତିରାମ, ଉପଜିଲାପାଳ ଆଲୋକ ପଟେଲଙ୍କୁ ଆନ୍ଦୋଳନକାରୀ ଅଫିସ ଗେଟ୍‌ରୁ ଫେରାଇଦେଇଥିଲେ। ସେହିପରି ଓକିଲମାନେ କୋର୍ଟକୁ ଯାଇ ନ ଥିବାରୁ କୋର୍ଟ କାର୍ଯ୍ୟ ହୋଇ ପାରି ନ ଥିଲା। ଆନ୍ଦୋଳନକାରୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରି ଦେଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଆଇନଜୀବୀ ସନ୍ତୋଷ କୁମାର ଶତପଥୀ, ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, ସଂଯୋଜକ ଅଜିତ କୁମାର ଶତପଥୀ ଓ ପଦ୍ମପୁର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ପିକେଟିଂର ନେତୃତ୍ୱ ନେଇଥିଲେ। ମଙ୍ଗଳବାର ଗଣଧାରଣା ଜାରିରହିବ। ସେହି ଦିବସର ଅପରାହ୍ନ ୪ଟାରେ ଏକ ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

### ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବିନିକା,୫।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟରେ ଦୀର୍ଘ ୮ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ବନବିହାରୀ ମିଶ୍ର ଓ ମୁଖ୍ୟବକ୍ତା ଲଛିପୁର କନିଷ୍ଠ ମହାବିଦ୍ୟାଳୟର ଚେୟାରମ୍ୟାନ ଅରୁଣ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସଙ୍ଗୀତା ପୁରୋହିତ,ବିଦ୍ୟୁଲତା କର,ଗୀତାଞ୍ଜଳି ତ୍ରିପାଠୀ, ତ୍ରିସାନ୍ଧ୍ୟ ମେହେର, ଅଧ୍ୟାପକ ଚୈତନ୍ୟ ମେହେର, ନାରାୟଣ ମେହେର, ବିଶ୍ୱାମିତ୍ର ପାତ୍ର ଯୋଗଦେଇ ପ୍ରଶିକ୍ଷଣର ଉପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ମାଷ୍ଟର ଟ୍ରେନର ସାବିତ୍ରୀ ସାହୁ ୧୨୮ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସବ୍ୟସାଚୀ ଦନ୍ତା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଲେପାଲି ଚାଷୀ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

**ଭେଡ଼େନ,୫।୨(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ସାଧୁ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ଉକ୍ତ ଗ୍ରାମର ସୁନାଧର ସାଥୁଆ (୪୫)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଭେଡ଼େନ ଥାନା ଅରେଇଗୁଡ଼ି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମର ସାଧୁ ସାହୁ ନାମକ ଚାଷୀ ଗତ ଖରିଫ ଋତୁରେ ଧାନ ଚାଷ ପାଇଁ ଗ୍ରାମର ସୁନାଧର ସାଥୁଆଙ୍କ ଠାରୁ ସାର, କୀଟନାଶକ ଧାରସୂତ୍ରରେ ଆଣିଥିଲେ। ମାତ୍ର ଫସଲ ଅମଳ ଭଲ ନ ହେବାରୁ କରଜ ଟଙ୍କା ଶୁଝି ପାରି ନ ଥିଲେ। ଫଳରେ ସୁନାଧର ବାରମ୍ବାର ତାଙ୍କ ଘରକୁ ଯାଇ ଟଙ୍କା ପରିଶୋଧ କରିବାକୁ ତାଗିଦ୍ କରୁଥିଲେ। ତେବେ ଗତ ଜାନୁଆରୀ ୩୦ ତାରିଖ ସନ୍ଧ୍ୟାରେ ସୁନାଧର ଏବଂ ଶିଶିର ପଧାନ ଏକ ବାଇକ୍‌ରେ ସାଧୁଙ୍କୁ ଜୋର୍‌ଜବରଦସ୍ତ ଉଠାଇ ନେଇଥିଲେ। ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ସାଧୁଙ୍କ ପୁଅ ଆଶୀଷ ଏବଂ ତାଙ୍କ କାକା ଖୋଜାଖୋଜି କରିବାରୁ ନିକଟସ୍ଥ ଏକ ବିଲରୁ ସାଧୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପ୍ରଥମେ ବରପାଲି ଡ଼ାକ୍ତରଖାନା ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଭିମସାର୍‌କୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁନାଧର ମହାଜନୀ କାରବାର ଯୋଗୁ ସାଧୁଙ୍କୁ ବିଷ ଦେଇ ହତ୍ୟା ଅଭିଯୋଗରେ ପରିବାର ଗ୍ରାମବାସୀଙ୍କ ସହିତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମଙ୍ଗଳବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ଭେଡ଼େନ ଥାନାରେ ଏକ ହତ୍ୟା ମାମଲା (ନଂ. ୨୩/୨୦୨୪)ରୁଜୁ ହୋଇଥିଲା। ସେହି ଦିନଠାରୁ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲା।

# ପଦ୍ମଶ୍ରୀ ମନୋନୀତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମନୋନୀତ ପ୍ରତିଭା ଏବଂ ଅନ୍ୟମାନେ।

**ବରଗଡ଼,୫।୨(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଅସ୍ମିତାକୁ ବହୁଜାତୀୟ ସ୍ୱୀକୃତି ମିଳୁଛି। ସଦ୍ୟ ଘୋଷିତ ପଦ୍ମଶ୍ରୀ ସମ୍ମାନ ତାର ପ୍ରମାଣ ବୋଲି ମତପ୍ରକାଶ ପାଇଛି। ମନୋହର ସାଂସ୍କୃତିକ ସଂସଦର ଆହ୍ୱାନକ୍ରମେ ଏବଂ ନବଗଠିତ ସାରସ୍ୱତ ସଂସ୍ଥା ଆମର୍ ଦମ୍, ବରଗଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ୨ବର୍ଷିୟାନ ସାଧକ ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନ ଏବଂ ସମ୍ବଲପୁରୀ ଗୀତିକାର ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧନା ଦେବା ସକାଶେ ବରଗଡ଼ ଗାନ୍ଧି ସ୍ମୃତି ପାଠାଗାରରେ ଏକ ସମାବେଶ ହୋଇଥିଲା। ସଂସଦର ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ସଭାରେ ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ, ଜିଲା ସଂଯୁକ୍ତ କୃଷକ ସଙ୍ଗଠନ, ମା' ସେବା ସଂସ୍ଥା, ମୟୂର କଳା ପରିଷଦ, ଲୁ ନାଟ୍ୟ ସଂସଦ, ଶ୍ରୀଧର ସାହିତ୍ୟ ସଂସଦ, ଡ୍ରାମା ଚେତନା, ଖଗେଶ୍ୱର ସାହିତ୍ୟ କଳା ପରିଷଦ, ପ୍ରକାଶ ସାଂସ୍କୃତିକ ସଂସଦ, ସମ୍ବଲପୁରୀ ଗୁଛା, ବୁଦ୍ଧଦେବ ସାଂସ୍କୃତିକ ସଂସଦ, ଆମର ଗାଁ ଆଦି ଅନୁଷ୍ଠାନ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସମ୍ପାଦକ ତେଜରୁ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ସୁରେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାମରାଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଗାନ୍ଧି ସ୍ମୃତି ପାଠାଗାର ସମ୍ପାଦକ ବିକ୍ରମ ପଣ୍ଡା, ସଂଯୋଜକ ଉମେଶ ପ୍ରଧାନ, ଡ. ପ୍ରଦୀପ ହୋତା, କବି ବୃନ୍ଦାବନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟକୁ ସରକାର ହାତକୁ ନିଅନ୍ତୁ

**ପାଇକମାଳ, ୫।୨(ବଡ ଶତପଥୀ)**

**ଦାବି କଲା ନୃସିଂହନାଥ ସୁରକ୍ଷା ସମିତି**

ସଂଯୋଜକ କମିଟିର ଆହ୍ୱାନକ୍ରମେ ପାଇକମାଳ ଧର୍ମଶାଳାଠାରେ ବରିଷ୍ଠ ନାଗରିକ ନନ୍ଦଲାଲ ତ୍ରିବେଦୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନକୁ ସରକାର ସମ୍ପୂର୍ଣ୍ଣଭାବେ ହାତକୁ ନେବା ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଲିଖିତ ଅଭିଯୋଗ ପ୍ରଦାନର ୧୫ ଦିନ ଭିତରେ ସରକାର ଆବଶ୍ୟକତା ପଦକ୍ଷେପ ଗ୍ରହଣ ନକଲେ ଅନୁଷ୍ଠାନରେ ତାଲା ପକାଇ ଆନ୍ଦୋଳନ କରିବା ପାଇଁ ଆଉ ଏକ ନୂତନ ସୁରକ୍ଷା ସମିତି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ରାଜେନ୍ଦ୍ର ରାଉତ, ବଳରାମ ସାହୁ, ଡ. ଚୈତନ୍ୟ ସାହୁ, ଶିକ୍ଷାବିତ୍ ଗଜରାଜ ପାତ୍ର, ହୃଷୀକେଶ ବରିହା, ଗିରିଶ ଡନସନା, ଯୁଧିଷ୍ଠିର ସାହୁ, ରମେଶ ପ୍ରଧାନ, ରାଧେଶ୍ୟାମ ସାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ର ସମ୍ପାଦକ ମନୋଜ ତ୍ରିବେଦୀଙ୍କୁ ପଚାରିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ତଥା ସରକାରଙ୍କ ଆଦେଶ ଅନୁସାରେ ମହାବିଦ୍ୟାଳୟ ପରିଚାଳିତ ହେଉଛି। ବେଆଇନ ଭାବେ ଅନୁଷ୍ଠାନ ପରିଚାଳନା ହେଉଥିବା କଥା ମିଥ୍ୟା ବୋଲି କହିଥିଲେ।

# ବ୍ଲକସ୍ତରୀୟ ଭାଷା,ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ସୋହେଲା, ୫।୨(ଅଶ୍ୱିନୀ କୁମାର ପାତ୍ର)**



କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବରଗଡ ଜିଲା ସୋହେଲା ବ୍ଲକ ସୀମାନ୍ତ ଗାଁ ଗ୍ରୀଞ୍ଜାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥିଯୋଗ ଦେଇଥିଲେ। ସୋହେଲା ବାଳକ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହାରାଧନ ପଟେଲ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀବୃନ୍ଦ ଗୋଲାପ ଚାନ୍ଦ ମିଶ୍ର, ମନୋହର ଉଙ୍ଗୀ, ମୋତିଲାଲ ନନ୍ଦ, ଗ୍ରୀଞ୍ଜାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୋଜରାଜ ବେହେରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୋଦଣ୍ଡ ବେହେରା ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ସ୍ୱାଧୀନ ମୋହନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋଲାପ ଚାନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୩ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ସମୀର ବେହେରା, କୃପାସିନ୍ଧୁ ପାଣ୍ଡେ, ଥବିର ବରିହା ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଗ୍ରୀଞ୍ଜାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଜୟସିଂ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

**ସୋହେଲା, ୫।୨(ଅଶ୍ୱିନୀ କୁମାର ପାତ୍ର)**




ଶିବିରରେ ମଞ୍ଚାସୀନ ଅତିଥି, ଜନ ପ୍ରତିନିଧି ଓ ଅଧିକାରୀ।

ବରଗଡ ଜିଲା ସୋହେଲା ବ୍ଲକ ସଦର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଏକ ସଚେତନତା ଶିବିର ସ୍ଥାନୀୟ ଚେତନା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭଟଲି ବିଧାୟକ ସୁଶାନ୍ତ ସିଂହ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଉପରେ ଅଭିଭାଷଣ ରଖିଥିଲେ। ଏବିଡିଓ ଭର୍ଜିଲ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ରୋଜି ନାଏକ, ଜିଲା ପରିଷଦ ସଭ୍ୟା ଜାଇଫୁଲ ସିଂ ବରିହା, ମୀତା ବିଶି, ସରପଞ୍ଚ ସଞ୍ଜୁ ଝାଙ୍କର ଯୋଗ ଦେଇଥିଲେ। ନୋଡାଲ ଅଫିସରଭାବେ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିଆରଏସ ତପୋବନ୍ତ ମହାପାତ୍ର। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀ ନାରାୟଣ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋହେଲା ପାକ୍ସ ସଭାପତି ମନ ମାଝି, ବିଜୁ ଯୁବ ଜନତା ଦଳ ଜିଲା ଉପସଭାପତି ନିଲୁ ଝାଙ୍କର, ବ୍ଲକ ଯୁବ ସମ୍ପାଦକ ଶ୍ରୀକାନ୍ତ ସେନାପତି ଯୋଗଦେଇ ଦେଇଥିଲେ।

# ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ

**ବରଗଡ଼,୫।୨(ପ୍ରେମାନନ୍ଦ ଖମାରୀ)**



ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଛୁଟିରେ ଥିବା ପ୍ରାଣୀ ଚିକିତ୍ସକବୃନ୍ଦ।

ରାଜ୍ୟରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବରଗଡ଼ ଜିଲାର ପ୍ରାଣୀ ଚିକିତ୍ସକମାନେ ସାମୂହିକ ଛୁଟି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ମାସ ୧୮ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଆନ୍ଦୋଳନକୁ ୧୯ଦିନ ବିତି ଯାଇଛି। ଏହାସତ୍ତ୍ୱେ ସରକାର ପ୍ରାଣୀ ଚିକିତ୍ସକଙ୍କ ଦାବି ସମୂହ ଉପରେ କିଛି ପଦକ୍ଷେପ ନେଉ ନ ଥିବା ଯୋଗୁ ଆନ୍ଦୋଳନ ତେଜି ଉଠିଛି। ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ପ୍ରାଣୀ ସମ୍ପଦ ଚିକିତ୍ସାରେ ବାଧା ଉପୁଜିଛି। ଜିଲାର ୧୯ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ଠପ୍ ପଡ଼ି ଯାଇଛି। ପ୍ରାଣୀଧନ ନିରୀକ୍ଷକ ଏବଂ ପିଅନଙ୍କ ହାତରେ ସେହି ଚିକିତ୍ସା ବ୍ୟବସ୍ଥାକୁ ଠେଲି ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହିତ ସମାନ ପଦୋନ୍ନତି ସୁବିଧା, କେନ୍ଦ୍ର ହାରରେ ଏନ.ପି.ଏ ପ୍ରଦାନ, ରାଜ୍ୟରେ ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ଡାକ୍ତର ନିଯୁକ୍ତି, କ୍ୟାଡ଼ର ପୁନର୍ଗଠନ ନେଇ ପ୍ରାଣୀ ଚିକିତ୍ସକମାନେ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ମାତ୍ର ସରକାର ଏହାକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଓଁ ସାଇରାମ ଧ୍ୱନିରେ ଭକ୍ତ ବିଭୋର ସାଇପାଲିଙ୍କି ଯାତ୍ରା

**ରାଉରକେଲା,୫।୨(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ସାଇସେବା ଟ୍ରଷ୍ଟ ପକ୍ଷରୁ ସାଇପାଲିଙ୍କି ଯାତ୍ରା ସଭାପତି କୁଲଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାସନ୍ତୀ କଲୋନୀସ୍ଥିତ ଦୁର୍ଗାପୁର ପାହାଡ ଉପରେ ଥିବା ସାଇମନ୍ଦିର ପ୍ରାଙ୍ଗଣରେ ପଣ୍ଡିତ କରୁଣାକର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ସାଇବାବାଙ୍କ କାକଡଆଳତି, ଅବକାଶ ଧୂପ, ସାଇଙ୍କ ଷୋଡଶଉପଚାର ପୂଜା କରାଯାଇଥିଲା। ପରେ ବିଶ୍ୱଶାନ୍ତି ନିମନ୍ତେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ କମଳାକାନ୍ତ ଦାସ ଓ ପୁଷ୍ପଲତା ଦାସଙ୍କ କର୍ତ୍ତାରୂପେ ଯୋଗଦେଇ ହୋମକାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ହୋମକାର୍ଯ୍ୟରେ ବାସନ୍ତୀ କଲୋନୀର ବହୁ ସାଇଶ୍ରଦ୍ଧାଳୁ ଉପସ୍ଥିତ ରହି ବାବାଙ୍କ କୃପାଲାଭ କରିଥିଲେ। ପୂର୍ବାହ୍ନ ସମୟରେ ଟ୍ରଷ୍ଟ ପକ୍ଷରୁ ୩ ହଜାର ଭକ୍ତଙ୍କ ଲାଗି ସାମୂହିକ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ପରେ ଅପରାହ୍ନ ସାଢେ ୩ଟାରେ ସାଇବାବାଙ୍କୁ ଏକ ପାଲିଙ୍କିରେ ପୁଷ୍ପମାଲ୍ୟରେ ସୁଜ୍ଜିତ କରାଯାଇ ନଗରଭ୍ରମଣ କରାଯାଇଥିଲା। ଏଥିରେ ବହୁ ଭକ୍ତ ଉପସ୍ଥିତ ରହି ଓଁସାଇରାମ ଧ୍ୱନିରେ କଲୋନୀ ଭ୍ରମଣ କରିଥିଲେ। ଏହି ପାଲିଙ୍କିଯାତ୍ରା ସମୟରେ ସ୍ଥାନୀୟ ବହୁ ସମାଜସେବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସାଇସେବା ଟ୍ରଷ୍ଟ ପକ୍ଷରୁ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତିଯୋଗିତା ଉଦ୍‌ଯାପିତ

**ପାଇକମାଲ, ୫।୨(ବଡ ଶତପଥୀ):** ଓଡ଼ିଆ ଭାଷା ସଂସ୍କୃତିଭିତ୍ତିକ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ, ସମ୍ମାନୀତ ଅତିଥି ଯୁବନେତା ସୁଶାନ୍ତ ମହାପାତ୍ର, ଟାଇଲ ଭୋଇ ଓ ମୁଖ୍ୟବକ୍ତାଭାବେ ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରଜନୀ କୁମାର ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସବିତା ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୂପମା ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ୨୦୨୩ ମସିହା +୨ ବିଜ୍ଞାନ ଓ କଳାରେ ସର୍ବୋଚ୍ଚ ନମ୍ବର ରଖିଥିବା ଗୀତା ସାହୁ ଓ ଭୁବନ ପାଣ୍ଡେଙ୍କୁ ପରସ୍କୃତ କରାଯାଇଥିଲା। ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ମୀନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରମାଣପତ୍ର ସହିତ ଆତ୍ମରକ୍ଷା ଶିବିରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀମାନେ।

# ନାରୀ ସମାଜର ଭୂମିକା ଅତୁଳନୀୟ

**ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

**ରାଉରକେଲା,୫।୨(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସହରାଞ୍ଚଳ ପାନପୋଷ ସ୍ଥିତ ସରକାରୀ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ୮ଦିନ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ ପ୍ରଫେସର ଡ. ବିଜୟ କୁମାର ବେହେରା ଅଧ୍ୟକ୍ଷତା କରି କହିଥିଲେ ଯେ, ଯୁଗେ ଯୁଗେ ନାରୀ ସମାଜର ଭୂମିକା ଅତୁଳନୀୟ। ଏଣୁ ଯୁଗ ପରିବର୍ତ୍ତନରେ ସର୍ବଦା ମହିଳା ସମାଜର ବିଶେଷତ୍ୱ ରହି ଆସିଛି। ବର୍ତ୍ତମାନର ସମୟ ଅତ୍ୟାଧୁନିକ ଯୁଗରେ ଗତିମାନ ହେଉଛି। ଏଣୁ ମହିଳା ସମାଜର ସର୍ବାଙ୍ଗୀନ ବିକାଶ ସହିତ ବ୍ୟକ୍ତିଗତ ଏବଂ ସାମୂହିକ ସୁରକ୍ଷା ନେଇ ଆତ୍ମସୁରକ୍ଷା କ୍ଷେତ୍ରରେ କୌଶଳୀ ହେବା ଆବଶ୍ୟକ ବୋଲି କହିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଧିକାରୀ ମମତା ବକ୍ସଲା, ଅଧ୍ୟାପିକା ରଜନୀ କିଷାନ, ନମିତା ସ୍ୱାଇଁ ପ୍ରମୁଖ ଆତ୍ମରକ୍ଷା କୌଶଳର ଉପକାରିତା ବିଷୟରେ ଛାତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ ଡାକ୍ତର ବିଜୟ ବେହେରା ଉପସ୍ଥିତ ଥିଲେ। ମୁସ୍କାନ କେର୍କେଟା ନାମକ ଜଣେ ଛାତ୍ରୀ ଆତ୍ମରକ୍ଷା କୌଶଳରେ ପାରଦର୍ଶିତା ହାସଲ କରିଥିବାରୁ ପ୍ରୋତ୍ସାହିତ କରାଯାଇଥିଲା। ୮ଦିନ ବ୍ୟାପୀ ଶିବିରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୨୭୦ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ସ୍ନିଗ୍ଧା ମିଶ୍ର ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଏହି ଶିବିର ଛାତ୍ରୀ ସମାଜ ପାଇଁ ବେଶ ଉପାଦେୟ ସାବ୍ୟସ୍ତ ହେଉଛି ବୋଲି କହିଥିଲେ। ପରେ ପ୍ରଶିକ୍ଷଣରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆତ୍ମରକ୍ଷା ଶିବିରରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏବଂ ଓସେପା ନିଯୁକ୍ତି ପ୍ରଶିକ୍ଷିକା ତେଜସ୍ୱିନୀ ଷଡଙ୍ଗୀ, ଦୁଲାରୀ ମୁଣ୍ଡାରୀ, ସ୍ୱର୍ଣ୍ଣମିତା ସାହୁ, ଦେବୀଦର୍ଶନୀ ବେହେରା ଏବଂ ମହିମା ସୁନ୍ଦରୀ ମଲ୍ଲିକ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସାହିତ୍ୟ ବିନା ସମାଜର ବିକାଶ ଅସମ୍ଭବ

**ରାଉରକେଲା,୫।୨(ବିପ୍ଳବରଞ୍ଜନ ଦାଶ)**

ସୁନ୍ଦରଗଡ଼ ଜିଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାର, ଛେଣ୍ଡ ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ସୋମବାର ପାଠାଗାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଆସରରେ ବିଜୟ ବରାଳ ଅଧ୍ୟକ୍ଷତା ଓ ଭୂପେନ ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗଦେଇ କହିଥିଲେ ଯେ, ଭାଷା ଏବଂ ସାହିତ୍ୟ ହିଁ ମାନବ ଜାତି ପାଇଁ ଏକମାତ୍ର ବିକାଶର ମାଧ୍ୟମ ରହିଆସିଛି ଓ ରହିଥିବ। ଏକଦା ଭାଷାର ବିକାଶ ସହିତ ଭାଷା ସାହିତ୍ୟ ମାଧ୍ୟମରେ ମାନବ ଜାତିର ଅଭ୍ୟୁଦୟ ହୋଇ ମାନବ ସମାଜ ସଭ୍ୟତା ହେଲା। ଏଣୁ କରି ସାହିତ୍ୟ ଏବଂ ସମାଜ ଉଭୟ ପରିପୂରକ ଏବଂ ନିର୍ଭରଶୀଳ। ସାହିତ୍ୟ ବିନା ସମାଜର ବିକାଶ ଅସମ୍ଭବ। ଯେତେବେଳେ ସମାଜ ବିପଥଗାମୀ ହୁଏ, କବି ଲେଖକଙ୍କ ଭାଷା ସାହିତ୍ୟ ହିଁ ସମାଜ ସୁଧାରରେ କ୍ରାନ୍ତି ଆଣିଥାଏ ବୋଲି କହିଥିଲେ। ଏହାପରେ ଅନ୍ୟତମ ବକ୍ତା ବିଜୟିନୀ ଜେନା ରାଜାରାଜୁଡା ଅମଳରେ ସାହିତ୍ୟ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଆସରର ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଜୁଳା ରଥ ସାହିତ୍ୟ ଓ ସମାଜ ମଧ୍ୟରେ ଥିବା ସମନ୍ୱୟ ଉପରେ ଉଲ୍ଲେଖ କରିଥିଲେ। କବି ଅର୍ଚ୍ଚନା ମହାପାତ୍ର ଓ ଗାଳ୍ପିକ ସ୍ୱସ୍ତି କରଙ୍କ ସଂଯୋଜନାରେ ଗଳ୍ପ ପଠନ ହୋଇଥିଲା। ଗଳ୍ପ ପାଠ କରିଥିଲେ ବିକ୍ରମ ଆଚାର୍ଯ୍ୟ ଓ ବିଜୟିନୀ ଜେନା। ଶେଷରେ କବି ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।



ସାହିତ୍ୟ ଆସରରେ ସମ୍ମିଳିତ ବକ୍ତା, ଅତିଥି ଓ କର୍ମକର୍ତ୍ତା।

# ଆର୍‌ଏସ୍‌ପି ପକ୍ଷରୁ ଗଡ଼ିଲା ସଡ଼କ ସୁରକ୍ଷା ରଥ



ସଡ଼କ ସୁରକ୍ଷା ରଥକୁ ଏସ୍‌ଆର ସୂର୍ଯ୍ୟବଂଶୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ରାଉରକେଲା, ୫।୨(ବିପ୍ଳବରଞ୍ଜନ ଦାଶ)**

ସଡ଼କ ସୁରକ୍ଷାଜନିତ ବିଭିନ୍ନ ନିୟମାବଳୀ ଉପରେ ଶିଳ୍ପାଞ୍ଚଳରେ ବ୍ୟାପକ ଜନସଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ପକ୍ଷରୁ ସୋମବାର ସୁରକ୍ଷା ରଥ ଗଡ଼ିଛି। ଆର୍‌ଏସ୍‌ପି କାର୍ଯ୍ୟବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶୀ ଦୁଇଟି ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସୁରକ୍ଷାରଥ ଶୁଭାରମ୍ଭ ସମାରୋହରେ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ସାମିଲ ରହିଥିଲେ। ଏ ଉପଲକ୍ଷେ ସୂର୍ଯ୍ୟବଂଶୀ ସଡକ ଦୁର୍ଘଟଣା ସଂକ୍ରାନ୍ତୀୟ ମାନବ ଜୀବନରେ ଜଡିତ ନିଜ ପରିବାର, ବନ୍ଧୁ, ସହକର୍ମୀ ଓ ସମୁଦାୟ ସମାଜ ପାଇଁ ହିତକର ସଡକ ସୁରକ୍ଷା ଜଡିତ ନିୟମାବଳୀ ପାଳନ କରିବା ସହ ଅନ୍ୟଙ୍କୁ ମଧ ପ୍ରୋତ୍ସାହିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଟ୍ରାଫିକ ଓ କଞ୍ଚାମାଲ ବିଭାଗ ସିନିୟର ଟେକ୍ନିସିଆନ କେ. ମହାନ୍ତି ଓ ବିଭାଗୀୟ ଦଳ ଦ୍ୱାରା ଏକ ସୁରକ୍ଷା ନାଟକ ମଞ୍ଚସ୍ଥ ହେବା ସହିତ ସୁରକ୍ଷା ଦାୟିତ୍ୱ ସନ୍ଦର୍ଭରେ ଏକ ସ୍ୱାକ୍ଷର ଅଭିଯାନ ଆୟୋଜିତ ହୋଇଥିଲା। ଏହା ପରେ ସାମୂହିକ ଭାବେ ସମୁଦାୟିକଙ୍କୁ ସିଆର୍‌ଏମ,ଏସ୍‌ଏସ୍‌ଏମ ଓ ରୋଲସପ ବିଭାଗ ସିଜିଏମ କାର୍ତ୍ତିକେୟ ବେହେରା, ଡିଜାଇନ ଓ ସସ୍ପ ବିଭାଗର ସିଜିଏମ ରବି ରଞ୍ଜନ ଓ ସିଏଣ୍ଡଆଇଟି ବିଭାଗ ସିଜିଏମ୍ କେ.କେ ସେନଗୁପ୍ତା ସୁରକ୍ଷା ଭିତ୍ତିକ ସଂକଳ୍ପ ପାଠ କରାଇଥିଲେ। ତେବେ ସୁରକ୍ଷାଜନିତ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ସେବା ବିଭାଗର ସିଜିଏମ ଏମ.ଏନ.ଭି ଏସ ପ୍ରଭାକର, ସୁରକ୍ଷା ବିଭାଗ ଜିଏମ୍ ଇନଚାର୍ଜ ଆଶା କାର୍ଥା, ଜିଏମ୍ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ତରଫରୁ ହୋଇଥିଲା।

### ଭିଏଚ୍‌ପି ଜିଲାସ୍ତରୀୟ ବୈଠକ

**ରାଉରକେଲା, ୫।୨(ସଙ୍ଗୀତା ଜେନା)**

ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ଜିଲାସ୍ତରୀୟ ବୈଠକ ସେକ୍ଟର-୩ ସୀତାରାମ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏଥିରେ ଭିଏଚ୍‌ପି ପଶ୍ଚିମ ଓଡ଼ିଶା ପ୍ରାନ୍ତ ଉପସଭାପତି ଅମୂଲ୍ୟ ମିଶ୍ର, ଜିଲା ସଭାପତି ଗୋଦାବରୀଶ ଶତପଥୀ, ଆଚାର୍ଯ୍ୟ ବିନୟ, ଅନୀଲ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ନୂତନ କମିଟି ଗଠନ କରାଯାଇଥିଲା। ଜିଲା ସଂଯୋଜକ ରାକେଶ ଶର୍ମା, ସହସଂଯୋଜକ ସନ୍ତୋଷ ଯାଦବ, ଗୋରକ୍ଷା ପ୍ରମୁଖ ରବି ସାହୁ, ବାସୁଦେବ କୁମ୍ଭାର, ଚନ୍ଦନ ମିଶ୍ର, ନିତେଶ ସାହୁ, ଆଖାଡ଼ା ପ୍ରମୁଖ ସୋନୁ ବଡ଼ାଇକ, ମହାବିଦ୍ୟାଳୟ ପ୍ରମୁଖ ଅଭିଷେକ ଶ୍ରୀବାସ୍ତବ ସୁରଜ ମହତୋ, ସୁରକ୍ଷା ପ୍ରମୁଖ କୁନାଲ ଥାପା ପ୍ରମୁଖଙ୍କ ନାମ ମନୋନୀତ କରାଯାଇଥିଲା।

# ରାଉରକେଲା ମହାବିଦ୍ୟାଳୟ ପରିଚାଳନା ମଣ୍ଡଳୀର ଜରୁରିକାଳୀନ ବୈଠକ

**ରାଉରକେଲା,୫।୨(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୪ସ୍ଥିତ ରାଉରକେଲା ମହାବିଦ୍ୟାଳୟର ପରିଚାଳନା ମଣ୍ଡଳୀର ଏକ ଜରୁରୀକାଳୀନ ବୈଠକ ସୋମବାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା। ବୈଠକରେ ପରିଚାଳନା ମଣ୍ଡଳୀର ସଭାପତି ଡକ୍ଟର ପ୍ରଦୀପ କୁମାର ନନ୍ଦ, ସଦସ୍ୟ ମନୋରଞ୍ଜନ ଦାଶ, ପ୍ରାଧାପିକା ତପସ୍ୱିନୀ ମିଶ୍ର ଓ ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ବୈଠକରେ ଅଧ୍ୟକ୍ଷା ପ୍ରାକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିବା ନୂଆ ଓଡ଼ିଶା, ଯୁବ ଓଡ଼ିଶା ଏବଂ ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୱେବସାଇଟରେ ମହାବିଦ୍ୟାଳୟର ନାମ ପରିବର୍ତ୍ତନ, ମହାବିଦ୍ୟାଳୟର ବିଭିନ୍ନ ନବୀକରଣ କାର୍ଯ୍ୟ, ଛାତ୍ରୀନିବାସ ତଥା ମହାବିଦ୍ୟାଳୟର ଗ୍ରୁପ ସି ଓ ଡି ସ୍ତରୀୟ କର୍ମଚାରୀଙ୍କ ଅଭାବ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ଗଠନମୂଳକ ମତାମତ ପ୍ରକାଶ କରିଥିଲେ। ପରେ ଅଧ୍ୟକ୍ଷା ସୁଜତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତୃଣମୂଳସ୍ତରରେ କାର୍ଯ୍ୟ ହାତକୁ ନିଆଯିବ

**ରାଉରକେଲା, ୫।୨(ସଙ୍ଗୀତା ଜେନା)**


ମୀନାକ୍ଷୀ ବାହିନୀପତି।

ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ଏ ନେଇ ସବୁବର୍ଗରେ ଲୋକେ ବେଶ ଉତ୍ସାହିତ ଅଛନ୍ତି ବୋଲି କଂଗ୍ରେସ ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି। ରାଜ୍ୟରେ ଆଶାତୀତ ଭାବେ ମହିଳା ଉତ୍ପୀଡ଼ନ, ବଳାତ୍କାର ବୃଦ୍ଧି ପାଇଛି। ମହିଳା କଂଗ୍ରେସ ଏ ଦିଗରେ ସ୍ୱର ଶାଣିତ କରିଛି। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଏହି ଶୋଷଣକାରୀଙ୍କ ପାଇଁ ମହିଳା ଓ ସମସ୍ତେ ଏକଜୁଟ ହେବେ। ସୁତରାଂ ମହିଳା ସମ୍ମାନ ଓ ଗାରିମା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗ୍ୟ ନୁହଁନ୍ତି ବୋଲି ବାହିନୀପତି ମତବ୍ୟକ୍ତ କରିଥିଲେ। କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା ଅବସରରେ ବାହିନୀପତି ପ୍ରଥମ କରି ରାଉରକେଲା ଗସ୍ତରେ ସୋମବାର ପହଞ୍ଚିବା ପରେ ଏହା ମତବ୍ୟକ୍ତ କରିଥିଲେ। ରାଜ୍ୟ ମହିଳା ସଭାନେତ୍ରୀ ପଦସ୍ଥାପିତ ହେବା ପରେ ସେ ରାଉରକେଲାରେ ଆସି ଜିଲାର ପ୍ରାୟ ୫ ହଜାର ମହିଳାଙ୍କୁ ଏକଜୁଟ କରିବା ଲକ୍ଷ୍ୟ ରଖିଥିବା ପ୍ରକାଶ କରିଥିଲେ। ଏହା ସହ ମହିଳାଙ୍କ ସମ୍ମାନ, ରୋଜଗାର ଓ ସ୍ୱାବଲମ୍ବନ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ ହାତକୁ ନିଆଯିବ ବୋଲି କହିଥିଲେ। ସେହିପରି ଚାଷୀ ଆଖିରୁ ଲୁହ ପରିବର୍ତ୍ତେ ରକ୍ତ ଝରୁଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠାଇବା ପାଇଁ ପ୍ରୟାସ କରାଯିବ। ସାଧାରଣ ଲୋକେ କଂଗ୍ରେସର ହାତମୁଠାକୁ ଟାଣ କଲେ ନେତୃତ୍ୱ ସୁନିଶ୍ଚିତ ଆସିବ ବୋଲି ବାହିନୀପତି କହିଥିଲେ।

### ମାଘମେଳା ପାଇଁ ଶୁଭ ଖମ୍ବ ସ୍ଥାପନ

**ଘଣ୍ଟାପଡ଼ା,୫।୨(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା-ପୋଡାପଦରସ୍ଥିତ କଳିକେଶ୍ୱର ମନ୍ଦିରରେ ମାଘମେଳା ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ ରବିବାର ମାଘମେଳା କମିଟି ଓ ସଂକ୍ରାନ୍ତି କମିଟିର ମିଳିତ ଆନୁକୂଲ୍ୟରେ ମନ୍ଦିର ପରିସରରେ ପଣ୍ଡିତ ଚମ୍ପେଶର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଶୁଭଖମ୍ବ ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଗଉଁନ୍ତିଆ ଅନନ୍ତ ମାଝୀ ଓ ଶଙ୍ଖଜିନୀ ମାଝୀ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଘମେଳା କମିଟିର ସଭାପତି ପୁରନ୍ଦର ମହାକୁଡ଼, ସଂପାଦକ ଗଜେନ୍ଦ୍ର କହଁର, ଶ୍ରୀପତି ମଲିକ, ରାଜେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଆଇଜିଏଚ୍ ଡାକ୍ତରଙ୍କ ଗୌରବ ଅର୍ଜନ

**ରାଉରକେଲା,୫।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଆରଜିଏଚ ଡାକ୍ତରଙ୍କ ଜାମସେଦପୁର ଟାଟା ମେନ ହସ୍ପିଟାଲରେ ଆୟୋଜିତ ହୋଇଯାଇଥିବା ୪୩ତମ ଅଲ ଇଣ୍ଡିଆ ଷ୍ଟିଲ ମେଡିକାଲ ଅଫିସର ସମ୍ମିଳନୀରେ ୨ଟି ପୁରସ୍କାର ହାସଲ କରି ଆରଏସ୍‌ପିର ଗୌରବ ବୃଦ୍ଧି କରିଛନ୍ତି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି.କେ ହୋତାଙ୍କ ନେତୃତ୍ୱରେ ଏକ ୧୪ଜଣିଆ ଡାକ୍ତର ଦଳ ସମ୍ମିଳନୀରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ମେଡିସିନ--ନେଫ୍ରୋଲୋଜୀ ବିଭାଗର ସିନିୟର କନ୍ସଲଟାଣ୍ଟ ଡାକ୍ତର ସରୋଜ ରାଉତ ଦୀର୍ଘ ପେପର ଉପସ୍ଥାପନାରେ ପ୍ରଥମ ପୁରସ୍କାର ଲାଭ କରିଥିବା ବେଳେ ସର୍ଟପେପରରେ କନସଲଟାଣ୍ଟ ଡାକ୍ତର ପୁନମ ଏକ୍କା ପ୍ରଥମ ପୁରସ୍କାର ଲାଭ କରିଥିଲେ। ଆୟୋଜିତ ସମ୍ମିଳନୀରେ ଡାକ୍ତର ହୋତା ଆଇଜିଏଚ ଉପରେ ବିସ୍ତୃତ ଉପସ୍ଥାପନା ରଖିଥିବା ବେଳେ ଅତିରିକ୍ତ ସିଏମଓ ଡକ୍ତର ସଞ୍ଜୟ ତିୱାରୀ ଅର୍ଥୋପେଡିକ୍ସରେ କୃତ୍ରିମ ଇନଟେଲିଜେନ୍ସ ଉପରେ, ଅତିରିକ୍ତ ସିଏମଓ ଡକ୍ତର ମନୋଜ ପାଣିଗ୍ରାହୀ ଟ୍ରମାରେ ସୁବର୍ଣ୍ଣ ଘଟିକା ପ୍ରସଙ୍ଗରେ ପେପର ଉପସ୍ଥାପନା କରିଥିଲେ। ଡେପୁଟି ସିଏମଓ ଡାକ୍ତର ଅରୁଣା ମିଞ୍ଜ ସ୍ତନ କର୍କଟ ପ୍ୟାନେଲ ଉପରେ ଆଲୋକପାତ କରିଥିଲେ। ପରେ ଆଇଜିଏଚର ଡାକ୍ତରମାନେ ଏମବିବିଏସ ପେପର, ଦୀର୍ଘ ଓ ସୂକ୍ଷ୍ମ ପେପର୍ସ, ଗୁଣବତ୍ତା ପରିଚାଳନା, ବୃତିଗତ ସ୍ୱାସ୍ଥ୍ୟକେନ୍ଦ୍ର କାଗଜପତ୍ର ସହ ଏମବିବିଏସ ସହିତ ପିଜି ପୋଷ୍ଟରକୁ ନେଇ ସାତୋଟି ଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମ୍ମିଳନୀରେ ଅତିରିକ୍ତ ସିଏମଓ ଡାକ୍ତର ପୁଷ୍ପା କୁମାରୀ ଡାକ୍ତରୀ ଦଳର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଆୟୋଜିତ ସମ୍ମିଳନୀରେ ସେଲ ହସ୍ପିଟାଲ, ଆରଆଇଏନଏଲ, ଟାଟା ଷ୍ଟିଲ ଓ ମେକନର ମେଡିକାଲ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀ ଡାକ୍ତରଙ୍କ ପାଇଁ ରୋଗୀସେବାରେ ଅତ୍ୟାଧୁନିକ ବିକାଶ ସହଭାଗିତା ପାଇଁ ପ୍ଲାଟଫର୍ମ ଯୋଗାଉଛି। ଏହି ସମ୍ମିଳନୀ ଆସନ୍ତା ବର୍ଷ ରାଉରକେଲାରେ ଆୟୋଜିତ ହେବା ନିର୍ଦ୍ଧାରିତ ହୋଇଛି।


ସମ୍ମିଳନୀରେ ଡାକ୍ତର ପୁନମ ଏକ୍କା ପୁରସ୍କାର ଗ୍ରହଣ କରୁଛନ୍ତି।

# ସୁସ୍ଥ ରହିବାର ସର୍ବପୁରାତନ ସୂତ୍ର ହେଉଛି ଯୋଗ

**ଶକ୍ତିନଗର ଶାରଳାମନ୍ଦିର ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ**

**ରାଉରକେଲା,୫।୨(ଦିନେଶ ମିଶ୍ର)**


ଶକ୍ତିନଗର ଶାରଳା ମନ୍ଦିର ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା।

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ସମିତି ଦ୍ୱାରା ପରିଚାଳିତ ଶକ୍ତିନଗର ଶାରଳା ମନ୍ଦିର ଯୋଗକେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ ଯୋଗ ଶିକ୍ଷୟିତ୍ରୀ ସାବିତ୍ରୀ ସେନାପତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ପ୍ରଭାରୀ ଅକ୍ଷୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ମାଧ୍ୟମରେ କିଭଳି ନିରାମୟ ଜୀବନ ବଞ୍ଚିହେବ ସେନେଇ ମତ ପ୍ରକାଶ କରିଥିଲେ। ସୁସ୍ଥ ରହିବାର ସର୍ବପୁରାତନ ସୂତ୍ର ହେଉଛି ଯୋଗ ବୋଲି ସେ କହିଥିଲେ। ଶିକ୍ଷୟିତ୍ରୀ ସାବିତ୍ରୀ ସେନାପତି ଗୁରୁବନ୍ଦନା ଗାନ କରିବା ସହ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଧରଣୀଧର ସେନାପତିଙ୍କୁ ତାଙ୍କର ନିଷ୍ପାପର କାର୍ଯ୍ୟ ଓ ଅଗାଧ ପରିଶ୍ରମ ପାଇଁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରେ ଜିଲା ମହିଳା ପତଞ୍ଜଳି ଯୋଗ ସମିତିର ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ନରେନ୍ଦ୍ର ବେହେରା, ପ୍ରଦୀପ୍ତ ସାହୁ, ଗଙ୍ଗାଧର ଦାଶ, କପିଳେଶ୍ୱର ମହାରଣା, ଆରତୀ କର ପ୍ରମୁଖ ଯୋଗର ବ୍ୟାପକତା ଓ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଯୋଗ ଶିକ୍ଷୟିତ୍ରୀ ସୋନମ୍ ରଜକ, କବିତା ବୋଇତି, ଅର୍ଚ୍ଚନା ପ୍ରସାଦ, ସଞ୍ଜୁ ସିଂ, ମମତା ରାଠୋର, ମୀନା ପାତ୍ର, ନିରୁପମା ପଣ୍ଡା, ତନୁବାଳା ପ୍ରଧାନ, ସଂଯୁକ୍ତା ଦାସ, ବିଜୟଲକ୍ଷ୍ମୀ ପଣ୍ଡା, ମମତା ସେନାପତି, ବୀଣାପାଣି ଜେନା, ସୁଷମା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ ୧୧ରେ ରେଢ଼ାଖୋଲ ସମାବେଶରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ରେଢ଼ାଖୋଲ,୫।୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ କଲ୍ୟାଣ ମଣ୍ଡପରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୧ରେ ପ୍ରସ୍ତାବିତ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ଶ୍ରମିକମାନଙ୍କ ବିଶାଳ ସମାବେଶ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ପ୍ରାୟ ୩୦ ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ ତୋଳାଳି, ସିଜନାଲ କର୍ମଚାରୀ ଓ ଶ୍ରମିକ ଯୋଗ ଦେବେ। ଏଥିପାଇଁ ବିଭିନ୍ନ କେନ୍ଦୁପତ୍ର ଡିଭିଜନ ଓ ରେଞ୍ଜର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ ସଂଘର ୧୪ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହିସବୁ ଦାବି ଉପରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ପ୍ରାରମ୍ଭରେ ସଂଘର ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ରେଢ଼ାଖୋଲ, ଆଠମଲ୍ଲିକ, ଦେବଗଡ଼, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର, ରାଉରକେଲା, କେନ୍ଦୁଝର, କୁଚିଣ୍ଡା, ଫୁଲବାଣୀ ଡିଭିଜନରୁ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ।

## ଓଡ଼ିଆ ଭାଷା ସମ୍ମିଳନୀରେ ଭାଗନେଲେ ଭିସୁଟ୍ ଛାତ୍ରୀଛାତ୍ର

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ସ୍ଥିତ ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଭିସୁଟ୍‌ର ୧୪୦ ଛାତ୍ରୀଛାତ୍ର ଆଭାସୀ ଜରିଆରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ତୃତୀୟ ଦିନରେ ବିଷୟ ଥିଲା ୨୦୩୭– ଓଡ଼ିଶା: ନବଦିଗନ୍ତର ସମ୍ଭାବନା। ବକ୍ତାମାନେ ୨୦୩୬ ସୁଦ୍ଧା ଓଡ଼ିଆକୁ ବିଜ୍ଞାନ, ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି ଓ ଉଦ୍ୟୋଗ କ୍ଷେତ୍ରରେ ଆଗୁଆ କରାଇବାରେ ଯୁବ ବର୍ଗର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। କୁଳପତି ପ୍ରଫେସର ବଂଶୀଧର ମାଝି ଓ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଫିନଟେକ୍ ଅଫିସର, ଏମ୍‌ଏଏସ୍, ସିଙ୍ଗାପୁର ସରକାର, ଇନଷ୍ଟିଚ୍ୟୁଟ୍ ଫର ବାୟୋଲୋଜିକାଲ ଷ୍ଟଡିଜର ପ୍ରଫେସର ସଚିନ ପଣ୍ଡା ଏବଂ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଏହି ଉତ୍ସବରେ ସାମିଲ କରାଯାଇଥିଲା। ଆଭାସୀ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଡ. ତୃପ୍ତି ରଞ୍ଜନ ମହାପାତ୍ର ଓ ଛାତ୍ର କଲ୍ୟାଣ ବିଭାଗର ଆସୋସିଏଟ୍ ଡିନ୍ ଡ. ପୁଣ୍ୟପ୍ରିୟା ମିଶ୍ର ସଂଯୋଜନା କରିଥିଲେ ।

## ବିଜେଡି ପକ୍ଷରୁ ପୁଷପୁନି ଭେଟ୍‌ଘାଟ୍

ସମ୍ବଲପୁର,୫।୨(ବି.ଶଙ୍କର)– ମାନେଶ୍ୱର ବ୍ଲକ ଦେଓଗାଁ ପଞ୍ଚାୟତର ଡ୍ୟାମ କଣ୍ଟାରେ ବିଜେଡି ପକ୍ଷରୁ ପୁଷପୁନି ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ବିଜେଡ଼ି ନେତା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବ୍ଲକ ଅନ୍ତର୍ଗତ ୭ ପଞ୍ଚାୟତର ଦଳୀୟ କର୍ମୀ, ଡକରା ସରପଞ୍ଚ ସଞ୍ଜୀବ ପୂଜାରୀ, ଲକ୍ଷ୍ମଣ ପ୍ରଧାନ, ଦେବବ୍ରତ ବିଶ୍ୱାଳ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

ସମ୍ବଲପୁର,୫।୨(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବିଞ୍ଜିପାଲି ଗ୍ରାମରେ ୨୦୧୫ରେ ସଂଘଟିତ ଏକ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ସମ୍ବଲପୁର ପୋକ୍ସୋ ଅଦାଲତରେ ଚାଲିଥିବା ଉକ୍ତ ଘଟଣାର ରାୟ ଶୁଣାଇ ବିଚାରପତି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ଏକବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବିଞ୍ଜିପାଲି ଗ୍ରାମ ଡୁଡ଼ୁରୁଆଁ ଓରାମପଡ଼ାର ଭୀମସେନ୍ ରଣବିଡ଼ା

ମାମଲାର ବିବରଣୀରୁ ପ୍ରକାଶ ଯେ, ଓରାମପଡ଼ାର ଦୁଇ ନାବାଳିକା ନିକଟରେ ଥିବା ଏକ ଇଟାଭାଟିରେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ୨୦୧୫ ଫେବୃଆରୀ ୨୭ରେ ନାବାଳିକାଦ୍ୱୟ ଇଟାଭାଟିରୁ ମଜୁରି ବାବଦକୁ ମିଳିଥିବା ପ୍ରାପ୍ୟ ନେଇ ଘରକୁ ଫେରୁଥିଲେ। ଏକ ନିଛାଟିଆ ରାସ୍ତାରେ ସେମାନେ ଆସୁଥିବା ବେଳେ ଅଭିଯୁକ୍ତ ଭୀମସେନ୍ ସେମାନଙ୍କୁ ଟଣାଓଟରା କରିଥିଲେ। ତେବେ କୌଶଳକ୍ରମେ ଜଣେ ନାବାଳିକା ଖସିଯିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟଜଣଙ୍କୁ ଭୀମସେନ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରିଥିଲେ। ଖସିଯାଇଥିବା ନାବାଳିକା ଗ୍ରାମବାସୀଙ୍କ ନିକଟରେ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ମୃତଦେହ ପଡ଼ିଥିବା ଦେଖି ରେଙ୍ଗାଲି ପୋଲିସକୁ ଖବର ଦେଇଥିଲେ। ରେଙ୍ଗାଲି ଥାନାଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣା ନେଇ ମୃତ ନାବାଳିକାଙ୍କ ପିତାଙ୍କ ଏତଲାକୁ ଆଧାର କରି ପୋଲିସ ଆଇପିସି ଦଫା ୩୦୭, ୩୭୬ (୨), ୩୭୬ (ଏ)ରେ ଏକ ମାମଲା (ନଂ.୨୫/୨୦୧୫) ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମ୍ବଲପୁର ପୋକ୍ସୋ ଅଦାଲତର ବିଚାରପତି ଅଭିଳାଷ ସେନାପତି ୧୭ ଜଣ ସାକ୍ଷ୍ୟଙ୍କ ସହିତ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଭୀମସେନଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ଏହି ମାମଲା ପରିଚାଳନା କରୁଥିଲେ।

# ଓଲଟିଲା ଯାତ୍ରୀବାହୀ ବସ୍: ୯ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଘରୋଇ ବସ୍।

ରେଢ଼ାଖୋଲ,୫।୨(ଅଚ୍ୟୁତାନନ୍ଦ ପୁରୋହିତ)

ଭୁବନେଶ୍ୱରରୁ ହୀରାକୁଦ ଅଭିମୁଖେ ଆସୁଥିବା ଶିଭମ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ସୋମବାର ୫୫ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ବଡ଼ନୂଆପଡା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ପ୍ରାୟ ୯ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ସମ୍ବଲପୁର ମୁଦିପଡାର ବସ୍ କଣ୍ଡକ୍ଟର ରାଜକୁମାର ମହାନ୍ତି (୬୨), ବିଣାଖଣ୍ଡିର ସୁବୁଦ୍ଧି ବାରିକ (୫୫) ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବାରିକ (୫୦), ଯାଜପୁର ଜିଲା ବିଞ୍ଝାରପୁର ଥାନା ଗୁହାଳିର ନରେନ୍ଦ୍ରନାଥ ଶର୍ମା (୬୦) ଓ ତାଙ୍କ ପୁଅ ତ୍ରିନାଥ ଶର୍ମା (୩୮), କଟକ ଜିଲା ଖୁଣ୍ଟୁଣି ଥାନା ଦଳାଭାଗର ମିତ୍ରଭାନୁ ରାଉତ, କେନ୍ଦୁଝର ଜିଲା ଆନନ୍ଦପୁରର ପ୍ରଶାନ୍ତ ଦାସ (୫୦), ଭଦ୍ରକ ଜିଲା ଅର୍ଜୁନପୁରର ବାଦଲ ରାଉତ (୫୮) ଓ ଆଠଗଡର ମାନସ ସାହୁ (୩୩)। ଆହତମାନଙ୍କୁ ପ୍ରଥମେ ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାମତେ ଓଡି୧୫ସି–୩୧୫୫ନଂ. ବିଶିଷ୍ଟ ଘରୋଇ ବସ୍‌ଟି ସୋମବାର ଭୋର ସମୟରେ ହୀରାକୁଦ ଯାଉଥିବା ବେଳେ ନୂଆପଡା ଛକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଚାରମାଳ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ମା’ସମଲେଇଙ୍କୁ ଦର୍ଶନ କଲେ ୪ ଜିଲାର ୪ ହଜାର ଭକ୍ତ

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ):

ମା’ ସମଲେଇଙ୍କ ପ୍ରକଳ୍ପ ଉଦ୍‌ଘାଟନ ପରେ ପ୍ରତିଦିନ ଦୂରଦୂରାନ୍ତରୁ ଭକ୍ତମାନେ ମା’ଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶାର ୪ ଜିଲାର ୪ହଜାର ଭକ୍ତ ସମ୍ବଲପୁରରେ ପହଞ୍ଚି ମା’ ସମଲେଇଙ୍କୁ ଦର୍ଶନ କରିଛନ୍ତି। ବଲାଙ୍ଗୀର ଜିଲାର ଲୋଇସିଂହା, ଝାରସୁଗୁଡା ଜିଲାର ଝାରସୁଗୁଡା, ନୂଆପଡ଼ା ଜିଲାର ଖରିଆର ଓ ବରଗଡ ଜିଲାର ଅତାବିରା ନିର୍ବାଚନ ମଣ୍ଡଳୀର ଭକ୍ତମାନେ ସ୍ୱତନ୍ତ୍ର ବସ୍ ଯୋଗେ ଆସି ସମ୍ବଲପୁର ମନ୍ଦଲିଆ ପଡିଆରେ ପହଞ୍ଚିଥିଲେ। ଏହାମଧ୍ୟରେ ପ୍ରତି ନିର୍ବାଚନମଣ୍ଡଳୀରୁ ହଜାରେ ସଂଖ୍ୟକ ଭକ୍ତ ରହିଥିଲେ। ଏମାନଙ୍କୁ ସ୍ୱତନ୍ତ୍ର



ସିଟି ବସ ଯୋଗେ ସମଲେଇ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ଭକ୍ତମାନେ ମା’ଙ୍କୁ ଦର୍ଶନ କରିବା ପରେ ସମଲେଇ ପ୍ରକଳ୍ପ ଜରିଆରେ ରୂପାନ୍ତରଣ କରାଯାଇଥିବା ମନ୍ଦିର ପରିସର ବୁଲି ଦେଖିଥିଲେ। ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା। ମନ୍ଦଲିଆ ପଡିଆଠାରେ ଭକ୍ତମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଏସ୍ ଶିକ୍ଷାନବିସ ନେହା ଅରଗୁଲା, ଅତିରିକ୍ତ ଜିଲାପାଳ ପ୍ରଦିପ ସାହୁ, ଜିଲା ସ୍ୱାସ୍ଥ୍ୟ ପ୍ରଶାସନିକ ଅଧିକାରୀ ନିଳାମ୍ବର ମହାନନ୍ଦ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝି, ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ରହି ଭକ୍ତମାନଙ୍କ କଥା ବୁଝିଥିଲେ।

## ପଦ୍ମଶ୍ରୀ ସାଧୁ ମେହେର, ରବି ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୫।୨(ବି.ଶଙ୍କର)

ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୋକସଭା ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ଶିବନାରାୟଣ ଶତପଥିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ଅଞ୍ଚଳର ବିଶିଷ୍ଟ ଅଭିନେତା, ନାଟ୍ୟ ସଙ୍ଗଠକ ରବି ନାରାୟଣ ବହିଦାର ଓ ପ୍ରସିଦ୍ଧ ସିନେ କଳାକାର ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହସମ୍ପାଦକ ବୀରୁପାକ୍ଷ ପ୍ରଧାନ ସଭା ସଂଯୋଜନା କରିଥିଲେ।

## ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଶିବିର

ସମ୍ବଲପୁର,୫।୨(ବି.ଶଙ୍କର)

ସମ୍ବଲପୁରର ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ସୋମବାର ମହୁଲପାଲିସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ସ୍କାଉଟ ଗାଇଡ ମୁଖ୍ୟ କମିଶନର ତଥା ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ତତ୍ତ୍ୱାବଧାନରେ ଚାରିଦିନ ବ୍ୟାପୀ ଶିବିର ଚାଲିବ। ଏଥିରେ ଜିଲାର ୪୦୧ଜଣ ସ୍କାଉଟ, ଗାଇଡ ତଥା ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପ୍‌ଟେନ ଯୋଗ ଦେଇଛନ୍ତି। ଯୁଯୁମୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ, ଜିଲା ଗାଇଡ କମିଶନର ଦୀପାଳି ଚୌଧୁରୀ, ଜିଲା ସ୍କାଉଟ କମିଶନର କୁଳଧର ପ୍ରଧାନ, ପୂର୍ବତନ ସ୍କାଉଟ ଏବଂ ଗାଇଡ ଜିଲା ସମ୍ପାଦକ ଜଗବନ୍ଧୁ ବେହେରା, ପ୍ରଧାନ ଶିକ୍ଷକ ଗିରିଧାରୀ ଡନସନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ତାଲିମ କମିଶନର ନରେନ୍ଦ୍ର କୁମାର ଦେହୁରି ଶିବିର ପରିଚାଳନା କରିଥିଲେ।

# ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କୁଚିଣ୍ଡା,୫।୨(ବିରଞ୍ଚି ଦର୍ଶୀ)– ଜମନକିରା ବ୍ଲକ ଅନ୍ତର୍ଗତ ଧୁଡିପାଲି ପଞ୍ଚାୟତ ଭୋଇପାଲି ଗ୍ରାମରେ ଦୁଇଟି ୱାର୍ଡରେ ଭୋଟର ସଂଖ୍ୟା ହେଉଛି ୭୫୦। ସରକାରୀ ଅବହେଳାର ଶିକାର ହୋଇ ଗ୍ରାମବାସୀ ଭୋଟ ବର୍ଜନ ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ସୋମବାର ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ପ୍ରଦତ୍ତ ଦାବି ଅନୁଯାୟୀ, ପ୍ରମୁଖ ରାସ୍ତା ବିଶେଷ କରି ଭୋଇପାଲିରୁ ପଞ୍ଚାୟତ ମୁଖ୍ୟାଳୟ, ଭୋଇପାଲିରୁ କୁମ୍ଭାରୁଣୀପୋଷି ଭାୟା ବୁଦେଲକାନୀ, ଭୋଇପାଲିରୁ ବିଜାଗୁଡା ଭାୟା ଡମଗାଁ, ଭୋଇପାଲି–ଲାଡମପାଲି ଆଦି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ପଲ୍ଲୀସଭା ଓ ଗ୍ରାମସଭାରେ ଏ ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟା, ବ୍ଲକ ଅଧ୍ୟକ୍ଷାଙ୍କୁ ଗୁହାରି କରି ନିରାଶ ହେବା ପରେ ୫–ଟି ଅଧ୍ୟକ୍ଷ କୁଚିଣ୍ଡା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ହେଲେ ସୁଫଳ ନ ମିଳିବାରୁ ଗ୍ରାମବାସୀ ଏକ ସଭାକରି ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଉପଜିଲାପାଳ ହେମସାଗର ଭୋଇ ଦାବିପତ୍ର ଗ୍ରହଣ କରି ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀଙ୍କ ମଧ୍ୟରେ ୱାର୍ଡ ମେମ୍ବର ହରି ଶଙ୍କର ମାଝି ଓ ମନୋଜ କୁମୁରା, କୁଳମଣି ପଟେଲ, ହାରାଚାନ୍ଦ ଛୁଟି, ତ୍ରିନାଥ କାଲୋ, ଦେବଦତ୍ତ ସାହୁ, ସଂଗ୍ରାମ ପଟେଲ, ସଞ୍ଜୀବ ପଟେଲ, ଉପିନ୍ଦ୍ର କୁମୁରା, ବିଜୟାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ।

# ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

ସମ୍ବଲପୁର,୫।୨(ବି.ଶଙ୍କର)

ସମ୍ବଲପୁର ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ବୁଢାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଏହାକୁ ଉଦ୍‌ଘାଟନ କରିଥିଲେ। ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ ପରେ ତର୍କ, ଚିତ୍ରାଙ୍କନ ଓ ବୁଦ୍ଧି ପରୀକ୍ଷା ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଉପସ୍ଥିତ ଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ୯ ବ୍ଲକର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରରେ ଅଂଶଗ୍ରହଣ କରିଥିଲେ। ଏଥିର କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ



ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

କରାଯାଇଥିଲା। ବିଚାରକ ଭାବେ ତର୍କ ପାଇଁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳୀ ରାଣୀ ଦାଶ ଓ ଅଧ୍ୟାପକ ଡ. ସତ୍ୟନାରାୟଣ ଠାକୁର, ବୁଦ୍ଧି ପରୀକ୍ଷା ପାଇଁ ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ ଓ ଚିତ୍ରାଙ୍କନ ପାଇଁ ଅଭିନନ୍ଦନ ତ୍ରିପାଠୀ ଯୋଗଦାନ କରିଥିଲେ। ଏହି ଅବସରରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷିତ ହୋଇଥିଲା। ସିଆର୍‌ସିସି ଅସୀମ ପ୍ରଧାନ ସଭା ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା ବିଭାଗର ଅନୁପମା ମହାପାତ୍ର, ପୁରୁଣା ବଲାରଙ୍ଗା ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଓ ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ଏବଂ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ସହଯୋଗ କରିଥିଲେ।

# ବନାଗ୍ନି ଉପରେ ସଚେତନତା ଶିବିର

ଜମନକିରା,୫।୨(ରବୀନ୍ଦ୍ର ପ୍ରସାଦ ଦାନି)– ବାମରା ବନ୍ୟପ୍ରାଣୀ ବନଖଣ୍ଡ ଜମନକିରା ବନାଞ୍ଚଳ ଅନ୍ତର୍ଗତ ଟିକିଲିପଡ଼ା ଡ୍ୟାମ ଡୁମାମୁରାଠାରେ ବନାଗ୍ନି ଉପରେ ଏକ ସଚେତନତା ଶିବିର ଜମନକିରା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମନକିରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରୋହିତ ଭୋଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତର ସରପଞ୍ଚ ଅଂଶଗ୍ରହଣ କରିଥିଲେ। ଜଙ୍ଗଲରେ ନିଆଁ ଲାଗିଲେ ତାହାକୁ କିପରି ମୁକାବିଲା କରାଯିବ ସେ ଉପରେ ସରପଞ୍ଚମାନେ ମତାମତ ରଖିଥିଲେ। ଶିବିରକୁ ଲକ୍ଷ୍ମୀଧର ବିଦ୍ଧାଣି ପରିଚାଳନା କରିଥିବା ବେଳେ ବନପାଳ ହେମନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ

ଜମନକିରା,୫।୨ (ରବୀନ୍ଦ୍ର ପ୍ରସାଦ ଦାନି) ଜମନକିରା ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୈଠକ ସୋମବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଦଳିମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନକୁ କିପରି ଆହୁରି ଦୃଢ଼ିଭୂତ କରାଯିବ ସେ ଉପରେ ବିଇଓ ମାର୍ଗଦର୍ଶନ ଦେଇଥିଲେ। ମଧ୍ୟାହ୍ନ ଭୋଜନ, ୟୁନିଫର୍ମ ବଣ୍ଟନ, ବିଦ୍ୟାଳୟ ସୁରକ୍ଷା, ବୃତ୍ତି ପରୀକ୍ଷା, ବିଭିନ୍ନ ଅନୁଦାନର ସଦ୍‌ବିନିଯୋଗ, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ପାଠ୍ୟ ଟିପ୍ପଣୀ, ଶିକ୍ଷଣ ଫଳାଫଳ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ବହିଦାର, ଈଶ୍ୱର ମହାକୁଡ, ଲକ୍ଷପତି ନନ୍ଦ, ଶ୍ରୀକାନ୍ତ ପଟେଲ, ପ୍ରସାନ୍ତ ନାଥ, ମନୋରମା ମାଝି, ରମାକାନ୍ତ ମହାନନ୍ଦିଆ ପ୍ରମୁଖ ମଞ୍ଚାସୀନ ଥିଲେ।

# କୁଲତା ଜାତିର ଶହେବର୍ଷର ଇତିହାସକୁ ନେଇ ସ୍ମୃତିସ୍ତମ୍ଭ ଲୋକାର୍ପିତ

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ):

ପଶ୍ଚିମ ଓଡ଼ିଶା ତଥା ଛତିଶଗଡ଼ ରାଜ୍ୟରେ ବହୁଳ ଭାବରେ ବସବାସ କରୁଥିବା କୁଲତା ଜାତିର ବିଗତ ଶହେବର୍ଷର ମହାସଭା ଇତିହାସକୁ ମନେ ପକାଇବା ପାଇଁ ଏକ ସ୍ମୃତିସ୍ତମ୍ଭ ରବିବାର ଲୋକାର୍ପିତ ହୋଇଛି। ସ୍ମୃତିସ୍ତମ୍ଭରେ ୧୯୨୧ର ପ୍ରଥମ ମହାସଭାଠାରୁ ଆରମ୍ଭ କରି ୨୪ତମ ଜାତି ମହାସଭା ସଭାପତିଙ୍କ ନାମ ସ୍ଥାନିତ ହୋଇଛି। ଏହାସହ ନୂତନ ଭାବରେ ମାନ୍ୟତା ପାଇଥିବା ଠେମରା ଓ ଅଡାପରା ସଭାପତିଙ୍କ ନାମ ଉଲ୍ଲେଖ ରହିଛି। ୨୪ତମ କୁଲତା ଜାତି ମହାସଭା ସଭାପତି ସନ୍ତୋଷ ବଡାଇ, ବିଜେପୁର ଜମିଦାରଙ୍କ ବଂଶଜ ସନତ କୁମାର ଗଡ଼ତିଆ ତଥା ପୀଠ ସଭାପତିମାନଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଥିଲା। ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜା ପରେ ୨୪ ତମ କୁଲତା ଜାତି ମହାସଭା ସଭାପତି ସନ୍ତୋଷ ବଡ଼ାଇଙ୍କ ସଭାପତିତ୍ୟରେ ଏକ



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ସଭା ହୋଇଥିଲା। ଏଥିରେ ବିଜେପୁର ଜମିଦାର ବଂଶଜ ସନତ କୁମାର ଗଡ଼ତିଆ, ମୁରା ପୀଠ ସଭାପତି ରତନ ସାହୁ, ଲପାଙ୍ଗା ପିଠାଧିଶ ପ୍ରଦୀପ ସାହୁ, ଲପଙ୍ଗା ପୀଠ ସଭାପତି ଲଳିତ ସାହୁ, ଠେମରା ପୀଠ ସଭାପତି ମଣିକର ସାହୁ, ଅଡାପରା ପୀଠ ସଭାପତି ରଘୁମଣୀ ସାହୁ, ମହାସଭା ସମ୍ପାଦକ ମହାଦେବ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ମୃତିସ୍ତମ୍ଭ ପ୍ରତିଷ୍ଠାରେ ଶ୍ୟାମ ସୁନ୍ଦର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଅହଲ୍ୟା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବରେ ନିଳାମ୍ବର ପ୍ରଧାନ, ବିଶ୍ୱୱର ପ୍ରଧାନ ଓ ବିଶ୍ୱଜିତ ସାହୁ ସହଯୋଗ କରିଥିଲେ। ଏହି ଅବସରରେ ବିଗତ ଶହେବର୍ଷ ମଧ୍ୟରେ ଆୟୋଜିତ ହୋଇଥିବା ୨୪ଟି ମହାସଭାର ବଂଶଜମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁରେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ହୁମା ବକ୍ରମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ):

ସମ୍ବଲପୁର ଜିଲାର ଏକ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀ ହେଉଛି ହୁମାର ବକ୍ର ମନ୍ଦିର। ରାଜା ବଳରାମ ଦେବଙ୍କ ସମୟରେ ଏକଦା ଆଧୁନିକ ସମ୍ବଲପୁରର ରାଜଧାନୀ ଭାବରେ ମାନ୍ୟତା ପାଇଥିବା ହୁମାର ଆଜି ବି ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଏଠାକାର ସମସ୍ତ ମନ୍ଦିର ବକ୍ର ହୋଇଥିବାରୁ ହୁମାକୁ ନେଇ ଭକ୍ତ ଓ ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥାଏ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅବହେଳିତ ହୋଇରହିଛି। ଏହାକୁନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ହୁମା ବକ୍ରମନ୍ଦିର ବୁଲିବାକୁ ପ୍ରତିଦିନ ଶତାଧିକ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ମନ୍ଦିରର ଆକର୍ଷଣ ସହ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। କିଛିବର୍ଷ ପୂର୍ବରୁ ମନ୍ଦିର ପରିସରରେ ନିର୍ମାଣ କରାଯାଇଥିବା ଉଦ୍ୟାନ ବନ୍ଦ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ମହାନଦୀ କୂଳରେ ରହିଥିବା ସତ୍ତ୍ୱେ ମନ୍ଦିର



ବକ୍ରମନ୍ଦିର ପରିସରରେ ଅବହେଳିତ ଉଦ୍ୟାନ।

ପରିସରରେ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ବ୍ୟବସ୍ଥା ନ ଥିବା ଆସୁଥିବା ପର୍ଯ୍ୟଟକମାନେ ଅଭିଯୋଗ କରୁଛନ୍ତି। ମନ୍ଦିର ପରିସରରେ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ସେଗୁଡିକ ଆଦୌ ଖୋଲା ରହୁ ନ ଥିବାରୁ ଦୂରଦୂରାନ୍ତରରୁ ଆସୁଥିବା ପର୍ଯ୍ୟଟକମାନେ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କିଛିବର୍ଷ ତଳେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ ଅବସ୍ଥା କହିଲେ ନ ସରେ। ଉଦ୍‌ଘାଟନ ହେବା ପରେ ଗୋଟିଏ ବର୍ଷ ଜନସାଧାରଣଙ୍କ ପାଇଁ ଖୋଲାରହିବା ସହ ଏହାର ଦେଖାଶୁଣା ମଧ୍ୟ ହୁମା ଗ୍ରାମ ପଞ୍ଚାୟତ ପକ୍ଷରୁ କରାଯାଉଥିଲା। ତେବେ କରୋନା ପରେ ଉଦ୍ୟାନ ଆଦିର ଦେଖାଶୁଣା କରାଯାଉ ନ ଥିବା ଅଭିଯୋଗ ହେଉଛି। ଉଦ୍ୟାନ ଗେଟ୍‌ରେ ତାଲା ଝୁଲୁଥିବା ବେଳେ ପରିସର ଅନାବନା ଘାସଲତାରେ ଭରିଯାଇଛି। ଶିଶୁଙ୍କ ପାଇଁ ଏହା ନିର୍ମାଣ ହୋଇଥିଲେ ମଧ୍ୟ ମନୋରଞ୍ଜନ ସାମଗ୍ରୀ ବ୍ୟବହାର ହୋଇପାରୁନାହିଁ। ଏ ସମ୍ପର୍କରେ ହୁମା ଗ୍ରାମପଞ୍ଚାୟତର ସରପଞ୍ଚ ଲିଳାବତୀ ପୂଜାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ହୁମା ଗ୍ରାମ ପଞ୍ଚାୟତ ପକ୍ଷରୁ ମନ୍ଦିର ପରିଚାଳନା କମିଟି ସହଯୋଗରେ ରକ୍ଷଣାବେକ୍ଷଣ କରାଯାଉଥିଲା। ତେବେ ମନ୍ଦିରର ଉନ୍ନତି ପାଇଁ ୫–ଟି ଯୋଜନାରେ ସାମିଲ କରାଯାଇ ଏହାର ବିକାଶ ଯୋଜନା ପ୍ରସ୍ତୁତି କରାଯାଉଛି। ହୁମା ଗ୍ରାମପଞ୍ଚାୟତ, ହୁମା ବକ୍ରମନ୍ଦିର କମିଟି ଓ ଯାତ୍ରା କମିଟିର ମିଳିତ ବୈଠକରେ ମନ୍ଦିରର ଉନ୍ନତି ପାଇଁ ଯୋଜନା କରାଯାଇ ୫–ଟି ବିଭାଗକୁ ଅନୁମୋଦନ ପାଇଁ ପଠାଯାଇଛି। ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ପାର୍କିଂ ବ୍ୟବସ୍ଥା, ବାଇପାସ୍ ରୋଡ ନିର୍ମାଣ, ମଣ୍ଡପ ସହ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ମଧ୍ୟ ଅନେକ ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ କାମ ଆରମ୍ଭ ହେବା ନେଇ ଆଶା ରହିଛି। ନୂତନ ପ୍ରକଳ୍ପ ନିର୍ମାଣ କରାଯିବାକୁ ଥିବାରୁ ପୁରୁଣା ପ୍ରକଳ୍ପ ମରାମତି କରାଯାଉ ନ ଥିବା ସେ କହିଛନ୍ତି।

# 'ଗଣତନ୍ତ୍ରର ହତ୍ୟା ହେବାକୁ ଦିଆଯିବ ନାହିଁ'

**ଚଣ୍ଡିଗଡ଼ ମେୟର ନିର୍ବାଚନ ପ୍ରସଙ୍ଗରେ ସୋମବାର ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। କୌଣସି ସ୍ଥିତିରେ ଗଣତନ୍ତ୍ରର ହତ୍ୟା ହେବାକୁ ଦିଆଯିବ ନାହିଁ ବୋଲି କହିବା ସହ ଆସନ୍ତା ୭ ତାରିଖରେ ହେବାକୁ ଥିବା କର୍ପୋରେଶନର ପ୍ରଥମ ବୈଠକକୁ ସର୍ବୋଚ୍ଚ ଅଦାଲତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଛନ୍ତି।**

## ଚଣ୍ଡିଗଡ଼ ମେୟର ନିର୍ବାଚନ ବିବାଦରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୫।୨

ଚଣ୍ଡିଗଡ଼ ମେୟର ନିର୍ବାଚନ ବିବାଦ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ମେୟର ନିର୍ବାଚନର ବାଲଟ ପେପର, ଭିଡିଓଗ୍ରାଫି ସମେତ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ରେକର୍ଡ ମଗାଇଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ଜରିଆରେ ସେଗୁଡ଼ିକୁ ଦାଖଲ କରିବା ପାଇଁ କୁହାଯାଇଛି। ୭ ତାରିଖରେ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନର ପ୍ରଥମ ବୈଠକ ହେବାକୁ ଥିବାବେଳେ ଅଦାଲତ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପୌର ନିଗମରେ ଏଏପି-କଂଗ୍ରେସ ମେଣ୍ଟର ୨୦ କାଉନସିଲର ଥିବାବେଳେ ୧୬ ଖଣ୍ଡ ଭୋଟ ପାଇଥିବା ଭାଜପା ପ୍ରାର୍ଥୀ ମନୋଜ ସୋଙ୍କରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ମୋଟ ୩୬ ଭୋଟ ପଡ଼ିଥିବାବେଳେ ସେଥିରୁ ୮ଟି ଭୋଟକୁ ନିର୍ବାଚନ କର୍ତ୍ତୃପକ୍ଷ ନାକଚ କରିଦେଇଥିଲେ। ଏଏପି-କଂଗ୍ରେସ ମେଣ୍ଟ ପ୍ରାର୍ଥୀ କୁଲଦୀପ ସିଂ ୧୨ ଖଣ୍ଡ ଭୋଟ ପାଇ ହାରିଯାଇଥିଲେ।



ରିଟର୍ନିଂ ଅଫିସର ମେଣ୍ଟର ୮ଟି ଭୋଟକୁ ନାକଚ କରିଥିବାରୁ ଏହାକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ସାନି ନିର୍ବାଚନ ଦାବି କରାଯାଇଥିଲା। ହାଇକୋର୍ଟ ଏହା ଉପରେ କୌଣସି ପଦକ୍ଷେପ ନେବାକୁ ମନା କରିଦେବା ପରେ ଏଏପି କାଉନସିଲର କୁଲଦୀପ ସିଂ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ରିଟର୍ନିଂ ଅଫିସର (ଆର୍‌ଓ) ବାଲଟଗୁଡ଼ିକୁ ବିକୃତ କରିଥାଇପାରନ୍ତି, ତେଣୁ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଏହା ଗଣତନ୍ତ୍ରର ଉପହାସ। ଆର୍‌ଓ ଗଣତନ୍ତ୍ରର ହତ୍ୟା କରିଛନ୍ତି। ସେ ଯାହା କରିଛନ୍ତି, ସେଥିରେ ଆମେ ସ୍ତବ୍ଧ। ଏହା କ'ଣ ନିର୍ବାଚନ ପରିଚାଳନାର ମାର୍ଗ କି ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ବାଲଟ ତଳଭାଗରେ ଛକି ଚିହ୍ନ ଥିବା ଦେଖି ସେହି ସମୟରେ ଆର୍‌ଓ ବାଲଟଗୁଡ଼ିକୁ ବିକୃତ କରିଥିବେ। ଆମେ ଗଣତନ୍ତ୍ରକୁ ଏଭଳି ଭାବରେ ମାରିଦେବାକୁ ଦେବୁ ନାହିଁ। ଦେଶରେ ଏକମାତ୍ର ଦୃଢ଼ ଶକ୍ତି ହେଲା ଗଣତନ୍ତ୍ରର ସ୍ୱଚ୍ଛତା ବୋଲି ସିଜେଆଇ କହିଛନ୍ତି। ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି।

ମେୟର ନିର୍ବାଚନରେ ଜାଲିଆତି ହୋଇଥିବା ଏଏପି ଏବଂ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଥିଲା। ନିର୍ବାଚନକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଅସାମ୍ବିଧାନିକ ଓ ବେଆଇନ କହିବା ସହ ଏଭଳି କାର୍ଯ୍ୟକୁ ଦେଶଦ୍ରୋହ କହିଥିଲେ। ନିର୍ବାଚନକୁ ଭାଜପା ଲୁଟ୍ କରୁଥିବା ସେ ଅଭିଯୋଗ କରିଥିଲେ। ମେୟର ନିର୍ବାଚନରେ ବିବାଦକୁ ନେଇ ସମାଲୋଚନା ଜୋର୍ ଧରିବା ସହ ଦିଲ୍ଲୀରେ ଉଭୟ ଗୋଷ୍ଠୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଆସ୍ଥା ଜିତିଲେ ଚମ୍ପାଇ ସୋରେନ୍



ଝାଡ଼ଖଣ୍ଡ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଓ ଅନ୍ୟ ବିଧାୟକମାନେ।

ରାଞ୍ଚି,୫।୨

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ସୋମବାର ବିଧାନସଭାରେ ଆସ୍ଥା ଭୋଟ ଜିତିଛନ୍ତି। ତାଙ୍କ ସରକାରଙ୍କ ସପକ୍ଷରେ ଶାସକ ମେଣ୍ଟର ୪୭ ବିଧାୟକ ଭୋଟ ଦେଇଥିବାବେଳେ ବିପକ୍ଷରେ ୨୯ ଭୋଟ ଯାଇଥିଲା। ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆସ୍ଥା ଭୋଟରେ ଭାଗ ନେଇଥିଲେ। ଚମ୍ପାଇ ଆସ୍ଥା ଭୋଟରେ ବିଜୟୀ ହୋଇଥିବା ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଘୋଷଣା କରିଥିଲେ। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ମ୍ୟାଜିକ୍ ନମ୍ବର ୪୧। ଚମ୍ପାଇଙ୍କ ସପକ୍ଷରେ ୪୭ ବିଧାୟକଙ୍କ ସମର୍ଥନ ଥିବା ଏବଂ ଏହା ୫୦କୁ ବଢ଼ିପାରେ ବୋଲି ସେ ପୂର୍ବରୁ କହିଥିଲେ।

ହେମନ୍ତଙ୍କ ଇସ୍ତଫା ପରେ ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଥିବା ଚମ୍ପାଇଙ୍କୁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ କହିଥିଲେ। ଏଥିପାଇଁ ସୋମବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଚମ୍ପାଇ ଆସ୍ଥା ପ୍ରସ୍ତାବ ଆଣିବା ପରେ ଭାଜପା

### ଦୁର୍ନୀତିର ପ୍ରମାଣ ଦେଲେ ରାଜନୀତି ଛାଡ଼ିଦେବି: ହେମନ୍ତ

ଉପରେ ଜୋର୍‌ଦାର ବର୍ଷିଥିଲେ। ରାଜ୍ୟର ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଭାଜପା ଉଦ୍ୟମ ଚଳାଇଥିଲା ବୋଲି ସେ କହିଥିଲେ। ଏଥିସହିତ ସେ ହେମନ୍ତଙ୍କୁ କ୍ଲିନ୍‌ଚିଟ ଦେଇଥିଲେ। ସେ କୌଣସି ଅପରାଧ କରି ନ ଥିବାବେଳେ ତାଙ୍କୁ ମିଥ୍ୟା ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

ହେମନ୍ତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ତାଙ୍କ ବିରୋଧରେ ଜମି ଦୁର୍ନୀତିର ପ୍ରମାଣ ଦେବାକୁ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଆହ୍ୱାନ ଦେଇଛନ୍ତି। ଦୁର୍ନୀତି ପ୍ରମାଣ ଦେଇପାରିଲେ, ରାଜନୀତି ଛାଡ଼ିଦେବେ ବୋଲି ହେମନ୍ତ କହିଛନ୍ତି। ତାଙ୍କ ଗିରଫଦାରି ପଛରେ କେନ୍ଦ୍ରର ଷଡ଼ଯନ୍ତ୍ର ଏବଂ ରାଜ୍ୟପାଳଙ୍କ ସମ୍ପୃକ୍ତି ଥିବା ସେ ଅଭିଯୋଗ ଆଣିଛନ୍ତି। ଆସ୍ଥାଭୋଟ ପୂର୍ବରୁ ଘୋଡ଼ାବେପାର ଆଶଙ୍କାରେ ଶାସକ ମେଣ୍ଟର ବିଧାୟକମାନେ ହାଇଦ୍ରାବାଦ ଚାଲିଯାଇଥିଲେ।

## ୭୮,୬୭୩ କୋଟିର ଅତିରିକ୍ତ ଖର୍ଚ୍ଚଦାବି ଆଗତ

**ନୂଆଦିଲ୍ଲୀ,୫।୨:** କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ସୋମବାର ୭୮,୬୭୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିବା ସହ ଲୋକ ସଭାର ଅନୁମୋଦନ ଲୋଡ଼ିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିମ୍ନ ସଦନରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ମୋଟ ଅତିରିକ୍ତ ଖର୍ଚ୍ଚ ୨ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୧.୨୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସଞ୍ଚୟରୁ ଭରଣା କରାଯିବ ବୋଲି ସୀତାରାମନ୍ କହିଛନ୍ତି।

## ଅସୁସ୍ଥ ସ୍ତ୍ରୀଙ୍କୁ ଭେଟି ପାରିବେ ସିସୋଡିଆ

**ନୂଆଦିଲ୍ଲୀ, ୫।୨:** ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ନେତା ମନୀଷ ସିସୋଡିଆଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିଛି। ଅବକାରୀ ଦୁର୍ନୀତି ମାମଲାରେ ଜେଲରେ ଥିବା ମନୀଷଙ୍କୁ ନିଜର ଅସୁସ୍ଥ ସ୍ତ୍ରୀ ସୀମା ସିସୋଡିଆଙ୍କୁ ଭେଟିବାକୁ ଅନୁମତି ପ୍ରଦାନ କରିଛନ୍ତି ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ। ମନୀଷ ସପ୍ତାହକୁ ଥରେ ପାରୋଲରେ ଯାଇ ସ୍ତ୍ରୀଙ୍କୁ ଭେଟିପାରିବେ। ସ୍ତ୍ରୀ ଅସୁସ୍ଥ ଥିବା ହେତୁ ତାଙ୍କୁ ହାଜତ ପୋରୋଲରେ ସପ୍ତାହକୁ ଦୁଇଦିନ ଭେଟିବା ପାଇଁ ଗତମାସରେ ସିସୋଡିଆଙ୍କ ତରଫରୁ କୋର୍ଟରେ ଆବେଦନ କରାଯାଇଥିଲା।

# ଭାରତୀୟଙ୍କୁ ୫ ଗ୍ରାମୀ ଆୱାର୍ଡ



୬୬ତମ ଗ୍ରାମୀ ଆୱାର୍ଡ ଉତ୍ସବରେ ଫ୍ୟୁଜନ୍ ବ୍ୟାଣ୍ଡ ଶକ୍ତିର ଉସ୍ତାଦ ଜାକିର ହୁସେନ, କଣ୍ଠଶିଳ୍ପୀ ଶଙ୍କର ମହାଦେବନ, ଡ୍ରମ୍ ବାଦକ ଭି. ସେଲ୍‌ଭାଗଣେଶ ଏବଂ ଭାଓଲିନ୍ ବାଦକ ଗଣେଶ ରାଜଗୋପାଳ ଫଟୋ ପୋଜ୍ ଦେଉଛନ୍ତି।

ନୂଆଦିଲ୍ଲୀ,୫।୨(ପି.ଟି.)

ଲସ୍ ଏଞ୍ଜେଲସ୍‌ରେ ଅନୁଷ୍ଠିତ ୨୦୨୪ ଗ୍ରାମୀ ଆୱାର୍ଡ ଉତ୍ସବରେ ଭାରତୀୟ ସଙ୍ଗୀତକୁ ବଡ଼ ସଫଳତା ମିଳିଛି। ତବଲା ଉସ୍ତାଦ ଜାକିର ହୁସେନ୍, ବଂଶୀବାଦକ ରାକେଶ ଚୌରାସିଆଙ୍କ ସମେତ ୫ ଜଣ ଭାରତୀୟ ସଙ୍ଗୀତକାର ଗ୍ରାମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ହୁସେନଙ୍କୁ ସର୍ବାଧିକ ୩ଟି ଗ୍ରାମୀ ପୁରସ୍କାର ମିଳିଥିବାବେଳେ ରାକେଶ ୨ଟି ପାଇଛନ୍ତି। ଗାୟକ ଶଙ୍କର ମହାଦେବନ, ଭାଓଲିନ୍ ବାଦକ ଗଣେଶ ରାଜଗୋପାଳନ ଏବଂ ଡ୍ରମ୍ ବାଦକ ସେଲ୍‌ଭାଗଣେଶ ବିନୟାକ୍ରମ, ଫ୍ୟୁଜନ ଗ୍ରୁପ୍ ଶକ୍ତିରେ ହୁସେନ୍‌ଙ୍କ ସହଯୋଗୀ ଗୋଟିଏ ଲେଖାଏ ଗ୍ରାମୀ ପୁରସ୍କାର ପାଇଛନ୍ତି।

'ଦିସ୍ ମୋମେଣ୍ଟ' ସଙ୍ଗୀତ ପାଇଁ ଫ୍ୟୁଜନ ବ୍ୟାଣ୍ଡ ଶକ୍ତିକୁ ଶ୍ରେଷ୍ଠ ଗ୍ଲୋବାଲ୍ ମ୍ୟୁଜିକ୍ ଆଲ୍‌ବମ୍ ବିଭାଗରେ ଗ୍ରାମୀ ପୁରସ୍କାର ମିଳିଛି। ଉକ୍ତ ଆଲ୍‌ବମ୍‌ରେ ୪ ଭାରତୀୟଙ୍କ ସମେତ ବ୍ରିଟିଶ ଗିଟାରିଷ୍ଟ ଜନ୍ ମାକ୍‌ଲୁଗ୍ଲିନ୍ ରହିଛନ୍ତି। ୨୦୨୩ ଜୁନ୍‌ରେ ମୁକ୍ତିଲାଭ କରିଥିବା 'ଦିସ୍ ମୋମେଣ୍ଟ' ଶକ୍ତି ଗ୍ରୁପ୍‌ର ପ୍ରଥମ ଷ୍ଟୁଡିଓ ଆଲ୍‌ବମ୍ ଥିଲା। ଶକ୍ତି ପାଇଁ ପୁରସ୍କାର ସମେତ ହୁସେନ୍‌ଙ୍କୁ 'ପାଷ୍ଟୋ'ରେ ସର୍ବଶ୍ରେଷ୍ଠ ବିଶ୍ୱସ୍ତରୀୟ ସଙ୍ଗୀତ ପରିବେଷଣ ଏବଂ 'ଆଜ୍ ୱି ସ୍ୱିକ୍' ଶ୍ରେଷ୍ଠ ସମସାମୟିକ ବାଦ୍ୟଯନ୍ତ୍ର ଆଲବମ୍ ପାଇଁ ଗ୍ରାମୀ ପୁରସ୍କାର ମିଳିଛି। ସେହିପରି କିମ୍ବଦନ୍ତୀ ବଂଶୀବାଦକ ହରିପ୍ରସାଦ ଚୌରାସିଆଙ୍କ ପୁତୁରା ରାକେଶ ଚୌରାସିଆ ପାଷ୍ଟୋ ଏବଂ ଆଜ୍ ୱି ସ୍ୱିକ୍ ପାଇଁ ୨ଟି ପୁରସ୍କାର ପାଇଛନ୍ତି।

## ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ, ୧୦ ପୋଲିସ ନିହତ

ପେଶାୱାର, ୫।୨ (ପି.ଟି.)

ପାକିସ୍ତାନ ସାଧାରଣ ନିର୍ବାଚନକୁ ଆଉ ମାତ୍ର ୩ ଦିନ ବାକିଥିବାବେଳେ ଉତ୍ତର ପଶ୍ଚିମ ପାକିସ୍ତାନର ଏକ ପୋଲିସ ଷ୍ଟେଶନ୍‌ରେ ଆତଙ୍କବାଦୀମାନେ କରିଛନ୍ତି ଆକ୍ରମଣ। ଉତ୍ତର ପଶ୍ଚିମ ପାକିସ୍ତାନର ଖ୍ୟବର ପଖତୁନଖ୍ୱା ପ୍ରଦେଶର ଡେରା ଇସ୍ମାଇଲ ଖାନ ଜିଲାର ଚୋଦୱାଁ ଥାନାରେ ଆତଙ୍କବାଦୀଙ୍କ ଏହି ଆକ୍ରମଣରେ ୧୦ ଜଣ ପୋଲିସ ନିହତ ହୋଇଥିବା ବେଳେ ୬ ଜଣ ଆହତ ହୋଇଥିବା ସୂଚନା ଦେଇଛନ୍ତି ଡେରା ଇସ୍ମାଇଲ ଖାନ ଡିଭିଜନର ଜଣେ ପୋଲିସ ଅଧିକାରୀ। ସମସ୍ତ ଆହତ ହୋଇଥିବା ପୋଲିସ କର୍ମଚାରୀଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ ସୋମବାର ଭୋର୍‌ରୁ ସଶସ୍ତ୍ର ଆତଙ୍କବାଦୀ ଉକ୍ତ ପୋଲିସ ଷ୍ଟେଶନ୍‌କୁ ଚାରିଆଡୁ ଘେରିଯାଇ ଗ୍ରେନେଡ୍ ମାଡ଼ କରିବା ସହ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ପୋଲିସର ସୂଚନା ଅନୁଯାୟୀ ପାକିସ୍ତାନୀ ସୁରକ୍ଷା ବାହିନୀ ଦ୍ୱାରା ସମ୍ପୃକ୍ତ ଅଞ୍ଚଳକୁ କର୍ଡନ କରି ରଖାଯାଇଥିବାବେଳେ ଆତଙ୍କହବାଦୀଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ବେଲୁଚିସ୍ତାନ ପ୍ରଦେଶରେ ଲଗାତାର ୩ ଥର ଆତଙ୍କବାଦୀ ଆକ୍ରମଣ ହୋଇଥିବା ବେଳେ ଏଥିରେ ୪ ଜଣ ସରକାରୀ କର୍ମଚାରୀଙ୍କ ସହ ୨ ଜଣ ନାଗରିକ ନିହତ ହୋଇଥିଲେ।

## ନିର୍ବାଚନ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରନାହିଁ

ନୂଆଦିଲ୍ଲୀ,୫।୨(ପି.ଟି.)

### ରାଜନୈତିକ ଦଳଙ୍କୁ ସତର୍କ କରାଇଲେ ନିର୍ବାଚନ କମିଶନ

ନିର୍ବାଚନ ପ୍ରଚାରରେ ପିଲାମାନଙ୍କୁ କୌଣସି ପ୍ରକାରେ ବ୍ୟବହାର କରାଯାଇପାରିବ ନାହିଁ। ସେମାନଙ୍କୁ ପୋଷ୍ଟର, ପ୍ରଚାରପତ୍ର ବାଣ୍ଟିବା କିମ୍ବା ସ୍ଲୋଗାନ ଦେବାରେ ନିୟୋଜିତ କରାଯିବ ନାହିଁ। ଲୋକ ସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ(ଇସି) ସୋମବାର ଏକ ଆଡଭାଇଜରି ଜାରି କରି ରାଜନୈତିକ ଦଳଗୁଡ଼ିକୁ ସତର୍କ କରାଇଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଦଳ ଏବଂ ପ୍ରାର୍ଥୀ ଯଦି ପିଲାମାନଙ୍କୁ ବ୍ୟବହାର କରନ୍ତି, ତେବେ ତାହାକୁ ବରଦାସ୍ତ କରାଯିବ ନାହଁ। ଏପରିକି ପ୍ରଚାର ବେଳେ ପିଲାଙ୍କୁ କୋଳରେ ନ ଧରିବା ଏବଂ ପ୍ରଚାର ଗାଡ଼ି କିମ୍ବା ରାଲିରେ ନ ନେବା ପାଇଁ କୁହାଯାଇଛି। ତେବେ ରାଜନୈତିକ ଦଳ ଦ୍ୱାରା ନିର୍ବାଚନ ପ୍ରଚାରରେ ସାମିଲ ନ ଥିବା ମାଆବାପା କିମ୍ବା ଅଭିଭାବକଙ୍କ ସହ ପିଲା ଉପସ୍ଥିତ ଥିଲେ ତାହାକୁ ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ ଧରାଯିବ ନାହିଁ। ଶିଶୁ ଶ୍ରମ ସମ୍ପର୍କିତ ଆନୁଷଙ୍ଗିକ ଆଇନର ଅନୁପାଳନକୁ ସୁନିଶ୍ଚିତ କରିବାରେ ଜିଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ନିଂ ଅଫିସର ବ୍ୟକ୍ତିଗତ ଭାବେ ଦାୟୀ ରହିବେ। ନିର୍ବାଚନ କଳ ଦ୍ୱାରା ସେମାନଙ୍କ ଅଞ୍ଚଳରେ ଉପରୋକ୍ତ ବ୍ୟବସ୍ଥାର ଉଲ୍ଲଂଘନ ପାଇଁ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ଚେତାବନୀ ଦେଇଛନ୍ତି।

# ବିରୋଧୀ ଖୁବ୍‌ଶୀଘ୍ର ଦର୍ଶକ ଗ୍ୟାଲେରିକୁ ଯିବେ: ମୋଦି

ନୂଆଦିଲ୍ଲୀ,୫।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବା ଅବସରରେ କଂଗ୍ରେସ ଉପରେ ଜୋର୍‌ଦାର ବର୍ଷିଛନ୍ତି। ସେମାନେ ଦୀର୍ଘଦିନ ବିରୋଧୀ ଆସନରେ ବସିବା ଲାଗି ସଂକଳ୍ପ ନେଇଥିଲେ ବୋଲି ସେ ଜାଣିବାକୁ ପାଇଥିବା ମୋଦି କହିଛନ୍ତି। ଆଗାମୀ ନିର୍ବାଚନରେ ସେମାନେ ଅଧିକ ଉଚ୍ଚତାରେ ପହଞ୍ଚିବେ, ପାର୍ଲାମେଣ୍ଟର ଦର୍ଶକ ଗ୍ୟାଲେରିରେ ବସିବେ ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସ ସଦସ୍ୟମାନଙ୍କୁ ଲକ୍ଷ୍ୟ କରି



କହିଥିଲେ। ବିରୋଧୀଙ୍କ ମଧ୍ୟରୁ ଅନେକେ ନିର୍ବାଚନ ଲଢ଼ିବାର ସାହସ ହରାଇଛନ୍ତି। ଗତ ନିର୍ବାଚନରେ କେତେଜଣ ଆସନ ବଦଳାଇଥିଲେ। ଏଥର ମଧ୍ୟ କେତେଜଣ ଆସନ ବଦଳାଇବାକୁ ଚାହୁଁଥିବା ଜଣାପଡ଼ିଛି। ଅନେକ ଲୋକ ସଭା ପରିବର୍ତ୍ତେ ରାଜ୍ୟ ସଭାକୁ ଯିବା ଲାଗି ଚାହୁଁଥିବା ଶୁଣିବାକୁ ମିଳୁଛି ବୋଲି ମୋଦି କହିଥିଲେ। କଂଗ୍ରେସ ଗୋଟିଏ ସାମଗ୍ରୀକୁ ବାରମ୍ବାର ଲଞ୍ଚ୍ କରୁଥିବାରୁ ଏହାର ଦୋକାନ ବନ୍ଦ ହେବାକୁ ବସିଛି। ପରିବାର ପରିଚାଳିତ ଦଳ ଗଣତନ୍ତ୍ର ପାଇଁ ଭଲ ନୁହେଁ। କଂଗ୍ରେସ ବାତିଲ ସଂସ୍କୃତିରେ ଅଟକିଯାଇଛି। ୨୦୧୪ରେ ଅନ୍ତରୀଣ ବଜେଟ ବେଳେ ଜିଡିପି ଅନୁଯାୟୀ ଭାରତ ୧୧ତମ ବୃହତ୍ ଅର୍ଥନୀତି ଥିଲା। ଆଗାମୀ ୩ ଦଶନ୍ଧିରେ ଏହା ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ବୋଲି ସେତେବେଳେ ସେମାନେ କହୁଥିଲେ। ଆମର ତୃତୀୟ ପାଳି ସରକାର ତାହା ହାସଲ କରିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଚିଲି ବନାଗ୍ନି ମୃତ୍ୟୁସଂଖ୍ୟା ୧୧୨କୁ ବୃଦ୍ଧି

ସାଣ୍ଟିଆଗୋ, ୫।୨

ଦୁଇ ଦିନ ତଳେ ଚିଲିରେ ଲାଗିଥିବା ବନାଗ୍ନି ଧୀରେ ଧୀରେ କରାଳ ରୂପ ଧାରଣ କରିବାକୁ ଲାଗିଛି। ଏହା କ୍ରମଶଃ ବ୍ୟାପି ଜନ ବହୁଳ ଅଞ୍ଚଳରେ ପ୍ରଭାବ ବିସ୍ତାର କରୁଥିବାରୁ ଦେଶର ମୃତ୍ୟୁ ସଂଖ୍ୟା ୧୧୨କୁ ବୃଦ୍ଧି ଘଟିଛି। ବନାଗ୍ନି ଦ୍ୱାରା ପ୍ରଭାବିତ ହୋଇଥିବା ଅନେକ ସହରରେ କର୍ଫ୍ୟୁ ଜାରି କରିଛି ସ୍ଥାନୀୟ ପ୍ରଶାସନ। ଏହି ବନାଗ୍ନିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଭିନା ଡେଲ୍ ମାର୍ ସହର। ଏଠାରେ ସର୍ବାଧିକ ତୀବ୍ରତାର ସହ ନିଆଁ ଜଳୁଥିବାରୁ



ବର୍ତ୍ତମାନ ସୁଦ୍ଧା ୧୬୦୦ ଜନସାଧାରଣ ବାସହୀନ ହୋଇଯାଇଥିବାର ସୂଚନା ଦେଇଛନ୍ତି ସ୍ଥାନୀୟ ଅଧିକାରୀ। ଏହି ସହରର ଅନେକ ଅଞ୍ଚଳ ନିଆଁ ଓ ଧୂଆଁରେ ପରିପୂର୍ଣ୍ଣ ହୋଇଯାଇଥିବାରୁ ଏଠାକାର କିଛି ଲୋକ ନିଜ ଘର ମଧ୍ୟରେ ଫସି ରହିଥିବାର ଆଶଙ୍କା କରାଯାଉଛି। ସ୍ଥାନୀୟ ଅଧିକାରୀଙ୍କ ସୂଚନା ମୁତାବକ ଭିନା ଡେଲ ମାର ସହର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୦୦ ଜଣ ନିଖୋଜ ରହିଛନ୍ତି। ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଚିଲି ରାଷ୍ଟ୍ରପତି ଗାର୍ବିଏଲ ବୋରିକ୍ ଦେଶବାସୀଙ୍କୁ ସମ୍ବୋଧନ କରି ଧୈର୍ଯ୍ୟର ସହ ଏହି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଥିବା ଦଳଗୁଡ଼ିକୁ ସହଯୋଗ କରିବାକୁ ସେ ଦେଶର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ଫୁରସତ୍

# ବାଇକ ପାଲଟିଲା ଡଙ୍ଗା

ନୂଆଦିଲ୍ଲୀ

ଦିଲ୍ଲୀ-ନୋଏଡାରେ ଶୀତର ଲହରୀ ଜାରି ରହିଥିବାବେଳେ ନିକଟରେ ପ୍ରବଳ ବର୍ଷା ହୋଇଥିଲା। ଲଗାଣ ବର୍ଷା ଯୋଗୁଁ କୁହୁଡି ହ୍ରାସ ପାଇଥିବା ବେଳେ ସ୍ଥାନେ ସ୍ଥାନେ ଅଣ୍ଟାଏ ପର୍ଯ୍ୟନ୍ତ ପାଣି ଜମି ରହିଥିଲା, ଯାହା ପ୍ରତିଦିନ ଅଫିସକୁ ଯିବାଆସିବା କରୁଥିବା ଯାତ୍ରୀଙ୍କ ସମସ୍ୟା ବଢାଇ ଦେଇଥିଲା। ଲଗାଣ ବର୍ଷା ଯୋଗୁଁ ରାସ୍ତାଗୁଡ଼ିକ ପାଣିରେ ବୁଡ଼ିଯାଇଥିବାରୁ, ଲୋକଙ୍କ ଘରୁ ବାହାରିବା କଷ୍ଟକର ହୋଇ ପଡୁଥିଲା। ଏହି ସମୟରେ, ଜଣେ ବ୍ୟକ୍ତି ନିଜ ବାଇକ ଯୋଗେ ଅଫିସକୁ ଯାଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସମ୍ପୃକ୍ତ ବ୍ୟକ୍ତି ବାଇକ ଯୋଗେ ଅଫିସ ଯାଉଥିବା ବେଳେ ତାହା ଅଧା ପାଣିରେ



ବୁଡି ଯାଇଥିଲା। ଲୋକମାନେ ଏହି ଭିଡିଓକୁ ସୋସିଆଲ ମିଡିଆରେ ବହୁତ ଶେୟାର କରୁଛନ୍ତି ଏବଂ କହୁଛନ୍ତି ବ୍ୟକ୍ତି ଜଣଙ୍କ ନିଜ ବାଇକକୁ ଏକ ଡଙ୍ଗାରେ ପରିଣତ କରିଛନ୍ତି। ଭାଇରାଲ ଭିଡିଓରେ ରାସ୍ତାରେ ଅଣ୍ଟାଏ ଯାଏଁ ପାଣି ଜମିଥିବା ଦେଖା ଯାଉଥିବା ବେଳେ ହଳଦିଆ ରଙ୍ଗର ରେନ୍‌କୋର୍ଟ ପିନ୍ଧିଥିବା ଗାଡ଼ି ଚାଳକ ଜଣଙ୍କ ଅତି ଆରାମରେ ବାଇକ ଚଲାଉଥିବା ନଜରକୁ ଆସୁଛି। ଭିଡିଓରେ ଏହା ସ୍ପଷ୍ଟ ଭାବେ ଦେଖାଯାଉଛି ଯେ ବାଇକ ଅଧା ଜଳମଗ୍ନ ହୋଇଥିବା ସତ୍ତ୍ୱେ ଏହାର ସନ୍ତୁଳନ ବଜାୟ ରହିଛି। ଏହି ଭିଡିଓ ଦେଖି ଲୋକମାନେ ସମ୍ପୃକ୍ତ ବାଇକ ଚାଳକଙ୍କ ସନ୍ତୁଳନ କଳାକୁ ପ୍ରଶଂସା କରିଛନ୍ତି। ସାମାଜିକ ଗଣ ମାଧ୍ୟମରେ ଏହି ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓ ଦେଖି ଅନେକ ଲୋକ କମେଣ୍ଟ ମଧ୍ୟ ଦେଇଛନ୍ତି। ବାଇକ ଏତେ ପାଣିରେ ଗତି କରୁଥିବାର ଦେଖି କିଛି ଲୋକ ପଚାରୁଛନ୍ତି ଏହା କେଉଁ ବାଇକ। ତେବେ ଏହା ସତ୍ୟ ଯେ ଭାରତର ଅନେକ ସହରରେ ବର୍ଷା ଦିନରେ ଲଗାଣ ବର୍ଷା ହେବା ଯୋଗୁଁ ଅଫିସ ଯାଉଥିବା ଲୋକମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

## ସୋନମଙ୍କ ବିଳାସପୂର୍ଣ୍ଣ ଘର

**ନୂଆଦିଲ୍ଲୀ:** ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ସୋନମ କପୁର ବିଳାସପୂର୍ଣ୍ଣ ଜୀବନ ଶୈଳୀ ପାଇଁ ସମ୍ବାଦରେ ଅଧିକ ଥାଆନ୍ତି। ମହଙ୍ଗା ପୋଷାକ, କାର କିମ୍ବା ଘର ହେଉ, ସେ ପ୍ରତିଦିନ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀକୁ ତାଙ୍କ ପ୍ରଶଂସକଙ୍କୁ ଦେଖାଇଥାନ୍ତି । ଏବେ ସୋନମ୍ ତାଙ୍କ ଦିଲ୍ଲୀ ଘରର ଝଲକ ନିଜ ପ୍ରଶଂସକ ମାନଙ୍କୁ ସାମାଜିକ ଗଣମାଧ୍ୟମରେ ଦେଖାଇଛନ୍ତି। କେବଳ ଦିଲ୍ଲୀ ନୁହେଁ ସୋନମ୍‌ଙ୍କର ମୁମ୍ବାଇ ଏବଂ ଲଣ୍ଡନରେ ମଧ୍ୟ ବିଳାସପୂର୍ଣ୍ଣ ଘର ଅଛି। ସେ ମୁମ୍ବାଇ ଏବଂ ଲଣ୍ଡନକୁ ଲଗାତାର ଯିବାଆସିବା କରୁଥିବା ବେଳେ କେବେ କେବେ ଦିଲ୍ଲୀ ଘରେ ମଧ୍ୟ ସମୟ ବିତାଇଥାନ୍ତି। ସେ ନିଜ ବିଳାସପୂର୍ଣ୍ଣ ଘରର ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହି ପାର୍ଟିର ଆୟୋଜନରେ ତାଙ୍କୁ ସହଯୋଗ କରିଥିବାରୁ ସେ ତାଙ୍କର ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ନିଜେ ପିନ୍ଧିଥିବା ବିଶେଷ ଡିଜାଇନର ପୋଷାକ ପାଇଁ ସେ ତାଙ୍କ ବନ୍ଧୁ କୁନାଲ ରାୱାଲଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ତାଙ୍କର ପ୍ରିୟ ପୋଷାକ ହୋଇଥିବା ସେ ନିଜ ପ୍ରଶଂସକଙ୍କୁ ଜଣାଇଥିଲେ। ସେହିପରି ସାମାଜିକ ଗଣମାଧ୍ୟମରେ ଅଭିନେତ୍ରୀ ତାଙ୍କ ଡାଇନିଂ ଟେବୁଲର ଝଲକ ଦେଖାଇଛନ୍ତି। କାଠରେ ତିଆରି ଏହି ଡାଇନିଂ ଟେବୁଲକୁ ମହମବତି, ରୂପା ହାତୀ ମୂର୍ତ୍ତି ଏବଂ ନାଲି ପତ୍ର ସହିତ ସଜାଯାଇଛି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଦିଲ୍ଲୀର ପ୍ରୀତିରାଜ ରୋଡରେ ଅବସ୍ଥିତ ସୋନମ କପୁର ଏବଂ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ଏହି ବିଳାସପୂର୍ଣ୍ଣ ଘରର ମୂଲ୍ୟ ପ୍ରାୟ ୧୭୩ କୋଟି ଟଙ୍କା।



# ରୁଷିଆରୁ ଅଶୋଧିତ ତୈଳ ଆମଦାନୀ କମାଇଲା ଭାରତ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)




ରୁଷିଆରୁ ଭାରତକୁ ଅଶୋଧିତ ତୈଳ ଆମଦାନୀ କ୍ରମାଗତ ହ୍ରାସ ପାଇ ୧୨ ମାସ ମଧ୍ୟରେ ଜାନୁଆରୀ ମାସରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି। ୨୦୨୩ ମସିହାରେ ଭାରତ ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ କ୍ରୟ କରିଥିଲା। ଏନେଇ ଚଳିତବର୍ଷ ଜାନୁଆରୀ ୨୦ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ୨୦୨୩ରେ ଭାରତ ରୁଷିଆରୁ ପ୍ରତିଦିନ ୧୬.୬ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ କ୍ରୟ କରିଥିବାବେଳେ ୨୦୨୨ରେ ଏହି ସଂଖ୍ୟା ଦିନକୁ ମାତ୍ର ୬.୫୧ ଲକ୍ଷ ବ୍ୟାରେଲ ଥିଲା। ଅର୍ଥାତ୍ ୨୦୨୨ ତୁଳନାରେ ୨୦୨୩ ମସିହାରେ ଭାରତ ରୁଷିଆରୁ ଅଶୋଧିତ ତୈଳ କ୍ରୟରେ ୧୫୫ ପ୍ରତିଶତ ବୃଦ୍ଧି ଘଟିଥିଲା। ତେବେ ଚଳିତବର୍ଷ ଆରମ୍ଭ ଆରମ୍ଭରୁ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ହ୍ରାସ ପାଇବାରେ ଲାଗିଛି। ଏନର୍ଜି କାର୍ଗୋ ଟ୍ରାକର 'ଭର୍ଟେକ୍ସା'ର ତଥ୍ୟ ଅନୁଯାୟୀ, ରୁଷିଆ ଜାନୁଆରୀରେ ଭାରତକୁ ଦିନ ପିଛା ୧୨ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଯୋଗାଉଥିବାବେଳେ ୨୦୨୩ ଡିସେମ୍ବରରେ ଏହାର ପରିମାଣ ୧୩.୨ ଲକ୍ଷ ବ୍ୟାରେଲରୁ କମ ଏବଂ ନଭେମ୍ବରରେ ୧୬.୨ ଲକ୍ଷ ବ୍ୟାରେଲରୁ କମ ରହିଥିଲା। ୨୦୨୧ ଡିସେମ୍ବରରେ ରୁଷିଆରୁ ଦିନକୁ ମାତ୍ର ୩୬,୨୫୫ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିଥିବାବେଳେ ଇରାକରୁ ଦିନକୁ ୧୦.୫ ଲକ୍ଷ ବ୍ୟାରେଲ ଏବଂ ସାଉଦି ଆରବରୁ ୯୫୨,୬୨୫ ବ୍ୟାରେଲ ଆମଦାନୀ କରିଥିଲା। ରୁଷିଆରୁ ଏହି ଆମଦାନୀ ପରିମାଣ ଆମଦାନୀ ଗତ ବର୍ଷ ଜୁନ ମାସରେ ଦୈନିକ ୨୧ ଲକ୍ଷ ବ୍ୟାରେଲରେ ପହଞ୍ଚିଥିଲା, ଯାହାକି ଭାରତର ଆମଦାନୀ ହୋଇଥିବା ତେଲର ପ୍ରାୟ ୪୦ ପ୍ରତିଶତ ।

# ବିଜିଆଇର ଶୀର୍ଷ ସ୍ଥାନରେ ମୁକେଶ

ନୂଆଦିଲ୍ଲୀ,୫।୨


ମୁକେଶ ଅମ୍ବାନୀ

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ରେଟିଂ ବ୍ରାଣ୍ଡ୍ ଫାଇନାନ୍ସ ଦ୍ୱାରା ସଂକଳିତ ବ୍ରାଣ୍ଡ୍ ଗାର୍ଡିଆନଶିପ୍ ଇଣ୍ଡେକ୍ସ (ବିଜିଆଇ) -୨୦୨୪ର ଫଳାଫଳ ଘୋଷଣା କରାଯାଇଛି। ଉକ୍ତ ଇଣ୍ଡେକ୍ସ ( ବିଜିଆଇ-୨୪) ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସମସ୍ତ ଭାରତୀୟଙ୍କ ମଧ୍ୟରେ ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ମାଇକ୍ରୋସଫ୍ଟର ସତ୍ୟ ନାଡେଲା, ଗୁଗଲର ସୁନ୍ଦର ପିଚାଇ, ଆପଲ୍‌ର ଟିମ୍ କୁକ୍ ଏବଂ ଟେସଲାର ଏଲନ୍ ମସ୍କଙ୍କୁ ଅମ୍ବାନୀ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟେନ୍ସେଣ୍ଟର ହୁଆଟେଙ୍ଗ ମା ପ୍ରଥମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଟାଟା ସନ୍ସ ଚେୟାରମ୍ୟାନ୍ ଏନ.ଚନ୍ଦ୍ରଶେଖରନ୍ ଉକ୍ତ ର୍‍ୟାଙ୍କିଙ୍ଗରେ ୫ମ ସ୍ଥାନରେ ରହିଥିବାବେଳେ ମହିନ୍ଦ୍ରା ଏବଂ ମହିନ୍ଦ୍ରାର ଅନିଶ ଶାହା ୬ଷ୍ଠ ଏବଂ ଇନ୍‌ଫୋସିସର ସଲିଲ ପାରେଖ ୧୬ନମ୍ବର ସ୍ଥାନରେ ଅଛନ୍ତି। ସେହିଭଳି ୨୦୨୩ ର୍‍ୟାଙ୍କିଙ୍ଗରେ ମଧ୍ୟ ମୁକେଶ ଅମ୍ବାନୀ ବିଶ୍ୱର ୨ୟ ସ୍ଥାନରେ ସ୍ଥାନିତ ହୋଇଥିଲେ। ଚଳିତ ବର୍ଷ ସେ ଡାଇଭର୍ସିଫାଏଡ୍ କନଗ୍ଲୋମରେଟ୍ସ ମଧ୍ୟରେ ବ୍ରାଣ୍ଡ୍ ଗାର୍ଡିଆନଶିପ୍ ଇଣ୍ଡେକ୍ସ-୨୦୨୪ରେ ୧ନଂ ନମ୍ବର ସ୍ଥାନରେ ସ୍ଥାନିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ୍ ଫାଇନାନ୍ସ ଅନୁଯାୟୀ ବ୍ରାଣ୍ଡ୍ ଗାର୍ଡିଆନଶିପ୍ ଇଣ୍ଡେକ୍ସ ହେଉଛି, କମ୍ପାନୀ ସିଇଓମାନଙ୍କର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି, ଯେଉଁମାନେ ସମସ୍ତ ହିତାଧିକାରୀ ଓ କର୍ମଚାରୀ, ନିବେଶକ ଏବଂ ବ୍ୟାପକ ସମାଜର ଆବଶ୍ୟକତାକୁ ସନ୍ତୁଳିତ କରି ଦୀର୍ଘସ୍ଥାୟୀ ଭାବେ ବ୍ୟବସାୟ ଗଢୁଛନ୍ତି।

ସେହିପରି ଚଳିତ ବର୍ଷର ବିଶ୍ଳେଷଣରୁ ଜଣାପଡ଼ିଛି, ସିଇଓମାନଙ୍କ ପ୍ରତିଷ୍ଠା ନିର୍ଣ୍ଣୟ କରିବାରେ ଇଏସ୍‌ଜି ଏକକ ଗୁରୁତ୍ୱପୂର୍ଣ୍ଣ ଡ୍ରାଇଭିଙ୍ଗ୍ ଫୋର୍ସ ହୋଇପାରିଛି। ଏପରିକି ବ୍ରାଣ୍ଡ୍ ଫାଇନାନ୍ସ ଅନୁଯାୟୀ ବ୍ରାଣ୍ଡ୍ ଏବଂ ବ୍ୟବସାୟ ମୂଲ୍ୟ ଗଠନ କରିବା ପାଇଁ ଏକ ବ୍ରାଣ୍ଡ୍ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବ୍ରାଣ୍ଡ୍ ଗାର୍ଡିଆନଶିପ୍ ଇଣ୍ଡେକ୍ସ ସେହି ସିଇଓମାନଙ୍କୁ ସମ୍ମାନିତ କରିଥାଏ,ଯେଉଁମାନେ ବ୍ୟବସାୟିକ ସଫଳତା, ଦୀର୍ଘକାଳୀନ ବ୍ରାଣ୍ଡ୍ ନିର୍ମାଣ ଏବଂ ବ୍ୟକ୍ତିଗତ ପ୍ରତିଷ୍ଠା ପରିଚାଳନା ଆବଶ୍ୟକତାକୁ ସନ୍ତୁଳିତ ରଖିଥାନ୍ତି। ବ୍ରାଣ୍ଡ୍ ଫାଇନାନ୍ସ ଏକ ସନ୍ତୁଳିତ ସ୍କୋରକାର୍ଡ ଅନୁସରଣ କରିଥାଏ। ଜଣେ ସିଇଓ ନିଜ ବ୍ରାଣ୍ଡର ଅଭିଭାବକ ଏବଂ ଦୀର୍ଘମିଆଦୀ ଶେୟାରହୋଲ୍ଡର ମୂଲ୍ୟର ଷ୍ଟିୱାର୍ଡ ଭାବେ କାର୍ଯ୍ୟ କରିବାର କ୍ଷମତାକୁ ଆକଳନ କରିଥାଏ।

# ବିଓଏମ୍‌ର ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୫।୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଥିଲା। ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ୍ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି। ବିଶେଷ କରି ଜମା କ୍ଷେତ୍ରରେ ବ୍ୟାଙ୍କ ୧୭.୮୯% ଅଭିବୃଦ୍ଧି ହାର ହାସଲ କରି ୩ୟ ତ୍ରୟ ମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସବୁଠାରୁ ଶୀର୍ଷ ସ୍ଥାନ ହାସଲ କରିଛି। ସେହିଭଳି ବ୍ୟାଙ୍କର ଚଳନ୍ତି ଖାତା ଏବଂ ସଞ୍ଚୟ ଖାତା (କାସା) ଜମା କ୍ଷେତ୍ରରେ ମଧ୍ୟ ୫୦.୧୯% ହାରରେ ବିଓଏମ୍ ଶୀର୍ଷ ସ୍ଥାନ ବଜାୟ ରଖିଥିଲାବେଳେ ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୦୪% ଏବଂ ନେଟ୍ ଏନ୍‌ପିଏ ୦.୨୨% ରହିଛି। ଅପରପକ୍ଷରେ ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୬.୮୫% ରହିଛି।

# ଚାନ୍ଦି ଭଣ୍ଡାର ପକ୍ଷରୁ ଭେନସ୍ କଲେକ୍ସନ ଉନ୍ମୋଚିତ




ଭୁବନେଶ୍ୱର,୫।୨ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ରୁପା ଅଳଙ୍କାର ପ୍ରତିଷ୍ଠାନ (ବ୍ରାଣ୍ଡ୍) ଚାନ୍ଦି ଭଣ୍ଡାରର ବହୁ ପ୍ରତୀକ୍ଷିତ ତଥା ଆସନ୍ତା ଭାଲେଣ୍ଟାଇନ୍ ଡେ'ଉପଲକ୍ଷେ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା 'ଭେନସ୍' କଲେକ୍ସନକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଓଲିଉଡ ଅଭିନେତା ଶୈଳେନ୍ଦ୍ର ଏବଂ ଅଭିନେତ୍ରୀ ଶିବାନୀଙ୍କ ସମେତ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ ଓ ମାଣିକ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅପରପକ୍ଷରେ ଚଳିତ ପ୍ରେମ ଋତୁ (ଭାଲେଣ୍ଟାଇନ ସିଜନ)ର ଆନନ୍ଦକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକ ୯୨.୫ ଷ୍ଟର୍ଲିଂ ଗହଣା କ୍ରୟ ଉପରେ ଆକର୍ଷଣୀୟ ସୁବିଧା ସହ ଗହଣାର ମୋଟ ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି, ଏହି ଅଫର ୨୦୨୪ ଫେବୃଆରୀ ୮ରୁ ୧୪ ପର୍ଯ୍ୟନ୍ତ ଉପଲବ୍ଧ।

ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି, ରୋମାନ୍ସ ଏବଂ ସଂଯୋଗ ସହ ସମକକ୍ଷ ଫେବୃଆରୀ 'ଭେନସ୍' କଲେକ୍ସନ ପାଇଁ ଏକ ପୃଷ୍ଠଭୂମି ଭାବେ କାର୍ଯ୍ୟ କରିଥାଏ। ଏପରିକି ଭାବନାର ଗଭୀରତାକୁ ପ୍ରକାଶ କରିବା ପାଇଁ ଏହି କଲେକ୍ସନରେ ଭଳିକି ଭଳି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣାର ସମ୍ଭାର ରହିଛି। ବିଶେଷ କରି ପ୍ରିୟଜନଙ୍କୁ କୃତଜ୍ଞତା ଜଣାଇବା ହେଉ କିମ୍ବା ପାରିବାରିକ ପ୍ରେମ ପ୍ରତୀକ କିମ୍ବା ପ୍ରିୟ ବନ୍ଧୁଙ୍କୁ ସମ୍ମାନ ଦେବା, ଆମର କଲେକ୍ସନ ଏ ସବୁ ମୂଲ୍ୟବାନ ସଂଯୋଗଗୁଡ଼ିକର ଭାବକୁ ପ୍ରକାଶ କରିଛି। ସେହିଭଳି ଆମର ସମ୍ପ୍ରସାରଣ ଯୋଜନା ଅନୁଯାୟୀ କଟକରେ ଚାନ୍ଦି ଭଣ୍ଡାରର ଏକ ନୂଆ ଷ୍ଟୋର ଘୋଷଣା କରୁଛୁ, ବହୁ ସଂଖ୍ୟାରେ ଗ୍ରାହକଙ୍କ ନିକଟରେ ଆମର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣାର ଯାଦୁ ପହଞ୍ଚାଇବା ପାଇଁ ଏହା ନିଜ ଉପସ୍ଥିତିକୁ ବିସ୍ତାର କରୁଛି।


idco ODISHA NEW OPPORTUNITIES **OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

No. CAD-3964

Tender Call Notice No. File No. IDCO/HO-P&C/O-4193/04/2024/V-1-3158 Dt.: 31.01.2024

**NOTICE INVITING TENDER THROUGH e-Procurement**

Name of the Work: Construction of 11KV OH Line & UG Line for Power Supply to Gramadiha IE, under SDO Jatani, Khordha

Estimated Cost put to tender: Rs.39,84,584.00

Period of Completion: 03 (Three) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDOC, IDCO Tower, Bhubaneswar | Bid Identification No. P&C/EST/E-188/2023-24 | 17.00 hours of Dt.09.02.2024 | 17.00 hours of Dt.28.02.2024 |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.

**OIPR-14003/11/0375/2324** **Sd./- Chief General Manager (P&C), IDCO, Bhubaneswar**

idco ODISHA NEW OPPORTUNITIES **OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

No. CAD-3965

Tender Call Notice No. File No.: H.O./P&C/EST/E-2455/04/2023/3162 Dated: 31.01.2024

Bid Identification No.: P&C/EST/E-186/2023-24

**NOTICE INVITING TENDER THROUGH e-Procurement**

1. Name of the Work : Design, Supply, Installation, Testing and Commissioning of 1 No. of 20 passenger (G+10) lift with 5 years comprehensive AMC including dismantling and buyback of existing lift (Lift No. 5/ThyssenKrupp LM-S-2750) installed at IDCO Towers, Janpath, Bhubaneswar.

Tender Value: Rs.34,95,713.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-186/2023-24 | 03 (Three Calendar Months) | 17.00 hours of Dt.06.02.2024 | 17.00 hours on Dt.28.02.2024 |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will be published in Newspapers and can only be seen in e-Procurement portal as well as in IDCO Website.

**OIPR-14003/11/0374/2324** **Sd./- Chief General Manager (P&C), IDCO, Bhubaneswar**


# ପିଏନ୍‌ବିର ନୂତନ ଏଟିଏମ୍ ପଏଣ୍ଟ

ଭୁବନେଶ୍ୱର,୫।୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ନୂତନ ଏଟିଏମ୍ ପଏଣ୍ଟ (ପରିସର) କୋଦଳା ମୁଖ୍ୟ ରାସ୍ତାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବି ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡ. ଆଲୋକ ରଞ୍ଜନ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପିଏନ୍‌ବି ବ୍ରହ୍ମପୁର ମଣ୍ଡଳର ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ସେଠୀ, ଶାଖା ପ୍ରବନ୍ଧକ ସନ୍ତୋଷ କୁମାର ପଣ୍ଡିତ, ଉପ-ପ୍ରବନ୍ଧକ ତୋଫାନ ନନ୍ଦଙ୍କ ସମେତ ଶାଖାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଡ. ସେନାପତି ବ୍ୟାଙ୍କର ଡିଜିଟାଲ ଉତ୍ପାଦ, ଅନ୍‌ଲାଇନ୍ ଋଣ ସୁବିଧା ଏବଂ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସେବାକୁ ସହଜ କରିବାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ଶାଖା ପ୍ରବନ୍ଧକ ସନ୍ତୋଷ କୁମାର ପଣ୍ଡିତ ଉପସ୍ଥିତ ଗ୍ରାହକ ଓ ବରିଷ୍ଠ ଅଧିକାରୀମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦ ହେଲା ୭୪ ହଜାର ମୋବାଇଲ ସଂଯୋଗ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)




ଡିଜିଟାଲାଇଜେସନ ଯୁଗ ଆରମ୍ଭ ହେବା ଦିନଠାରୁ ସାଇବର ଠକେଇର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଦେଶର ଲୋକ ସାଇବର ଠକେଇର ଶିକାର ହେଉଛନ୍ତି। ଫୋନ କଲ୍ ଏବଂ ମେସେଜ ମାଧ୍ୟମରେ ସାଇବର ଠକମାନେ ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି। ଏହିପରି ସାଇବର ଅପରାଧରେ ରୋକ୍ ଲଗାଇବା ପାଇଁ ଟେଲିକମ୍ ରେଗୁଲେଟୋରୀ ଅଥୋରିଟି ଅଫ୍ ଇଣ୍ଡିଆ(ଟ୍ରାଇ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସ୍କାମ୍ କଲ ଏବଂ ମେସେଜ୍ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଟ୍ରାଇ ୭୪ ହଜାର ମୋବାଇଲକୁ ସଂଯୋଗ ବିଚ୍ଛିନ୍ନ କରିଛି। କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରାଇ କୃତ୍ରିମ ବୁଦ୍ଧିମତା(ଏଆଇ) ବ୍ୟବହାର କରୁଥିବା ସୂଚନା ରହିଛି। ସାରା ଦେଶରେ ବନ୍ଦ କରାଯାଇଥିବା ଏହି ମୋବାଇଲ ବ୍ୟବହାର କରି ସାଇବର ଠକମାନେ ଲୋକଙ୍କୁ ସ୍କାମ୍ କଲ ଏବଂ ମେସେଜ୍ ଦେଉଥିଲେ। ଏହା ବ୍ୟତୀତ ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ଲକ୍ଷରୁ ଅଧିକ ଏସ୍‌ଏମ୍‌ଏସ୍ ହେଡର୍ ଏବଂ ଟେମ୍ପଲେଟ ଅପସାରଣ କରାଯାଇଛି। ସେହିପରି ଏପରି ସ୍କାମ୍ କଲ୍ ଓ ମେସେଜ୍ ଦେଉଥିବା ୧୧ ଲକ୍ଷ ଟେଲି ମାର୍କେଟରଙ୍କୁ ନୋଟିସ ପଠାଯାଇଛି। ୨ ଲକ୍ଷରୁ ଅଧିକ ନମ୍ବରର ଆଉଟଗୋଇଙ୍ଗ କଲ୍ ବନ୍ଦ ହୋଇଯାଇଛି। ଅନ୍ୟପଟେ ସାଇବର ଠକମାନଙ୍କ ଉପରେ ୧୦୦ କୋଟିରୁ ଅଧିକ ଜୋରିମାନା ଲାଗୁ କରାଯାଇଛି। ଏଆଇ ସାହାଯ୍ୟରେ ବନ୍ଦ କରାଯାଇଥିବା ସମସ୍ତ ମୋବାଇଲ ଟ୍ରାକ କରିବା ପାଇଁ ଟ୍ରାଇ ସଫଳ ହୋଇଛି। ଏଥିସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।


ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better) Oriental United

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ମଣ୍ଡଳ ଶସ୍ତ୍ର କେନ୍ଦ୍ର, ବାଲେଶ୍ୱର**

**ମଣ୍ଡଳ କାର୍ଯ୍ୟାଳୟ, ୨ୟ ମହଲା, ଭାରତ ଟିମ୍ବର କମ୍ପ୍ଲେକ୍ସ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧**

**ଇମେଲ୍: cs8190@pnb.co.in, ନୋଡାଲ ଅଫିସରଙ୍କ ଯୋଗାଯୋଗ ନଂ.: ୯୦୮୮୧୦୦୦୫୫**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର/ଅସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି ଏବଂ ତାହାକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

**ଇ-ନିଲାମ ତାରିଖ ଏବଂ ସମୟ : ୨୨.୦୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା**

**ଅମାନତ ରାଶି ଜମା କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୧.୦୨.୨୦୨୪ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ୧୯.୦୨.୨୦୨୪ ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତିଗୁଡିକର ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ ଖ)୩୧.୦୧.୨୦୨୪ ସୁଦ୍ଧା ବକେୟା ପରିମାଣ ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ (ଲକ୍ଷରେ) ଖ) ଅମାନତ ରାଶି (ଲକ୍ଷରେ) ଗ) ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | ପିଏନ୍‌ବି ବରପଦା (୦୯୩୯୨୦)/ ଋଣଗ୍ରହୀତା: ଶ୍ରୀ ଅଜୟ ସାହୁ, ପିତା: ରାମଚନ୍ଦ୍ର ସାହୁ, ସା: କୁଣ୍ଡଳ, ରାନ୍ଧିଆହାଟ, ଭଦ୍ରକ-୭୫୬୧୩୫, ଓଡ଼ିଶା | ଶ୍ରୀ ଅଜୟ କୁମାର ସାହୁ, ପିତା: ଵରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୭, ଖାତା ନଂ.: ୭୭୧/୨୫୧, କ୍ଷେତ୍ର: ଏକର୦.୧୧ଡିସିମିଲି, ନୂଆଖାତା ନଂ.: ୭୭୧/୫୧୧, ମୌଜା: ଅମରଗାଡିଆ, ଥାନା/ତହସିଲ/ ଜିଲ୍ଲା: ଭଦ୍ରକ / ସମ୍ପତ୍ତି ଆଇଡ଼ି: PUNB81900150 | କ) ୦୨.୦୫.୨୦୨୨ ଖ)ଟ.୧୫,୨୩,୯୧୩/- + ପରବର୍ତ୍ତୀ ସୁଧ, ଦେୟ ଗ) ୨୯.୦୭.୨୦୨୨ ଘ) ସାଙ୍କେତିକ | କ) ଟ. ୨୧.୮୩ ଲକ୍ଷ ଖ) ଟ. ୨.୨୦ ଲକ୍ଷ ଗ) ଟ. ୦.୨୦ ଲକ୍ଷ | ୨୨.୦୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୨. | ପିଏନ୍‌ବି ବାଲିମୁଣ୍ଡା (୦୯୦୬୨୦)/ ଋଣଗ୍ରହୀତା: ମେସର୍ସ ରଶ୍ମୀ ଟ୍ରେଡର୍ସ (ସ୍ୱତ୍ୱାଧିକାରୀ: ରଶ୍ମିତା ମହାନ୍ତି, ସ୍ୱାମୀ: ଦେବକଲ୍ୟାଣ ଦାଶ)/ ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଚିନ୍ତାମଣୀ ଦାଶ, ପିତା: କାଙ୍ଗାଳୀ ଦାଶ, ସମସ୍ତଙ୍କ ଠିକଣା ସା: ରହିମପୁର, ନାଇକାଣୀଡିହି, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ- ୭୫୬୧୨୯ | ଚିନ୍ତାମଣୀ ଦାଶ, ପିତା: କାଙ୍ଗାଳୀ ଦାଶଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରହିମପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଖାତା ନଂ.: ୭୯, ପ୍ଲଟ୍ ନଂ.: ୨୪୧, କ୍ଷେତ୍ର: ଏକର୦.୧୭ ଡ଼ିସିମିଲି / ସମ୍ପତ୍ତି ଆଇଡ଼ି: PUNB81900168 | କ) ୨୪.୦୫.୨୦୨୨ ଖ)ଟ.୭,୮୭,୨୬୫.୬୦ + ପରବର୍ତ୍ତୀ ସୁଧ, ଦେୟ ଗ) ୦୭.୦୯.୨୦୨୨ ଘ) ସାଙ୍କେତିକ | କ) ଟ. ୧୪.୬୭ ଲକ୍ଷ ଖ) ଟ. ୧.୫୦ ଲକ୍ଷ ଗ) ଟ. ୦.୧୦ ଲକ୍ଷ | ୨୨.୦୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୩. | ପିଏନ୍‌ବି ଜଳେଶ୍ୱର (୬୭୫୮୦୦)/ ଋଣଗ୍ରହୀତା: ହରିଶଙ୍କର ରଣା, ପିତା: ମୁରଲୀଧର ରଣା, ସା: ଦେଉଳି ପଞ୍ଚଘଣ୍ଟା, ଜଳେଶ୍ୱର,ବାଲେଶ୍ୱର, ଓଡ଼ିଶା - ୭୫୬୦୩୨ | ହରିଶଙ୍କର ରଣା, ପିତା: ମୁରଲୀଧର ରଣାଙ୍କ ନାମରେ ଥିବା ସମସ୍ତ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେଟେଡ଼/ସଂଶୋଧିତ ପ୍ଲଟ ନଂ.: ୧୯୩/୧୨୬୦, ମ୍ୟୁଟେଟେଡ୍/ ସଂଶୋଧିତ ଖାତା ନଂ.: ୧୯୪/୩୪୭, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ମୌଜା: ଦେଉଳି ପଞ୍ଚଘଣ୍ଟା, ଥାନା: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର / ସମ୍ପତ୍ତି ଆଇଡ଼ି: PUNB81900206 | କ) ୦୨.୦୫.୨୦୨୨ ଖ)ଟ.୧୧,୪୩,୨୨୮.୨୨ + ପରବର୍ତ୍ତୀ ସୁଧ, ଦେୟ ଗ) ୧୪.୧୧.୨୦୨୨ ଘ) ସାଙ୍କେତିକ | କ) ଟ. ୩୩.୪୨ ଲକ୍ଷ ଖ) ଟ. ୩.୩୫ ଲକ୍ଷ ଗ) ଟ. ୦.୨୦ ଲକ୍ଷ | ୨୨.୦୨.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |

**ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ଏନକମ୍ବ୍ରାନସେସର ସବିଶେଷ ତଥ୍ୟ : ଜ୍ଞାତ ନାହିଁ**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ନିୟମ ଓ ସର୍ତ୍ତାବଳୀ :**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ବର୍ଣ୍ଣିତ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।**

୧. ସମ୍ପତ୍ତି ଗୁଡିକ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ।
୨. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ୍ ବାଖ୍ୟା ନିମନ୍ତେ ଦାୟୀ ନୁହନ୍ତି।
୩. **www.mstcecommerce.com** ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଇ-ନିଲାମ ପ୍ଲାଟଫର୍ମ ମାଧ୍ୟମରେ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା **ତା.୨୨.୦୨.୨୦୨୪** ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ସମୟରେ ବିକ୍ରୟ କରାଯିବ।
୪. ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍: **www.ibapi.in, www.tenders.gov.in, www.mstcecommerce.com, https://eprocure.gov.in/epublish/app** ରେ ଦେଖନ୍ତୁ।
୫. ସଂରକ୍ଷିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ।
୬. ଯଦି ବିକ୍ରି ମୂଲ୍ୟ ଟ.୫୦,୦୦,୦୦୦/- (ପଚାଶ ଲକ୍ଷ ମାତ୍ର)ରୁ ଅଧିକ ହୁଏ ତେବେ ନିଲାମ / କ୍ରେତା / ସଫଳ ନିଲାମଧାରୀଙ୍କୁ ବିକ୍ରୟ ମୂଲ୍ୟର ୧% ଟିଡିଏସ୍ ଭାବେ ସମ୍ପତ୍ତି ମାଲିକଙ୍କ ନାମରେ କାଟି ଆୟକର ବିଭାଗକୁ ଆୟକର ଆଇନ ଧାରା ୧୯୪ ଆଇଏ ଅନୁସାରେ ପୈଠ କରିବେ ଏବଂ ବିକ୍ରୟ ମୂଲ୍ୟର ୯୯% ବ୍ୟାଙ୍କକୁ ପୈଠ କରିବେ। ବିକ୍ରୟ ସାର୍ଟିଫିକେଟ ଫର୍ମ 26QB ଏବଂ ଟିଡିଏସ୍ ପୈଠ ଚାଲାଣ ପ୍ରାପ୍ତ ପରେ ଇସ୍ୟୁ କରାଯିବ।
୭. ବିକ୍ରୟ ନିମିତ୍ତ ସମ୍ପତ୍ତିର ବୈଦ୍ୟୁତିକ ଦେୟ ସହିତ ଅନ୍ୟ କୌଣସି ଦେୟ ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ ଦାୟୀ ରହିବେ ନାହିଁ।

**ସରଫେଶୀ ଆକ୍ଟ, ୨୦୦୨ର ରୁଲ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍**

ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ **୨୧.୦୨.୨୦୨୪ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ନୋଟିସ୍ ଅନୁଯାୟୀ ଦାବି କରାଯାଇଥିବା ସେମାନଙ୍କର ବକେୟା ପରିମାଣ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ଓ ଖର୍ଚ୍ଚ ପୈଠ କରନ୍ତୁ ନଚେତ୍ ଉପରଦର୍ଶିତ ବିକ୍ରୟ ନୋଟିସ୍ ଅନୁସାରେ ସମ୍ପତ୍ତିଗୁଡ଼ିକୁ ବିକ୍ରି କରାଯିବ।

**ସ୍ଥାନ: ବାଲେଶ୍ୱର** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ତାରିଖ : ୦୫.୦୨.୨୦୨୪** **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତା**


# ବିଏମ୍‌ସି ପକ୍ଷରୁ ବିଶ୍ୱ କର୍କଟ ଦିବସ

ଭୁବନେଶ୍ୱର,୫।୨




ବାଲକୋ ମେଡିକାଲ ସେଣ୍ଟର (ବିଏମସି) ପକ୍ଷରୁ ବିଶ୍ୱ କର୍କଟ ଦିବସ ନିକଟରେ ପାଳିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ନିର୍ମାତା ହୋଇଥିଲାବେଳେ ଉତ୍ତମ ସ୍ୱାସ୍ଥ୍ୟସେବା ତଥା କ୍ୟାନସର ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ଛତିଶଗଡର ରାୟପୁରଠାରେ ଏକ ଅତ୍ୟାଧୁନିକ କ୍ୟାନସର ସେଣ୍ଟର (ବିଏମସି କ୍ୟାନସର ୟୁନିଟ) ବାଲକୋ ମେଡିକାଲ ପରିସରରେ ପ୍ରତିଷ୍ଠା କରିଛି। ବିଶେଷ କରି ଗ୍ରାମାଞ୍ଚଳର ଲୋକମାନଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରିବା ଲାଗି ବେଦାନ୍ତ ଗ୍ରୁପର ପ୍ରତିବଦ୍ଧତାକୁ ଏହା ପ୍ରମାଣିତ କରିଛି। ଏପରିକି କ୍ୟାନସର ରୋଗର ଚିକିତ୍ସା ପାଇଁ ବିଏମସି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ କ୍ୟାନସର ରୋଗ ବିଷୟରେ ସଚେତନ କରୁଛି। ସେହିଭଳି ସ୍ତନ, ଗର୍ଭାଶୟ ଓ ବେକ ପାଇଁ ଏକ ମାମୋଗ୍ରାଫି ଭ୍ୟାନ ଜରିଆରେ କ୍ୟାନସରକୁ ଚିହ୍ନଟ କରି ଲୋକମାନଙ୍କୁ ଉପଯୁକ୍ତ ଚିକିତ୍ସାର ପରାମର୍ଶ ଦେଉଛି, କ୍ୟାନସର ଉପରେ ବାଲକୋ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଆୟୋଜନ କରାଯାଉଛି। ୨୦୧୮ରେ ବିଏମସି ଆରମ୍ଭ ହେବା ପରଠାରୁ ୩୫,୦୦୦ରୁ ଅଧିକ ଲୋକମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇ ଦେଇଛି। ଏପରିକି ଘରୋଇ କ୍ୟାନସର ସଚେତନତା ଓ ଚିକିତ୍ସା ମଧ୍ୟରେ ରହିଥିବା ବ୍ୟବଧାନକୁ ସେଣ୍ଟର ଦୂର କରିପାରିଛି। ଏପରିକି ଉନ୍ନତ କେମୋଥେରାପି, ବ୍ରାକିଥେରାପି, ନ୍ୟୁକ୍ଲିୟର ମେଡିସିନ, ଇମ୍ୟୁନୋଲୋଜି ପ୍ରଭୃତି ସହ ପାଲିଏଟିଭ କେୟାର ପାଇଁ ଏହା ପୂର୍ବ ଭାରତରେ ବିଶିଷ୍ଟ ଅଙ୍କୋଲୋଜି ହସ୍ପିଟାଲ ଭାବେ ଖ୍ୟାତି ଅର୍ଜନ କରିଛି। ଏଠାରେ ୧୭୦ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ନିଦାନ ଓ ଚିକିତ୍ସା ବ୍ୟବସ୍ଥା ରହିଛି, ଏହା ବ୍ୟତୀତ ମୁମ୍ବାଇର ଟାଟା ମେମୋରିଆଲ ସେଣ୍ଟର ଓ ଜେନୋମିକ୍ସ ବାୟୋଟେକରେ ଥିବା ବିଶେଷଜ୍ଞଙ୍କ ସହ ପରାମର୍ଶ ଓ ଜ୍ଞାନ ଆଦାନ ପ୍ରଦାନ କରୁଛି।

ଏ ସମ୍ପର୍କରେ ବିଏମସିର ଅଧ୍ୟକ୍ଷା ଜ୍ୟୋତି ଅଗ୍ରୱାଲ କହିଛନ୍ତି, ବିଶ୍ୱ କର୍କଟ ଦିବସ ଏକ ସ୍ମାରକ ରୂପେ କାର୍ଯ୍ୟ କରିଥାଏ। ଏହା କେବଳ କ୍ଲିନିକ ଓ ଲାବରେଟୋରିରେ ନୁହେଁ ବରଂ ଲୋକଙ୍କ ମନକୁ ପ୍ରଭାବିତ କରିବା ଓ ରୋଗ ବିଷୟରେ ସଚେତନ କରିବା ଦିଗରେ କାର୍ଯ୍ୟ କରୁଛି, ବିଶେଷ କରି ବିଏମସି ଗ୍ରାମାଞ୍ଚଳର ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ବ୍ୟବଧାନକୁ ଦୂର କରିବାରେ ପଦକ୍ଷେପ ଗ୍ରହଣ କରିଛି। ଏପରିକି ରୋଗ ଉପରେ ସଚେତନ ସୃଷ୍ଟି କରିବାରେ ବାଲକୋ ମେଡିକାଲ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି।

# ପ୍ରମୁଖ ୩ ଦଳରେ ନୂଆମୁହଁ ସମ୍ଭାବନା

କେନ୍ଦ୍ରାପଡ଼ା, ୫।୨ (ଜଗନ୍ନାଥ ଧଳ)

## କେନ୍ଦ୍ରାପଡ଼ା ଲୋକ ସଭା ଆସନ



କେନ୍ଦ୍ରାପଡ଼ା ଲୋକ ସଭା ଆସନ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ଗୁରୁତ୍ୱ ରଖୁଛି। ଏଠାରୁ ଅତୀତରେ କଂଗ୍ରେସରୁ ନିତ୍ୟାନନ୍ଦ କାନୁନଗୋ, ପ୍ରଜା ସୋସାଲିଷ୍ଟ ପାର୍ଟିରୁ ସୁରେନ୍ଦ୍ରନାଥ ଦ୍ୱିବେଦୀ, ଉତ୍କଳ କଂଗ୍ରେସରୁ ସୁରେନ୍ଦ୍ର ମହାନ୍ତି, ଜନତା ପାର୍ଟିରୁ ବିଜୁ ପଟ୍ଟନାୟକ, ଶରତ କୁମାର ଦେବ, ଜନତା ଦଳରୁ ରବି ରାୟ, ଶ୍ରୀକାନ୍ତ ଜେନାଙ୍କ ଭଳି ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ବିଜେଡିରୁ ପ୍ରଭାତ ସାମନ୍ତରାୟ, ଅର୍ଚ୍ଚନା ନାୟକ, ବୈଜୟନ୍ତ ପଣ୍ଡା ଓ ଅନୁଭବ ମହାନ୍ତିଙ୍କ ପରି ନେତା ଜିତିଛନ୍ତ। ଏହି ଆସନ ଏବେ କେନ୍ଦ୍ରରେ ଶାସନାଧୀନ ଭାଜପା ଓ ରାଜ୍ୟରେ ବିଜେଡି ପାଇଁ ଏକ ସମ୍ମାନର ବିଷୟ ପାଲଟିଯାଇଛି। ସେହିପରି କଂଗ୍ରେସ ଏହି ଲୋକ ସଭା କ୍ଷେତ୍ର ହାତେଇବା ପାଇଁ ଉଦ୍ୟମ ଜାରି ରଖିଛି।

କେନ୍ଦ୍ରାପଡ଼ା ଜିଲାର ୫ ଓ କଟକ ଜିଲାର ମାହାଙ୍ଗା ସହିତ ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଏହି ଲୋକ ସଭା କ୍ଷେତ୍ର। ୨୦୧୯ରେ ଏଠାରୁ ମୋଟ ୧୨, ୩୮, ୪୮୮ ଭୋଟର ମତଦାନ କରିଥିଲେ। ବିଜେଡିର ଅନୁଭବ ମହାନ୍ତି ୬, ୨୮, ୯୩୯ ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପାର ବୈଜୟନ୍ତ ପଣ୍ଡାଙ୍କୁ ୪, ୪୭, ୪୫୬ ଭୋଟ ମିଳିଥିବା ବେଳେ କଂଗ୍ରେସର ଧରଣୀଧର ନାୟକ ୧, ୧୩, ୮୪୧ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସର ନାୟକ ଗତ ୨୦୧୪ରେ ଏହି ଆସନରୁ ପ୍ରାର୍ଥୀ ହୋଇ ୩,୯୨,୪୬୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ହେଲେ ୨୦୧୯ରେ ତାଙ୍କ ଭୋଟ କମିଯିବାରୁ ସେ ତୃତୀୟ ସ୍ଥାନରେ ରହିଥିଲେ। ସେବେଠାରୁ ତାଙ୍କୁ ସାଙ୍ଗଠନିକ ବୈଠକ କିମ୍ବା କୌଣସି ସଭାରେ ଭାଗ ନେବା ପ୍ରାୟତଃ ଦେଖାଯାଇନାହିଁ। ଆଲୋଚନା ହେଉଛି ସେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହୋଇ ନ ପାରନ୍ତି। ଏବେ ଯୁବ ବ୍ୟବସାୟୀ ସ୍ୱରୂପ କୁମାର ଦାସ ଆଶାୟୀ ଅଛନ୍ତି। ଯେହେତୁ କଂଗ୍ରେସ ଟିକେଟ ପାଇଁ ଅନ୍‌ଲାଇନ୍ ଆବେଦନ ସକାଶେ ୱେବସାଇଟ୍ ଲଞ୍ଚ କରିଛି, ଅନ୍ୟ କାହା ନାମ ଆଗକୁ ଆସିପାରେ।

ବିଜେଡିରୁ ବହିଷ୍କୃତ ବୈଜୟନ୍ତ ପଣ୍ଡା ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ବିଜେଡି ପାଇଁ ଆସନଟି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ନବୀନ ପଟ୍ଟନାୟକଙ୍କ ଉପରେ ସେଠାକାର ଜନସାଧାରଣ ଆସ୍ଥା ରଖି ଅନୁଭବଙ୍କୁ ବିଜୟୀ କରାଇଥିଲେ। ହେଲେ ଅଭିନେତାରୁ ରାଜନେତା ପାଲଟିଥିବା ଏହି ବ୍ୟକ୍ତି ନିର୍ବାଚନମଣ୍ଡଳୀ ପ୍ରତି ଧ୍ୟାନ ଦେଇ ନ ଥିବା ଅଞ୍ଚଳବାସୀ ଭଲ ଭାବେ ଜାଣିଛନ୍ତି। ପାରିବାରିକ ସମସ୍ୟା ହେଉ ଅଥବା ରାଜନୈତିକ ମନୋମାଳିନ୍ୟ ଯୋଗୁ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କଠାରୁ ସେ ବହୁଦୂରରେ ରହିଥିବା ଦେଖିବାକୁ ମିଳିଛି। ଏହି ଆସନ ପାଇଁ ବିଜେଡିର ସମ୍ପୂର୍ଣ୍ଣ ନୂଆମୁହଁ ଓ ଯୁବପ୍ରତିଭା ପ୍ରତିନିଧିତ୍ୱ କରିପାରନ୍ତି ବୋଲି ଚାରିଆଡ଼େ ଆଲୋଚନା ଚାଲିଛି। ସେହି ଆଶାୟୀଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନାଙ୍କ ନାମ ରହିଥିବା ବେଳେ ନୂଆମୁହଁ ଭାବେ ଯୁବ ଉଦ୍ୟୋଗୀ ଶୁଭଙ୍କର ନାୟକଙ୍କୁ ନିର୍ବାଚନମଣ୍ଡଳୀରେ ସଙ୍ଗଠନ କରୁଥିବା ଦେଖିବାକୁ ମିଳୁଛି।

ଭାଜପା କଥା ଦେଖିଲେ ବୈଜୟନ୍ତ ଏବେ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରହିବା ସହ ଉତ୍ତରପ୍ରଦେଶ ନିର୍ବାଚନ ଦାୟିତ୍ୱରେ ଅଛନ୍ତି। ତାଙ୍କ ସମର୍ଥକଙ୍କ ମତରେ ସେ ଆଗାମୀ ନିର୍ବାଚନ ନ ଲଢ଼ି ଉତ୍ତରପ୍ରଦେଶ ଉପରେ ଫୋକସ୍ କରୁଛନ୍ତି। ତେବେ ରାଜନୈତିକ ବିଶେଷଜ୍ଞ କହୁଛନ୍ତି, ଯେହେତୁ ବୈଜୟନ୍ତ ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି କାଳେ ଲୋକ ସଭା ନିର୍ବାଚନରେ ହାରିଯିବେ, ସେଥିପାଇଁ ରାଜ୍ୟ ସଭା ଏମ୍‌ପି ହେବାକୁ ନଜର ରଖିଥାଇପାରନ୍ତି। ଜିଲାରେ ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ତାଙ୍କ ହାତରେ ଥିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ସ୍ୱତନ୍ତ୍ର ଗୋଷ୍ଠୀ କାର୍ଯ୍ୟ କରୁଥିବା ଜଣାଶୁଣା। ଏହାବ୍ୟତୀତ ଅନ୍ୟତମ ବରିଷ୍ଠ ନେତା ବିଜୟ ମହାପାତ୍ର ଗତ ନିର୍ବାଚନରେ ପାଟକୁରା ବିଧାନସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଭୋଟ ପରିମାଣ ଭାଜପା ଆଡ଼କୁ ଢଳିଥିଲା। ମାତ୍ର ସେ ଏବେ କୌଣସି ପାର୍ଟି ନ ଫିଟାଇବା ଭାଜପା ପାଇଁ ଏକ ବିଷମ ସ୍ଥିତି ସୃଷ୍ଟି କରିଛି। ଏହାସତ୍ତ୍ୱେ ଏହି ଲୋକ ସଭା ଆସନ ପାଇଁ ଭାଜପାରୁ ନୂଆମୁହଁ ଭାବେ ଶିକ୍ଷାବିତ୍ ଭୂବନମୋହନ ଜେନା ଓ ବିନୟ ଭୂଷଣ ଜେନା, ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗରେ କାର୍ଯ୍ୟରତ ସଚିବ ପ୍ରସନ୍ନ କୁମାର ପରିଡ଼ା, 'ଉଦୟ ଇଣ୍ଡିଆ' ସମ୍ପାଦକ ଦୀପକ ରଥ, ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ପୂର୍ବତନ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି।

# ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ହଟ୍ଟଗୋଳ

କୁଜଙ୍ଗ,୫।୨(ମନୋଜ ପ୍ରଧାନ)

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପାଇଁ କୁଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସହପର୍ଯ୍ୟବେକ୍ଷକ ଗିରିଶ ଦାସ ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଦଳୀୟ କର୍ମୀମାନେ ହଟ୍ଟଗୋଳ କରିଥିଲେ। ଏହି ଅବସରରେ ପାରାଦୀପ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ ଅଭିଯୋଗ କରିଥିଲେ ଯେ, ସେ ଯୁବ ବିଜେଡି ଦାୟିତ୍ୱରେ ଥିଲେ ମଧ୍ୟ କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ପଚରା ଯାଉନାହିଁ। ଯୁବ କର୍ମୀମାନେ ଦଳୀୟ ପଚାର କରୁଥିବାବେଳେ ପୋଲିସ ସେମାନଙ୍କୁ ହଇରାଣ କରୁଛି। ଏନେଇ ବିଧାୟକ ସମ୍ବିତ ରାଉତରାୟଙ୍କୁ ଆପତ୍ତି ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଯୁବ କର୍ମୀମାନଙ୍କ ଦଳ ପ୍ରତି ମନୋବଳ କମିଯାଉଛି। ଆଗାମୀ ନିର୍ବାଚନରେ ଏହା ପ୍ରଭାବ ପକାଇବ।

ଏ ସମ୍ପର୍କରେ ଜିଲା ସହ ପର୍ଯ୍ୟବେକ୍ଷକ ଦାସ କହିଥିଲେ, କୌଣସି ନିର୍ବାଚନ ମଣ୍ଡଳୀରେ ଏମିତି ଘଟୁ ନ ଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ କାହିଁକି ଏଭଳି ଘଟୁଛି ତାହା ବିଧାୟକଙ୍କୁ ପଚାରନ୍ତୁ ବୋଲି କହି ଘଟଣାକୁ ଏଡ଼ାଇ ଯାଇଥିଲେ। ଏ ନେଇ କିଛି ସମୟଧରି ବୈଠକରେ ହଟ୍ଟଗୋଳ ହୋଇଥଲା। ପରେ ସହ ପର୍ଯ୍ୟବେକ୍ଷକ କର୍ମୀମାନଙ୍କୁ ଶାନ୍ତ କରାଇବା ସହ ପଞ୍ଚାୟତ ଓ ବ୍ଲକସ୍ତରରେ ବିଭିନ୍ନ କମିଟି ଗଠନ କରି ଆଗାମୀ ନିର୍ବାଚନରେ ଦଳକୁ ବିଜୟୀ କରାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସରପଞ୍ଚ ବନ୍ଦିତା ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ପ୍ରତିନିଧି ସୁଢ଼ଳ କୁମାର ସ୍ୱାଇଁ, ବିଧାୟକ ରାଉତରାୟଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଓ ସଭ୍ୟା ପ୍ରମୋଦ ଚରଣ ସ୍ୱାଇଁ ଓ କନକପ୍ରଭା ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ନାଥ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ପ୍ରଭାତି ଦାସ, ସାଇଲୋ ସରପଞ୍ଚ ସରୋଜ ସେଠୀ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀଙ୍କ ସମେତ ନିର୍ବାଚିତ ପ୍ରତିନିଧି ଓ କର୍ମୀମାନେ ଯୋଗଦେଇଥିଲେ।

# ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ସଂରକ୍ଷଣ ସୀମା ବଢ଼ିବ: ରାହୁଲ

ରାଞ୍ଚି,୫।୨(ପି.ଟି.)



ରାଞ୍ଚିର ଶହୀଦ ମୈଦାନରେ ସୋମବାର ଏକ ରାଲିକୁ ସମ୍ବୋଧନ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ଲୋକ ସଭା ନିର୍ବାଚନ ପରେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ମେଣ୍ଟ ଯଦି କେନ୍ଦ୍ରରେ ସରକାର ଗଢ଼େ, ତେବେ ଦେଶବ୍ୟାପୀ ଜାତି ଜନଗଣନା କରାଯିବା ସହ ସଂରକ୍ଷଣରେ ୫୦% ସୀମାକୁ ହଟାଇ ଦିଆଯାଇ ଏହାର ପ୍ରତିଶତ ବଢ଼ାଯିବ ବୋଲି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଆଦିବାସୀ ହୋଇଥିବାରୁ ଜେଏମ୍‌ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଉଦ୍ୟମ ଚଳାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍‌ର ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରି ଗରିବମାନଙ୍କ ସରକାରକୁ ସୁରକ୍ଷିତ ରଖିଥିବାରୁ ରାହୁଲ ଶାସକ ମେଣ୍ଟର ସମସ୍ତ ବିଧାୟକ ଏବଂ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ରାହୁଲ ରାଞ୍ଚିର ସହୀଦ ମୈଦାନରେ ଏକ ରାଲିକୁ ସମ୍ବୋଧିତ କରି କହିଥିଲେ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗ (ଓବିସି)ମାନଙ୍କୁ ଗୋଟି ଶ୍ରମିକ କରିଦିଆଯାଇଛି। ବଡ଼ କମ୍ପାନୀ, ହସ୍ପିଟାଲ, ସ୍କୁଲ୍, କଲେଜ, କୋର୍ଟ ଆଦିରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ମିଳୁ ନାହିଁ। ତେଣୁ ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଆମର ପ୍ରଥମ ପଦକ୍ଷେପ ଜାତି ଜନଗଣନା ହେବ ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କହିଥିଲେ। ବର୍ତ୍ତମାନର ବ୍ୟବସ୍ଥାରେ ଅଧିକ ସଂରକ୍ଷଣ ସୁବିଧା ଦିଆଯାଇପାରିବ। ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ସଂରକ୍ଷଣରେ ରହିଥିବା ୫୦% ସୀମାକୁ ଫିଙ୍ଗିଦିଆଯିବ। ଦଳିତ ଓ ଆଦିବାସୀଙ୍କ ପାଇଁ ସଂରକ୍ଷଣ ହ୍ରାସ ହେବ ନାହିଁ। ପଛୁଆ ବର୍ଗ ସେମାନଙ୍କ ଉପଯୁକ୍ତ ଅଧିକାର ପାଇବା ପାଇଁ ଗ୍ୟାରେଣ୍ଟି ଦେଉଛି ବୋଲି ରାହୁଲ କହିଛନ୍ତି।

# ଭୋଟର ତାଲିକାରେ ନାମ ପଞ୍ଜୀକରଣ ଚାଲିଛି: ସିଇଓ

ଭୁବନେଶ୍ୱର,୫।୨
(ସୁନିତ୍ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଗତ ଜାନୁଆରୀ ୫ରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୪ ପ୍ରକାଶିତ ହୋଇଛି। ଏହାର ନକଲ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଓ ସବୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରହିଛି। ଚୂଡ଼ାନ୍ତ ଭୋଟର ତାଲିକା ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ୱେବ୍‌ସାଇଟ ceoodi-sha.nic.in ରେ ଉପଲବ୍ଧ ଅଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ମଧ୍ୟ ଭୋଟର ତାଲିକାରେ ନାମ ପଞ୍ଜୀକୃତ ହୋଇପାରିବ। ଭୋଟର ତାଲିକାରେ ନାମ ପଞ୍ଜୀକରଣ କାର୍ଯ୍ୟ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହି କାର୍ଯ୍ୟ ସବୁବେଳେ ଚାଲୁ ରହିଛି। ରାଜ୍ୟର ସମସ୍ତ ଭୋଟରଙ୍କୁ ନିବେଦନ କରାଯାଉଛି ଯେ, ସେମାନେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ନିଜ ନିଜର ନାମ ଯାଞ୍ଚ କରନ୍ତୁ। ଯଦି ଭୋଟର ତାଲିକାରେ କୌଣସି ଭୋଟରଙ୍କ ନାମ ନ ଥିବ ତେବେ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଫର୍ମ ନଂ-୬ ଓ ସ୍ଥାନାନ୍ତର ପାଇଁ ଫର୍ମ ନଂ-୮ ମାଧ୍ୟମରେ ଆବେଦନ କରିପାରିବେ। ଭୋଟରମାନେ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ voters.eci.gov.inରେ ଲଗ୍‌ଇନ୍ କରି କିମ୍ବା ଭୋଟର ହେଲ୍‌ପଲାଇନ ଆପ୍ ଡାଉନ୍‌ଲୋଡ୍ କରି ମଧ୍ୟ ଆବେଦନ କରିପାରିବେ। ଏହାବ୍ୟତୀତ ଭୋଟରମାନେ ମଧ୍ୟ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ସହ ଯୋଗାଯୋଗ କରି ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି।

# ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ମାଲକାନଗିରି, ୫।୨(ଦୁର୍ଯ୍ୟୋଧନ ପାତ୍ର)

ବିଜୁ ଜନତା ଦଳ ଦିନକୁ ଦିନ ସଶକ୍ତ ହେଉଥିବା ବେଳେ ଏହି କ୍ରମରେ ମାଲକାନଗିରି ଜିଲାରେ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କ ମନକୁ ଛୁଇଁଛି। ପ୍ରତି ଘରେ ବିକାଶର ବାର୍ତ୍ତା ପହଞ୍ଚିବା ଫଳରେ ଜିଲାରେ ଅନେକ ସକ୍ରିୟ ଭାଜପା ଓ କଂଗ୍ରେସ କର୍ମୀ ଆକୃଷ୍ଟ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ଜିଲା ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ପଡିଆ ବ୍ଲକ କାଲଦାପାଲ୍ଲୀ ପଞ୍ଚାୟତରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର କାଲଦାପାଲ୍ଲୀ ପଞ୍ଚାୟତର ଭାଜପା ଓ କଂଗ୍ରେସର ବହୁ ସକ୍ରିୟ କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଯେଉଁଥିରେ ଭାଜପାର ପୂର୍ବତନ ୱାର୍ଡ ସଭ୍ୟ ବୁଦ୍ଧୁରାମ କସ୍ରି, କଂଗ୍ରେସର ସକ୍ରିୟ କାର୍ଯ୍ୟକର୍ତ୍ତା ରାଜେଶ ସରକାର ଏବଂ ବହୁ ଦଳୀୟ କର୍ମୀ ମାଲକାନଗିରି ବିଜେଡିରେ ଯୋଗ ଦେଇଛନ୍ତି। ଦଳୀୟ ସଂଗଠନକୁ ଆହୁରି ଦୃଢ଼ କରିବ ବୋଲି ଜିଲା ବିଜେଡି ସଭାପତି ମାଡକାମି କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ଜିଲା ଯୁବ ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ପଡିଆ ବ୍ଲକ ସଭାପତି ଏମ୍‌ଡି ଫାରୁଖ, ମହିଳା ସଭାନେତ୍ରୀ ଦେବେ ମାଡି, ପଡିଆ ବ୍ଲକ ଉପାଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ସରପଞ୍ଚ ସରିତା କୁଞ୍ଜାମୀ, ସୁବାସ ଭୌମିକ, ମେସାକ ମାଦ୍ରୀ, ସରପଞ୍ଚ ଗଙ୍ଗା କରାମ ଓ ସଭାପତି ଭୀମ୍ ସେନ ବାଞ୍ଜାମି ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ଓ ଭାଜପା କର୍ମୀ।

# ପରିକ୍ରମା ପ୍ରକଳ୍ପ ନାଁରେ ଜଗନ୍ନାଥ ସଂସ୍କୃତିକୁ ଆଘାତ ଦେଇଛନ୍ତି ସରକାର

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

## ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ

ରାଜ୍ୟର ବିଭିନ୍ନ ଜନପ୍ରସଙ୍ଗ, ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଏବଂ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ପରିସ୍ଥିତିକୁ ନେଇ ଭାଜପା ବିଧାନସଭା ଅଧିବେଶନରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସରକାରଙ୍କୁ ଜବାବ ତଲବ କରିବ। ବିଶେଷ ଭାବେ ପରିକ୍ରମା ପ୍ରକଳ୍ପ ନାମରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି କୁଠାରାଘାତ, ନୂଆ-ଓଡ଼ିଶା ନାମରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଜେଡିର ଦଳୀୟ ରାଜନୀତିକରଣ, ବିଭିନ୍ନ ବିଭାଗ ପାଇଁ ବଜେଟରେ ବ୍ୟୟବରାଦ ଟଙ୍କା ଖର୍ଚ୍ଚ କରି ନ ପାରିବା, ମଦର ପ୍ରଚାର ପ୍ରସାର ଏବଂ ବିପୁଳ କଳାଟଙ୍କା ଜବତ ଆଦି ପ୍ରସଙ୍ଗକୁ ଭାଜପା ଜୋରଦାର କରିବ। ସେହିପରି ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅବ୍ୟବସ୍ଥିତ ଧାନ ମଣ୍ଡି, ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ସମେତ ବ୍ୟାପକ ଭ୍ରଷ୍ଟାଚାର, ବ୍ୟଭିଚାର ଆଦି ଜନବିରୋଧୀ ପ୍ରସଙ୍ଗରେ ବିଧାନସଭାରେ ରାଜ୍ୟ ସରକାରଙ୍କୁ ଘେରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ବିଧାୟକମାନେ ଉପସ୍ଥିତ ରହି ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକ ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ କହିଛନ୍ତି, ବିଜେଡି ଶାସନରେ ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ଚରମସୀମା ଅତିକ୍ରମ କରିଛି। ଯାହା ୨୪ ବର୍ଷ ଶାସନରେ ସ୍ପଷ୍ଟ ହୋଇଛି। ପ୍ରଭୁ ଜଗନ୍ନାଥଙ୍କୁ ନେଇ ରାଜନୀତି କରୁଥିବା ବିଜେଡି ସରକାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଜଳାଞ୍ଜଳି ଦେଇଛନ୍ତି। ଶିକ୍ଷାନୁଷ୍ଠାନ 'ନୂଆ-ଓ' କାର୍ଯ୍ୟକ୍ରମ କେବଳ ଏକ ପ୍ରହସନ ଏବଂ ଏହାଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ରାଜ୍ୟ ସରକାର ଖେଳୁଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାରେ ବିଫଳ ରାଜ୍ୟ ସରକାର ପାଠପଢ଼ାକୁ ବନ୍ଦ କରିଦେଇ ଛାତ୍ରୀଛାତ୍ରଙ୍କୁ ନାଚ, ଗୀତ, ଖେଳ କରିବା ନାଁରେ ମଦ, ମାଂସ ଖୁଆଇ ମାତାଲ କରିବା ଯୋଜନା କରିଛନ୍ତି। ୨୪ ବର୍ଷ ଶାସନରେ ଓଡ଼ିଆ କେବଳ ନିର୍ଯ୍ୟାତିତ ହୋଇଛନ୍ତି। ଓଡ଼ିଶାକୁ ଲୁଟି ରାଜ୍ୟବାସୀଙ୍କୁ 'ବିକାଶ ନାଁରେ ବିନାଶ' ଚିତ୍ର ଦେଖାଯାଉଛି ବୋଲି ମୋହନ କହିଛନ୍ତି।

# ଘୋଷଣା ହେଲା କଂଗ୍ରେସ ପ୍ରଚାର କମିଟି

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

## ବିଜୟ ଅଧ୍ୟକ୍ଷ, ସୁରେଶ ଓ ରମେଶ ଉପାଧ୍ୟକ୍ଷ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ଦିନକ ପୂର୍ବରୁ ଦଳ ପକ୍ଷରୁ ପିସିସି ପ୍ରଚାର କମିଟି ତାଲିକା ପ୍ରକାଶ କରାଯାଇଛି। ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ବିଜୟ କୁମାର ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଉପାଧ୍ୟକ୍ଷ ଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ରମେଶ ଚନ୍ଦ୍ର ଜେନାଙ୍କୁ ଚୟନ କରାଯାଇଛି। ସେହିପରି ସ୍ଥାୟୀ ନିମନ୍ତ୍ରିତ ଭାବେ ସବୁ ବିଧାୟକ, ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର, କେ.ପି ସିଂଦେଓ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ପଞ୍ଚାନନ କାନୁନଗୋ, ଶରତ ରାଉତ, ଗିରିଧର ଗମାଙ୍ଗ, ଚିରଞ୍ଜୀବ ବିଶ୍ୱାଳ, ସଞ୍ଜୟ ଭୋଇ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ହଳଧର କାର୍ଜୀ, ଏମ୍‌ପି ସପ୍ତଗିରି ଉଲାକା ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଚିଠିରେ ରଖାଯାଇଛି। କାର୍ଯ୍ୟକାରୀ କମିଟିରେ ସମସ୍ତ ଜିଲା ସଭାପତି, ଦଳର ସବୁ ବିଭାଗୀୟ ମୁଖ୍ୟଙ୍କ ସମେତ ୩୧ ଜଣଙ୍କୁ ରଖାଯାଇଛି।

# ସମ୍ବଲପୁର ଭାଜପା: ଧର୍ମେନ୍ଦ୍ରଙ୍କୁ ଭେଟିଲେ ଅସନ୍ତୁଷ୍ଟ କାର୍ଯ୍ୟକର୍ତ୍ତା

ସମ୍ବଲପୁର, ୫।୨(ଭବାନୀ ଶଙ୍କର ଭୋଇ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ସମ୍ବଲପୁରରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ତେବେ ଦଳ ଏହି ଉତ୍ସାହକୁ କେତେଦୂର ଭୋଟରେ ପରିଣତ କରିପାରିବ, ତାକୁ ନେଇ ଚର୍ଚ୍ଚା ହେଉଛି। ସମ୍ବଲପୁର ବିଧାୟକ ତଥା ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ନ ରହିବା ନେଇ ଦଳୀୟ ସ୍ତରରେ ଭିନ୍ନ ଆଲୋଚନା ହେଉଛି। ଜୟନାରାୟଣଙ୍କ ଅସୁସ୍ଥତା ଯୋଗୁଁ ସେ ସମ୍ବଲପୁର ଆସିପାରୁ ନ ଥିବାରୁ ହୁଏତ ସେ ଆଗାମୀ ସାଧାରଣ ନିର୍ବାଚନରେ ନିଜେ ପ୍ରାର୍ଥୀ ହୋଇ ନ ପାରନ୍ତି। ସମ୍ବଲପୁରରେ ଅଧିକାଂଶ ଭାଜପା କର୍ମୀ ଜୟନାରାୟଣଙ୍କ ସମର୍ଥକ ବୋଲି କୁହାଯାଉଛି। ଏବେ ଅନେକ ଯୁବ ଏବଂ ପ୍ରବୀଣ ନେତା ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଦଳରୁ ବିଧାନସଭା ପ୍ରାର୍ଥୀ ହେବା ନେଇ ଜୟନାରାୟଣଙ୍କ ବିନା ପରାମର୍ଶରେ ନିଷ୍ପତ୍ତି ହୋଇ ନ ପାରେ ବୋଲି କୁହାଯାଉଛି। ତାଙ୍କ ଝିଅ ଶୁଭଶ୍ରୀ ସମ୍ବଲପୁରରେ କିଛି ଦିନ ହେବ ଭାଜପାର ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି। ତେବେ ଶୁଭଶ୍ରୀଙ୍କୁ ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବିରୋଧ କରି ନିଜ ପଦରୁ ଇସ୍ତଫା ଦେବା ଭଳି ସ୍ଥିତି କିଛିଦିନ ପୂର୍ବରୁ ଘଟି ସାରିଛି। ଏହାପରେ ଶୁଭଶ୍ରୀଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ କର୍ମୀ କେତେଦୂର ଗ୍ରହଣ କରିବେ ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବର୍ତ୍ତମାନ ସମ୍ବଲପୁର ଭାଜପାର କର୍ମକର୍ତ୍ତାଙ୍କ କଥା ବିଚାର କଲେ ଦଳରେ ଜୟନାରାୟଣଙ୍କ ଏକ ବଡ଼ ସମର୍ଥକ ଗୋଷ୍ଠୀକୁ ଜିଲା ନେତୃବର୍ଗ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏନେଇ ଜୟନାରାୟଣଙ୍କୁ ସେମାନେ ଅବଗତ କରିଥିବା ବେଳେ ସେ ସମ୍ବଲପୁର ଫେରିଲେ ସମାଧାନ କରାଯିବ ବୋଲି କହିଆସୁଛନ୍ତି। ଜୟନାରାୟଣଙ୍କ ସମ୍ବଲପୁର ଫେରିବା ଡେରି ହେଉଥିବା ବେଳେ ସାଧାରଣ ନିର୍ବାଚନ କିନ୍ତୁ ପାଖେଇ ଆସୁଛି। ଏଭଳି ସ୍ଥିତିରେ ଜୟନାରାୟଣଙ୍କ ସମର୍ଥକ ଗୋଷ୍ଠୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଥମେ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିବା ବେଳେ ଏକାନ୍ତରେ ଆଲୋଚନା ପାଇଁ ସମୟ ଦେବାକୁ ଅନୁରୋଧ କରିଥିଲେ। ଏହାପରେ ରବିବାର ସନ୍ଧ୍ୟାରେ ଏକ ହୋଟେଲରେ ସମ୍ପୃକ୍ତ ଗୋଷ୍ଠୀ ଧର୍ମେନ୍ଦ୍ରଙ୍କୁ ଭେଟି ଦେଢ଼ଘଣ୍ଟାରୁ ଅଧିକ ସମୟ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏପରିକି ୩୦ରୁ ଅଧିକ ବରିଷ୍ଠ ଭାଜପା କର୍ମୀ ଜିଲା ଭାଜପାରେ କିଛି ଠିକ୍ ଚାଲି ନ ଥିବା ଏବଂ ସେମାନଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରାଯାଉ ନ ଥିବା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଖୋଲାଖୋଲି ଅଭିଯୋଗ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଭାଜପାର ପୂର୍ବତନ ଓ ବର୍ତ୍ତମାନର ପଦାଧିକାରୀ ରହିଥିବା ଆଲୋଚନା ହେଉଛି।

ଧର୍ମେନ୍ଦ୍ର ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ହେବା ଶୁଣାଯାଉଛି। ଦଳକୁ ଏବେଠୁ ନ ସଜାଡ଼ିଲେ ଆଗାମୀ ଦିନରେ କ୍ଷତି ହେବାର ଆଶଙ୍କା ଥିବାରୁ ସେ ମଧ୍ୟ ଗୁରୁତ୍ୱ ଦେଇ ସମସ୍ତଙ୍କ ଅଭିଯୋଗ ଶୁଣିଥିବା ବରିଷ୍ଠ ସଦସ୍ୟମାନେ କହିଛନ୍ତି। ସବୁ ଶୁଣିବା ପରେ ଏଣିକି ନିଜେ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟକର୍ତ୍ତା କିଭଳି ଦଳୀୟ କାର୍ଯ୍ୟକ୍ରମର ଖବର ପାଇବେ, ତାହା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳୁଛି। ଏନେଇ ରାଜ୍ୟ ସଭାପତିଙ୍କୁ ମଧ୍ୟ କିଛି ବରିଷ୍ଠ କର୍ମକର୍ତ୍ତା ଅଭିଯୋଗ କରିଥିବା ଜଣାପଡ଼ିଛି।

ଜୟନାରାୟଣଙ୍କ ଅବର୍ତ୍ତମାନରେ ସମସ୍ତଙ୍କୁ ଏକଜୁଟ କରିବାରେ ଜିଲା ଭାଜପାର ନେତୃବର୍ଗ ବିଫଳ ହୋଇଥିବା ଅନେକ ବରିଷ୍ଠ ନେତା ଖୋଲାଖୋଲି ଅଭିଯୋଗ କରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। କେନ୍ଦ୍ରମନ୍ତ୍ରୀ କିମ୍ବା ଭାଜପା ପଦାଧିକାରୀ ସମ୍ବଲପୁର ଗସ୍ତରେ ଆସିଲେ ସେମାନଙ୍କୁ ଖବର ସୁଦ୍ଧା ଦିଆଯାଉ ନ ଥିବା ନେଇ ଯୁଯୋମୁରା ଅଞ୍ଚଳର ଭାଜପାର ଜଣେ ପୁରୁଖା ନେତା ଅଭିଯୋଗ କରିଛନ୍ତି। ଏ ବାବଦରେ କେନ୍ଦ୍ରମନ୍ତ୍ରୀ ଅବଗତ ହେବା ପରେ ଏହାକୁ ସମାଧାନ କରି ଏକଜୁଟ ହୋଇ ଦଳ ପାଇଁ କାମ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିବା ଜଣାପଡ଼ିଛି।

# ଟେବୁଲ ଶୀର୍ଷରେ ଓଏଫ୍‌ସି

ଭୁବନେଶ୍ୱର, ୫।୨
(ସରୋଜ ଜେନା)

ଡିଏଗୋ ମରିସିଓଙ୍କ ଡବଲ୍‌ରେ ହାଇଦ୍ରାବାଦ ଏଫ୍‌ସିକୁ ୩-୦ ଗୋଲରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗଚିବାଓଲି ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୨୭, ୭୫) ଦୁଇଟି ଓ ରୟ କ୍ରିଷ୍ଣା(୪୫+୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ସହ କ୍ରମାଗତ ଦଶମ ମ୍ୟାଚରେ ଅପରାଜେୟ ରହିଛି ଓଏଫ୍‌ସି। ପ୍ରଥମ ହାଫ୍‌ରେ ଏକାଧିକ ସ୍କୋରିଂ ସୁଯୋଗ ମିଳିଥିଲେ ହେଁ ୨୭ ତମ ମିନିଟରେ ଡିଏଗୋ ମରିସିଓ ପ୍ରଥମ ଗୋଲ ଦେଇଥିଲେ। ହାଇଦ୍ରାବାଦ ଡିଫେଣ୍ଡରଙ୍କ ସାମାନ୍ୟ ତ୍ରୁଟିରୁ ଫାଇଦା ଉଠାଇ ମରିସିଓ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ରୟ କ୍ରିଷ୍ଣା ଓଏଫ୍‌ସି ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। ଆଇଜାକ୍ ରାଲଟେ ଓ ଡିଏଗୋ ମରିସିଓ ମିଳିତ ଭାବେ ହାଇଦ୍ରାବାଦ ଡିଫେନ୍ସକୁ ଭେଦ କରିଥିଲେ। ତେବେ ରାଲ୍‌ଟେଙ୍କ ଶଟ୍ ବ୍ଲକ ହେବା ପରେ ସେ ରୟ କ୍ରିଷ୍ଣାଙ୍କୁ ପାଶ୍ କରିଥିଲେ। ଏହାକୁ ଗୋଲରେ




ଗୋଲ ଦେବାପରେ ଡିଏଗୋ ମରିସିଓ ଓ ରୟ କ୍ରିଷ୍ଣାଙ୍କ ପ୍ରତିକ୍ରିୟା।

**ଇଣ୍ଡିଆନ୍ ସୁପର୍ ଲିଗ୍**
**ମରିସିଓଙ୍କ ଡବଲ୍ ଗୋଲ୍**

ପରିଣତ କରି ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ ରୟ କ୍ରିଷ୍ଣା।

ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ ପକ୍ଷରୁ ଗୋଲ ପରିଶୋଧ ପାଇଁ ଭରପୂର ପ୍ରୟାସ କରାଯାଇଥିଲା। ୭୦ ତମ ମିନିଟରେ ବିପଜ୍ଜନକ ଖେଳ ପାଇଁ ଏଲ୍ ବିଗ୍ନେସଙ୍କୁ ୟେଲୋ କାର୍ଡ ମିଳିଥିଲା। ୭୫ ତମ ମିନିଟରେ ମରିସିଓ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରିନ୍ସଟନ ରେବେଲୋଙ୍କ ପାଶ୍‌କୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ହାଇଦ୍ରାବାଦ ଗୋଲ କିପରଙ୍କୁ ପରାସ୍ତ କରିଥିଲେ ମରିସିଓ। ଏହି ବିଜୟ ସହ ୧୪ ମ୍ୟାଚରୁ ନବମ ବିଜୟ ସହ ୩୦ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷକୁ ଉଠିଛି ଓଡ଼ିଶା।

## ଗୋଲ୍ଡେନ୍ ବୁଟ୍ ଦୌଡରେ ଆଗୁଆ ରୟ କ୍ରିଷ୍ଣା

ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ସ୍କୋର କରିବା ସହ ଗୋଲ୍ଡେନ ବୁଟ୍ ଦୌଡରେ ନିଜ ଦାବିଦାରୀକୁ ଦୃଢ଼ କରିଛନ୍ତି ରୟ କ୍ରିଷ୍ଣା। ଚଳିତ ସିଜନରେ ୧୩ ତମ ମ୍ୟାଚ୍‌ରେ ସେ ୧୦ମ ଗୋଲ ସ୍କୋର କରିଛନ୍ତି। ଏହା ସହ ସର୍ବାଧିକ ଗୋଲ ସ୍କୋରରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ଚଳିତ ସିଜନର ପ୍ରଥମ ଖେଳାଳି ଭାବରେ ଗୋଲ ସଂଖ୍ୟାକୁ ୨ ଅଙ୍କରେ ପହଞ୍ଚାଇଛନ୍ତି ରୟ କ୍ରିଷ୍ଣା। କେରଳ ବ୍ଲାଷ୍ଟର୍ସର ଡିମିତ୍ରୋସ ଡିଆମାଣ୍ଟାକୋସ ୮ଟି ଓ ମୁମ୍ବାଇ ସିଟି ଏଫ୍‌ସିର ଜର୍ଜ ପେରେରା ଡିଆଜ ୬ଟି ଲେଖାଏ ଗୋଲ ଦେଇଛନ୍ତି। ଅନ୍ୟତମ ଓଏଫ୍‌ସି ଖେଳାଳି ଡିଏଗୋ ମରିସିଓ ୬ ଗୋଲ ସହ ତୃତୀୟ ସ୍ଥାନରେ ରହିଛନ୍ତି।

## ପୁରୁଷ ପ୍ରୋ ଲିଗ୍ ହକି କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ୧୦/୨/୨୪ | ଆୟର୍ଲାଣ୍ଡ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୦/୨/୨୪ | ଭାରତ ବନାମ ସ୍ପେନ୍ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୧/୨/୨୪ | ସ୍ପେନ୍ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୧/୨/୨୪ | ଭାରତ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୩/୨/୨୪ | ଆୟର୍ଲାଣ୍ଡ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୩/୨/୨୪ | ସ୍ପେନ୍ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୫/୨/୨୪ | ସ୍ପେନ୍ ବନାମ ଆୟର୍ଲାଣ୍ଡ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୫/୨/୨୪ | ଭାରତ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୬/୨/୨୪ | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୬/୨/୨୪ | ଆୟର୍ଲାଣ୍ଡ ବନାମ ଭାରତ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୯/୨/୨୪ | ଆୟର୍ଲାଣ୍ଡ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୧୯/୨/୨୪ | ଭାରତ ବନାମ ସ୍ପେନ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୧/୨/୨୪ | ସ୍ପେନ୍ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୧/୨/୨୪ | ଭାରତ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୨/୨/୨୪ | ଆୟର୍ଲାଣ୍ଡ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୨/୨/୨୪ | ସ୍ପେନ୍ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୪/୨/୨୪ | ଆୟର୍ଲାଣ୍ଡ ବନାମ ସ୍ପେନ୍ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୪/୨/୨୪ | ଭାରତ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୫/୨/୨୪ | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୫/୨/୨୪ | ଭାରତ ବନାମ ଆୟର୍ଲାଣ୍ଡ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୨/୫/୨୪ | ଭାରତ ବନାମ ଆର୍ଜେଣ୍ଟିନା | ସନ୍ଧ୍ୟା ୬.୦୦ | ଆଣ୍ଟୱେର୍ପ |
| ୨୩/୫/୨୪ | ଭାରତ ବନାମ ବେଲଜିୟମ | ରାତି ୧୨.୩୧ | ଆଣ୍ଟୱେର୍ପ |
| ୨୫/୫/୨୪ | ବେଲଜିୟମ ବନାମ ଭାରତ | ସନ୍ଧ୍ୟା ୭.୪୫ | ଆଣ୍ଟୱେର୍ପ |
| ୨୬/୫/୨୪ | ଆର୍ଜେଣ୍ଟିନା ବନାମ ଭାରତ | ରାତି ୧୦.୦୦ | ଆଣ୍ଟୱେର୍ପ |
| ୧/୬/୨୪ | ଜର୍ମାନୀ ବନାମ ଭାରତ | ଅପରାହ୍ନ ୨.୩୦ | ଲଣ୍ଡନ |
| ୨/୬/୨୪ | ଗ୍ରେଟ୍ ବ୍ରିଟେନ୍ ବନାମ ଭାରତ | ଅପରାହ୍ନ ୪.୪୫ | ଲଣ୍ଡନ |
| ୧/୬/୨୪ | ଜର୍ମାନୀ ବନାମ ଭାରତ | ରାତି ୯.୪୫ | ଲଣ୍ଡନ |
| ୧/୬/୨୪ | ଗ୍ରେଟ୍ ବ୍ରିଟେନ୍ ବନାମ ଭାରତ | ସନ୍ଧ୍ୟା ୭.୦୦ | ଲଣ୍ଡନ |

**୧୯ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍**

## ନେପାଳକୁ ଭେଟିବ ଭାରତ

**ଢାକା, ୫।୨ (ପି.ଟି.):** ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ୦-୧ରେ ବାଂଲାଦେଶଠାରୁ ହାରିଯାଇଛି। ଭାରତ ଆୟୋଜକ ଦଳ ବିପକ୍ଷରେ ଦୃଢ଼ ପ୍ରଦର୍ଶନ କରିଥିଲା। ମ୍ୟାଚ ଡ୍ର ଆଡକୁ ମୁହାଁଇଥିବା ବେଳେ ଇଞ୍ଜୁରୀ ଟାଇମ୍‌ରେ ଗୋଟିଏ ଗୋଲ ବରଣ କରି ପରାଜିତ ହୋଇଥିଲା। ଦଳ ମଙ୍ଗଳବାର ଏହାର ପରବର୍ତ୍ତୀ ଗେମ୍ ନେପାଳ ବିପକ୍ଷରେ ଖେଳିବ। ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣରେ ନେପାଳ ବିପକ୍ଷରେ ଭାରତ ଏକ ମାତ୍ର ଗୋଲ୍‌ରେ ବିଜୟ ହାସଲ କରି ଫାଇନାଲରେ ବାଂଲାଦେଶକୁ ଭେଟିଥିଲା। ଏଠାରେ ଦଳ ପାଇଁ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ନେପାଳ ବିପକ୍ଷ ମ୍ୟାଚ ଡ୍ର କିମ୍ବା ବିଜୟ ହାସଲ କରିବାକୁ ପଡ଼ିବ।

## ସତୀଶ-ଆଦ୍ୟାଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**ନୂଆଦିଲ୍ଲୀ, ୫।୨ (ପି.ଟି.):** ଭାରତର ସତୀଶ କୁମାର କରୁଣାକରନ ଏବଂ ଆଦ୍ୟା ଭାରିୟାଥ୍ ଇରାନର ୟାଦ୍‌ଠାରେ ଅନୁଷ୍ଠିତ ୩୨ତମ ଫଜର ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ସତୀଶ ଓ ଆଦ୍ୟା ଫାଇନାଲରେ ସୁମିତ ଓ ସିକ୍କିଙ୍କୁ ୨୨-୨୦, ୨୧-୧୪ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ କେ. ସାଇ ପ୍ରଣିଥ୍ ଓ କ୍ରିଷ୍ଣା ପ୍ରସାଦ ଗାରେଜ ମେକ୍ସିକୋ ଯୋଡ଼ି ଜବ୍ କାଷ୍ଟିଲୋ ଓ ଲୁଇସ୍ ଆର୍ମାଣ୍ଡୋ ମଣ୍ଟୋୟାଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରି ପୁରୁଷ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସତୀଶ ୧୭-୨୧, ୧୮-୨୧ରେ ହଂକଂର ଏନ୍‌ଗୁୟେନ ହାଇ ଡାଙ୍ଗ୍‌ଙ୍କଠାରୁ ହାରିଯାଇଥିବା ବେଳେ ମହିଳା ସିଙ୍ଗଲ୍ସରେ ଚତୁର୍ଥ ସିଡ୍ ତସ୍ନିନ ମୀର୍ ୧୪-୨୧, ୧୨-୨୧ରେ ହଂକଂର ସିନ୍ ୟାନ୍ ହାପି ଲୋ'ଙ୍କଠାରୁ ପରାଜିତ ହୋଇଛନ୍ତି। ସୂଚନାଯୋଗ୍ୟ, ସତୀଶ ଗତବର୍ଷ ଡିସେମ୍ବରରେ ଓଡ଼ିଶା ଓପନରେ ତାଙ୍କ ପ୍ରଥମ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ଟାଇଟଲ ଜିତିଥିଲେ।

## ୪୩୧ ରନ୍ ପଛରେ ଦକ୍ଷିଣ ଆଫ୍ରିକା

**ରାଚିନ୍ ରବୀନ୍ଦ୍ରଙ୍କ ଦ୍ୱିଶତକ**

**ମାଉଣ୍ଟ ମାଉଙ୍ଗାଉନି, ୫।୨(ପି.ଟି.)** ରାଚିନ୍ ରବୀନ୍ଦ୍ରଙ୍କ ପ୍ରଥମ ଟେଷ୍ଟ ଦ୍ୱିଶତକ ବଳରେ ପ୍ରଥମ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ନ୍ୟୁଜିଲାଣ୍ଡ। ରବୀନ୍ଦ୍ରଙ୍କ ୨୪୦ ରନ୍ ବଳରେ ଘରୋଇ ଦଳ ପ୍ରଥମ ଇନିଂସରେ ୫୧୧ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ଉଇକେଟ ହରାଇ ୮୦ ରନ୍ କରି ୪୩୧ ରନ୍ ପଛରେ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୮/୨ରୁ ଖେଳ ଆରମ୍ଭ କରିଥିଲା ନ୍ୟୁଜିଲାଣ୍ଡ। ଦଳୀୟ ସ୍କୋର ୨୭୧ରେ କେନ୍ ୱିଲିୟମସନ୍ ୧୧୮ ରନ୍ କରି ଆଉଟ ହୋଇଥିଲେ। ତେବେ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ରାଚିନ୍ ରବୀନ୍ଦ୍ର କିନ୍ତୁ ଦ୍ୱିଶତକ ହାସଲ କରିଥିଲେ। ୩୬୬ ବଲ୍ ଖେଳି ୨୬ ଚୌକା ଓ ୩ ଛକା ମାରିବା ସହ ୨୪୦ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡାରିଲ୍ ମିଚେଲ୍ ୩୪ ଓ ଗ୍ଲେନ୍ ଫିଲିପ୍ସ ୩୯ ରନ୍‌ର ଇନିଂସ ଖେଳିଥିଲେ। ଶେଷ ଆଡକୁ ମ୍ୟାଟ୍ ହେନ୍‌ରୀ ଦ୍ରୁତ ୨୭ ରନ୍ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଅଧିନାୟକ ନୀଲ ବ୍ରାଣ୍ଡ ୬ ଉଇକେଟ ନେଇଥିବା ବେଳେ ରୁଆନ୍ ଡେ ସ୍ୱାର୍ଟ ୨, ଡେନ୍ ପାଟରସନ୍ ଓ ଶେପୋ ମୋରେକି ୧ ଉଇକେଟ ଲେଖାଏ ନେଇଥିଲେ।

ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ଦକ୍ଷିଣ ଆଫ୍ରିକାକୁ ୪ ଉଇକେଟ ହରାଇ ୮୦ ରନ୍ ସ୍କୋର କରିଛି। ଏଡ୍‌ୱାର୍ଡ ମୁର(୨୩) ଓ ନୀଲ ବ୍ରାଣ୍ଡ (୪) ପ୍ରଥମ ଉଇକେଟରେ ୨୬ ରନ୍ ଯୋଡିଥିଲେ। ତେବେ କାଇଲ୍ ଜେମିସନ୍ ୨ ଉଇକେଟ ନେଇ ଦକ୍ଷିଣ ଆଫ୍ରିକାକୁ ବ୍ୟାକଫୁଟ୍‌ରେ ରଖିଥିଲେ। ୩୦ ରନ୍‌ରେ ୩ ଉଇକେଟ ପଡିବା ପରେ ଜୁବେର ହମଜା(୨୨) ଓ ଡେଭିଡ୍ ବେଡିଙ୍ଗହାମ(୨୯*) ଚତୁର୍ଥ ଉଇକେଟରେ ୪୪ ରନ୍ ଯୋଡିଥିଲେ। ଦିନର ଶେଷ ଆଡକୁ ହମଜାଙ୍କୁ ଆଉଟ କରି ଚତୁର୍ଥ ସଫଳତା ପ୍ରଦାନ କରିଥିଲେ ମିଚେଲ୍ ସାଣ୍ଟନର। କାଇଲ ଜେମିସନ ୨ ଉଇକେଟ ନେଇଥିବା ବେଳେ ମ୍ୟାଟ ହେନରୀ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୧୪୪ ଓଭରରେ ୫୧୧/୧୦( ରାଚିନ୍ ରବୀନ୍ଦ୍ର-୨୪୦, କେନ୍ ୱିଲିୟମସନ୍-୧୧୮, ଗ୍ଲେନ୍ ଫିଲିପ୍ସ-୩୯, ନୀଲ ବ୍ରାଣ୍ଡ-୬/୧୧୯, ରୁଆନ୍ ଡେ ସ୍ୱାର୍ଟ-୨/୬୧ ଡେନ୍ ପ୍ୟାଟରସନ୍-୧/୯୮)।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୨୮ ଓଭରରେ ୮୦/୪(ଡେଭିଡ୍ ବେଡିଙ୍ଗହାମ-୨୯*, ଏଡୱାର୍ଡ ମୁର୍-୨୩, ଜୁବେର ହମଜା-୨୨, କାଇଲ ଜେମିସନ୍-୨/୨୧, ମିଚେଲ୍ ସାଣ୍ଟନର-୧/୧୩, ମ୍ୟାଟ ହେନ୍‌ରୀ-୧/୧୫)।

## ଜାଭେଲିନ୍ ଥ୍ରୋୟର ନଦିମଙ୍କ ଅସ୍ତ୍ରୋପଚାର ହେବ

**କରାଚୀ, ୫।୨ (ପି.ଟି.):** ପାକିସ୍ତାନର ଟପ୍ ଜାଭେଲିନ୍ ଥ୍ରୋୟର ଅର୍ଶାଦ ନଦିମଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହେବ। ଏଥିପାଇଁ ସେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଗସ୍ତ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ବେଳକୁ ସେ ଠିକ୍ ହୋଇଯାଇଥିବେ ବୋଲି ଆଶା କରୁଛନ୍ତି। ନଦିମ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଆଣ୍ଠୁରେ ସମସ୍ୟା ଯୋଗୁ ସେ ଗତବର୍ଷ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରୁ ଓହରିଯାଇଥିଲେ। ପାକିସ୍ତାନର ଏହି ୨୭ ବର୍ଷୀୟ ଆଥ୍‌ଲେଟ ୨୦୨୨ରେ ବର୍ମିଂହାମଠାରେ ୯୦.୧୮ ମିଟର ଥ୍ରୋ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଥିଲେ। ଗତବର୍ଷ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ନୀରଜ ଚୋପ୍ରାଙ୍କ ପଛରେ ରହି ଏକ ରୌପ୍ୟ ପଦକ ଜିତିଥିଲେ।

## ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୫।୨
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୮ସ୍ଥିତ ମହର୍ଷୀ ବିଦ୍ୟାମନ୍ଦିର ପରିସରରେ ୬ଷ୍ଠ ବନ ବିହାରୀ ପଟ୍ଟନାୟକ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆଦିତ୍ୟ ପ୍ରସାଦ ଦାଶ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଭବ ବେହେରା, ସାଇ ସ୍ୱାଗତ ପରିଜା, ତପୋତନ୍ମୟ ନାୟକ, ଅଂଶୁମାନ ଦାଶ, ଆୟୁଷ୍ମାନ ବେହେରା, ଅନିଶ ଅକୁଲ ପ୍ରଧାନ, ପୀୟୂଷ ଜେନା, ନୟୋନିକା ଦାସ ଓ ଶ୍ରୀୟଂଶ ମହାପାତ୍ର ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ପାଇଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ସମେତ ୮ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମହର୍ଷୀ ବିଦ୍ୟାମନ୍ଦିରର ପ୍ରିନ୍ସିପାଲ ଅନୁସୂୟା କର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ବନ ବିହାରୀ ପଟ୍ଟନାୟକଙ୍କ ପୁତ୍ର ଆନନ୍ଦ ଶଙ୍କର ପଟ୍ଟନାୟକ, ଝିଅ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଘେଶ୍ୱର ୱାରିୟର୍ସ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୫।୨
(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ବିଏମ ହାଇସ୍କୁଲ ପଡିଆରେ କପାଳି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ପ୍ରତିଯୋଗିତାର ଫାଇନାଲ ସୋମବାର ବାଘେଶ୍ୱର ୱାରିୟର୍ସ ଓ ତିନିମୁଣ୍ଡିଆ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଘେଶ୍ୱର୍ ୱାରୀୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭର୍‌ରେ ୧୭୮ ରନ୍ କରିଥିଲା। ଜବାବ ରେ ଗତ ୩ ଥର ଚାମ୍ପିୟନ ତିନିମୁଣ୍ଡିଆ ଟାଇଗର୍ସ ୧୦ ଓଭର ରେ ମାତ୍ର ୧୧୯ ରନ୍ କରିପାରିଥିଲା। ଫାଇନାଲ ରେ ବିକି ବଟୁ ୧୭ ବଲ୍ ରେ ୫୪ ରନ୍ କରି ମ୍ୟାନ ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ। ନିକୁଲ ମହାପାତ୍ର ଟୁର୍ନାମେଣ୍ଟରେ ସର୍ବାଧିକ ୧୭୫ ରନ୍ କରି ଶ୍ରେଷ୍ଠ ବ୍ୟାଟର ଓ ରାଜା ଗରାବଡୁ ସର୍ବାଧିକ ୬ ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଆଲରାଉଣ୍ଡ ପ୍ରଦର୍ଶନ ପାଇଁ ଆଶୁ ମହାପାତ୍ର ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ଶିବପ୍ରସାଦ ବେହେରା, ୱାର୍ଡ ବିଜେଡି ସଭାପତି ଦାଶରଥି ଗରାବଡୁ, ସମାଜସେବୀ ହିମାଦ୍ରି ଶେଖର ମହାପାତ୍ର, ଯୁବ ନେତା ସ୍ୱାଗତ ମହାପାତ୍ର, ବବୁଲୁ ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ବାଘେଶ୍ୱର ୱାରିୟର୍ସ ଦଳର ଖେଳାଳିମାନେ ଟ୍ରଫି ସହ।

## ରେଲୱେ, ଓଡ଼ିଶା ପୋଲିସ ଚାମ୍ପିୟନ

**ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଉଦ୍‌ଯାପିତ**

କଟକ, (କାର୍ତ୍ତିକ ସାହୁ),
ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)

ଓଡ଼ିଶା କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ୭୧ତମ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଓ ପୁରୁଷରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଛି। ମହିଳା ବିଭାଗ ଫାଇନାଲରେ ରେଲୱେ ଦଳ ୨୮-୧୩ ପଏଣ୍ଟରେ ଓଡ଼ିଶା ପୋଲିସକୁ ପରାସ୍ତ କରିଥିଲା। ଢେଙ୍କାନାଳ ତୃତୀୟ ଓ ଖୋର୍ଦ୍ଧା ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ସେହିପରି ପୁରୁଷ ବିଭାଗ ଫାଇନାଲରେ ଓଡ଼ିଶା ପୋଲିସ ୩୨-୨୭ ପଏଣ୍ଟ ବ୍ୟବଧାନରେ ଢେଙ୍କାନାଳକୁ ହରାଇ ଦେଇଥିଲା। ନୂଆପଡ଼ା ତୃତୀୟ ଓ କଟକ ଚତୁର୍ଥ ହୋଇଥିଲା। ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେର ନିତୁ ଦେବୀ ଶ୍ରେଷ୍ଠ କ୍ୟାଚର ଓ ଓଡ଼ିଶା ପୋଲିସର ରଶ୍ମିତା ସାହୁ ଶ୍ରେଷ୍ଠ ରେଡର ବିବେଚିତ ହୋଇଥିଲେ। ନିତୁ ଦେବୀ ପ୍ଲେୟର ଅଫ୍ ଦି ଚାମ୍ପିୟନଶିପ୍ ବିବେଚିତ ହୋଇଥିଲେ। ପୁରୁଷ ବିଭାଗରେ ଓଡ଼ିଶା ପୋଲିସର ପ୍ରକାଶ ସାହୁ ଶ୍ରେଷ୍ଠ କ୍ୟାଚର, ଢେଙ୍କାନାଳର ଭୂପେନ୍ଦ୍ର ରାଉତ ଶ୍ରେଷ୍ଠ ରେଡର ଓ ଓଡ଼ିଶା ପୋଲିସର ମନୀନ୍ଦ୍ର ନାୟକ ପ୍ଲେୟର ଅଫ୍ ଦି ଚାମ୍ପିୟନଶିପ୍ ପୁରସ୍କାର ପାଇଥିଲେ।

ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସଭାପତି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନିରାମୟର ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଭାରତୀୟ ମହାବୁଦ୍ଧି ସୋସାଇଟିର ଟ୍ରଷ୍ଟି ସୌରେନ୍ଦ୍ର କୁମାର ମହାପାତ୍ର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ଶାଖା ପ୍ରବନ୍ଧକ ରମେଶ ନନ୍ଦ, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ ଜୟଶ୍ରୀ ସ୍ୱାଇଁ, ଓଡ଼ିଶା କବାଡ଼ି ଆସୋସିଏଶନ ସମ୍ପାଦକ ଅଜୟ ବେହେରା, ରାମଚନ୍ଦ୍ର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରୁଚିର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡ଼ାବିତ୍ ମହମ୍ମଦ ସହିଦ ଜବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କଟକ ଜିଲା ଆଥଲେଟିକ ଆସୋସିଏଶନ୍ ଓ ବାରବାଟୀ କବାଡ଼ି କ୍ଲବ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲା ଓ ବିଭିନ୍ନ ଅଫିସିଆଲ କ୍ରୀଡ଼ା ସଂଘ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ୧୦୦୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ।






ପୁରୁଷ ବିଭାଗରେ ଚାମ୍ପିୟନ ଓଡ଼ିଶା ପୋଲିସ ଓ ମହିଳା ବର୍ଗ ଚାମ୍ପିୟନ ଇଷ୍ଟକୋଷ୍ଟ ରେଲ୍‌ୱେ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ରାଜ୍ୟସ୍ତରୀୟ ପାରା ଭଲିବଲ୍ ଓ ସନ୍ତରଣ

ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)

ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ୟୁନିଟ-୮ ଇନ୍‌ଡୋର ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ପାରା ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୯ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ଟ୍ରାଏଲ ସଦୃଶ ହେବ। କାରଣ ଏଥିରୁ ଆଗାମୀ ଜାତୀୟ ପୁରୁଷ ଓ ମହିଳା ସିଟିଂ ଭଲିବଲ ଚାମ୍ପିୟନଶିପ ପାଇଁ ଖେଳାଳି ମନୋନୟନ ହେବ। ଏହି ଜାତୀୟ ପ୍ରତିଯୋଗିତା ରାଜସ୍ଥାନ ଜୟପୁରର ଏନ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେବଳ ହାତ ଓ ଗୋଡ଼ରେ ଭିନ୍ନକ୍ଷମତା ଥିବା ଖେଳାଳି ଭାଗ ନେଇପାରିବେ। ଅଧିକ ବିବରଣୀ ପାଇଁ ପାରା ଭଲିବଲ ଅଧ୍ୟକ୍ଷ ବଙ୍କିମ ଚନ୍ଦ୍ର ମହାନ୍ତିଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

ସେହିପରି ଚଳିତ ମାସ ୧୨-୧୩ ତାରିଖରେ ରାଜ୍ୟ ସ୍ତରୀୟ ପାରା ସନ୍ତରଣ ଚାମ୍ପିୟନଶିପ ୨୦୨୪ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଥିବା ବିଜୁ ପଟ୍ଟନାୟକ ସୁଇମିଂ ପୁଲରେ ଅନୁଷ୍ଠିତ ହେବ। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ସନ୍ତରଣ ସଂଘ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଜ୍ୟୋତିଲିସା ପରିବାରବର୍ଗ


ପ୍ରଭାସିନୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଆଜି ଓଡ଼ିଶାରେ...

ରାହୁଲ ଓଡ଼ିଶା-ଝାଡ଼ଖଣ୍ଡ ସୀମା ବାସଜୋଲଠାରୁ ୪୨ କି.ମି. ଦୂର ଅତିକ୍ରମ କରି ଓଡ଼ିଶାର ବୀରମିତ୍ରପୁରଠାରେ ମଙ୍ଗଳବାର ପହଞ୍ଚିବେ। ସେଠାରେ ପିସିସି ଓ ଜିଲା କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବ। ସେଠାରୁ ୧୧ କି.ମି. ଯାତ୍ରା କରି ରାହୁଲ ରାମପାଲର ବିଜାବାହାଲଠାରେ ରାତ୍ରଯାପନ କରିବେ। ସେଠାରେ ରାତ୍ର ରହଣି ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ହୋଇଛି।

### ଜନ୍ମଦିନ ଶୁଭେଚ୍ଛା



**ପ୍ରଭାସିନୀ ଦାଶ**
ଖୋଡ଼ାସିଙ୍ଗ, ବ୍ରହ୍ମପୁର
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବୋଉ ଦୀର୍ଘାୟୁ, ନୀରୋଗ ଏବଂ ସୁସର୍ବଦା ଖୁସୀ ରହୁ। Thank you for being such a loving Mother, Maa, Aai. You're the best! Happy Birthday Bou :-Yours loving family – Mamali, Kanha, Shobhit, Sradha, Chandan, Shree, Guchi and our Dash family.
ଧ-୨୪୩୭

ବୁଧବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ୮ଟା ୪୫ରେ ଆରମ୍ଭ ହେବ। ସକାଳ ୯ଟା ୩୦ରେ ରାଉରକେଲାର ଉଦିତ୍‌ନଗର (ଏସ୍‌ପି ଅଫିସ) ଠାରୁ ଯାତ୍ରା ଆରମ୍ଭ ହୋଇ ସାଢ଼େ ୩ କି.ମି. ଦୂର ପାନପୋଷ ଛକଠାରେ ସକାଳ ୧୦ଟାରେ ରାହୁଲ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ୨୫ କି.ମି. ଦୂର ରାଣୀବନ୍ଧ ନିକଟ ବିର୍ସା ମୁଣ୍ଡା ପଡ଼ିଆଠାରେ ପହଞ୍ଚି ମଧ୍ୟାହ୍ନଭୋଜନ କରିବେ। ଅପରାହ୍ନ ୨ଟାରେ ରାଣୀବନ୍ଧଠାରୁ ପୁଣି ଯାତ୍ରା ଆରମ୍ଭ ହେବ। ସେଠାରୁ ୧୪ କି.ମି. ଦୂର କୁତ୍ରାଠାରେ ରାହୁଲ ଉଦ୍‌ବୋଧନ ଦେବେ। ସେଠାରୁ ୩୨ କି.ମି. ଦୂର ବାରଗାଁଠାରେ ମଧ୍ୟ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ୬୦ କି.ମି. ଦୂର ସୁନ୍ଦରଗଡ଼ ବସଷ୍ଟାଣ୍ଡ ଛକରେ ଅପରାହ୍ନ ୪ଟା ୩୦ରେ ପଦଯାତ୍ରା ପହଞ୍ଚିବ। ଷ୍ଟାଡିୟମ ଛକ ଓ ସୁନ୍ଦରଗଡ଼ ଏସ୍‌ବିଆଇ ଛକ ହୋଇ ପଦଯାତ୍ରା ଚାଲିବ। ସେଠାରୁ ୨୬ କି.ମି.ଦୂର ଝାରସୁଗୁଡ଼ା ଆମଲିପାଲିଠାରେ ରାହୁଲ ରାତ୍ର ରହଣି କରିବେ। ଗୁରୁବାର ସକାଳ ୮ଟାରୁ ଝାରସୁଗୁଡ଼ାର ମହାତ୍ମା ଗାନ୍ଧୀ ଛକ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଯାତ୍ରା ଆରମ୍ଭ ହେବ। ଝାରସୁଗୁଡ଼ା ଟାଉନ ବେହେରାମାଳ କିଷାନ ଛକ ହୋଇ ମଧ୍ୟାହ୍ନ ୧୨ଟାରେ ୪୫ କି.ମି. ଦୂର ଗୋବିନ୍ଦପୁର ନିକଟ ମଧୁବନ ଢାବା ନିକଟରେ ଯାତ୍ରା ପହଞ୍ଚିବ। ସେଠାରୁ ୭ କି.ମି. ଦୂର କୁରେଇମାଳଠାରେ ରାହୁଲ ମଧ୍ୟାହ୍ନଭୋଜନ କରିବେ। ପୁଣି ଅପରାହ୍ନ ୨ଟାରେ ପଦଯାତ୍ରା ଆରମ୍ଭ ହୋଇ ୧୮କି.ମି. ଦୂର ଝାରସୁଗୁଡ଼ାର କନକତୋରାଠାରେ ପହଞ୍ଚିବ। ଅପରାହ୍ନ ୩ଟା ୪୫ରେ ଓଡ଼ିଶା-ଛତିଶଗଡ଼ ସୀମା ରେଙ୍ଗାଲପାଲି, ରାଇଘରଠାରେ ଯାତ୍ରା ପହଞ୍ଚିବା ପରେ ଛତିଶଗଡ଼ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ପତାକା ହସ୍ତାନ୍ତର କରାଯିବ ବୋଲି ଶରତ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ସରକାରୀ ନିଯୁକ୍ତି...

ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସହାୟତା କରିବା ଏବଂ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଗୋଷ୍ଠୀ ଅଥବା ଅନୁଷ୍ଠାନ ଦ୍ୱାରା କମ୍ପ୍ୟୁଟର ନେଟ୍‌ୱର୍କ କିମ୍ବା କମ୍ପ୍ୟୁଟର ରିସୋର୍ସ ବା କମ୍ପ୍ୟୁଟର ସିଷ୍ଟମରେ ଜାଲିଆତି ରୋକିବା ପାଇଁ ଏହି ବିଲ୍ ଉଦ୍ଦିଷ୍ଟ। ସେହିପରି ଟଙ୍କା ପାଇଁ କିମ୍ବା ଠକେଇ ଲାଗି ଜାଲ୍ ୱେବ୍‌ସାଇଟ ପ୍ରସ୍ତୁତ କରିବା, ଜାଲ୍ ପରୀକ୍ଷା ପରିଚାଳନା, ଠକିବା ବା ଟଙ୍କା ପାଇବା ପାଇଁ ଜାଲ୍ ଆଡମିଟ୍ କାର୍ଡ ଅଥବା ଅଫର ଲେଟର ଇସ୍ୟୁ କରିବା, ପରୀକ୍ଷା ହଲ୍‌ରେ ସିଟ୍ ବ୍ୟବସ୍ଥାରେ ଜାଲିଆତି, ପରୀକ୍ଷାରେ ବେଆଇନ କାର୍ଯ୍ୟ କରିବା ଲାଗି ସୁବିଧା ଦେବାକୁ ପ୍ରାର୍ଥୀଙ୍କୁ ତାରିଖ ଓ ସିଫ୍ଟ ସମ୍ପର୍କରେ ଜଣାଇବା ମଧ୍ୟ ପ୍ରସ୍ତାବିତ ଆଇନରେ ଦଣ୍ଡନୀୟ ଅପରାଧ।

ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୩ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଯାଏ ଜରିମାନା କରାଯିବ। ପରୀକ୍ଷା ପରିଚାଳନାରେ ନିୟୋଜିତ ସେବା ପ୍ରଦାନକାରୀ ସଂସ୍ଥା ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବା ସହ ପରୀକ୍ଷା ଖର୍ଚ୍ଚ ଆଦାୟ କରାଯିବ। ଉକ୍ତ ସେବା ପ୍ରଦାନକାରୀ ସଂସ୍ଥାକୁ ୪ ବର୍ଷ ପର୍ଯ୍ୟନ୍ତ କୌଣସି ପରୀକ୍ଷା ପରିଚାଳନା ପାଇଁ ଅନୁମତି ମିଳିବ ନାହିଁ। ବିଲ୍‌ରେ ସେବା ପ୍ରଦାନକାରୀ ଅର୍ଥ କୌଣସି ସଂସ୍ଥା, ସଂଗଠନ, ଅନୁଷ୍ଠାନ, ବ୍ୟବସାୟିକ ସଂସ୍ଥା, କମ୍ପାନୀ, ସହଭାଗୀ ସଂସ୍ଥା କିମ୍ବା ଏକକ ମାଲିକାନାରେ ଥିବା ସଂସ୍ଥା, ସବ୍‌କଣ୍ଟ୍ରାକ୍ଟର, କମ୍ପ୍ୟୁଟର ରିସୋର୍ସ ବା କୌଣସି ଉପକରଣରେ ସହାୟତା ପ୍ରଦାନକାରୀ ଆଦି ଅନ୍ତର୍ଭୁକ୍ତ, ଯେଉଁମାନେ ସରକାରୀ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରୀକ୍ଷା ପରିଚାଳନାରେ ନିୟୋଜିତ ହୋଇଥିବେ। ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ସଂଗଠିତ ଗ୍ୟାଙ୍ଗ୍, ମାଫିଆ ତତ୍ତ୍ୱଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। ସେମାନଙ୍କ ସହ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଥିଲେ ସେମାନଙ୍କୁ ମଧ୍ୟ ଛଡ଼ାଯିବ ନାହିଁ। ବିଶ୍ୱାସଯୋଗ୍ୟ ହୋଇ ନ ଥିବା କିମ୍ବା ସରକାରୀ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି, ଯିଏକି ପ୍ରାର୍ଥୀ ହୋଇ ନ ଥିବେ, ସେମାନଙ୍କୁ ପରୀକ୍ଷା କେନ୍ଦ୍ର ମଧ୍ୟକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ସରକାରୀ ପରୀକ୍ଷାରେ ବେଆଇନ କାର୍ଯ୍ୟକଳାପ ଯୋଗୁ ତାହା ବାତିଲ ଏବଂ ବିଳମ୍ବିତ ହେବା ସହ ଲକ୍ଷ ଲକ୍ଷ ଯୁବତୀଯୁବକ ପ୍ରଭାବିତ ହେଉଛନ୍ତି। ତେଣୁ ପରୀକ୍ଷା ପରିଚାଳନାରେ ସର୍ବାଧିକ ସ୍ୱଚ୍ଛତା ଓ ବିଶ୍ୱସନୀୟତା ଆଣିବା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ପ୍ରସ୍ତାବିତ ଆଇନରେ ଥିବା ଅପରାଧଗୁଡ଼ିକର ତଦନ୍ତ ଜଣେ ଡିଏସପି କିମ୍ବା ଏସିପିଙ୍କଠାରୁ କମ୍ ପାହ୍ୟାର ଅଫିସର କରିବେ ନାହିଁ।

କେନ୍ଦ୍ର ଜନସେବା ଆୟୋଗ(ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି), ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ (ଆର୍‌ଆର୍‌ବି), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ(ଆଇବିପିଏସ୍) ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷା ଉକ୍ତ ବିଲ୍ ଅନ୍ତର୍ଭୁକ୍ତ। ସେହିପରି କର୍ମଚାରୀ ନିଯୁକ୍ତି ସହ ସମ୍ପୃକ୍ତ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ବା ବିଭାଗ ଏବଂ ଏହାସହ ସମ୍ପୃକ୍ତ ଅଧସ୍ତନ କାର୍ଯ୍ୟାଳୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପିତ କୌଣସି କର୍ତ୍ତୃପକ୍ଷ ପ୍ରସ୍ତାବିତ ଆଇନ ପରିସରଭୁକ୍ତ ହେବେ।

## ପ୍ରତି ୫ ବର୍ଷରେ...

କରୁଛି ଓଡ଼ିଆ ଭାଷା ଆମ ଯୁବପିଢ଼ିର ଭାଷା ହେବ। ଆମେ ଆମ ଭାଷାର ଗୌରବକୁ ଅନୁଭବ କଲେ, ଏହା ନିଶ୍ଚୟ ଆଗକୁ ଯିବ। ସମ୍ମିଳନୀ ଅବସରରେ ଆୟୋଜିତ ମ୍ୟୁଜିଅମ ସମସ୍ତଙ୍କ ମନକୁ ଛୁଇଁଛି। ତେଣୁ ସମସ୍ତଙ୍କ ଅନୁରୋଧରେ ଏହାର ସମୟ ସୀମାକୁ ଆଉ ୩ଦିନ ବୃଦ୍ଧି କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ ପୁରସ୍କାର ପାଇଥିବା ସମସ୍ତ ପ୍ରତିଭା ଓ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ପୁସ୍ତକ ଉନ୍ମୋଚନ କରିଥିଲେ। ପ୍ରଥମଟି ହେଉଛି ହିନ୍ଦୁ ଗ୍ରୁପ୍ ଦ୍ୱାରା ପ୍ରକାଶିତ 'Shree Jagan-natha: Lord of The Universe'। ଦ୍ୱିତୀୟ ପୁସ୍ତକ ହେଉଛି 'Odia: Journey of A Language' ଓ ଏହା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର୍ ବାଲକ୍ରୀଷ୍ଣନଙ୍କ ପରିକଳ୍ପନା ଏବଂ ଶୁଭ୍ରାଂଶୁ ପଣ୍ଡା ଓ ପ୍ରତୀକ ପଟ୍ଟନାୟକଙ୍କ ଦ୍ୱାରା ରଚିତ ହୋଇଛି। ତୃତୀୟରେ 'Magical Tales From Odisha'ର ଜର୍ମାନୀ ଓ ଜାପାନୀ ଭାଷାରେ ଅନୁବାଦିତ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ରେଭେନ୍‌ଶା କଲେଜିଏଟ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଡ୍‌କରଙ୍କ ନାମରେ...

ବ୍ୟବହାର ଜରିଆରେ ଡ. ଆମ୍ବେଡ୍‌କରଙ୍କ ଜୀବନୀ ଓ ଆଦର୍ଶକୁ ଏଠାରେ ସୁନ୍ଦର ଭାବରେ ଉପସ୍ଥାପିତ କରାଯିବ। ଭାରତୀୟ ସମ୍ବିଧାନର ଏକ ନକଲ ସହିତ ବାବା ସାହେବଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଜିନିଷ ମଧ୍ୟ ଏଠାରେ ପ୍ରଦର୍ଶିତ ହେବ। ୧୫.୫ ଏକର ପରିମିତ ଜମିରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡ ଦୈନିକ ୩୦ ହଜାର ଯାତ୍ରୀଙ୍କ ପରିବହନର ମୁଖ୍ୟ ମାଧ୍ୟମ ହେବ। ଏହାକୁ ଦୃଷ୍ଟିରେ ରଖି ଏଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବା ସହ ନିରାପତ୍ତା ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

**ଆମ୍ବେଡ୍‌କରଙ୍କ ଜୀବନ, ଆଦର୍ଶକୁ ନେଇ ସ୍ୱତନ୍ତ୍ର ଗ୍ୟାଲେରି କରାଯିବ**

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ଗଗନ ବିହାରୀ ମଙ୍ଗରାଜ**
ମହୁଲ, ଅଙ୍ଗାରପଡ଼ା
ଆବିର୍ଭାବ: ୧୫।୦୮।୧୯୫୫
ତିରୋଧାନ: ୨୭।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ହତଭାଗ୍ୟ ପୁତ୍ର: ରାଜେନ୍ଦ୍ର, ଜିତେନ୍ଦ୍ର, ସୁଧାଂଶୁ, ଆଶୁତୋଷ ଓ ଶୋକସନ୍ତପ୍ତ ମଙ୍ଗରାଜ ପରିବାରବର୍ଗ।
ଧ-୨୪୪୬

### ଦଶାହ ଉପଲକ୍ଷେ



**୰ଗୋଲକ ବିହାରୀ ପତି**
କୋଏଲ ନଗର, ରାଉରକେଲା
ଆବିର୍ଭାବ: ୧୮।୦୬।୧୯୨୯
ତିରୋଧାନ:୨୮।୦୧।୨୦୨୪
ଆପଣ ଥିଲେ ଜଣେ ସ୍ଥିତପ୍ରଜ୍ଞ ମଣିଷ। ଆପଣଙ୍କ ପ୍ରେମ, ତ୍ୟାଗ ଓ ଭଲପାଇବାର ପଟାନ୍ତର ନାହିଁ। କର୍ମମୟ ଜୀବନ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଲ ଡିପାର୍ଟମେଣ୍ଟର ଜଣେ ସଚ୍ଚୋଟ ଅଫିସର ଓ କୋଏଲ ନଗର କାଳୀମନ୍ଦିରର ଥିଲେ ପ୍ରତିଷ୍ଠାତା, ଜୀବନର ସୁଖ ଦୁଃଖ ପଥର ଜଣେ ନୀରବଦ୍ରଷ୍ଟା।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୭୯୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଲକ୍ଷ୍ମଣ କୁମାର ଦାସ**
ପୂବା ଶାସନ, ପିପିଲି, ପୁରୀ
ଆବିର୍ଭାବ-୨୦।୦୧।୧୯୫୩
ତିରୋଧାନ- ୨୭।୦୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
-ଶୋକସନ୍ତପ୍ତ-
ଭାଇ-ଭାଉଜ, ସାନଭାଇ: ମୁକୁନ୍ଦ, ବୋହୂ: ଟିକିନା, ସାନଭଉଣୀ: ରାଧା, ପୁଅ-ବୋହୂ ଏବଂ ପୁତୁରା, ପୁତୁରାବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ଭଣଜା-ଭଣଜାବୋହୂ, ବନ୍ଧୁ ଓ ପରିବାରବର୍ଗ।
ଧ-୨୪୪୪

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
0674-2580101, 2549949



**REAL ESTATE**

**SALE**

ପୁରୀ ସାତଶଙ୍ଖରେ 34000 ବର୍ଗଫୁଟ ଫାର୍ମହାଉସ ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକ୍ରିହେବ। 7008833643. D-75905

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75705

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

Duplex sale at Bhubaneswar @ 57 lakhs only. Contact: 9777433701. D-75300




**Newly open SPA positively health benefits with expert therapist. 9090400507.** D-75198

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Newly health benefited Spa Expert Therapist at Mastercanteen. Contact: 7749034655. D-75193

Newly open SPA positively health benefits (Expert therapist). Contact: 9124527170. D-75197

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

## AFFIDAVIT

An affidavit has been executed by me before P.K. Dwivedi, Advocate Notary dated 05.02.2024 for change of surname from Prabhati Mohanty to Prabhati Panda. Henceforth, I shall be known as Prabhati Panda W/o Kedar Nath Panda for all the. D-2441

By the virtue of an affidavit sworn before the Executive Magistrate, Bhubaneswar, Khordha, C.F.No.-25/24, date 01.02.2024, I Dev Narayan, S/o- Janak Narayan, At/P.O./P.S.- Khandagiri, Bhubaneswar-751030, Dist.- Khordha, Odisha have changed my name from Dev Narayan to Krishnadev Narayan. Henceforth, I shall be known as Krishnadev Narayan for all purposes. D-2438

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.-2747/ dt. 01.12.23

ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍.କେସ୍ ନଂ.-୮୫୦/୨୦୨୨

ବଟକୃଷ୍ଣ ପଟ୍ଟନାୟକ ....ବାଦୀ/ଦରଖାସ୍ତକାରୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧. ସବର ସାହୁ ଓରଫ ସର୍ବେଶ୍ୱର ସାହୁ, ବୟସ- ୬୩ବର୍ଷ, ପି- ୰ଦିବାକର ସାହୁ, ସା- ସିମିଳିପାଟନା, ଥା- ଚନ୍ଦକା, ଜି- ଖୋର୍ଦ୍ଧା ....ପ୍ରତିବାଦୀ ନଂ.-୪
୨. ମହାବାହୁ ରିଅଲ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍, ମାର୍ଫତ୍ ବନମାଳୀ ରଥ, ପି- ଲିଙ୍ଗରାଜ ପରମଗୁରୁ, ୟୁନିଟ୍-୪, ଭୁବନେଶ୍ୱର, ଥାନା- ଖାରବେଳନଗର, ଜି- ଖୋର୍ଦ୍ଧା .....ପ୍ରତିବାଦୀ ନଂ.-୫

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮, ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ବଟକୃଷ୍ଣ ପଟ୍ଟନାୟକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୪ ଓ ୫ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୪ ଓ ୫ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୮।୦୨।୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ଅଁଳାପାଟଣା, ସାବିକ ଖାତା ନଂ.-୨୦୮, ପ୍ଲଟ୍ ନଂ.-୨୦, ଏରିଆ- ଏ୦.୧୬୩ଡିସିମିଲି ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ ଏ୦.୫୪ (ମୋଟ ଜମା ଏ୧.୦୦ ଡିସିମିଲି ମଧ୍ୟରୁ), ସବ୍ ପ୍ଲଟ୍ ନଂ.-୯୯, ସାବିକ ଖାତା ନଂ.-୩୮/୬, ପ୍ଲଟ୍ ନଂ.-୬୫/୧୯୫।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୪ ଓ ୫ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
କୋର୍ଟ ଅଫିସର
ଧ-୨୪୩୯

Letter No.-2744/ dt. 01.12.23

ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍.କେସ୍ ନଂ.-୮୪୯/୨୦୨୨

ଅକ୍ଷୟ କୁମାର ପଟ୍ଟନାୟକ ....ବାଦୀ/ଦରଖାସ୍ତକାରୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧. ସବର ସାହୁ ଓରଫ ସର୍ବେଶ୍ୱର ସାହୁ, ବୟସ- ୬୩ବର୍ଷ, ପି- ୰ଦିବାକର ସାହୁ, ସା- ସିମିଳିପାଟନା, ଥା- ଚନ୍ଦକା, ଜି- ଖୋର୍ଦ୍ଧା ....ପ୍ରତିବାଦୀ ନଂ.-୪
୨. ମହାବାହୁ ରିଅଲ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍, ମାର୍ଫତ୍ ବନମାଳୀ ରଥ, ପି- ଲିଙ୍ଗରାଜ ପରମଗୁରୁ, ୟୁନିଟ୍-୪, ଭୁବନେଶ୍ୱର, ଥାନା- ଖାରବେଳ ନଗର, ଜି- ଖୋର୍ଦ୍ଧା .....ପ୍ରତିବାଦୀ ନଂ.-୫

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮, ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଅକ୍ଷୟ କୁମାର ପଟ୍ଟନାୟକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୪ ଓ ୫ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୪ ଓ ୫ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୮।୦୨।୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ଅଁଳାପାଟଣା, ସାବିକ ଖାତା ନଂ.-୨୦୮, ପ୍ଲଟ୍ ନଂ.-୨୦, ଏରିଆ- ୦.୧୬୩ଡିସିମିଲି ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ ଏ୦.୫୪ (ମୋଟ ଜମା ଏ୧.୦୦ ଡିସିମିଲି ମଧ୍ୟରୁ), ସବ୍ ପ୍ଲଟ୍ ନଂ.-୯୮, ସାବିକ ଖାତା ନଂ.-୩୮/୬, ପ୍ଲଟ୍ ନଂ.-୬୫/୧୯୫।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୪ ଓ ୫ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
କୋର୍ଟ ଅଫିସର
ଧ-୨୪୪୦

# ଯନ୍ତ୍ରଣାର ଘରୋଇ ଉପଚାର

ଏକ ନିର୍ଦ୍ଦିଷ୍ଟ ବୟସ ପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ। କ୍ୟାଲସିୟମ୍‌ର ଅଭାବ ହେଉ କିମ୍ବା ଠିକ୍ ସମୟରେ ଖାଇବାରେ ଅବହେଳା ଅବା ଅଧିକ ଶାରୀରିକ ପରିଶ୍ରମ କାରଣରୁ ଏଭଳି ସମସ୍ୟା ଉପୁଜିଥାଏ। ଏହାକୁ କମ୍ କରିବା ଲାଗି ଅନେକେ ପେନ୍‌କିଲର ଖାଇଥାନ୍ତି, ଯାହାକି ଅଧିକ ଖାଇଲେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ତେଣୁ ଗଣ୍ଠିଯନ୍ତ୍ରଣା ହେଉଥିଲେ କେତେକ ଘରୋଇ ଉପଚାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରିପାରିବେ....



■ ଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେବାରେ ରସୁଣ ବେଶ୍ ଉପକାରୀ। ଏହାକୁ ପେଷ୍ଟକରି ମହୁ ମିଶାଇ ପ୍ରତିଦିନ ଖାଇବା ସମୟରେ ୧ ଚାମଚ ଖାଇଲେ ଗଣ୍ଠି ଯନ୍ତ୍ରଣା କମିଥାଏ। ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ ଉପଶମ ମିଳିଥାଏ।

■ ୧ ଗ୍ଲାସ୍ ଉଷୁମ କ୍ଷୀରରେ ୧ ଚାମଚ ହଳଦୀଗୁଣ୍ଡ ଏବଂ ୧ ଚାମଚ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ।

■ ମେଥି ମଧ ଗଣ୍ଠିଯନ୍ତ୍ରଣା କମାଇବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂରହୋଇଥାଏ।

■ ପିଆଜରେ ସଲ୍‌ଫର୍ ଅଧିକ ପରିମାଣରେ ଭରି ରହିଛି ; ଯାହାକି ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମ୍‌କୁ ନିୟନ୍ତ୍ରଣ କରିଥାଏ। ତେଣୁ ପ୍ରତିଦିନ ଖାଇବାରେ କଞ୍ଚା ପିଆଜକୁ ସାମିଲକଲେ ଉପକୃତ ହେବେ।

■ ଅଣ୍ଟା ଯନ୍ତ୍ରଣା ଲାଗି କଷ୍ଟ ପାଉଥିଲେ ଦେଶୀ ଘିଅରେ ସୁଣ୍ଠି ମିଶାଇ ଖାଇଲେ ଉପକୃତ ହେବେ। ନଡ଼ିଆତେଲ କିମ୍ବା ସୋରିଷତେଲରେ ରସୁଣ ପକାଇ ଗରମକରି କିମ୍ବା ନଡ଼ିଆ ତେଲରେ କର୍ପୂର ମିଶାଇ ଗରମକରି ଅଣ୍ଟାରେ ମାଲିସ୍‌କଲେ ମଧ ଯନ୍ତ୍ରଣାରୁ ଉପଶମ ପାଇପାରିବେ।

# ଇଣ୍ଡୋ-ୱେଷ୍ଟର୍ନ ଫ୍ୟାଶନ

ଶାଢ଼ି ଏବେ ଆଉ କେବଳ ଟ୍ରାଡିଶନାଲ ୱେର୍‌ରେ ସୀମିତ ହୋଇନାହିଁ। ଏହା ସହ ବିଭିନ୍ନ ଡିଜାଇନ ପ୍ୟାଣ୍ଟର ଫ୍ୟୁଜନ୍ ଏବେ ଇଣ୍ଡୋ-ୱେଷ୍ଟର୍ନ ଟ୍ରେଣ୍ଡ ପାଲଟିଛି, ଯାହାକୁ ଫ୍ୟାଶନ ପ୍ରିୟ ଯୁବତୀ ଏବଂ ମହିଳାମାନେ ଖୁବ୍ ପସନ୍ଦ କରୁଛନ୍ତି ...

**ଶାଢ଼ି ସହ ଜିନ୍ସ–** ଯଦି କୌଣସି ଉତ୍ସବରେ ଟ୍ରାଡିଶନାଲ ଆଉଟ୍‌ଫିଟ୍‌ରେ ଯିବା ସମୟରେ ଫେଷ୍ଟିଭ୍ ଲୁକ୍ ଦେବାପାଇଁ ଚାହୁଁଥିଲେ ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଜିନ୍ସ ସହ ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ମଧ ପିନ୍ଧିପାରିବେ।

**ସିଲ୍କ ଶାଢ଼ି ଓ ଷ୍ଟ୍ରେଟ୍ ପ୍ୟାଣ୍ଟ–** ହେଭି ବର୍ଡର ଥିବା ସିଲ୍କ ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟର କମ୍ବିନେଶନ ଖୁବ୍ ମଡର୍ନ ଲୁକ୍ ଦେଇଥାଏ। କୌଣସି ପାର୍ଟି କିମ୍ବା ଫଙ୍କଶନରେ ଏଭଳି ଡ୍ରେସ୍ ସହ ମ୍ୟାଚିଂ କରି ଆପଣ ନେକ୍‌ଲେକ୍ସ ଓ ଇଅରିଙ୍ଗ୍ସ ବି ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ। କେବଳ ସିଲ୍କ ଶାଢ଼ି ନୁହେଁ, ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଯେକୌଣସି ଶାଢ଼ି ପିନ୍ଧିଲେ ଆପଣ ଷ୍ଟାଇଲିଶ୍ ଦେଖାଯିବେ। ଏହା ସହ ହେଭି ଜୁଏଲେରି ଏବଂ ଫୁଲ୍ ହ୍ୟାଣ୍ଡ ବ୍ଲାଉଜ୍ ପିନ୍ଧିପାରିବେ, ଯାହା ଆପଣଙ୍କ ସୌନ୍ଦର୍ଯ୍ୟକୁ ଆହୁରି ଅଧିକ ବଢ଼ାଇବ।



**ଶାଢ଼ି ସହ ଧୋତି ପ୍ୟାଣ୍ଟ –** ଯଦି ଆପଣଙ୍କ ଫିଗର ପତଳା ଏବଂ ଶାଢ଼ିରେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାଁଛନ୍ତି ତେବେ ଏହି କମ୍ବିନେଶନ ଆପଣଙ୍କ ପାଇଁ ସବୁଠୁ ଭଲ ଅପ୍ସନ। ଏହା ଯେତିକି ଷ୍ଟାଇଲିଶ୍, ସେତିକି କମ୍ଫର୍ଟେବଲ୍ ବି। ଧୋତି ପ୍ୟାଣ୍ଟର କଲର ସହ ମ୍ୟାଚିଂ କରି ପ୍ଲେନ୍ ଶାଢ଼ି କିଣନ୍ତୁ, ଯେଉଁଥିରେ ଆପଣ ଅଧିକ ଫ୍ୟାଶନେବଲ୍ ଲାଗିବେ।

**ବନାରସୀ ଶାଢ଼ି ଓ ଚୁଡ଼ିଦାର –**ଲାଇଟ୍ କଲର ବନାରସୀ ଶାଢ଼ି ସହ ଗୋଲ୍ଡେନ୍ କଲର ପ୍ୟାଣ୍ଟ ବେଶି ଭଲ ମାନିଥାଏ। ଏହା ସହ ସରୁ ଗୋଲ୍ଡେନ୍ ବେଲ୍ଟ ଏବଂ ହାଇ ହିଲ୍ସ ଆପଣଙ୍କୁ ଆଟ୍ରାକ୍ଟିଭ୍ ଓ ଟ୍ରେଣ୍ଡି ଲୁକ୍ ଦେବ।

# ସୁଖୀ ଦାମ୍ପତ୍ୟ



## ଏମାନେ କ'ଣ କରନ୍ତି



**ସବିତା ବେହେରା**(ଗୃହିଣୀ, ଝାରସୁଗୁଡ଼ା) – ବିବାହ ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କ ରହିବା ଲାଗି ନିଜ ଭିତରେ ବୁଝାମଣା ଠିକ୍ ରହିବା ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଭାବିଥାଏ। କାରଣ ବୁଝାମଣା ଅଭାବରୁ ଅବିଶ୍ୱାସ ଜନ୍ମିଥାଏ। ତେଣୁ ଏଭଳି କୌଣସି କାମ କେବେ କରେ ନାହିଁ ଯାହା ସ୍ୱାମୀଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପତିପତ୍ନୀଙ୍କ ମଧ୍ୟରେ କେବେ କେବେ ଛୋଟମୋଟ ଝଗଡ଼ା ହେବା ଏକ ସାଧାରଣ ଘଟଣା। ଯଦି କେବେ ଏଭଳି ପରିସ୍ଥିତି ଉପୁଜେ ରାଗିବା ବଦଳରେ ଚୁପ୍ ରହି ପରବର୍ତ୍ତୀ ସମୟରେ ଏହାର ସମାଧାନ କରିବାକୁ ଚେଷ୍ଟାକରେ। ଆମ ମଝିରେ କେବେ ତୃତୀୟ ଲୋକଙ୍କୁ ସମାଧାନ ପାଇଁ ଆସିବାକୁ ଦିଏ ନାହିଁ।



**ନିରୁପମା ସାହୁ**(ଗୃହିଣୀ, ଯାଜପୁର)– ପରସ୍ପର ପ୍ରତି ସମ୍ମାନ, ଭଲ ପାଇବା, ବିଶ୍ୱାସ ଆଉ କର୍ତ୍ତବ୍ୟପରାୟଣ ହେବା ହିଁ ଏକ ସୁଖୀ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର। ଆମ ବିବାହ ୨୫ ବର୍ଷ ହେବ ଆମେ ଏହାକୁ ପାଳି ଆସୁଛି। ଆମେ ଦୁହେଁ କେବେ କାହାକୁ ଅନ୍ୟ ସହ ତୁଳନା କରିବା, ଅଯଥାରେ ରାଗିବା, ସନ୍ଦେହ କରିବା ଭଳି ଭୁଲ୍ କରି ନ ଥାଉ। ସୁଖଦୁଃଖ ସବୁ ପରିସ୍ଥିତିରେ ନିଃସ୍ୱାର୍ଥପର ଭାବେ ଜଣେ ଜଣଙ୍କ ପାଇଁ ନିଶ୍ଚେ ଠିଆ ହେଉ। ଯାହାକି ଆମ ସମ୍ପର୍କକୁ ମଜଭୁତ କରିପାରିଛି।

ବିବାହ ଏଭଳି ଏକ ନିବିଡ଼ ସମ୍ପର୍କ ଯାହା ଦୁଇ ମଣିଷଙ୍କୁ ସାରା ଜୀବନ ଏକସୂତ୍ରରେ ବାନ୍ଧି ରଖିବାର ପ୍ରତିଶ୍ରୁତି ବହନକରେ । ହେଲେ ବର୍ତ୍ତମାନ ଅଧିକାଂଶ ବୈବାହିକ ସମ୍ପର୍କ ଯୋଡ଼ିହେବାକୁ ଯେତିକି ସମୟ ନ ଲାଗୁଛି ତା'ଠାରୁ ଶୀଘ୍ର ଛାଡ଼ପତ୍ର ହେଉଥିବା ଦେଖିବାକୁ ମିଳୁଛି। ତେବେ ଯେଉଁମାନେ ଏହା ପଛରେ କାରଣ କ'ଣ ବୁଝନ୍ତି ଏବଂ ନିଜ ସମ୍ପର୍କ ଭିତରେ ଏହିସବୁକୁ ସ୍ଥାନ ନ ଦିଅନ୍ତି, ସେହିମାନେ ହିଁ ଏକ ସଫଳ ଦାମ୍ପତ୍ୟ ଜୀବନର ସୁଖ ପାଇପାରନ୍ତି...





**ଠିକ୍ ନୁହେଁ ସନ୍ଦେହ:** ବୈବାହିକ ସମ୍ପର୍କରେ ଫାଟ ସୃଷ୍ଟି କରିବାର ସବୁଠୁ ବଡ଼ କାରଣ ହେଉଛି ସନ୍ଦେହ। ଅନେକେ ନିଜ ଜୀବନସାଥୀଙ୍କୁ କାହା ସହ ଖୁସିରେ କଥା ହେଉଥିବାର ଦେଖିଲେ ବି ସନ୍ଦେହ କରନ୍ତି। ଏମିତିକି ତାଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲରେ ମେସେଜ, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରିବାକୁ ପଛାନ୍ତି ନାହିଁ। କେବେ କେବେ ପରକଥାରେ ନିଜ ପାର୍ଟନରଙ୍କ କଥାକୁ ମିଛ ବୋଲି ବି ଭାବିନିଅନ୍ତି। ହେଲେ ଏହାଦ୍ୱାରା ମତାନ୍ତର, ମନାନ୍ତର ହୋଇ ବିଚ୍ଛେଦର କାରଣ ସାଜିପାରେ। ତେଣୁ ଯଦି ସମ୍ପର୍କକୁ ଅତୁଟ ରଖିବାକୁ ଚାହୁଁଛନ୍ତି ତେବେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂରକରିବାକୁ ଚେଷ୍ଟା କରନ୍ତୁ।

**ସ୍ୱାର୍ଥ:** ଅର୍ଥର ଲୋଭ ହେଉ ଅବା ଅନ୍ୟ କୌଣସି ସ୍ୱାର୍ଥ ରଖି ଅନେକେ ବିବାହ କରିଥାନ୍ତି। ଆଉ ନିଜର କାର୍ଯ୍ୟ ପୂରଣ ପରେ ସେମାନଙ୍କୁ ଜୀବନସାଥୀ ଅଲୋଡ଼ା ହୋଇଯାଆନ୍ତି। ଆଉ ଏମିତିରେ ଅନ୍ୟ ଜଣେ ମାନସିକ ଆଘାତ ପାଇଥାଏ ଓ ଏହି ସମ୍ପର୍କ ଭାଙ୍ଗିଯାଏ। ତେଣୁ ନିଜ ସମ୍ପର୍କକୁ ଅତୁଟ ରଖିବା ଲାଗି ନିଃସ୍ୱାର୍ଥପର ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।



**କମ୍ୟୁନିକେଶନ ଗ୍ୟାପ୍:** କୌଣସି କଥାକୁ ନେଇ ରାଗ ଅବା ସନ୍ଦେହ ସୃଷ୍ଟି ହେଲେ କଥା ନ ହେବା, ମନ ଭିତରେ ଦୁଃଖକୁ ଚାପିରଖିବା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ, ଯାହାକି ଶେଷରେ ମନାନ୍ତର ଏବଂ ବିଚ୍ଛେଦର ରୂପ ନେଇଥାଏ। ବେଳେବେଳେ ବୁଝାମଣା ଅଭାବରୁ ଗ୍ୟାପ୍ ବଢ଼ିଯାଏ। ତେଣୁ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କ ଖରାପ କରିବା ପରିବର୍ତ୍ତେ ପରସ୍ପର ମଧ୍ୟରେ କଥା ହୋଇ ଏହାର ସମାଧାନ କରିବା ଦ୍ୱାରା ସମ୍ପର୍କ ମଧୁର ହୋଇଥାଏ।

**ଅବିଶ୍ୱାସ ହିଁ ବଡ଼ ଶତ୍ରୁ:** କାହା ପ୍ରତି ବିଶ୍ୱାସ ଥରେ ଭାଙ୍ଗିଲେ ପୁନର୍ବାର ସୃଷ୍ଟିହେବା ଖୁବ୍ କଷ୍ଟ। ତେଣୁ ନିଜ ଜୀବନସାଥୀଙ୍କ ଉପରେ ଅବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏଭଳି କୌଣସି କାର୍ଯ୍ୟ କରନ୍ତୁ ଯାହା ତାଙ୍କୁ ଆପଣଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। କାରଣ ଏକ ସୁଖୀ ଦାମ୍ପତ୍ୟ ଜୀବନର ସବୁଠୁ ବଡ଼ ମନ୍ତ୍ର ହେଉଛି ପରସ୍ପର ପ୍ରତି ଅତୁଟ ବିଶ୍ୱାସ।

**ପରସ୍ପରକୁ ଲୁଚାଇବା:** ସଚ୍ଚୋଟପଣିଆ ସମ୍ପର୍କକୁ ମଜଭୁତ କରେ। ଯେଉଁଠି ଜଣେ ଜଣଙ୍କୁ କିଛି କଥା ଲୁଚାଏ ସେଠାରେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ତେଣୁ ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସତ କୁହନ୍ତୁ।

**ଅସମ୍ମାନ କରିବା:** ଦାମ୍ପତ୍ୟ ଜୀବନରେ ଜଣେ ଜଣଙ୍କୁ ଅସମ୍ମାନ କରିବା ବା ନୀଚା ଦେଖାଇବା ଦ୍ୱାରା ମାନସିକ ସ୍ତରରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥାଏ। କେବେ କେବେ ଏହାଦ୍ୱାରା ଆତ୍ମସମ୍ମାନ ହାନି ହେବା ଯୋଗୁ ବିବାହ ବିଚ୍ଛେଦର କାରଣ ସାଜିଥାଏ। ତେଣୁ ନିଜ ସମ୍ପର୍କକୁ ଦୃଢ କରିବାକୁ ଚାହୁଁଥିଲେ ସବୁବେଳେ ଜୀବନସାଥୀଙ୍କୁ ସମ୍ମାନ ଦିଅନ୍ତୁ। କାରଣ ପରସ୍ପର ପ୍ରତି ସମ୍ମାନ ହେଉଛି ଏକ ଆଦର୍ଶ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର।

**ଅନ୍ୟ ସହ ତୁଳନା:** ସବୁବେଳେ ଅନ୍ୟମାନଙ୍କ ସହ ନିଜ ପାର୍ଟନରଙ୍କ ତୁଳନା କରିବାର ବଦଭ୍ୟାସ କେତେଜଣଙ୍କଠାରେ ରହିଛି। କେବଳ ତୁଳନା ନୁହେଁ, ଅନେକେ ପାର୍ଟନରଙ୍କ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରିଥାନ୍ତି। ହେଲେ ଏହା ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ ସେକଥା ଭୁଲିଯାଆନ୍ତି। ଫଳରେ ସମ୍ପର୍କ ଖରାପ ହୋଇଥାଏ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହିଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ।

**କ୍ରୋଧ ହୋଇପାରେ କ୍ଷତିକାରକ:** ମିଠା କଥା ସମ୍ପର୍କରେ ମଧୁରତା ଆଣିଥାଏ। ହେଲେ ମନ ଭଲ ନ ଥିଲେ କିମ୍ବା ଅଫିସ୍ ତଥା ଅନ୍ୟାନ୍ୟ ଟେନ୍‌ସନ ଥିଲେ ଅନେକେ ଏହାର ରାଗ ନିଜ ପାର୍ଟନରଙ୍କ ଉପରେ ଶୁଝାଇଥାନ୍ତି । କ୍ରୋଧରେ ଏମିତି କଟୁ କଥା କହିଦିଅନ୍ତି ଯାହାକି ଉଭୟଙ୍କ ମଧ୍ୟରେ ଦୂରତା ବଢ଼ାଇଦିଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତ୍ତାର କାମ।

**ନଜର ରଖିବା:** ବର୍ତ୍ତମାନ କେତେଜଣ ଦମ୍ପତି ଜଣେ କୌଣସି କାରଣରୁ ଯଦି ଫୋନ ନ ଉଠାଏ ସନ୍ଦେହ କରିବା ସହ ତାଙ୍କ ଅଜାଣତରେ ନଜର ରଖୁଛନ୍ତି। କେବଳ ଏତିକି ନୁହେଁ , ଅନେକେ ନିଜ ବ୍ୟତୀତ ଏପରି କି ପରିବାରକୁ ଅଧିକ ସମୟ ଦେଲେ ବି ପାର୍ଟନର ଉପରେ ରାଗିଥାନ୍ତି। ଏଭଳି କ୍ଷେତ୍ରରେ ସମ୍ପର୍କ ଖୁସିଦେବା ପରିବର୍ତ୍ତେ ଏକ ବୋଝ ଭଳି ମନେହୁଏ ଆଉ ମାନସିକ ଶାନ୍ତି ପାଇଁ ଯେକେହି ସେଥିରୁ ମୁକୁଳିବାକୁ ଚାହାନ୍ତି। ଫଳରେ ବିବାହ ବିଚ୍ଛେଦ ହୁଏ। ତେଣୁ ଏସବୁ ପ୍ରତି ବିଶେଷ ନଜର ଦେଲେ ସମ୍ପର୍କ ମଧୁର ହେବା ସହ ଅତୁଟ ରହିଥାଏ।

ସୌନ୍ଦର୍ଯ୍ୟ

# ଫେସ୍ ସିରମ୍ ବ୍ୟବହାର କରୁଥିଲେ

ତ୍ୱଚାକୁ ସୁନ୍ଦର କରିବା ଲାଗି ବର୍ତ୍ତମାନ ଅନେକେ ଫେସ୍ ସିରମ୍ ବ୍ୟବହାର କରୁଛନ୍ତି। ହେଲେ ଜାଣନ୍ତିକି ଏହାକୁ ବ୍ୟବହାର କରିବା ସମୟରେ ସାମାନ୍ୟ ଅବହେଳା ଆପଣଙ୍କ ତ୍ୱଚାକୁ ହାନି ପହଞ୍ଚାଇପାରେ। ତେଣୁ ଏହାର ଭଲ ରେଜଲ୍ଟ ପାଇବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଧ୍ୟାନଦେବାକୁ ଭୁଲନ୍ତୁ ନାହିଁ...

▸▸ ଏହି ସିରମ୍ ଲଗାଇବା ତ୍ୱଚା ପାଇଁ ଭଲ, କାହାଠାରୁ ଏଭଳି ଶୁଣିବା କିମ୍ବା କୌଣସି ବିଜ୍ଞାପନରେ ପ୍ରଭାବିତ ହୋଇ ଯେକୌଣସି ସିରମ୍ କିଣିଆଣି ଲଗାଇବାର ଭୁଲ୍ ଆଦୌ କରନ୍ତୁ ନାହିଁ। ଏହାଦ୍ୱାରା ତ୍ୱଚା ଉପରେ ଓଲଟା ପ୍ରଭାବ ପଡ଼ିପାରେ। ତେଣୁ କୌଣସି ବ୍ୟୁଟିସିଆନ୍, ଡର୍ମାଟୋଲୋଜିଷ୍ଟଙ୍କଠାରୁ ନିଜ ସ୍କିନ୍ ଟାଇପ୍ ଅନୁସାରେ କେଉଁ ସିରମ୍ ଲଗାଇବା ଠିକ୍ ହେବ ବୁଝିନିଅନ୍ତୁ। ଏହାଦ୍ୱାରା ଅଧିକ ଉପକୃତ ହୋଇପାରିବେ।



▸▸ ଅନେକେ ଭାବନ୍ତି ଅଧିକ ଫେସ୍ ସିରମ୍ ଲଗାଇବା ଦ୍ୱାରା ତ୍ୱଚା ଅଧିକ ଗ୍ଲୋ କରିବ। ହେଲେ ଏହି ଧାରଣ ଠିକ୍ ନୁହେଁ। କାରଣ ଏହାଦ୍ୱାରା ତ୍ୱଚା ଅଏଲି ହୋଇ ବ୍ରଣ ଏବଂ ଅନ୍ୟାନ୍ୟ ସମସ୍ୟା ଉପୁଜିପାରେ। ତେଣୁ ମାତ୍ର ୩–୪ ଡ୍ରପ୍ ହିଁ ଲଗାନ୍ତୁ।

▸▸ ସିରମ୍ ଲଗାଇବା ପୂର୍ବରୁ ପ୍ରଥମେ ଭଲ ଭାବେ ମୁହଁ ଧୋଇବା ଦରକାର। ନଚେତ୍ ପୂର୍ବରୁ ମୁହଁରେ ଲାଗିଥିବା ମଇଳା ପୋର୍ସ ଭିତରକୁ ଚାଲିଯିବା ଫଳରେ ବ୍ରଣ, ଦାଗ ଭଳି ସମସ୍ୟା ଉପୁଜିବ। ତେଣୁ ସଫା ମୁହଁରେ ଏହାକୁ ଲଗାଇଲେ ବେଷ୍ଟ ରେଜଲ୍ଟ ପାଇପାରିବେ।

▸▸ ଅନେକେ ସିରମ ବଟଲ୍‌ରେ ଥିବା ଡ୍ରପରକୁ ସିଧାସଳଖ ମୁହଁରେ ଲଗାଇ ଦିଅନ୍ତି। ଯାହା ଫଳରେ ମୁହଁରେ ଲାଗିଥିବା ଧୂଳି ଆଦି ଡ୍ରପରରେ ଲାଗି ବଟଲ ଭିତକୁ ଯାଇଥାଏ। ବାରମ୍ୱାର ଏପରି ହେବା ଫଳରେ ବଟଲ ଭିତରେ ଥିବା ସିରମ ଅପରିଷ୍କାର ହୋଇଯାଏ ଏବଂ ଏହାକୁ ଲଗାଇବା ଫଳରେ ମୁହଁରେ ଇନ୍‌ଫେକ୍ସନ ହୋଇପାରେ। ତେଣୁ ଡ୍ରପରକୁ ମୁହଁରେ ନ ଲଗାଇ ହାତରେ ସିରମ୍ ନେଇ ଲଗାନ୍ତୁ।

▸▸ ତ୍ୱଚା ଭିତରକୁ ଭଲ ଭାବେ ସିରମ୍ ଯିବା ଲାଗି ଅନେକେ ଏହାକୁ ରଗଡ଼ି ରଗଡ଼ି ଲଗାଇବାକୁ ବି ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା ତ୍ୱଚା ଖରାପ ହୋଇଯିବ। ତେଣୁ ଆଙ୍ଗୁଳି ଟିପ ସାହାଯ୍ୟରେ ସିରମ୍ ନେଇ ମୁହଁରେ ଧୀରେ ଧୀରେ ମସାଜ କରି ଲଗାନ୍ତୁ।



ଖାଦ୍ୟରୁଚି

# କରି ପାଉଡର

ତରକାରିର ସ୍ୱାଦ ବଢ଼ାଇବା ଲାଗି ଆମେ ବିଭିନ୍ନ ମସଲା ଗୁଣ୍ଡ ବ୍ୟବହାର କରିଥାଉ। ଏହା ମଧ୍ୟରେ ସବୁଠୁ ଅଧିକ ବ୍ୟବହାର ହୋଇଥାଏ କରି ପାଉଡର। ଯଦି ଆପଣ ମାର୍କେଟ୍‌ରୁ ଅଧିକ ଟଙ୍କା ଦେଇ ଏହାକୁ କିଣୁଛନ୍ତି ତେବେ ଜାଣିରଖନ୍ତୁ ଘରେ ଅଳ୍ପ ଟଙ୍କାରେ ସ୍ୱାଦିଷ୍ଟ କରି ପାଉଡର ପ୍ରସ୍ତୁତ କରିବାର ବିଧି...

**ଆବଶ୍ୟକ ସାମଗ୍ରୀ:** ଧନିଆ ୨୦ଗ୍ରାମ୍, ଗୋଲ ମରିଚ ୨ ଗ୍ରାମ୍, ୪–୫ଟି ଶୁଖିଲା ଲଙ୍କା, ଚକ୍ର ଫୁଲ ୨ଟି, ଡାଲଚିନି ୨ ଗ୍ରାମ୍, ଲବଙ୍ଗ ୪ ଗ୍ରାମ୍, ଗୁଜୁରାତି ୪ ଗ୍ରାମ୍, ୧୦ ଗ୍ରାମ୍ ଜିରା, ପାନ ମଧୁରୀ ୯ଗ୍ରାମ୍, ମେଥି ୪ ଗ୍ରାମ୍, ସୋରିଷ ୪ ଗ୍ରାମ୍, ୩୦ଗ୍ରାମ୍ ହରଡ଼ ଡାଲି, ୧୪–୧୫ଟି ଭୃର୍ସୁଙ୍ଗ ପତ୍ର, ଅଧା ଚାମଚ ହଳଦୀ ଗୁଣ୍ଡ।



**ପ୍ରସ୍ତୁତି ପ୍ରଣାଳୀ:** ଏକ ପ୍ୟାନ୍ ଗରମକରି ଧନିଆ, ଗୋଲମରିଚ, ମଞ୍ଜି କାଢ଼ିବା ପରେ ଶୁଖିଲା ଲଙ୍କା, ଚକ୍ର ଫୁଲ, ଡାଲଚିନି, ଲବଙ୍ଗ, ଗୁଜୁରାତି ପକାଇ ମିଡିଅମ ଫ୍ଲେମ୍‌ରେ ଅଳ୍ପ କ୍ରିଞ୍ଚି ହେବା ଯାଏ ଭାଜନ୍ତୁ। ବର୍ତ୍ତମାନ ସେଥିରେ ଜିରା ଏବଂ ପାନମଧୁରୀ ପକାଇ ବାସ୍ନାହେବା ଯାଏ ଭାଜନ୍ତୁ। ଭଜା ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପୁଣି ପ୍ୟାନ୍ ଗରମ କରି ମେଥିକୁ ଗୋଲ୍ଡେନ୍ କଲର ହେବା ଯାଏ ଭାଜନ୍ତୁ। ଏହା ଯେପରି ଅଧିକ ନ ଭାଜିହୋଇଯାଏ ଧ୍ୟାନ ଦିଅନ୍ତୁ, ନଚେତ୍ ମସଲା ପିତା ଲାଗିବ। ସେହିପରି ସୋରିଷକୁ ମଧ ଅଳ୍ପ ଭାଜି ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ୟାନ୍ ଗରମକରି ହରଡ଼ ଡାଲିକୁ ଗୋଲ୍ଡେନ୍ କଲର ହେବା ଯାଏ ଭାଜି ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଦିଅନ୍ତୁ। ସେହିପରି ଭୃର୍ସୁଙ୍ଗ ପତ୍ରକୁ ମଧ ଭାଜି ଦିଅନ୍ତୁ। ଏସବୁ ଭଜା ସାମଗ୍ରୀକୁ ଗ୍ରାଇଣ୍ଡର ଜ୍ୟାର୍‌ରେ ରଖି ହଳଦିଗୁଣ୍ଡ ପକାଇ ଭଲ ଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହାକୁ ଏକ ଏୟାର ଟାଇଟ୍ ଡବାରେ ରଖି ତରକାରିରେ ଆବଶ୍ୟକ ଅନୁଯାୟୀ ବ୍ୟବହାର କରନ୍ତୁ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୬/୨୦୨୪ Bhubaneswar, Tuesday, February 6/ 2024

# ଦ୍ୱିତୀୟ ଟେଷ୍ଟ ଜିତିଲା ଭାରତ

**ବିଶାଖାପାଟଣା, ୫।୨ (ପି.ଟି.)**

ବିଶାଖାପଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡକୁ ୧୦୬ ରନ୍‌ରେ ହରାଇବା ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି ଭାରତ। ୩୯୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ୨୯୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଏହା ପୂର୍ବରୁ ହାଇଦ୍ରାବାଦରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚକୁ ୨୮ ରନ୍‌ରେ ଜିତି ନେଇଥିଲା ଭ୍ରମଣକାରୀ ଇଂଲଣ୍ଡ ଦଳ। ଯଶସ୍ୱୀ ଜୟସ୍ୱାଲଙ୍କ ୨୦୯ ରନ୍ ବଳରେ ଭାରତ ପ୍ରଥମ ଇନିଂସରେ ୩୯୬ ରନ୍ କରିଥିବା ବେଳେ ଇଂଲଣ୍ଡ ୨୫୩ ରନ୍‌ରେ ସୀମିତ ରହିଥିଲା। ଭାରତ ଦ୍ୱିତୀୟ ଇନିଂସରେ ଶୁବମନ୍ ଗିଲଙ୍କ ଶତକ ବଳରେ ୨୫୫ ରନ୍ କରିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୬୭/୧ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଓପନର ଜ୍ୟାକ୍ କ୍ରଲି ଭାରତୀୟ ବୋଲରଙ୍କୁ ଠିକ୍ ମୁକାବିଲା କରି ଇନିଂସ ଗଢିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଖେଳାଳିମାନେ ଆକ୍ରମଣାତ୍ମକ ବ୍ୟାଟିଂ କରିବାକୁ ଯାଇ ଉଇକେଟ ହରାଇଥିଲେ। କ୍ରଲି ୧୩୨ ବଲ୍ ଖେଳି ୮ ଚୌକା ଓ ୧ ଛକା ସହ ୭୩ ରନ୍ କରିଥିଲେ। ନାଇଟ୍ ୱାଚମ୍ୟାଚ୍ ରେହାନ୍ ଅହମଦ୍ ୨୩ ରନ୍ କରିଥିଲେ। ରେହାନଙ୍କୁ ଆଉଟ କରି ଅକ୍ଷର ପଟେଲ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଇଂଲଣ୍ଡର ପରବର୍ତ୍ତୀ ୩ ବ୍ୟାଟର ଓଲି ପୋପ୍(୨୩), ଜୋ ରୁଟ୍(୧୬) ଓ ଜନି ବେୟାରଷ୍ଟୋ(୨୬) ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ। ପ୍ରଥମ ସେସନ୍ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଇଂଲଣ୍ଡ ଏହାର ଅଧ ଡଜନ ଖେଳାଳିଙ୍କୁ ହରାଇ ସାରିଥିଲା। ବାଜ୍ ବଲ ରଣନୀତିରେ ଖେଳିବାକୁ ଯାଇ ଜଣକ ପରେ ଜଣେ ଇଂଲିଶ ଖେଳାଳି ଆଉଟ ହୋଇ ଚାଲିଥିଲେ। ତେବେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଉଇକେଟ କିପର ବେନ୍ ଫୋକ୍ସ ଶେଷ ମାନ୍ୟତାପ୍ରାପ୍ତ ଯୋଡି ଭାବରେ କ୍ରିଜରେ ରହିଥିଲେ।


ବୋଲିଂ ଆକ୍ସନରେ ରବିଚନ୍ଦ୍ରନ ଅଶ୍ୱିନ।


ଉଇକେଟ ନେବାପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

## ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦ ମ୍ୟାଚ୍

ସିଙ୍ଗଲ ରନ୍ ନେବାକୁ ଯାଇ ଷ୍ଟୋକ୍ସ ରନ୍ ଆଉଟ ହୋଇଥିଲେ। ଏହା ପରେ ଭାରତର ବିଜୟ ସୁନିଶ୍ଚିତ ହୋଇଯାଇଥିବା ବେଳେ ଫୋକ୍ସ (୩୬) ଓ ଟମ୍ ହାର୍ଟଲେ (୩୬) ଏହାକୁ ବିଳମ୍ବିତ କରିଥିଲେ। ଉଭୟ ଅଷ୍ଟମ ଉଇକେଟରେ ୫୫ ରନ୍ ଯୋଡିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମ୍‌ରା ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକେଶ କୁମାର, କୁଲଦୀପ ଯାଦବ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତର ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟ କ୍ରିକେଟରେ ନିଜର ୪୯୯ ଉଇକେଟ ହାସଲ କରିଥିଲେ। ଜୋ ରୁଟ୍‌ଙ୍କୁ ଆଉଟ କରି ସେ ୪୯୯ ଉଇକେଟ ନେଇଥିଲେ ମଧ ପରବର୍ତ୍ତୀ ୬ ବ୍ୟାଟରଙ୍କ ମଧ୍ୟରୁ ଜଣଙ୍କୁ ଆଉଟ କରି ପାରି ନ ଥିଲେ। ଉଭୟ ଇନିଂସରେ ଅଗ୍ନିବର୍ଷୀ ବୋଲିଂ କରି ୯ ଉଇକେଟ ନେଇଥିବା ବୁମ୍‌ରାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ସିରିଜର ପରବର୍ତ୍ତୀ ମ୍ୟାଚ୍ ରାଜକୋଟରେ ଫେବୃଆରୀ ୧୫ ତାରିଖରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୩୯୬/୧୦। ଇଂଲଣ୍ଡ ପ୍ରଥମ ଇନିଂସ ୨୫୩/୧୦। ଭାରତ ଦ୍ୱିତୀୟ ଇନିଂସ ୭୮.୩ ଓଭରରେ ୨୫୫/୧୦ (ଶୁବମନ ଗିଲ୍–୧୦୪, ଅକ୍ଷର ପଟେଲ–୪୫, ଶ୍ରେୟସ ଆୟର–୨୯, ରବିଚନ୍ଦ୍ରନ ଅଶ୍ୱିନ–୨୯, ଟମ୍ ହାର୍ଟଲେ–୪/୭୭, ରେହାନ ଅହମଦ–୩/୮୮, ଜେମ୍ସ ଆଣ୍ଡରସନ୍–୨/୨୯)। ଇଂଲଣ୍ଡ ଦ୍ୱିତୀୟ ଇନିଂସ ୬୯.୨ ଓଭରରେ ୨୯୨/୧୦ (ଜ୍ୟାକ୍ କ୍ରଲି–୭୩, ବେନ୍ ଫୋକ୍ସ–୩୬, ଟମ୍ ହାର୍ଟଲେ–୩୬, ଯଶପ୍ରୀତ୍ ବୁମ୍‌ରା–୩/୪୬, ଆର. ଅଶ୍ୱିନ–୩/୭୨, ମୁକେଶ କୁମାର–୧/୨୬)।

## ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ

## ଦ୍ୱିତୀୟ ସ୍ଥାନକୁ ଉଠିଲା ଭାରତ

**ଦୁବାଇ, ୫।୨(ପି.ଟି.):** ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୧୦୬ ରନ୍‌ରେ ଜିତିବା ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଭାରତ। ଅଷ୍ଟ୍ରେଲିଆ ୫୫ ପର୍ସେଣ୍ଟେଜ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୫୨.୭୭ ପର୍ସେଣ୍ଟେଜ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ୫ ସ୍ଥାନରେ ଥିବା ଦଳଗୁଡିକ ମଧ୍ୟରେ ମାତ୍ର ୫ ପଏଣ୍ଟର ତାରତମ୍ୟ ରହିଥିବା ବେଳେ ଏଥିରେ ଆହୁରି ପରିବର୍ତ୍ତନ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ୍ ଡ୍ର କରିବା ସହ ଭାରତ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିଲା। ତେବେ ପାକିସ୍ତାନ ବିପକ୍ଷ ସିରିଜ୍ ଜିତି ଅଷ୍ଟ୍ରେଲିଆ ପୁନର୍ବାର ଏକ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲା।

## ଡିଆର୍‌ଏସ୍ ଉପରେ ଷ୍ଟୋକ୍ସଙ୍କ ପ୍ରଶ୍ନବାଚୀ

**ବିଶାଖାପାଟଣା, ୫।୨ (ପି.ଟି.):** ବିଶାଖାପାଟଣାରେ ଭାରତ ବିପକ୍ଷ ଟେଷ୍ଟ ମ୍ୟାଚରେ ପରାଜୟ ପରେ ଡିଆର୍‌ଏସ୍ ଟେକ୍ନୋଲୋଜି ଉପରେ ପ୍ରଶ୍ନ ଉଠାଇଛନ୍ତି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ। ଇଂଲଣ୍ଡ ଇନିଂସର ଟପ୍ ସ୍କୋରର ଜ୍ୟାକ୍ କ୍ରଲିଙ୍କ ଆଉଟକୁ ନେଇ ଷ୍ଟୋକ୍ସ ଏଭଳି କହିଛନ୍ତି। ଲଞ୍ଚର ଠିକ୍ ପୂର୍ବରୁ କୁଲଦୀପ ଯାଦବଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଥିଲେ ଜ୍ୟାକ୍ କ୍ରଲି। ତେବେ ଏହି ବଲ୍‌ଟି ଲେଗ୍ ଷ୍ଟମ୍ପ ବାହାରକୁ ଯାଉଥିବା ଦାବି କରିଛନ୍ତି ନନ୍ ଷ୍ଟ୍ରାଇକରେ ଥିବା ଷ୍ଟୋକ୍ସ। କୁଲଦୀପଙ୍କ ପ୍ରଥମ ଓଭରର ଅନ୍ତିମ ବଲରେ କ୍ରଲି ଆଉଟ ହୋଇଥିଲେ। ଏହି ବଲ୍‌ଟି ଲେଗ୍ ଷ୍ଟମ୍ପ ବାହାରକୁ ଯାଉଥିଲା, ତେବେ ଡିଆରଏସ୍‌ରେ ଏହା ଷ୍ଟମ୍ପରେ ବାଜୁଥିବା ଦେଖିବାକୁ ମିଳିଥିଲା। ଟେକ୍ନୋଲୋଜି କ୍ରିକେଟକୁ ସହଜ କରିବା ପାଇଁ ଉଦ୍ଦିଷ୍ଟ, ତେବେ ଏଠାରେ ଟେକ୍ନୋଲୋଜି ଫେଲ୍ ହୋଇଥିବା କହିଛନ୍ତି ବେନ୍ ଷ୍ଟୋକ୍ସ।

## ପିସିବି–ଏସ୍‌ଏଲ୍‌ସି ଅର୍ଥନୈତିକ ବିବାଦ

**ଲାହୋର, ୫।୨ (ପି.ଟି.)**

ଗତବର୍ଷ ଏସିଆ କପ୍ ବେଳେ ୩–୪ ନିୟୁତ ଡଲାର ଅତିରିକ୍ତ ଖର୍ଚ୍ଚ ବହନକୁ ନେଇ ପାକିସ୍ତାନ ଓ ଶ୍ରୀଲଙ୍କା ଦୁଇ କ୍ରିକେଟ ବୋର୍ଡ ମଧ୍ୟରେ ଅର୍ଥନୈତିକ ବିବାଦ ଦେଖାଦେଇଛି। ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରକୃତ ଆୟୋଜକ ପାକିସ୍ତାନକୁ ଏହାର ଦଳ ପଠାଇବାକୁ ରାଜି ହୋଇ ନ ଥିଲା। ଫଳତଃ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ହାଇବ୍ରିଡ୍ ପଦ୍ଧତି ଅବଲମ୍ବନ କରିବା ଲାଗି ନିଷ୍ପତ୍ତି ନେଇଥିଲା। ତଦନୁସାରେ ଅଧିକାଂଶ ମ୍ୟାଚ ଶ୍ରୀଲଙ୍କାରେ ଆୟୋଜନ ପାଇଁ ସ୍ଥିର ହୋଇଥିଲା। ଏଥିଯୋଗୁ ବିମାନ ଯାତ୍ରା, ହୋଟେଲ ବୁକିଂ, ଭେନ୍ୟୁ ଭଡ଼ା ବାବଦରେ ଫି', ଗମନାଗମନ ଏବଂ ଅନ୍ୟାନ୍ୟ ବାବଦରେ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ହୋଇଛି। ଟୁର୍ନାମେଣ୍ଟର ଅଫିସିଆଲ ଆୟୋଜକ ହୋଇ ନ ଥିବାରୁ ଏବଂ ଏହାର ଅତିରିକ୍ତ ଆୟ ନ ଥିବାରୁ ଅତିରିକ୍ତ ଆର୍ଥିକ ଭାର ଗ୍ରହଣ ପାଇଁ ସେ ରାଜି ନ ଥିବା ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ପକ୍ଷରୁ ଗତ ସପ୍ତାହରେ ବାଲିଠାରେ ଅନୁଷ୍ଠିତ ଏସିସି କାଉନ୍‌ସିଲ ବୈଠକରେ ସ୍ପଷ୍ଟ କରିଦିଆଯାଇଥିଲା। ଖବର ଅନୁସାରେ ପିସିବି ଚେୟାରମ୍ୟାନ ଜାକା ଅଶ୍ରଫ ପ୍ରଥମ ମ୍ୟାଚର ଭେନ୍ୟୁ ଲାହୋରରୁ ମୁଲ୍‌ତାନ ସ୍ଥାନାନ୍ତର କରିବା ଦ୍ୱାରା ଖର୍ଚ୍ଚ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପିସିବି ମଧ୍ୟ ଏହି ମାମଲାକୁ ନେଇ ଏସିସିର ଦୃଷ୍ଟି ଆକର୍ଷଣ କରିଛି। ମହାଦେଶୀୟ କ୍ରିକେଟ ପରିଚାଳନା ପରିଷଦ ପାକିସ୍ତାନଠାରୁ ଆୟୋଜନ ଅଧିକାର ପ୍ରତ୍ୟାହାର କରି ଇଭେଣ୍ଟକୁ ଦୁଇ ଭାଗରେ ବିଭକ୍ତ କରିଥିଲା। ତେଣୁ ଅତିରିକ୍ତ ଖର୍ଚ୍ଚ ଏସିସି ଭରଣା କରିବା ଉଚିତ ବୋଲି କହିଛି। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଏସିସି ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିବା ବେଳେ ପିସିବି ନିଜ ଦେଶରେ ୪ଟି ମ୍ୟାଚ ଆୟୋଜନ ପାଇଁ ଅଡ଼ି ବସିଥିଲା। ବାଲିଠାରେ ଏହି ଆର୍ଥିକ ବିବାଦ ନେଇ ଆଲୋଚନା ବେଳେ ପିସିବିର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ ଖାୱାର ଶାହା ଏବଂ ସିଇଓ ସଲମନ ନାସିର, ୟଶାହା ଏବଂ ଏସ୍‌ଏଲ୍‌ସି ପ୍ରତିନିଧି ଉପସ୍ଥିତ ଥିଲେ। ଶାହା ସେତେବେଳେ କୁଆଡେ ଅଫିସିଆଲଙ୍କୁ କହିଥିଲେ ଯେହେତୁ ପାକିସ୍ତାନ ଇଭେଣ୍ଟର ଆୟୋଜକ ରହିଥିଲା ଶ୍ରୀଲଙ୍କାର ଭେନ୍ୟୁ ଭଡ଼ା ଏବଂ ଅନ୍ୟାନ୍ୟ ସୁବିଧା ବାବଦରେ ସମସ୍ତ ଖର୍ଚ୍ଚ ପିସିବି ବହନ କରିବା ଉଚିତ।

## ମ୍ୟାଚ୍ ଖେଳିବାକୁ ଇଶାନଙ୍କୁ ପରାମର୍ଶ

**ବିଶାଖାପାଟଣା,୫।୨(ପି.ଟି.)**

ଇଶାନ କିଶନଙ୍କ ପ୍ରତ୍ୟାବର୍ତ୍ତନ ନେଇ ବଡ ବୟାନ ଦେଇଛନ୍ତି ରାହୁଲ ଦ୍ରାଭିଡ୍। କ୍ରିକେଟ ଖେଳିବା ପରେ ହିଁ ଜାତୀୟ ଦଳ ପାଇଁ ଇଶାନଙ୍କୁ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କିଛି ମାସ ପୂର୍ବରୁ ଇଶାନ ଭାରତ ପକ୍ଷରୁ ୩ଟି ଯାକ ଫର୍ମାଟରେ ଖେଳୁଥିଲେ। ତେବେ ଦକ୍ଷିଣ ଆଫ୍ରିକା ସିରିଜ୍ ପୂର୍ବରୁ ବ୍ରେକ୍ ପାଇଁ ଅନୁରୋଧ କରିଥିଲେ କିଶନ। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଇଶାନଙ୍କୁ କିଛି କ୍ରିକେଟ ଖେଳିବାକୁ ପଡିବ। ଘରୋଇ କ୍ରିକେଟ ଖେଳିବାକୁ ଇଶାନଙ୍କୁ କେହି ବାଧ କରୁନାହିଁ। ତେବେ ଯେ କୌଣସି କ୍ରିକେଟ ହେଉ ପଛେ ଖେଳିବା ପରେ ତାଙ୍କୁ ଚୟନ ପାଇଁ ଗ୍ରହଣ କରାଯିବ ବୋଲି ଦ୍ରାଭିଡ୍ କହିଛନ୍ତି। ନଭେମ୍ବର ମାସରେ ଶେଷ ଥର ପାଇଁ ଭାରତୀୟ ଜର୍ସିରେ ନଜର ଆସିଥିଲେ ଇଶାନ କିଶନ। ଦକ୍ଷିଣ ଆଫ୍ରିକା ଗସ୍ତ ଅଧାରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରି ଯାଇଥିବା ବେଳେ ଇଂଲଣ୍ଡ ଗସ୍ତରୁ ମଧ ଓହରିଥିଲେ। ତେବେ ଏହା ମଧ୍ୟରେ ସେ ଝାଡଖଣ୍ଡ ପାଇଁ ଘରୋଇ କ୍ରିକେଟ ମଧ ଖେଳି ନାହାନ୍ତି।

# ମ୍ୟାଚ୍ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ


ମ୍ୟାଚ ଶେଷରେ ଓଡ଼ିଶା ଖେଳାଳିମାନେ ପଡ଼ିଆରୁ ଫେରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୫।୨**
**(ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା–ପୁଡୁଚେରୀ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି। ପୁଡୁଚେରୀ ୧ ପଏଣ୍ଟରେ ସନ୍ତୁଷ୍ଟ ରହିଛି। ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୦୧ ରନରେ ଅଲ୍‌ଆଉଟ ହେବାରୁ ପୁଡୁଚେରୀ ସମ୍ମୁଖରେ ୨୪୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସୋମବାର ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷ ବେଳକୁ ପୁଡୁଚେରୀ ଦ୍ୱିତୀୟ ଇନିଂସରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଦୁଇଟି ଇନିଂସରେ ଯଥାକ୍ରମେ ୧୧୦ ଓ ୫୮* ରନ କରିବା ସହ ୫ଟି କ୍ୟାଚ ନେଇଥିବା ପୁଡୁଚେରୀ ଅଧିନାୟକ ଅରୁଣ କାର୍ତ୍ତିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଗ୍ରୁପ୍ 'ଡି'ରେ ଓଡ଼ିଶା ୫ ମ୍ୟାଚରୁ ୨୧ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ପୁଡୁଚେରୀ ସମାନ ମ୍ୟାଚ ଖେଳିଥିବାବେଳେ ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ୧ ଡ୍ର ସହ ୧୩ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ବରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ–କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା।

### ଓଡ଼ିଶା ୨୦୧ରେ ସୀମିତ

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୨୨/୪ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମୋଟ ୨୦୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିପ୍ଳବ ପୂର୍ବ ସ୍କୋରରେ ଆଉମାତ୍ର ୩ ରନ ଯୋଗକରି ୮ ରନରେ ଆଉଟ ହୋଇଥିବାବେଳେ ଗୋବିନ୍ଦ ପୋଦ୍ଦାର ସର୍ବାଧିକ ୪୬ ରନ ସ୍କୋର କରିଥିଲେ।

## ରଣଜୀ ଟ୍ରଫି

ଆଶୀର୍ବାଦ ସ୍ୱାଇଁ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମାତ୍ର ୨୫ ରନ ବ୍ୟବଧାନରେ ଓଡ଼ିଶା ଏହାର ଶେଷ ୫ ଉଇକେଟ ହରାଇଥିଲା। ପୁଡୁଚେରୀ ପକ୍ଷରୁ ସାଗର ଉଦେଶୀ ୪ଟି, ଗୌରବ ଯାଦବ ୩ଟି, ସୌରଭ ଯାଦବ ୨ଟି ଏବଂ ରବି ଯାଦବ ଗୋଟିଏ ଉଇକେଟ ନେଇଥିଲେ।

### ପାରସ, ଅରୁଣ ଲଢ଼ିଲେ

୨୪୦ ରନ ବିଜୟ ଲକ୍ଷ୍ୟରେ ପୁଡୁଚେରୀ ବିନା ରନ୍‌ରେ ୨ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ପାରସ ରନ୍‌ପାର୍ଖେ ୭୨, ପାରସ ଡୋଗ୍ରା ୨୩ ଓ ଅରୁଣ କାର୍ତ୍ତିକ ୫୮* ରନର ଲଢୁଆ ଇନିଂସ ଖେଳି ପୁଡୁଚେରୀକୁ ବିପଦରୁ ରକ୍ଷା କରିଥିଲେ। ଶେଷ ଭାଗରେ ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କରି ଯଦିଓ ପୁଣି ପୁଡୁଚେରୀର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ତେବେ ବିଜୟଠାରୁ ୨ ଉଇକେଟ ଦୂରରେ ରହି ଯାଇଥିଲା ଘରୋଇ ଦଳ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ସୁନୀଲ ରାଉଳ, ହର୍ଷିତ ରାଠୋଡ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଦ୍ଦାର ମାତ୍ର ଗୋଟିଏ ଓଭର ବୋଲିଂ କରିଥିଲେ ଏବଂ ତାହାକୁ ମେଡେନ ନେବାସହ କୌଣସି ରନ ନ ଦେଇ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୩୨୨। ପୁଡୁଚେରୀ ପ୍ରଥମ ଇନିଂସ: ୨୮୪। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୦୧/ଅଲ୍‌ଆଉଟ (ଗୋବିନ୍ଦ ପୋଦ୍ଦାର–୪୬, ଶାନ୍ତନୁ ମିଶ୍ର–୨୮, ଆଶୀର୍ବାଦ ସ୍ୱାଇଁ–୨୩, ସାଗର ଉଦେଶୀ–୪/୪୫, ଗୌରବ ଯାଦବ–୩/୪୮, ସୌରଭ ଯାଦବ–୨/୪୮, ରବି ଯାଦବ–୧/୨୬)। ପୁଡୁଚେରୀ ଦ୍ୱିତୀୟ ଇନିଂସ: ୧୭୫/୮ (ପାରସ ରନ୍‌ପାର୍ଖେ–୭୨, ଅରୁଣ କାର୍ତ୍ତିକ–୫୮*, ପାରସ ଡୋଗ୍ରା–୨୩, ରାଜେଶ ମହାନ୍ତି–୨/୪୧, ବିପ୍ଳବ ସାମନ୍ତରାୟ–୨/୨୮, ଦେବବ୍ରତ ପ୍ରଧାନ–୧/୩୧, ସୁନୀଲ ରାଉଳ–୧/୩୧, ହର୍ଷିତ ରାଠୋଡ–୧/୩୬, ଗୋବିନ୍ଦ ପୋଦ୍ଦାର–୧/୦)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ